# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

VOLUME- 43 ◆ISSUE-112 ◆SATURDAY ◆18 OCTOBER 2025 ◆PAGE-16 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୧୨ ◆ଶନିବାର ◆୧୮ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୬ ◆ଟ.୬.୦୦




‘ପଏଜନ୍ ବେବି’ ପାଇଁ ୨ କୋଟି

▸ପୃଷ୍ଠା 9 ଦେଖନ୍ତୁ...




## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ । ମନ ଖୁସି ରହିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ । ବ୍ୟବସାୟରୁ ଲାଭ ମିଳିବ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ । ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ । ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ । ପ୍ରିୟଜନଙ୍କଠାରୁ ଉପହାର ପାଇବେ ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ । ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ । ଜମି ବିବାଦ ମାମଲା ସମାଧାନ ହେବ । ସାମାଜିକ କାର୍ଯ୍ୟରେ ସାମିଲ ହେବେ ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ । ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ । କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ । ଶତ୍ରୁଙ୍କଠାରୁ ଦୂରତ୍ୱ ରକ୍ଷା କରିବେ ।

**ସିଂହ:** କିଛି କ୍ଷେତ୍ରରେ ଅସଫଳ ରହିବେ । କାଳୀ ମା'ଙ୍କ ପୂଜା କରନ୍ତୁ । ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ । ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ । ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ । ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ । ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ଋଣ ସମସ୍ୟା ଦୂର ହେବ । ଧାର୍ମିକ ଯାତ୍ରା କରିପାରନ୍ତି ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ । କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ । ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ । ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ । ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ । ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ । ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ । ନିବେଶ ପାଇଁ ଅନୁକୂଳ ସମୟ ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ । ସ୍ୱାସ୍ଥ୍ୟ ଭଲ ରହିବ । ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ । ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ । ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ । ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ । ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ । ବିବାହ ପ୍ରସ୍ତାବ ଆସିବ ।

## ଆଜିର ଇତିହାସ

- ୧୯୨୨- ବ୍ରିଟିଶ ବ୍ରଡ଼କାଷ୍ଟିଂ କର୍ପୋରେସନ୍(ବିବିସି) ର ସ୍ଥାପନା ହେଲା ।
- ୧୯୪୪- ରୁଷ୍ ସେନା ଚେକୋସ୍ଲୋଭାକିଆ ଉପରେ ଆକ୍ରମଣ କଲା ।
- ୨୦୦୪-କୁଖ୍ୟାତ ଚନ୍ଦନ ତସ୍କର ବୀରାପ୍ପାନକୁ ହତ୍ୟା କରାଗଲା ।
- ୨୦୦୭- ଆଠବର୍ଷ ପରେ ବେନଜୀର ଭୁଟ୍ଟୋ ପାକିସ୍ତାନକୁ ଫେରିଲେ ।



## ଧନ୍ୱନ୍ତରୀ ଜୟନ୍ତୀ

ଦୀପାବଳି ହେଉଛି ଏକ ପାଞ୍ଚ ଦିନିଆ ପର୍ବ, ଯାହା ଧନତେରସ୍ ଦିନରୁ ଆରମ୍ଭ ହୋଇଥାଏ । କାର୍ତ୍ତିକ ମାସର କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥିରେ ଧନତେରସ୍ ପର୍ବ ପାଳନ କରାଯାଏ । ଧନତେରସ୍‌କୁ ଧନ ତ୍ରୟୋଦଶୀ ମଧ୍ୟ କୁହାଯାଏ । ଏହିଦିନ ମାତା ଲକ୍ଷ୍ମୀ ଓ ଭଗବାନ ଗଣେଶଙ୍କୁ ପୂଜା କରିବା ସହ ଦେବବୈଦ୍ୟ ଶ୍ରୀଧନ୍ୱନ୍ତରୀଙ୍କର ପୂଜା କରିବା ବିଧି ମଧ୍ୟ ଚଳିଆସୁଛି । ଶାସ୍ତ୍ର ଅନୁଯାୟୀ, ଧନ୍ୱନ୍ତରୀ ସମୁଦ୍ର ମନ୍ଥନ ସମୟରେ ଉତ୍ପନ୍ନ ହୋଇଥିଲେ । ଧନ୍ୱନ୍ତରୀଙ୍କୁ ଆରୋଗ୍ୟତା ପ୍ରଦାନ କରୁଥିବା ଦେବତା ଭାବରେ ବିବେଚନା କରାଯାଏ । ସେ ଆୟୁର୍ବେଦର ମୁଖ୍ୟ ତଥା ଚିକିତ୍ସା କ୍ଷେତ୍ରରେ ଦେବତାମାନଙ୍କର ଚିକିତ୍ସକ ଭାବରେ ଜଣାଶୁଣା । ଅମୃତ କଳସ ପାଇଁ ଦେବତା ଏବଂ ରାକ୍ଷସମାନଙ୍କ ମଧ୍ୟରେ ସମୁଦ୍ର ମନ୍ଥନ ହୋଇଥିଲା । ସମୁଦ୍ର ମନ୍ଥନରୁ ଗୋଟିଏ ପରେ ଗୋଟିଏ ୧୪ ଟି ରତ୍ନ ବାହାରିଥିଲା, ସେଥିମଧ୍ୟରୁ ଶେଷଟି ଅମୃତ କଳସ ଥିଲା ଯେଉଁଥିରେ ଧନ୍ୱନ୍ତରୀ ଉତ୍ପନ୍ନ ହୋଇଥିଲେ । ଯେଉଁ ଦିନ ଧନ୍ୱନ୍ତରୀ ଅମୃତ କଳସ ସହିତ ଉତ୍ପନ୍ନ ହେଲେ ସେହି ଦିନ କାର୍ତ୍ତିକ କୃଷ୍ଣ ପକ୍ଷ ତ୍ରୟୋଦଶୀ ଥିଲା ଏବଂ ପରେ ଏହି ଦିନ ଧନତେରସ୍ ପାଳିତ ହେଲା । ତେଣୁ ଧନତେରସ୍ ଦିନ ଧନ୍ୱନ୍ତରୀଙ୍କୁ ପୂଜା କରାଯାଏ । ଏହି ଦିନ ଘରକୁ ପରିଷ୍କାର କରିବା ସହ କିଛି ନୂଆ ଜିନିଷ କିଣାଯାଏ । ଗୃହର ମୁଖ୍ୟ ଦ୍ୱାରକୁ ସୁସଜ୍ଜିତ କରି ମାତା ଲକ୍ଷ୍ମୀଙ୍କୁ ସ୍ୱାଗତ କରାଯାଏ । ଏଥି ସହିତ ବିଶ୍ୱାସ ଅନୁଯାୟୀ, ଏହି ଦିନରେ ସୁନା ଅଳଙ୍କାର କିଣିଲେ ମା' ଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ଆଶୀର୍ବାଦ କରିଥାନ୍ତି । ଏହି ଦିନ ଲୋକମାନେ ସୁନା ଗହଣା ସହିତ ମାଆ ଲକ୍ଷ୍ମୀଙ୍କ ପ୍ରତିମା ଥିବା ରୁପା ଏବଂ ସୁନା କଏନ୍ କିଣିଥାନ୍ତି । ପିତ୍ତଳ ଭଗବାନ ଧନ୍ୱନ୍ତରୀଙ୍କ ପ୍ରିୟ ଧାତୁ ବୋଲି ବିବେଚନା କରାଯାଏ । ଏହି କାରଣରୁ ଅଧିକାଂଶ ଲୋକେ ଧନତେରସ୍ ଦିନ ପିତ୍ତଳ ବାସନ କିଣି ଥାଆନ୍ତି । କେବଳ ପିତ୍ତଳ ନୁହେଁ ଏହି ଦିନ ବିଭିନ୍ନ ଧାତୁରେ ତିଆରି ବାସନ କିଣିଲେ ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି ।

## ୨ଲକ୍ଷର ସାବୁନ

ସାଧାରଣତଃ ଲୋକେ ଗାଧୋଇବା ସମୟରେ ଶରୀରକୁ ସଫା କରିବା ପାଇଁ ସାବୁନ ଲଗାଇଥାନ୍ତି । ବଜାରରେ ମଧ୍ୟ ବିଭିନ୍ନ ବ୍ରାଣ୍ଡର ସାବୁନ ମିଳିଥାଏ । ସାବୁନଗୁଡ଼ିକର ଦାମ୍ ୧୦ ଟଙ୍କାରୁ ଆରମ୍ଭ ହୋଇ ୫୦ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ । ଅବଶ୍ୟ ନାମୀ ଦାମୀ ବ୍ରାଣ୍ଡର ସାବୁନଗୁଡ଼ିକ ଟିକେ ଅଧିକ ଦାମ୍‌ର ହୋଇଥାଏ । ହେଲେ ଏମିତି ଏକ ସାବୁନ ଅଛି ଯାହା ଲକ୍ଷାଧିକ ଟଙ୍କାରେ ବିକ୍ରି ହୋଇଥାଏ । ଉତ୍ତର ଲେବାନନ୍‌ର ତ୍ରିପୋଲୀ ସହରରେ ବିଶ୍ୱର ସବୁଠୁ ଦାମୀ ସାବୁନ ପ୍ରସ୍ତୁତ କରାଯାଏ । ଏହାର ଦାମ୍ ୨, ୦୭, ୮୦୦ ଟଙ୍କା । 'ଖାନ୍ ଅଲ ସବୌନ ସାବୁନ' ନାମରେ ପରିଚିତ ଏହି ସାବୁନକୁ 'ବସର ହସନ୍ ଆଣ୍ଡ ସନ୍‌ସ' କମ୍ପାନି ନିର୍ମାଣ କରୁଛି । ଏହି କମ୍ପାନି ବେଶ୍ ଦାମୀ ସାବୁନ୍ ଓ ଅନ୍ୟ ବ୍ୟୁଟି ପ୍ରଡକ୍ଟ ସବୁ ତିଆରି କରିଥାଏ । ଉକ୍ତ କମ୍ପାନି ତାର ଉତ୍ପାଦଗୁଡ଼ିକରେ ପ୍ରାକୃତିକ ତୈଳ ଓ ସୁଗନ୍ଧଗୁଡ଼ିକର ବ୍ୟବହାର କରିଥାଏ । ହାତରେ ପ୍ରସ୍ତୁତ କରାଯାଉଥିବା ଏହି ସାବୁନ୍ ସଂଯୁକ୍ତ ଆରବ ରାଷ୍ଟ୍ରର କ୍ୱଚିତ୍ ଦୋକାନରେ ମିଳିଥାଏ । ଏହା କିଛି ନିର୍ଦ୍ଦିଷ୍ଟ ନାମୀ ଦାମୀ ଗ୍ରାହକଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥାଏ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି । ୨୦୧୩ ମସିହାରେ ଏହାକୁ କତାରର ରାଷ୍ଟ୍ରପତିଙ୍କ ପତ୍ନୀଙ୍କୁ ଉପହାରରେ ଦିଆଯିବା ପରେ ଏହା ସାରା ବିଶ୍ୱର ଆକର୍ଷଣ ସାଜିଥିଲା । ତେବେ ଏହି ସାବୁନ ଏତେ ଦାମ୍ ହେବାର କାରଣ ହେଉଛି, ଏଥିରେ ସୁନା ଓ ହୀରା ଗୁଣ୍ଡ ମିଶାଯାଏ । ୧୭ ଗ୍ରାମ୍‌ର ଏହି ସାବୁନରେ ସୁନା ଓ ହୀରାର ଗୁଣ୍ଡ, ମହୁ, ଅଲିଭ୍ ତେଲ ଓ ଅଗରୁ ବ୍ୟବହାର କରାଯାଏ । ଏହା ପ୍ରଥମେ ଯେତେବେଳେ ପ୍ରସ୍ତୁତ କରାଗଲା, ଚିଜ୍ ଭଳି ଦେଖାଯାଉଥିଲା । ପରେ ଏହାର ଡିଜାଇନ୍‌ରେ ପରିବର୍ତ୍ତନ କରାଯାଇଥିଲା ।





## 'ପଏଜନ୍ ବେବି' ଗୀତ ପାଇଁ ମଲାଇକା ନେଇଛନ୍ତି ୨ କୋଟି



ଦୀପାବଳି ଅବସରରେ ଆୟୁଷ୍ମାନ୍ ଖୁରାନା ଓ ରଶ୍ମିକା ମନ୍ଦାନାଙ୍କ ଫିଲ୍ମ 'ଥାମା' ଆସିବ । ଏବେ ଏହି ଫିଲ୍ମର 'ପଏଜନ୍ ବେବି' ଗୀତ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି । ଏଥିରେ ଆୟୁଷ୍ମାନ୍, ରଶ୍ମିକାଙ୍କ ସହ ମଲାଇକା ନଜର ଆସିଛନ୍ତି । ଏବେ ଫିଲ୍ମଗୁଡ଼ିକରେ ଆଇଟମ୍ ନମ୍ବର ରଖିବା ଟ୍ରେଣ୍ଡ ଚାଲିଛି । 'ସ୍ତ୍ରୀ ୨'ରେ ତମନ୍ନା ଭାଟିଆଙ୍କ 'ଆଜ୍ କି ରାତ୍' ଗୀତ ବେଶ୍ ଲୋକପ୍ରିୟ ହୋଇଥିଲା । ପୁଣି ଥରେ ମ୍ୟାଡକକ୍ ଫିଲ୍ମ 'ପଏଜନ୍ ବେବି' ଗୀତ ମାଧ୍ୟମରେ ସେମିତି କିଛି ଆଶା ରଖିଛି । ଏହି ଗୀତରେ ମଲାଇକାଙ୍କ କାଚ ଗିଲାସ ସହ ଜବରଦସ୍ତ ନୃତ୍ୟ ଦେଖିବାକୁ ମିଳିଛି । ତେବେ ତିନି ମିନିଟ୍‌ର ଏହି ଗୀତ ପାଇଁ ମଲାଇକା ୨ କୋଟି ନେଇଥିବା କୁହାଯାଉଛି । ଯାହାକି ବେଶ୍ ଅଧିକ ବୋଲି କୁହାଯାଉଛି । ତମନ୍ନା 'ଆଜ୍ କି ରାତ୍' ଗୀତ ପାଇଁ କୋଟିଏ ଟଙ୍କା ନେଇଥିଲେ । ଏହାବାଦ୍ ଅନେକ ତାରକା ଫିଲ୍ମ ପାଇଁ କୋଟିଏ ଟଙ୍କା ନେଉଛନ୍ତି । ଏହି ଗୀତରେ ମଲାଇକା ଓ ରଶ୍ମିକାଙ୍କ ମଧ୍ୟରେ ନୃତ୍ୟ ଟକ୍କର ହେଉଥିବାର ଦେଖାଯାଇଛି । ଏହାର ନିର୍ଦ୍ଦେଶନା ଆଦିତ୍ୟ ସରପୋତଦାର ଦେଇଛନ୍ତି ।

## ବିଶ୍ୱ ରଜୋନିବୃତ୍ତି ଦିବସ



ପ୍ରତିବର୍ଷ ଅକ୍ଟୋବର ମାସ ୧୮ ତାରିଖକୁ 'ବିଶ୍ୱ ରଜୋନିବୃତ୍ତି (ମେନୋପଜ୍) ଦିବସ' ଭାବେ ପାଳନ କରାଯାଏ । ୨୦୦୯ ମସିହାରୁ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହଯୋଗରେ ଅନ୍ତର୍ଜାତୀୟ ମେନୋପୋଜ୍ କମିଟି ପକ୍ଷରୁ ଅକ୍ଟୋବରକୁ ବିଶ୍ୱ ମେନୋପୋଜ୍ ସଚେତନତା ମାସ ଭାବରେ ଏବଂ ଅକ୍ଟୋବର ୧୮ କୁ ଏହି ଦିବସ ପାଳନ ପାଇଁ ମନୋନୀତ କରାଯାଇଥିଲା । ମେନୋପଜ୍ ମହିଳାଙ୍କଠାରେ ଦେଖାଦେଉଥିବା ଏକ ସ୍ୱାଭାବିକ ସ୍ଥିତି । ଯାହାଦ୍ୱାରା ପ୍ରାକୃତିକ ଭାବେ ମାସିକ ଋତୁସ୍ରାବ ବନ୍ଦ ହୋଇଥାଏ । ସାଧାରଣତଃ ୪୫-୫୫ ବର୍ଷ ବୟସରେ ମହିଳାମାନେ ମେନୋପଜ୍ ସମସ୍ୟାକୁ ସାମ୍ନା କରିଥାନ୍ତି । ଏହା ସହ ଗର୍ଭଧାରଣ କ୍ଷମତା ହରାଇଥାନ୍ତି । ବିଭିନ୍ନ ମହିଳାଙ୍କଠାରେ ଏହାର ଲକ୍ଷଣ ଭିନ୍ନ ଭିନ୍ନ ହୋଇଥାଏ । ଏହି ସମୟରେ ହରମୋନ୍‌ରେ ପରିବର୍ତ୍ତନ ଆସୁଥିବାରୁ, ତାହା ସେମାନଙ୍କ ଶାରୀରିକ ଓ ମାନସିକ ସ୍ଥିତିକୁ ପ୍ରଭାବିତ କରିଥାଏ । ଅନ୍ୟପଟେ ଏହି ସମସ୍ୟାକୁ କେତେକ ମହିଳା ସାମ୍ନା କରି ନ ପାରି ଅନେକ ସମୟରେ ଅବସାଦର ଶିକାର ମଧ୍ୟ ହୁଅନ୍ତି । ଶାରୀରିକ ତଥା ଅନ୍ୟାନ୍ୟ ସମସ୍ୟା ଯୋଗୁଁ କମ୍ ବୟସରେ ବି ମହିଳା ଏହାକୁ ସାମ୍ନା କରିଥାନ୍ତି । ମେନୋପଜ୍‌ର ଲକ୍ଷଣ ଅନୁସାରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରି । ଯେଉଁ ମହିଳାମାନେ ଏହି ସମୟରେ ଅବସାଦ ଦେଇ ଗତି କରୁଛନ୍ତି ମନସ୍ତତ୍ତ୍ୱବିତ୍‌ଙ୍କ ପରାମର୍ଶ ନେବା ଉଚିତ ।

## ବାଣଫୁଟା ସାବଧାନ



ଅଧ୍ୟାପକ ମଳୟ କୁମାର ମଲ୍ଲିକ

କାଳିପୂଜା ଛୁଟି ପାଇ ସନାତନ<br>
ହଷ୍ଟେଲୁ ଆସିଛି ସିଏ,<br>
ପୟାଶ୍ରାଦ୍ଧ ପୁଣି ବାଣଫୁଟା ଖୁସି<br>
ଜେଜେ ପାଖେ କହୁଥାଏ ।।<br>
ଏଇବର୍ଷ ଜେଜେ ମହାଧୁମ୍ ଧାମେ<br>
କାଳିପୂଜା କଟାଇବା,<br>
ରକେଟ୍, ହାବେଳି ନଡ଼ିଆ, ସିଙ୍ଗଡ଼ା<br>
ନାନା ବାଣ ଫୁଟାଇବା ।।<br>
ସନା କଥା ଶୁଣି ଉଠିପଡ଼ି ଜେଜେ<br>
ବୁଝାଇ ତାକୁ କହିଲେ,<br>
ଦୀପାବଳି ବୋଲି ମନ ଇଚ୍ଛାବାଣ<br>
ଫୁଟାଇବ ନାହିଁ ପିଲେ ।।<br>
ବାରୁଦରେ ଭିଡ଼ା ବାଣ ତ ହୋଇଛି<br>
ଦଅଡ଼ ପଦାକୁ ଥାଏ,<br>
ଦଅଡ଼ରେ ନିଆଁ ଲଗାଇବା ମାତ୍ରେ<br>
ବାଣ ଯେ' ଫୁଟିଣ ଥାଏ ।।<br>
ନିଆଁ ଲଗାଇବା ବିସ୍ଫୋରଣ ହେବା<br>
ସମୟର ବ୍ୟବଧାନେ,<br>
ଫେରି ନ ଆସିଲେ ଭିନ୍ନକ୍ଷମ ହେବ<br>
ଫୁଟାଇବ ସାବଧାନେ ।।<br>
ଚାଳ ଘରେ ଯଦି ବାଣଫୁଟି ପଡ଼େ<br>
ଜଳିଯିବ ଘରଦ୍ୱାର,<br>
ସତର୍କ ନ ହୋଇ ବାଣ ଫୁଟାଇଲେ<br>
ହୋଇଯିବ ଛାରଖାର ।।<br>
ଦୀପାବଳି ବୋଲି ଲଗାଇବ ଦୀପ<br>
ଜଳାଇବ ଫୁଲଝରି,<br>
ତେଲୁଗୁଣି ବାଣ ତଳେ ଲଗାଇବ<br>
ଆଖିଠାରୁ ଦୂରକରି ।। ■

ବ୍ୟାସନଗର, ଯାଜପୁର<br>
ମୋ- ୯୪୩୯୪୪୧୩୫୫



## ପ୍ରହେଳିକା

- ଆଲୋକର ପର୍ବ ଅଟଇ ସିଏ<br>
କାଳୀଙ୍କର ପୂଜା ଯେଦିନ ହୁଏ<br>
ଅମାବାସ୍ୟା ରାତି ଅଟଇ ସିନା<br>
ଆଲୋକିତ ହୁଏ ଜହ୍ନର ବିନା<br>
ଘରେ ଘରେ ସବୁ ଦୀପ ଜାଳନ୍ତି<br>
ବଡ଼ବଡୁଆଙ୍କୁ ମନେ ଭାଳନ୍ତି<br>
ଭାରି ମନଲୋଭା ପରବଟିଏ<br>
ନାମଟି ତାହାର କହିବ କିଏ ?

ଉ-ଦୀପାବଳି

- ଏମିତି ଅଟଇ ଦରବଟିଏ<br>
ଦୀପାବଳି ଦିନ ତା' ଲୋଡ଼ାହୁଏ<br>
ବଡ଼ବଡୁଆ ହୋ ଡାକିଲା ବେଳେ<br>
ଜାଳୁଥାନ୍ତି ତାକୁ ଦାଣ୍ଡ ଦୁଆରେ<br>
ରସି, ଜାଳ, ତେଲ ସବୁ ସେ ଦିଏ<br>
ନାମଟି ତାହାର କହିବ କିଏ ?

ଉ-ନଳିତା

- ଏମିତି ପବିତ୍ର ଅଟଇ ସିଏ<br>
ଦେବାଦେବୀ ପାଖେ ସେ ଜଳୁଥାଏ<br>
ଭକତି ଭାବରେ ଯିଏ ଜାଳଇ<br>
ଈଶ୍ୱରଙ୍କ କୃପା ତାକୁ ମିଳଇ<br>
ଗୋଟାଏ ସଳିତା ଟିକିଏ ଘିଅ<br>
ଜାଣିଥିଲେ ତାର ନାମଟି କୁହ ?

ଉ-ଦୀପ



ପ୍ରଶାନ୍ତ କୁମାର ନାଥ<br>
ସୁନ୍ଦରପୁର, ଯାଜପୁର<br>
ମୋ-୮୩୧୦୩୨୮୩୪୫

## ଆଲୋକର ପର୍ବ ଦୀପାବଳି ଆମ



ସୁଜିତ କୁମାର ମିଶ୍ର

ଆଲୋକର ପର୍ବ ଦୀପାବଳି ଆମ<br>
ପାଳିବା ସଭିଏଁ ମିଶି,<br>
ଦୀପଟେ ଜାଳିବା ପ୍ରତି ଅଗଣାରେ<br>
ପ୍ରେମ ଜ୍ୟୋତି ପରକାଶି ।<br>
ରଙ୍ଗ ବେରଙ୍ଗର ମୁରୁଜରେ ଆମେ<br>
ସଜେଇବା ଘର ଦ୍ୱାର,<br>
ପରସ୍ପର ସ୍ନେହ ଶରଧାରେ ପରା<br>
ବିରାଜିବ ସ୍ୱର୍ଗପୁର ।<br>
ଉଚ୍ଚ ଶବ୍ଦ ଯୁକ୍ତ ବାଣ ଫୋଟକାକୁ<br>
ଆମେ ଫୁଟେଇବା ନାହିଁ,<br>
ଲାଗିଯାଇ ନିଆଁ କୋମଳ ଦେହରେ<br>
ପ୍ରାଣ ନେବ ପୀଡ଼ା ଦେଇ ।<br>
ନିମନ୍ତ୍ରଣ କରି ବନ୍ଧୁ ବାନ୍ଧବଙ୍କୁ<br>
ହୋଇବା ଏକାଠି ପରା,<br>
ମିଠା କ୍ଷୀରି ପୁରୀ ଖୁଆଇ ସଭିଙ୍କୁ<br>
ଦେଖାଇବା ଭାଇଚାରା ।<br>
ଦୁଃଖୀଙ୍କୁ ଭେଟିବା ଲୁହପୋଛି ଦେବା<br>
ଶ୍ରଦ୍ଧାରେ ଜିଣିବା ମନ,<br>
ହୃଦ ତଳେ ତାଙ୍କ ଦୀପଟେ ଜାଳିବା<br>
ପୁଣ୍ୟ ଦୀପାବଳି ଦିନ ।<br>
ଦୀପାବଳି ଆମ ମାଟିର ସଂସ୍କୃତି<br>
ସୁଖ ସମୃଦ୍ଧିର ଭାବ,<br>
ସଭିଙ୍କ ସହିତ ସଭିଏଁ ପାଳିବା<br>
ଭୁଲି ଯେତେ ଭେଦଭାବ । ■

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର<br>
ମୋ-୭୬୮୩୮୬୭୭୪୨

## ସୁମନ

## କୃପଣଙ୍କ କୃଷ୍ଣଦର୍ଶନ





ଡ. କାଳିକିଙ୍କର

ଗୋଟିଏ ରାଜ୍ୟରେ ଜଣେ କୃପଣ ବ୍ୟକ୍ତି ରହୁଥିଲେ । ସେ ବହୁତ ଧନବାନ ଥିଲେ ଓ ସୁସ୍ୱାଦୁ ଭୋଜନ ଖାଇବାକୁ ପସନ୍ଦ କରୁଥିଲେ । ସେ କିନ୍ତୁ କୃଷ୍ଣ ଭକ୍ତ ଥିଲେ । ଏକଦା ସେ ତାଙ୍କ ପତ୍ନୀଙ୍କୁ କହିଲେ, ତୁମେ କାହାକୁ କିଛି ଦାନ ଦେବା ଦରକାର ନାହିଁ । କେବଳ ଭଲ ଭଲ ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କର ଆମେ ଖାଇବୁ । ପତ୍ନୀ କହିଲେ, କିଛି ଦାନ ଧର୍ମ କଲେ ପୁଣ୍ୟ ମିଳିବ । ଭଗବାନ ଶ୍ରୀକୃଷ୍ଣ ଖୁସି ହେବେ । କୃପଣ ବ୍ୟକ୍ତି ହସିଲେ ଓ କହିଲେ - ଆରେ ମୁଁ କ'ଣ ବୋକା ! ସେଥିପାଇଁ ତ ସବୁଦିନ ଭଲ ଭଲ ସୁସ୍ୱାଦୁ ଖାଦ୍ୟ ମୁଁ କୃଷ୍ଣଙ୍କୁ ଖୁଆଏ ଓ ତାପରେ ଆମେ ଖାଉଛେ । ଏହାଠାରୁ ପୁଣ୍ୟ ଆଉ କ'ଣ ଅଛି! ଏହାପରେ ଦୀର୍ଘଶ୍ୱାସ ଛାଡ଼ି ପତ୍ନୀ କହିଲେ ହେଉ, ପ୍ରଭୁ କୃଷ୍ଣ ଯଦି ଦର୍ଶନ ଦିଅନ୍ତେ ତେବେ ଆମେ ଜାଣିବା କିଛି ପୁଣ୍ୟ ଅର୍ଜନ କରୁଛୁ । କୃପଣ ବ୍ୟକ୍ତି କହିଲେ- ସେଇଟା ମଧ୍ୟ ଆମର ପୂରଣ ହେବ । ଆମକୁ କୃଷ୍ଣଙ୍କ ଦର୍ଶନ ମିଳିବ । ଏମିତି ବହୁତ ବର୍ଷ ବିତିଗଲା । କୃପଣ ବ୍ୟକ୍ତି ନା ଭିକାରୀକୁ ଭିକ ଦିଅନ୍ତି ନା ବୁଭୁକ୍ଷୁଙ୍କୁ ଭୋଜନ ଦିଅନ୍ତି । ସେ ଭାବନ୍ତି ଯେ, କୃଷ୍ଣଙ୍କୁ ପ୍ରସାଦ ଲଗେଇ ଆମେ ଖାଉଛୁ ତାହାହିଁ ଯଥେଷ୍ଟ । ତେବେ ପତ୍ନୀ ଆଉ ଅପେକ୍ଷା କଲେ ନାହିଁ କି ସ୍ୱାମୀଙ୍କ କଥା ମାନିଲେ ନାହିଁ । ସେ ସବୁଦିନ ଅଧିକ ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କରି ସ୍ୱାମୀଙ୍କୁ ଦେଲେ, ନିଜେ ଖାଇଲେ ଓ ବାହାରେ ବୁଲୁଥିବା କୁକୁର, ବିଲେଇ, ଗାଈ ଗୋରୁ, ଛେଳି, ମେଣ୍ଢା, ଚଢେଇ ଆଦିଙ୍କୁ ଦେଲେ । ଧୀରେ ଧୀରେ ସେ ବାଟ ଦେଇ ଯାଉଥିବା ଭିକାରୀ ଓ ଭୋକିଲା ଲୋକଙ୍କୁ ଖାଦ୍ୟ ଦେଲେ । ପିଲାମାନଙ୍କୁ ଓ ପଶୁପକ୍ଷୀମାନଙ୍କୁ ଖାଦ୍ୟ ଦେବାରେ ସେ ଆନନ୍ଦ ପାଇଲେ । ଦିନେ ମନଦୁଃଖ କରି କୃପଣ ବ୍ୟକ୍ତି ତାଙ୍କ ପତ୍ନୀଙ୍କୁ କହିଲେ- ଲାଗୁଛି, ଏ ଜନ୍ମରେ କୃଷ୍ଣ ଦର୍ଶନ ହୋଇପାରିବ ନାହିଁ । ତୁମକୁ ଦେଇଥିବା କଥା ମୁଁ ରଖିପାରିଲି ନାହିଁ । ପ୍ରଭୁ କୃଷ୍ଣଙ୍କୁ ମୁଁ ଏତେ ଶ୍ରଦ୍ଧାରେ ସବୁଦିନ ସୁସ୍ୱାଦୁ ଭୋଜନର ପ୍ରସାଦ ଲଗାଏ କିନ୍ତୁ ସେ ମୋ ପ୍ରତି ସାମାନ୍ୟ ଦୟା ଦେଖାଇଲେ ନାହିଁ । ପତ୍ନୀ ହସିଲେ ଓ କହିଲେ -ମୁଁ କିନ୍ତୁ କୃଷ୍ଣ ଦର୍ଶନ ପ୍ରାୟ ସବୁଦିନ ଏବେ କରୁଛି । ତେଣୁ ତୁମେ ବ୍ୟସ୍ତ ହୁଅନାହିଁ । ବରଂ ତୁମେ ଚାହିଁଲେ ମଧ୍ୟ କୃଷ୍ଣ ଦର୍ଶନ କରିପାରିବ । କୃପଣ ଲୋକଟି ଆଶ୍ଚର୍ଯ୍ୟ ହୋଇ ପଚାରିଲା- ତୁମେ ଏମିତି କ'ଣ କରୁଛ ଯେ, ତୁମକୁ କୃଷ୍ଣ ଦର୍ଶନ ମିଳୁଛି ଆଉ ମୋତେ ମିଳୁନାହିଁ । କୃପଣଙ୍କର ପତ୍ନୀ କହିଲେ- କାଲି ତୁମେ ବାହାରେ ଯାଇ କୃଷ୍ଣ ଦର୍ଶନ କରିପାରିବ । ତେବେ ମନେରଖ ଯେ, ତୁମେ ସେଥିରେ ପ୍ରସନ୍ନ ବା ଖୁସି ରହିବ । ପ୍ରସନ୍ନ ବା ଖୁସିହେଲେ କୃଷ୍ଣ ଦର୍ଶନ ପାଇବ ନହେଲେ ନାହିଁ । ପରଦିନ କୃପଣ ଲୋକର ପତ୍ନୀ ସୁସ୍ୱାଦୁ ଭୋଜନ ରାନ୍ଧି ପ୍ରଭୁଙ୍କୁ ଲଗାଇଲେ ଓ ବାହାରକୁ ଗଲେ । ବାହାରେ ଅନେକ ପଶୁ, ପକ୍ଷୀ, ଗରିବ ଅସହାୟ ଲୋକେ ଆନନ୍ଦରେ ସେ ରାନ୍ଧିଥିବା ଖାଦ୍ୟଗୁଡ଼ିକୁ ଖାଉଥାନ୍ତି । ପଶୁ, ପକ୍ଷୀ, ମଣିଷ ସମସ୍ତେ ଆନନ୍ଦରେ ଖାଉଥାନ୍ତି । ସେହି ଲୋକମାନେ ଆନନ୍ଦରେ ଜୟ କୃଷ୍ଣ, ଜୟକୃଷ୍ଣ କହୁଥାନ୍ତି । କୃପଣର ଭଣ୍ଡାର ଘରୁ ଦ୍ରବ୍ୟମାନ ବୁହାଯାଉଥାଏ ଓ ରନ୍ଧାଯାଇ ଲୋକଙ୍କୁ ଓ ପଶୁପକ୍ଷୀଙ୍କୁ ଦିଆ ଯାଉଥାଏ । କୃପଣ ସେମାନଙ୍କୁ ଦେଖି ଆନନ୍ଦ ଲାଭ କଲେ ଓ ଲାଗିଲା ଯେମିତି ସେ କୃଷ୍ଣ ଦର୍ଶନ କରୁଛନ୍ତି ସମସ୍ତଙ୍କ ଭିତରେ । ସେ ପତ୍ନୀଙ୍କୁ କହିଲେ ବୁଝିଲ, ମୋ ଭଳି କୃପଣଙ୍କର କୃଷ୍ଣ ଦର୍ଶନ ତୁମେ କରେଇ ପାରିଲ । ପତ୍ନୀ କହିଲେ- ଯେଉଁଠି ଦୟା ଓ ଭଲପାଇବା ସେଇଠି କୃଷ୍ଣ । ମୁଁ ଏକଥା ବୁଝିଲା ଦିନରୁ ପ୍ରଭୁ କୃଷ୍ଣଙ୍କୁ ଦର୍ଶନ କରିଚାଲିଛି । ପ୍ରଭୁ କୃପାରୁ କୃପଣଙ୍କର ମଧ୍ୟ କୃଷ୍ଣ ଦର୍ଶନ ହେଲା ଓ ବ୍ୟକ୍ତି ଜଣକ ସେଇଦିନୁ ଦୟାବାନ ହେଲେ ଓ ଦାନଧର୍ମ କଲେ । ■


ସୌଭାଗିନୀ ନିବାସ, ରଟିଲୋ, ପୁରୀ<br>
ମୋ-୮୨୪୯୨୧୬୦୬୭

## ତୁମ ଆଙ୍କିବା ତୁମ





ମାନସ ରଞ୍ଜନ ଆଚାର୍ଯ୍ୟ<br>
ପଞ୍ଚମ ଶ୍ରେଣୀ<br>
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର<br>
ପୋଖରୀପୁଟ, ଭୁବନେଶ୍ୱର





ଆର୍ଯ୍ୟା ଯାଦବ<br>
ତୃତୀୟ ଶ୍ରେଣୀ<br>
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର<br>
ନିମାପଡ଼ା





ମୁସ୍କାନ ପ୍ରଧାନ<br>
ସପ୍ତମ ଶ୍ରେଣୀ<br>
ସେଣ୍ଟ ଜାଭିଅର ହାଇସ୍କୁଲ<br>
ଭୁବନେଶ୍ୱର





ସୁଭାଷିନୀ ହାଁସଦା<br>
ସପ୍ତମ ଶ୍ରେଣୀ<br>
ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବାଳିକା ବିଦ୍ୟାଳୟ<br>
ବହୁବନ୍ଧ, ମୟୂରଭଞ୍ଜ





ଆୟାଂଶୀ ଆରାଲିନ୍<br>
ତୃତୀୟ ଶ୍ରେଣୀ<br>
ମାଉଣ୍ଟ ଲିଟେରା ଜି ସ୍କୁଲ<br>
ବେଙ୍ଗାଲୁରୁ



ପଦକ ନିଶ୍ଚିତ କଲେ ତନ୍‌ଭୀ

▶ପୃଷ୍ଠା ୧୬ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-112 •SATURDAY •18 OCTOBER 2025 •PAGE-16 •₹ 6.00

•ବର୍ଷ-୪୩ •ସଂଖ୍ୟା-୧୧୨ •ଶନିବାର •୧୮ ଅକ୍ଟୋବର ୨୦୨୫ •ପୃଷ୍ଠା-୧୬ •ଟ.୬.୦୦

ଭିତର ପୃଷ୍ଠାରେ ଦୁର୍ଘଟଣାରେ ଗୋଟିଏ ପରିବାରର ୪ ମୃତ

# ଏସ୍‌ସିବି ଏମ୍‌ସ ପ୍ଲସ୍‌କୁ ଧକ୍କା



## କଟକ ବଡ଼ ଡାକ୍ତରଖାନାରେ ୮୯ ମେସିନ୍ ଅଚଳ

■ **କଟକ, ୧୭।୧୦ (ସମିସ):** ୨୦୧୯ ନଭେମ୍ବର ମାସରେ କଟକସ୍ଥିତ ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍‌ପିଟାଲକୁ ଏମ୍ସ ପ୍ଲସ ପ୍ରତିଷ୍ଠାନରେ ପରିଣତ କରିବାକୁ ନିଷ୍ପତ୍ତି ନେଇ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଜୁର କରିଥିଲେ ୧ ହଜାର କୋଟି ଟଙ୍କା। ମାତ୍ର ପରବର୍ତ୍ତୀ ସମୟରେ ଏହାର ପରିସର ବୃଦ୍ଧି କରାଯାଇଥିଲା। ୨୦୨୧ ଜାନୁଆରୀ ୧ ତାରିଖରେ ଏସ୍‌ସିବି କାର୍ଯ୍ୟ ସମୀକ୍ଷା ସମୟରେ ଏବାବଦ ବ୍ୟୟ ଅଟକଳକୁ ନବୀନ ପଟ୍ଟନାୟକ ୩୫୦୦ କୋଟିକୁ ବୃଦ୍ଧି କରିଥିଲେ। ୧୭୫ ଏକର ଜମିରେ ୩୫୦୦ କୋଟି ଟଙ୍କା ବ୍ୟୟରେ କଟକ ବଡ଼ ଡ଼ାକ୍ତରଖାନାକୁ ୨୦୨୪ ଶେଷ ସୁଦ୍ଧା ଏମ୍‌ସ ପ୍ଲସ ପ୍ରତିଷ୍ଠାନରେ ରୂପାନ୍ତରଣ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବିଭାଗର ଆଧୁନିକୀକରଣ ସହ ୨୨୦୦ ଛାତ୍ରଛାତ୍ରୀଙ୍କ ପାଇଁ ସବୁ ସୁବିଧା ଥିବା ହଷ୍ଟେଲ, ଡ଼ାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ୧୨୮୦ କ୍ୱାର୍ଟର ନିର୍ମାଣ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ସରକାର ପରିବର୍ତ୍ତନ ପରେ ଏସ୍‌ସିବିର ଏମ୍‌ସ ପ୍ଲସ୍ ରୂପାନ୍ତରଣ ଯେମିତି ଅଧାରେ ଅଟକି ଯାଇଛି। ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ି ରହିଛି ଓ ରୋଗୀ ସେବା ମଧ୍ୟ ପ୍ରଭାବିତ ହୋଇଛି। ବିଡ଼ମ୍ବନା ହେଉଛି ଏବେ ବିଭିନ୍ନ ପରୀକ୍ଷାନିରୀକ୍ଷା ପାଇଁ ଏସ୍‌ସିବିରେ ମେସିନ୍ ଉପଲବ୍ଧ ନାହିଁ। ଏପରିକି ବିଭିନ୍ନ ବିଭାଗରେ ୮୯ଟି ଗୁରୁତ୍ୱପୂର୍ଣ୍ଣ ମେସିନ୍ ▶ପୃଷ୍ଠା-୯

ପୁଲିସ ଚାକିରି ବେପାର

## ଦିଲ୍ଲୀରୁ ସିଣ୍ଡିକେଟ୍ ଚଳାଉଥିଲା ଶଙ୍କର


- ଗିରଫ ହେଲେଣି ୧୨୩ ଅଭିଯୁକ୍ତ
- ମୁନାକୁ ରିମାଣ୍ଡରେ ଆଣିବ କ୍ରାଇମବ୍ରାଞ୍ଚ
- ଜବତ ୧୧୦ରୁ ଅଧିକ ମୋବାଇଲର ଫୋରେନସିକ୍ ଯାଞ୍ଚ ହେବ
- ବିଜୟନଗରମ ସହିତ ଦୀଘାକୁ ମଧ୍ୟ ଯାଇଥା'ନ୍ତେ ୧୧୦ରୁ ଅଧିକ ଛାତ୍ରଛାତ୍ରୀ
- ପ୍ରମାଣ ନଷ୍ଟ ପାଇଁ ପ୍ରାର୍ଥୀଙ୍କୁ ପ୍ରମାଣପତ୍ର ଫେରସ୍ତ କରିଥିବା ମହିଳା ଗିରଫ

■ **କଟକ, ୧୭ ।୧୦ (ସମିସ):** ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ(ଓପିଆରବି) ଦ୍ୱାରା ପରିଚାଳିତ କମ୍ବାଇନ୍‌ଡ ପୁଲିସ୍ ସର୍ଭିସ ପରୀକ୍ଷା(ସିପିଏସଇ) ୨୦୨୪ ନିଯୁକ୍ତି ପାଇଁ ପ୍ରଶ୍ନପତ୍ର ଲିକ୍ ଓ ଚାକିରି ବେପାର ଘଟଣାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଏବେ ବି ଫେରାର୍ ରହିଛି। ଏହି ଘଟଣାରେ ଆଜି ସୁଦ୍ଧା ମୋଟ ୧୨୩ଜଣଙ୍କୁ ଗିରଫ କରାଯାଇଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର। କ୍ରାଇମବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର ଏହା କହିବା ସହ ଖୁବଶୀଘ୍ର ଶଙ୍କରକୁ ଗିରଫ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ଏହି ଘଟଣାରେ ଗତକାଲି କଟକ ଜିଲ୍ଲାର ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥରର ବାସିନ୍ଦା ମୁନା ମହାନ୍ତି (୩୨) ଓରଫ୍ ସଦାନନ୍ଦଙ୍କ ସମେତ ତାଙ୍କର ସହଯୋଗୀ ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ଅଭିଯୁକ୍ତ ମୁନାର ୨ଟି ଟିପର୍, ଗୋଟିଏ ସ୍କର୍ପିଓ, ଗୋଟିଏ ମହିନ୍ଦ୍ରା ଥାର୍, ନଗଦ ୧ ଲକ୍ଷ ୨୦ ▶ପୃଷ୍ଠା-୯

## ରିପୋର୍ଟ ମାଗିଲେ ଏସ୍‌ଆଇଟି

■ **ଭୁବନେଶ୍ୱର, ୧୭।୧୦ (ସମିସ):** କଳାଧନ ତଦନ୍ତ ପାଇଁ ଗଠିତ ଏସ୍‌ଆଇଟି ରାଜ୍ୟରେ ହୋଇଥିବା ପୁଲିସ ଏସ୍‌ଆଇ ଚାକିରି ଅନିୟମିତତା ସଂପର୍କରେ ଖୋଳତାଡ଼ କରିବେ। ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଆସନ୍ତା ନଭେମ୍ବର ୭ ତାରିଖରେ କଟକରେ ଏ ସଂପର୍କିତ ଏକ ବୈଠକ ହେବ। ପୁଲିସ ଏସ୍‌ଆଇ ଚାକିରି ଅନିୟମିତତା ଅଭିଯୋଗ ଉପରେ ରାଜ୍ୟ ସରକାର ଏଯାଏଁ କ'ଣ ପଦକ୍ଷେପ ନେଇଛନ୍ତି ଏବଂ ତଦନ୍ତ କେତେଦୂର ଅଗ୍ରଗତି କରିଛି, ସେ ସଂପର୍କରେ ଏସ୍‌ଆଇଟି ରିପୋର୍ଟ ମାଗିଛନ୍ତି। ଏଥିସହିତ ରାଜ୍ୟରେ ଗୁଣିଗାରେଡ଼ି ହତ୍ୟା ସଂପର୍କରେ ସବିଶେଷ ତଥ୍ୟ ଦାଖଲ କରିବା ପାଇଁ ମଧ୍ୟ ଏସ୍‌ଆଇଟି କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। କଟକ ବୈଠକରେ କଳାଧନ, ପୁଲିସ ଚାକିରି କେଲେଙ୍କାରୀ ଏବଂ ଗୁଣିଗାରେଡ଼ି ହତ୍ୟା ▶ପୃଷ୍ଠା-୯

**ନଭେମ୍ବର ୭ ରେ କଟକରେ ବୈଠକ**









## ସହରରେ ଖୋଲିଲା ବାଣ ଦୋକାନ

# ଦେଶୀକୁ ମନା, ଗ୍ରୀନ୍ ବାଣକୁ ଗୁରୁତ୍ୱ

ବାଲେଶ୍ୱର,୧୭।୧୦(ସମିସ)



- ପୁରୁଣା ଷ୍ଟାଡିୟମରେ ୫୪, ଆଇଟିଆଇ ପଡ଼ିଆରେ ୨୩ ଷ୍ଟଲ୍
- କୁଲ୍‌ଫି, ସିଙ୍ଗଡ଼ା ଓ ଗିଟାର୍ ବାଣର ଚାହିଦା ବେଶୀ
- ଛୋଟ ପିଲାଙ୍କ ପାଇଁ ଡ୍ରୋନ୍, ହେଲିକେପ୍ଟର, ହନୁମାନ ବାଣ

ଆସନ୍ତା ଦୀପାବଳି ପାଇଁ ସହରରେ ଖୋଲିଲାଣି ବାଣ ଦୋକାନ। ଏଠାରେ ଭଳିକି ଭଳି ଦେଖିବାକୁ ମିଳଛି। କୁଲଫିଂ, ସିଙ୍ଗଡ଼ା ଓ ଗିଟାର୍ ପରି ଭଳିକି ଭଳି ବାଣର ବେଶୀ ଚାହିଦା ରହିଥିବାବେଳେ ଛୋଟ ପିଲାଙ୍କ ପାଇଁ ଡ୍ରୋନ୍, ହେଲିକେପ୍ଟର, ହନୁମାନ ବାଣ ମଧ୍ୟ ଉପଲବ୍ଧ ହେଉଛି। ସହରର ଦୁଇଟି ସ୍ଥାନ ଯଥା ଜିଲ୍ଲା ସ୍କୁଲ୍ ପୁରୁଣା ଷ୍ଟାଡିୟମ ଏବଂ ଆଇଟିଆଇ ପଡ଼ିଆରେ ବାଣ ଦୋକାନ ତଥା ବଜାର ଖୋଲିଛି। ଜିଲ୍ଲା ପ୍ରଶାସନର ଅନୁମତିରେ ପୁରୁଣା ଷ୍ଟାଡିୟମରେ ୫୪ ଏବଂ ଆଇଟିଆଇ ପଡ଼ିଆରେ ୨୩ ଟି ଦୋକାନ ଆଜିଠୁ ଖୋଲିଥିବା ସୂଚନା ମିଳିଛି। ତେବେ ଦେଶୀ ତଥା ଲୋକାଲ ବାଣ ବିକ୍ରି ସମ୍ପୂର୍ଣ୍ଣ ମନା ଥିବାବେଳେ ଗ୍ରୀନ୍ ବାଣକୁ ଗୁରୁତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ, ଆଉ ଦିନ କେଇଟା ପରେ ଆଲୋକର ପର୍ବ ଦୀପାବଳି। ସେଥିପାଇଁ ଏବେଠୁ ସହର ରଙ୍ଗ ବେରଙ୍ଗରେ ଝଲସିବା ଆରମ୍ଭ ହୋଇଯାଇଛି। ଏହି ଅବସରରେ ସହରରେ ମଣ୍ଡପରେ ପୂଜା ପ୍ରସ୍ତୁତି ସହ ବାଣ ବିକ୍ରି ପାଇଁ ବଜାର ମଧ୍ୟ ଖୋଲିଲାଣି। ଶୁକ୍ରବାରଠାରୁ ସହରର ଆଇଟିଆଇ ପଡିଆ ଏବଂ ଜିଲ୍ଲା ସ୍କୁଲ ପୁରୁଣା ଷ୍ଟାଡିୟମରେ ବାଣ ବଜାର ଖୋଲିଛି। ଯାହା ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ। ଜିଲ୍ଲା ପ୍ରଶାସନର ଅନୁମତିରେ ଚଳିତବର୍ଷ ୧୭ ରୁ ୨୧ ତାରିଖ ପର୍ଯ୍ୟନ୍ତ ବାଣ ବିକ୍ରି ପାଇଁ ଦୋକାନୀଙ୍କୁ ଅନୁମତି ମିଳିଛି। ପୁରୁଣା ଷ୍ଟାଡିୟମରେ ୫୪ ଟି ଏବଂ ଆଇଟିଆଇ ପଡ଼ିଆରେ ୨୩ ଟି ବାଣ ଦୋକାନ ଖୋଲିଛି। ଆଜି ଦିନଠାରୁ ବାଣ ବିକ୍ରି ମଧ୍ୟ ଆରମ୍ଭ ହୋଇଯାଇଛି। ପିଲାଠୁ ଆରମ୍ଭ କରି ବୟସ୍କ ବି ବାଣ କିଣୁଥିବାର ଦେଖିବାକୁ ମିଳିଛି। ଚଳିତବର୍ଷ ଦୋକାନୀମାନେ ୪ ଲକ୍ଷରୁ ୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାଣ ବିକ୍ରି ପାଇଁ ଆଣିଛନ୍ତି। ଯେଉଁଥିରେ ୫ ଟଙ୍କାରୁ ଆରମ୍ଭ କରି ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ବାଣ ରହିଛି। ବିଭିନ୍ନ ପ୍ରକାରର ସଟ୍ ବାଣ ଅଧିକ ଦରର ରହିଛି। ଚଳିତବର୍ଷ ଦେଶୀ ବାଣକୁ ବାଦ୍ ଦେଇ ସମସ୍ତ ଦୋକାନୀ ଗ୍ରୀନ୍ ବାଣ ବିକ୍ରି କରୁଥିବା ସୂଚନା ଦେଇଛନ୍ତି। ଚଳିତ ବର୍ଷ ବିଭିନ୍ନ ପ୍ରକାରର ନୂଆ ବାଣ ଦୋକାନରେ ବିକ୍ରି ହେଉଛି। କୁଲଫି ବାଣଠୁ ଆରମ୍ଭ କରି ସିଙ୍ଗଡା, ଗିଟାର୍, ମୟୁର ଆଦି ବାଣ ରହିଛି। ଏହାବ୍ୟତୀତ ଛୋଟ ପିଲାଙ୍କ ପାଇଁ ଡ୍ରୋନ୍, ହେଲିକେପ୍ଟର, ହନୁମାନ ଗଦା ଆଦି ବାଣ ରହିଛି। ଏହି ସମସ୍ତ ଗ୍ରୀନ୍ ବାଣ। ଏହାବ୍ୟତୀତ ଝରାବତୀ, ଝୁରଝୁରି, ହାତ ଫୁଟା ବାଣ, ଫୁଲଝରି, ଅନାର ଓ କ୍ରାକର୍ ମଧ୍ୟ ରହିଛି। 'ଏ ବର୍ଷ ବାଣ ଭଲ ବିକ୍ରି ପାଇଁ ଆମେ ଆଶା ରଖିଛୁ। ଜିଲ୍ଲା ପ୍ରଶାସନର ଅନୁମତିରେ ୧୭ ରୁ ୨୧ ବାଣ ବିକ୍ରି ହେବ। ଏଥର ଦେଶୀ ବାଣ ବିକ୍ରି ବନ୍ଦ ହୋଇଛି। କେହି ବି ଦୋକାନୀ ଏହା ଆଣିନାହାନ୍ତି। ସମସ୍ତେ ଗ୍ରୀନ୍ ବାଣ ବିକ୍ରି କରୁଛନ୍ତି। ଆଜି ଦିନଠାରୁ ବାଣ ବିକ୍ରି ଆରମ୍ଭ ହୋଇଯାଇଛି' ବୋଲି ବାଣ ଦୋକାନୀ ଜିତେନ ମଲ୍ଲିକ, ସଞ୍ଜୟ ବାରିକ, ଅଶ୍ୱିନୀ ବାରିକ୍, ହରେକୃଷ୍ଣ ବାରିକ୍, ରାଜା ଦେ, ସୂର୍ଯ୍ୟ ଚନ୍ଦ୍ର ସେନ୍ ପ୍ରମୁଖ କହିଛନ୍ତି।

## ପୁଷ୍ପାଞ୍ଜଳି ପାଇଁ ତତ୍ପର ହେଲା ପ୍ରଶାସନ

ବାଲିଆପାଳ,୧୭।୧୦(ସମସ): ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଅସହାୟ ପୁଷ୍ପାଞ୍ଜଳିଙ୍କ ପାଇଁ ତତ୍ପର ହୋଇଛି ପ୍ରଶାସନ। ବାଲେଶ୍ୱର ଜିଲ୍ଲପାଳଙ୍କୁ ଅସହାୟ ପୁଷ୍ପାଞ୍ଜଳି ଏବଂ ତାଙ୍କର ଦୁଇ ଶିଶୁକୁ ଥଇଥାନ ପାଇଁ ଅନୁରୋଧ କରିଥିଲେ। ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବାଲିଆପାଳ ବ୍ଲକ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଏହି ଅଭିଯୋଗ ଓ ଖବର ଆଧାରରେ ବାଲିଆପାଳ ବିଡିଓ ଶ୍ରୀ ରାଧାରଞ୍ଜନ ଦାସଙ୍କ ନେତୃତ୍ୱରେ ଏକ ଦଳ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ, ଭାରପ୍ରାପ୍ତ ସିଡିପିଓ ଅରଶ୍ମିତା ଜେନା ଓ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ବୋଙ୍କ ପଞ୍ଚାୟତର ନଇଆଡ଼ି ବନ୍ଧ ପାଖରେ ରହୁଥିବା ପୁଷ୍ପାଞ୍ଜଳି ମଲ୍ଲିକଙ୍କୁ ସାକ୍ଷାତ କରି ତାଙ୍କ ଅସହାୟତା ବିଷୟରେ ତଦନ୍ତ କରିଛନ୍ତି। ସ୍ଥଳ ପରିଦର୍ଶନ ସମୟରେ ବିଡିଓ ଶ୍ରୀ ଦାସ ପୁଷ୍ପାଞ୍ଜଳିଙ୍କ ଅବସ୍ଥା ଦେଖି ତୁରନ୍ତ ତାଙ୍କୁ ଏକ ଜରିପାଲ ସହାୟତା ଦେଇଥିଲେ। ଏହା ସହିତ ତାଙ୍କୁ ଆଗାମୀ ଦିନରେ ବିଭିନ୍ନ ସରକାରୀ ସୁବିଧା ଯଥା ଆବାସ ଯୋଜନାରେ ଘର, ଜନ୍ମ ଓ ଆଧାର ପଞ୍ଜିକରଣ ସହାୟତା ଓ ଶିଶୁ ସୁରକ୍ଷା ଯୋଜନା ପର୍ଯ୍ୟାୟକ୍ରମେ ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ମଧ୍ୟ ନିଶ୍ଚିତ କରିଛନ୍ତି ଯେ, ଶିଶୁମାନଙ୍କ ଡକ୍ୟୁମେଣ୍ଟ ସମସ୍ୟା ସମାଧାନ ହେବା ପରେ ତାଙ୍କୁ ରାସନ ସୁବିଧା ମିଳିବ। ଭାରପ୍ରାପ୍ତ ସିଡିପିଓ ଅରଶ୍ମିତା ଜେନା



ମଧ୍ୟ ଶିଶୁମାନଙ୍କ ପାଇଁ ପୌଷ୍ଟିକ ଆହାର ଓ ଅଙ୍ଗନୱାଡି ସେବା ଯୋଗାଇବାକୁ ନିଶ୍ଚିତ କରିଛନ୍ତି କ୍ଷ ସେ କହିଛନ୍ତି, ଏହି ଘଟଣା ଦେଖାଇଦେଲା ଯେ ଗଣମାଧ୍ୟମ ଏବଂ ସଚେତନ ସମାଜ ଏକସାଥି ହେଲେ ଅସହାୟ ଲୋକଙ୍କ ଜୀବନରେ ଆଶା ଫୁଟାଇ ପାରନ୍ତି। ଏହି ପଦକ୍ଷେପ ଦ୍ୱାରା ଦୁଇ ନିଷ୍ପାପ ଶିଶୁ ଓ ତାଙ୍କ ମାତା ପୁଷ୍ପାଞ୍ଜଳିଙ୍କ ଜୀବନରେ ନୂଆ ଆଶା ଜାଗି ଉଠିଛି।

## ଅନ୍ତର୍ଜାତୀୟ ଫ୍ୟାଶନ-ଶୋରେ ଚମ୍ପିଆନ ହେଲେ ବାଲେଶ୍ୱରର ଅସ୍ମିତ

ବାଲେଶ୍ୱର,୧୭।୧୦(ସମିସ): ପଶ୍ଚିମବଙ୍ଗରେ ଚମକିଲେ ଓଡ଼ିଶା ତଥା ବାଲେଶ୍ୱରର କୁନି ପୁଅ। ଅନ୍ୟ ରାଜ୍ୟରେ ଓଡ଼ିଶାର ସଂସ୍କୃତି ଓ ଜଗନ୍ନାଥଙ୍କୁ ପ୍ରଦର୍ଶିତ କରି ବେଶ୍ ଚର୍ଚ୍ଚାରେ ରହିଛନ୍ତି ଏହି କୁନି ପ୍ରତିଭା। ସମ୍ବଲପୁରୀ ପୋଷାକ ପରିଧାନ କରି ହାତରେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଧରି ଆନ୍ତର୍ଜାତୀୟ ଫ୍ୟାସନ୍-ସୋ ରେ ୱାକ୍ କରି ଚମ୍ପିଆନ୍ ହୋଇଛନ୍ତି। ସେ ହେଉଛନ୍ତି ୯ ବର୍ଷର ଅସ୍ମିତ କୁମାର ସାହୁ। ଏହି ଫ୍ୟାସନ୍-ସୋ ରେ ଅସ୍ମିତ ୫୦ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ଚାମ୍ପିଅନ ଟ୍ରଫି ହାସଲ କରିଛନ୍ତି। ଖାଲି ଭାରତ ନୁହେଁ ଭାରତ ବାହାରୁ ଆସିଥିବା ପ୍ରତିଯୋଗୀଙ୍କୁ ପଛରେ ପକାଇଛନ୍ତି ଅସ୍ମିତ। ପଶ୍ଚିମବଙ୍ଗର ମାଲଦାଠାରେ ଆୟୋଜିତ ଅନ୍ତର୍ଜାତୀୟ ସ୍ତରୀୟ ଫ୍ୟାସନ୍-ସୋ 'ଏଫ୍ ଏସ୍ ଏସ୍' ରେ ଅସ୍ମିତ ନିଜର ପ୍ରତିଭା ପ୍ରଦର୍ଶନ କରି ଓଡିଶା ତଥା ବାଲେଶ୍ୱର ପାଇଁ ଗର୍ବ ଆଣିଛନ୍ତି। ସୂଚନାଯୋଗ୍ୟ, ଅସ୍ମିତ କୁମାର ସାହୁଙ୍କ ନିଜ ଘର ବାଲେଶ୍ୱର ଜିଲ୍ଲା ଚନ୍ଦନେଶ୍ୱର କଖଡ଼ା ଗ୍ରାମରେ। ହେଲେ ପରିବାର ସହ ସେ ବାଲେଶ୍ୱର ସହର ବାଲିଆରେ ରହୁଛନ୍ତି ଅସ୍ମିତ। ଅମିତ କୁମାର ସାହୁ ଓ ପୂର୍ଣ୍ଣିମା ସାମଲଙ୍କ ଏକମାତ୍ର ପୁଅ ହେଉଛନ୍ତି ଅସ୍ମିତ। ବର୍ତ୍ତମାନ ଅସ୍ମିତ ବାଲେଶ୍ୱରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଚତୁର୍ଥ ଶ୍ରେଣୀରେ ପଢୁଛନ୍ତି। ଚାମ୍ପିଅନ ହେବା ପଛରେ ମଡେଲିଙ୍ଗ ଶିକ୍ଷକ ଅନୁରାଗ ବସୁ, ନାଚ ଶିକ୍ଷକ ଓମ ପ୍ରକାଶ ପାଣିଗ୍ରାହୀ ସାର,



ଅଭିନୟ ଶିକ୍ଷକ ମନ୍ମୟ ଦେଙ୍କ ଅବଦାନ ରହିଛି ବୋଲି ସେ କହିଛନ୍ତି। ମୋ ମା ବାପା ଓ ମାଉସୀ ମୋତେ ବହୁତ ସହଯୋଗ କରନ୍ତି। ଆଗକୁ ମୁଁ ଜଣେ ଅଭିନେତା ହେବାକୁ ସ୍ୱପ୍ନ ରଖିଛି' ବୋଲି ଅସ୍ମିତ କହିଛନ୍ତି।

## ଗୀତା ଅଟୋ ମୋବାଇଲ୍ସର ଗ୍ରାହକ ମିଳନ ଓ ଟ୍ରାକ୍ଟର ପ୍ରଦାନ

ବାଲେଶ୍ୱର,୧୭।୧୦(ସମିସ): ଆତ୍ମନିର୍ଭରଶୀଳ କୃଷକଙ୍କୁ ସହାୟତା ଏବଂ ନୂଆ ଟେକ୍ନୋଲଜିର ସୁବିଧା ବାବଦରେ ଅବଗତ କରାଇଲେ ଜଣେ କୃଷକ ସମୃଦ୍ଧ ହେବା ସହ ଦେଶ ମଧ୍ୟ ସମୃଦ୍ଧ ହେବ ବୋଲି ଆୟୋଜିତ କୃଷକ ମିଳନ ସଭାରେ ଅତିଥିମାନେ ମତପୋଷଣ କରିଥିଲେ। ଶୁକ୍ରବାର ରେମୁଣା ଗୋଲାଇ ସ୍ଥିତ ଗୀତା ଅଟୋମୋବାଇଲସ ଦ୍ୱାରା ଆୟୋଜିତ କୃଷକ ମିଳନ ଏବଂ ନୂତନ ଗାଡ଼ି ପ୍ରଦାନ ଅବସରରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅଟୋମୋବାଇଲ୍ସର ପରିଚାଳନା ନିର୍ଦ୍ଦେଶକ ଅଶୋକ ବେରାଙ୍କ ସଭାପତିତ୍ୱରେ ସ୍ୱତ୍ୱାଧିକାରୀ ଗୀତାଞ୍ଜଳି ବେରା, ମୁଖ୍ୟ ଅତିଥି ଏସକୋର୍ଟ୍ସ କ୍ୟୁବୋଟା ଲିଃ ର ଜୋନାଲ ସେଲସ ମ୍ୟାନେଜର ରାଜେନ୍ଦ୍ର ଲୋଦ୍ଧେ, ସମ୍ମାନିତ ଅତିଥି ସେଲସ ଓ ମାର୍କେଟିଙ୍ଗ ମ୍ୟାନେଜର ଚନ୍ଦନ ଗିରି, ସର୍ଭିସ ଇଞ୍ଜିନିୟର ଆଶିଷ ପଣ୍ଡା, ହିତେଶ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉତ୍ତର ଓଡିଶାରୁ କୋଣଅନୁକୋଣରୁ ଆସିଥିବା ପ୍ରାୟ ଦୁଇ ଶହରୁ ଅଧିକ ଗ୍ରାହକ ଉପସ୍ଥିତ ଥିଲେ।



ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଲୋଦ୍ଧେ କୃଷକମାନଙ୍କୁ ଉଦବୋଧନ ଦେବା ଅବସରରେ ସୂଚନା ଦେଇଥିଲେକି ସାମ୍ପ୍ରତିକ ପରିସ୍ଥିତିରେ ନିଜକୁ ଏ ସମାଜରେ ଆ।ନିର୍ଭରଶୀଳ ହେବାକୁ ହେଲେ ନୂଆ ନୂଆ ଟେକ୍ନୋଲୋଜିର ଆବଶ୍ୟକତା ଏବଂ ଉପାଦେୟତା ବାବଦରେ ଏହିଭଳି କାର୍ଯ୍ୟକ୍ରମ ମାଧ୍ୟମରେ କୃଷକଙ୍କୁ ଅବଗତ କରାଇବା ଜରୁରୀ। ଏସକୋର୍ଟ କ୍ୟୁବଟା ସ୍ୱାଧୀନତା ସମୟରୁ ସଦାବେଳେ କୃଷକଙ୍କ ହିତରେ ରହି ଆସିଛି ଏବଂ ନୂଆ ନୂଆ ଟ୍ରାକ୍ଟର ଉପହାର ଦେଇ ଆସିଛି। ଏଣୁ ଆଜିଭଳି ଅବସରରେ କୃଷକମାନଙ୍କୁ ଗୀତା ଅଟୋ ମୋବାଇଲ୍ସ ତରଫରୁ ନୂଆ ଗାଡି ମଧ୍ୟ ପ୍ରଦାନ କରାଯିବାର ପ୍ରାବଧାନ କରାଯାଇଛି। ଗତ ୨୬ ତାରିଖରେ ପ୍ରୋ ମ୍ୟାକ୍ସ ଏବଂ ୱାର୍ଲଡ ମ୍ୟାକ୍ସର ଶୁଭ ଉଦ୍‌ଘାଟନ କରାଯାଇଥିଲା। ଗଣ ମାଧ୍ୟମରେ ଏହା ପ୍ରଚାର ହେବା ପରେ କୃଷକ ବନ୍ଧୁ ମାନଙ୍କର ଫାର୍ମ ଟ୍ରାକ, ଏସକୋର୍ଟ କ୍ୟୁବୋଟା ପ୍ରତି ଉତ୍ସାହ ଏବଂ ଚାହିଦା ବୃଦ୍ଧି ପାଇଛି ବୋଲି ସମ୍ପୃକ୍ତ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ବ୍ୟକ୍ତ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଆମ୍ଭେମାନେ ପୁଣି ଥରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାହକ ମାନଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ନୂଆ ଗାଡି ମଧ୍ୟ ପ୍ରଦାନ କରିବୁ। ଏହି ଅବସରରେ ଉପସ୍ଥିତ ଥିବା ଗ୍ରାହକମାନେ ମଧ୍ୟ ସମ୍ପୃକ୍ତ କମ୍ପାନୀର ଗାଡି ପ୍ରତି ଆବଶ୍ୟକତା ପ୍ରକଟ କରିବା ସହ ଅନ୍ୟ କମ୍ପାନୀର ଗାଡି ତୁଳନାରେ ଏହା ଅତ୍ୟଧିକ ଲାଭ ଦାୟକ ବୋଲି କହିଥିଲେ। ଏହି ଅବସରରେ ବାଲିଆପାଳରୁ ଆସିଥିବା କୃଷକ ଉତ୍ତମ କୁମାର ସାହୁ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ବେରା ଏବଂ ସମସ୍ତ କର୍ମକର୍ତ୍ତାଙ୍କ ଗ୍ରାହକ ସେବାକୁ ପ୍ରଶଂସା କରିବା ସହ ଗୀତା ଅଟୋମବାଇଲସ ଅନ୍ୟ ସଂସ୍ଥା ମାନଙ୍କ ଠାରୁ ଭିନ୍ନ ଏବଂ ଅତୁଳନୀୟ ବୋଲି ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ଛ ଜଣ କୃଷକ ଅଜୟ ବାରିକ, ଦୁଃଶାସନ ପୃଷ୍ଟି, ଅଚ୍ୟୁତ ବିଶ୍ୱାଳ, ଉତ୍ତମ କୁମାର ସାହୁ, ଶୁଭଙ୍କର କର ଏବଂ ଅଜୟ ପ୍ରଧାନ ପ୍ରମୁଖ ନୂଆ ଟ୍ରାକ୍ଟର କିଣିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ସେମାନଙ୍କୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ ଏବଂ ଗାଡିର ଚାବି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ସାହୁ, ସତ୍ୟଜିତ ସାହୁ, ମନୋଜ ମୁଖୀ, ରାଜା, ସୁଦୀପ୍ତା, ରାଧା, ମାନସ, ତାପସ, ରତିକାନ୍ତ, ଭାସ୍କର ପ୍ରମୁଖ ସହଯୋଗ କରିଥିବା ବେଳେ ସଂସ୍ଥାର ପରିଚାଳକ ରାଜେନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିଲେ।

## କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠା ଦିବସ



ଜଳେଶ୍ୱର,୧୭।୧୦(ସମିସ): ସିପିଏମ୍ ଜଳେଶ୍ୱର ଆଞ୍ଚଳିକ କମିଟି କାର୍ଯ୍ୟାଳୟ ସମ୍ମୁଖରେ ଦଳୀୟ ପତାକା ଉତ୍ତୋଳନ ପୂର୍ବକ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଦଳର ବରିଷ୍ଠ ନେତା ଦିଲ୍ଲୀପ କୁମାର ଗିରିଙ୍କ ତତ୍ତ୍ୱାବଧାନରେ ପାର୍ଟି କାର୍ଯ୍ୟାଳୟରେ ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଦଳର ଜିଲ୍ଲା ନେତା ଦିପ୍ତିମାନ ଆଚାର୍ଯ୍ୟ ଓ ଦିଲ୍ଲୀପ କୁମାର ଗିରି, କୃଷକ ନେତା ଜୀବନ ପରିଡ଼ା ଓ ରାଜୀବ ପଣ୍ଡା ବକ୍ତବ୍ୟ ରଖି କହିଥିଲେ ଯେଉଁ ଦୁଇଟି ଉଦ୍ଦେଶ୍ୟ ନେଇ କମ୍ୟୁନିଷ୍ଟ ପାର୍ଟି ଗଠିତ ହୋଇଥିଲା ଆଜକୁ ୧୦୫ ବର୍ଷ ବିତିଯାଇଥିଲେ ମଧ୍ୟ ତାହା ପୂରଣ ହୋଇନାହିଁ। ଦେଶ ଯଦିଓ ବ୍ରିଟିଶ ଶାସନରୁ ମୁକ୍ତ ହୋଇ ସ୍ୱାଧୀନତା ଲାଭ କରିଛି କିନ୍ତୁ ଲୋକେ ପୂର୍ଣ୍ଣ ସ୍ୱାଧୀନତା ଲାଭ କରିନାହାନ୍ତି। ଅର୍ଥନୈତିକ କ୍ଷେତ୍ରରେ ବୈଷମ୍ୟ ଦୂର ହେବା ପରିବର୍ତ୍ତେ କ୍ରମଶଃ ବୃଦ୍ଧି ପାଉଛି। ମୁଷ୍ଟିମେୟ ଉଚ୍ଚତର ଧନୀ ଲୋକଙ୍କ ହାତରେ ଦେଶର ସମ୍ପଦ ଠୁଳ ହେବାରେ ଲାଗିଛି ଓ ଗରିବୀ ବଢୁଛି। ସମାଜବାଦକୁ ସାମ୍ବିଧାନିକ ସ୍ୱୀକୃତି ମିଳିଥିଲେ ବି କେବଳ ଆଳଙ୍କାରିକ ଶବ୍ଦ ଭାବରେ ସମ୍ବିଧାନରେ ଶୋଭା ପାଉଛି। ସମାଜ ଶୋଷଣ ମୁକ୍ତ ହେବା ବଦଳରେ ଶୋଷଣର ମାତ୍ରା ବଢି ବଢ଼ି ଚାଲିଛି। ଧରମୀୟ ସନ୍ତ୍ରାସବାଦ ଉଗ୍ର ରୂପ ଧାରଣ କରିଛି। ଆମ ରାଜ୍ୟର ସ୍ଥିତି ମଧ୍ୟ ସମାନ। ବେକାରୀ ଓ ଦରବୃଦ୍ଧି ଜନିତ ସମସ୍ୟାରେ ଲୋକେ ଜର୍ଜରିତ। ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ସରକାର ବଦଳୁଛି ମାତ୍ର ସମସ୍ୟା ସମାଧାନ ହେଉନାହିଁ। ବାମପନ୍ଥା ବ୍ୟତୀତ ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ନୁହେଁ ବୋଲି ବକ୍ତାମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଗେନ୍ଦ୍ର ମହୁରୀ, ଅଶୋକ ଘଡାଇ, ମିଟୁ ଗୋଛାୟତ, ନିତାଇ, ମଦନ ସମେତ ବହୁ ଅଟୋ ଚାଳକ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ବିବାଦୀୟ ପୋଷ୍ଟ କରି ଜଣେ ଗିରଫ

ବାଲେଶ୍ୱର,୧୭।୧୦(ସମିସ): ସୋସିଆଲ ମିଡିଆରେ ବିବାଦୀୟ ପୋଷ୍ଟ କରିଥିବାରୁ ଟାଉନ ଥାନା ବୋଲି ଜଣକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ବଙ୍କା ଖଜୁରୀସ୍ଥିତ ଆକତପୁର ଅଞ୍ଚଳର ସାନି ଦାସ। ମିଳିଥିବା ସୂଚନା ଅନୁସାରେ, ବାଲୁ ବଜାରର ଅଭିଯୋଗକାରୀ କୁର୍ବାନ ଖାନ ସୋସିଆଲ ମିଡ଼ିଆର ବିବାଦୀୟ ପୋଷ୍ଟକୁ ନେଇ ପ୍ରଥମେ ଏସପିଙ୍କୁ ଜଣାଇଥିଲେ। ଏହି ଅଭିଯୋଗକୁ ଆଧାର କରି ଟାଉନ ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି।

## ବିଏମ୍ଏସ୍ଆର୍ଏ ପକ୍ଷରୁ ୫୨ ୟୁନିଟ୍ ରକ୍ତ ସଂଗ୍ରହ



ବାଲେଶ୍ୱର,୧୭।୧୦(ସମିସ): ଭାରତୀୟ ମେଡିକାଲ ଆଣ୍ଡ ସେଲସ୍ ରିପ୍ରେଜେଣ୍ଟେଟିଭସ ଆସୋସିଏସନ (ବିଏମଏସଆରଏ)ର ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ବିଏମଏସଆରଏର ଜିଲ୍ଲା ସାଧାରଣ ସମ୍ପାଦକ ଉତ୍ତମ ପ୍ରଧାନଙ୍କ ପରିଚାଳନାରେ ଜିଲ୍ଲା ରକ୍ତ ଭଣ୍ଡାରରେ ଏହି ଶିବିର ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଏଡିଏମଓ ଡା. ଗିରିଜା ଶଙ୍କର ଦାଶ, ସମ୍ମାନିତ ଅତିଥି ଭାବେ ବ୍ଲଡ ବ୍ୟାଙ୍କ ଇନଚାର୍ଜ ଡା. ବସନ୍ତ କୁମାର ଉପାଧ୍ୟାୟ, ବିଏମଏସଆରଏର ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟଜିତ ଜେନା, ରାଜ୍ୟ ସାଧାରଣ ସମ୍ପାଦକ ମନ୍ମୟ ଦାଶ, ଜିଲ୍ଲା ସଭାପତି ବଂଶୀଧର ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ଅରୂପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମୋଟ ୫୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରଶ୍ମିରଞ୍ଜନ ଗିରି, ସୁଦର୍ଶନ ମନ୍ତ୍ରୀ, ତପନ ଦେ, ସଂଗ୍ରାମ ଖିଲାର, ଅସିତ ସ୍ୱାଇଁ, ଓମ ପ୍ରକାଶ, ଗଜାନନ ପ୍ରଧାନ, ଶୁସାନ୍ତ ସେଠୀ, ଚିନ୍ମୟ ଦାସ, ଚନ୍ଦନ ସାହୁ, ଆନନ୍ଦ ଜେନା ଓ ସନ୍ତୋଷ ଛାଟୋଇ ପ୍ରମୁଖ ସହଯୋଗ କରିଥିଲେ।

## ଡକ୍ଟର ଜ୍ୟୋତି ପ୍ରକାଶ ରଥଙ୍କୁ ଜ୍ଞାନ ଜ୍ୟୋତି ସମ୍ମାନ

ବାଲେଶ୍ୱର,୧୭।୧୦(ସମିସ): ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ଅଧ୍ୟାପକ ଡକ୍ଟର ଜ୍ୟୋତି ପ୍ରକାଶ ରଥଙ୍କୁ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର



ରଣା ଓ ପ୍ରଶାସନିକ ଅଧିକାରୀ ଡକ୍ଟର ସନ୍ତୋଷ କୁମାର ରାଉତ "ଶିକ୍ଷା ଜ୍ୟୋତି ସମ୍ମାନ'ରେ ସମ୍ମାନିତ କରିଛନ୍ତି। ଡକ୍ଟର ରଥ ବାଣିଜ୍ୟରେ ୧୦୦ ରୁ ଉର୍ଦ୍ଧ୍ୱ ବାଣିଜ୍ୟ ପୁସ୍ତକ ଲେଖିଛନ୍ତି। ଯାହାଙ୍କ ପୁସ୍ତକକୁ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜ ଗୁଡିକରେ ଛାତ୍ରଛାତ୍ରୀମାନେ ପଢୁଛନ୍ତି। ତାଙ୍କର ପୁସ୍ତକ ପ୍ରକାଶନ ଓ ଶିକ୍ଷାର ବିକାଶ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସୁନ୍ଦର ସାରସ୍ୱତ ପରିବେଶରେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀସମସ୍ତେ ଉପସ୍ଥିତ ରହି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିଧାନସଭା ସ୍ତରୀୟ ବିକାଶ ସଭା

# 'ବିକାଶ ପରିକଳ୍ପନାରେ ସମନ୍ୱୟର ଆବଶ୍ୟକତା ଜରୁରୀ'

ବାଲେଶ୍ୱର,୧୭।୧୦(ସମିସ)




ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଡିଟୋରିଅମରେ ବାଲେଶ୍ୱର ବିଧାନସଭା ମଣ୍ଡଳ ପାଇଁ ୨୦୨୫ ର ପ୍ରଥମ ବିଧାନସଭାସ୍ତରୀୟ ବିକାଶ ସଭା ଆୟୋଜିତ ହୋଇଥିଲା। ଜିଲ୍ଲା ବିକାଶ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ସଭାର ପରିଚୟ ଦେଇ ସ୍ୱାଗତ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ରାଉତ ଯୋଗ ଦେଇଥିଲେ। ସଭାରେ ଆବାହକ ଉପଜିଲ୍ଲାପାଳ ଶିବ ମାଲବ୍ୟ ସଭାର ଗୁରୁତ୍ୱ ଓ ବିକାଶ ପରିକଳ୍ପନାରେ ସମନ୍ୱୟର ଆବଶ୍ୟକତା ଜରୁରୀ ବୋଲି କହିଥିଲେ। ସଭାର ଅଧ୍ୟକ୍ଷତା କରିଥିଲେ ବିଧାୟକ ମାନସ କୁମାର ଦତ୍ତ ଏବଂ ପୂର୍ବତନ ଏସିଡିସି ସଭାର ଆକ୍ସନ ଟେକେନ୍ ରିପୋର୍ଟ ଉପରେ ସମୀକ୍ଷା କରିଥିଲେ। ପୂର୍ବ ସଭାରେ ଉଲ୍ଲେଖ ହୋଇଥିବା ତମୁଳିଆ ଗେଟ, ଲୁଣିଆଯୋଡି ବ୍ରିଜ୍, ଶାନ୍ତିକାନନ ଲାଇବ୍ରେରୀ, ରିଙ୍ଗ ରୋଡ୍ ପ୍ରୋଜେକ୍ଟ, ଅଙ୍ଗରଗଡିଆ ବ୍ରିଜ୍ ଓ ହଳଦିପଦା ଛକ ଠାରୁ ସୋଲପଟା ଛକ ପର୍ଯ୍ୟନ୍ତ ରାସ୍ତା ସଂଯୋଗ ସମ୍ପର୍କୀୟ ବିଷୟଗୁଡ଼ିକ ଉପରେ ଗଭୀର ଆଲୋଚନା ହୋଇଥିଲା। ସଭାରେ ସମସ୍ତ ବିଭାଗକୁ ଚାଲୁଥିବା ଓ ଆଗାମୀ ପ୍ରକଳ୍ପ, ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବିଡିଓ ସଦର ଉତ୍ତମ ଜେନା ଏଜେଣ୍ଡା ଅନୁସାରେ ଆଲୋଚନା ଆରମ୍ଭ କରିଥିଲେ ଏବଂ ବିଧାୟକ ଓ ଉପଜିଲ୍ଲାପାଳ ବିଷୟରେ ବିସ୍ତୃତ ସମୀକ୍ଷା କରିଥିଲେ। ଜି ଏମ ଡି ଆଇ ସି ପିଏମ ବିଶ୍ୱକର୍ମା ଯୋଜନା, ଋଣ ବିତରଣ ଓ ଲକ୍ଷ୍ୟପୂରଣ ବିଷୟରେ ତଥ୍ୟ ଦେଇଥିଲେ। ଜଳ ଯୋଗାଣ ବିଭାଗ ପକ୍ଷରୁ ଓଭରହେଡ୍ ଟାଙ୍କ ଓ ପାଇପଲାଇନ୍ ସମେତ ଅନ୍ୟ ପ୍ରକଳ୍ପ ଗୁଡ଼ିକର ନିର୍ମାଣ ଉପରେ ସମୀକ୍ଷା ହେଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ସହକାରୀ ଯନ୍ତ୍ରୀ, ଏନ୍ ଏଚ ଏମ ଜିଲ୍ଲାର ସ୍ୱାସ୍ଥ୍ୟ କେନ୍ଦ୍ର, ସବ୍‌ସେଣ୍ଟର ର ନିର୍ମାଣ ସ୍ଥିତି ଓ ଡାକ୍ତରୀ ସେବା ସମ୍ପର୍କରେ ତଥ୍ୟ ଦେଲେ। ଟିପିଏନଓଡିଏଲ୍ ଅଧିକାରୀମାନେ ବିଦ୍ୟୁତ୍ ସିଷ୍ଟମ୍ ଅପ୍ ଗ୍ରେଡେସନ ଓ ଟ୍ରାନ୍ସଫର୍ମର ସର୍ଭେ ବିଷୟରେ ଅବଗତ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍କୁଲ ଗୃହ, ଶିକ୍ଷା ମାନ ଓ ବିଭିନ୍ନ ସରକାରୀ ଯୋଜନା ଉପରେ ତଥ୍ୟ ଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଆଶ୍ରମ ବିଦ୍ୟାଳୟ, ହଷ୍ଟେଲ ଓ ଅନ୍ୟାନ୍ୟ କଲ୍ୟାଣ ଯୋଜନା ବିଷୟରେ ସୂଚନା ଦେଇଥିଲେ। ବିଡିଓ ସଦର ପିଏମଏୱାୟ, ଏମ ଜି ଏନ୍ ଅର୍ ଇ ଜି ଏସ, ଜି ପି ଏଲ ଏଫ୍ ଓ ଅନ୍ୟାନ୍ୟ ଗ୍ରାମିଣ ବିକାଶ କାର୍ଯ୍ୟର ସ୍ଥିତି ଉପରେ ତଥ୍ୟ ଦେଲେ। ସରକାରୀ ପଲିଟେକ୍ନିକ, ଆଇଟିଆଇ ଓ ଡିପ୍ଲୋମା କଲେଜ୍ ପକ୍ଷରୁ ଦକ୍ଷତା ଉନ୍ନୟନ ଓ ଆୟ ସୃଷ୍ଟି ଉଦ୍ୟମ ବିଷୟରେ ଆଲୋଚନା ହୋଇଥିଲା। ଜିଲ୍ଲା ନିଯୁକ୍ତି ଅଧିକାରୀ ନିଯୁକ୍ତି ସମ୍ବନ୍ଧୀୟ ଯୋଜନା ବିଷୟରେ ତଥ୍ୟ ଦେଇଥିଲେ। ବାଲେଶ୍ୱର ମ୍ୟୁନିସିପାଲଟି ଅଫୋଡେବଲ ହାଉସିଂ ଯୋଜନା, ନଗର ଉନ୍ନୟନ ମୂଳକ କାର୍ଯ୍ୟ ଓ ମହାନଳ ଅଞ୍ଚଳରୁ ଅନଧିକୃତ ଅଧିକ୍ରମଣ ହଟାଇବା ବିଷୟରେ ସମୀକ୍ଷା ହୋଇଥିଲା। ସେହିପରି ବନ ବିଭାଗ, କୃଷି, ଉଦ୍ୟାନ କୃଷି ଓ ମତ୍ସ୍ୟଚାଷ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଗ୍ରାମୀଣ ବିକାଶ ଓ ଆର୍ ଏଣ୍ଡ ବି ବିଭାଗର ରାସ୍ତା, ବ୍ରିଜ୍ ଓ ଅନ୍ୟାନ୍ୟ ପ୍ରକଳ୍ପ ଉପରେ ବିସ୍ତୃତ ସମୀକ୍ଷା ହୋଇଥିଲା। ସମସ୍ତ ପ୍ରକଳ୍ପ କିମ୍ବା ଯୋଜନା ଆବଶ୍ୟକେ ଅନୁସାରେ ତହସିଲଦାରଙ୍କୁ ସରକାରୀ ଜମି ଯୋଗାଇବା ପାଇଁ ଓ ସମନ୍ୱୟ ରଖିବା ଏବଂ ଭୂମିହୀନ ଲୋକଙ୍କୁ ଚିହ୍ନଟ କରି ପଟ୍ଟା ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ବାରିପଦା,୧୭।୧୦(ସମିସ): ମୟୂରଭଞ୍ଜ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ପ୍ରତିମା ପାତ୍ର ଶୁକ୍ରବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀଜଣଙ୍କ ହେଲା, ଜାମଦା ଥାନା ଅଞ୍ଚଳର ବଳରାମ ମୁଣ୍ଡା(୨୩)। ଏହାସହ ପୀଡ଼ିତାକୁ ୭ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସହାୟତା ବିଭାଗଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁଯାୟୀ, ନାବାଳିକାଜଣଙ୍କ ଗ୍ରାମର ଜଣଙ୍କ ଘରୁ ଫେରିବା ବେଳେ ତାକୁ ଏକୁଟିଆ ପାଇ ବଳରାମ ଦୁଷ୍କର୍ମ କରିଥିଲା। ତେବେ ନାବାଳିକାଜଣଙ୍କ ଘରକୁ ଫେରିବା ପରେ ଏସଂପର୍କରେ ପରିବାରଲୋକଙ୍କୁ ଜଣାଇଥିଲେ। ଘଟଣା ବାବଦରେ ପରିବାର ଲୋକେ ସ୍ଥାନୀୟ ଜାମଦା ଥାନାରେ ଅଭିଯୋଗ କରିଥିଲେ। ମାମଲାକୁ ପୋକସୋ କୋର୍ଟର ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରୁଥିଲେ।

## ନୂଆପଡ଼ା ସମର | ବିଜେଡିର ୪୦ ବ୍ରିଗେଡ୍

ଭୁବନେଶ୍ୱର, ୧୭।୧୦ (ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେଡି ନିଜର ଷ୍ଟାର କ୍ୟାମ୍ପେନର (ତାରକା ପ୍ରଚାରକ) ତାଲିକା ଜାରି କରିଛି। ଦଳ ପକ୍ଷରୁ ଜାରି ହୋଇଥିବା ୪୦ ଜଣିଆ ତାରକା ପ୍ରଚାରକ ତାଲିକାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୀର୍ଷରେ ରହିଛନ୍ତି। ଏହାସହିତ ଦଳ ଷ୍ଟାର ପ୍ରଚାରକ ଭାବେ ବହୁ ବରିଷ୍ଠ ନେତାଙ୍କ ସମେତ ଯୁବ ନେତୃତ୍ୱ ବିଧାୟକ ଓ ସାଂସଦମାନଙ୍କୁ ମଧ୍ୟ ଏଥିରେ ସାମିଲ କରିଛି।

**୪୦ ତାରକା ପ୍ରଚାରକଙ୍କ ତାଲିକା ଜାରି**




୪୦ ଜଣିଆ ତାଲିକାରେ ବିଜେଡି ସଭାପତି ନବୀନ ପଟ୍ଟନାୟକ, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଂଜନ ପୂଜାରୀ, ଡଃ ଅରୁଣ କୁମାର ସାହୁ, ପ୍ରତାପ ଦେବ, ପ୍ରଣବ ପ୍ରକାଶ ଦାସ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ସଂଜୟ କୁମାର ଦାସବର୍ମା, ଦିବ୍ୟଶଙ୍କର ମିଶ୍ର, କଳିକେଶ ନାରାୟଣ ସିଂହଦେଓ, ସାରଦା ନାୟକ, ପୁଷ୍ପେନ୍ଦ୍ର ସିଂହଦେଓ, ପ୍ରୀତିରଂଜନ ଘଡାଇ, ଟୁକୁନି ସାହୁ, ସୁଲତା ଦେଓ, ଲେଖାଶ୍ରୀ ସାମନ୍ତସିଂହାର, ସୁଦାମ ମାର୍ଣ୍ଡି, ଦେବେଶ ଆଚାର୍ଯ୍ୟ, ପ୍ରଦୀପ କୁମାର ଦିଶାରୀ, ସରୋଜ କୁମାର ମେହେର, ରୋହିତ ପୂଜାରୀ, ମୁନ୍ନା ଖାଁ, ବିକ୍ରମ ପଣ୍ଡା, ଭୃଗୁ ବକ୍ସିପାତ୍ର, ଯୋଗେଶ ସିଂହ, ନିରଂଜନ ବିଶି, ମନୋହର ରନ୍ଧାରୀ, ରମେଶ ମାଝୀ, ପ୍ରଦୀପ ମାଝୀ, ଅଧିରାଜ ପାଣିଗ୍ରାହୀ, ରୋମାଞ୍ଚ ରଂଜନ ବିଶ୍ୱାଳ, ସୁବାସିନୀ ଜେନା, ବର୍ଷା ସିଂହ ବରିହା, ଦୀପାଳି ଦାସ, ମନୋରମା ମହାନ୍ତି, ଚିନ୍ମୟ ସାହୁ ଓ ଇପ୍ସିତା ସାହୁ ପ୍ରମୁଖ ଟିମ୍‌ରେ ସାମିଲ ଅଛନ୍ତି।

ଏହା ପୂର୍ବରୁ ଗୁରୁବାର ନୂଆପଡ଼ାରେ ପ୍ରଚାର କାର୍ଯ୍ୟକ୍ରମକୁ କିପରି ସଂଗଠିତ, ଯୋଜନାବଦ୍ଧ ତଥା ସଫଳ ଭାବେ ତୁଲାଇ ହେବ ସେନେଇ ବିଜେଡି ଏକ ୫୨ ଜଣିଆ ଟିମ୍ ଗଠନ କରିଛି। ନିଜେ ବିଜେଡି ସଭାପତି ଏହି ଟିମ୍ ଘୋଷଣା କରିବା ସହିତ ବ୍ଲକ୍‌ୱାରୀ ନେତାଙ୍କୁ ମାନଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ନୂଆପଡ଼ା ଓ କୋମନା ବ୍ଲକରେ ପ୍ରଚାର କାର୍ଯ୍ୟକ୍ରମ ତଦାରଖ ପାଇଁ ମୋଟ ୧୮ ଜଣ ଲେଖାଏଁ ୨ ଟି ଟିମ୍ ଓ ଖରିଆର୍ ରୋଡ ଏନଏସି ଏବଂ ନୂଆପଡ଼ା ଏନଏସି ପାଇଁ ୮ ଜଣ ଲେଖାଏଁ ୧୬ ଜଣ ନେତାଙ୍କୁ ନବୀନ ଦାୟିତ୍ୱ ପ୍ରଦାନ କରିଛନ୍ତି।

## କଠୋର ହେଲା ପରିବହନ ବିଭାଗ | ଅଭ୍ୟାସଗତ ଉଲ୍ଲଙ୍ଘନକାରୀଙ୍କ 'ଆର୍‌ସି' ରଦ୍ଦ ହେବ

କଟକ, ୧୭।୧୦ (ସମିସ): ଏଣିକି ଅଭ୍ୟାସଗତ ଭାବେ ମୋଟର ଯାନ ଆଇନ ନିୟମ ଉଲ୍ଲଙ୍ଘନକାରୀଙ୍କ ଗାଡ଼ିଗୁଡ଼ିକର ପଞ୍ଜୀକରଣ ପ୍ରମାଣପତ୍ର (ଆରସି) ରଦ୍ଦ କରାଯିବ। ପରିବହନ କମିସନରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) କାର୍ଯ୍ୟାଳୟରେ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉପରୋକ୍ତ ନିଷ୍ପତ୍ତି ସହ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ) ପକ୍ଷରୁ ଏହି ଉଲ୍ଲଂଘନକାରୀମାନଙ୍କର ତାଲିକା ପ୍ରସ୍ତୁତ କରାଯିବା ସହ ସେମାନଙ୍କୁ ଚାଲାଣ ପୈଠ କରିବାକୁ ପଞ୍ଜିକୃତ ନମ୍ବରରେ ସୂଚନା ପ୍ରଦାନ କରାଯିବ। ତଥାପି ଯଦି ନିୟମ ଉଲ୍ଲଘଂନକାରୀ ବକେୟା ଚାଲାଣ ପୈଠ ନ କରନ୍ତି, ମୋଟର ଯାନ ଆଇନ ଅନୁଯାୟୀ ଆରଟିଓମାନେ ନୋଟିସ ପଠାଇବେ। ସଡ଼କରେ ଅନ୍ୟ ବ୍ୟବହାରକାରୀଙ୍କ ପାଇଁ ବିପଦ ସାଜିଥିବା ଏଭଳି ପଦକ୍ଷେପ ନେବାକୁ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପରିବହନ ଆୟୁକ୍ତ।

ଏହି ବୈଠକରେ ପରିବହନ ପ୍ରାଧିକରଣର ବରିଷ୍ଠ ଅଧିକାରୀଙ୍କ ସହ ସମସ୍ତ ଉପ-ପରିବହନ ଆୟୁକ୍ତ, ଆରଟିଓ, ଅତିରିକ୍ତ ଆରଟିଓ ଆଭାସୀରେ ଯୋଗ ଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ, ଅଧିକ ସଂଖ୍ୟାରେ ଚାଲାଣ ବକେୟା ଥିବା ଗାଡ଼ିର ତାଲିକା ପ୍ରସ୍ତୁତ କରାଯିବ।



## ଫେବୃଆରୀ ତୃତୀୟ ସପ୍ତାହରୁ +୨ ପରୀକ୍ଷା

ଭୁବନେଶ୍ୱର, ୧୭।୧୦(ସମିସ): ଯୁକ୍ତ ଦୁଇ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବା ସିଏଚ୍ଏସ୍‌ଇ। ଏକ୍ସ ରେଗୁଲାର୍ ଛାତ୍ରଛାତ୍ରୀଙ୍କ ପାଇଁ ଫର୍ମ ପୂରଣ ଆରମ୍ଭ ହୋଇଥିବାବେଳେ ଆସନ୍ତା ୨୦ ତାରିଖରୁ ରେଗୁଲାର୍ ପିଲାଙ୍କ ଫର୍ମ ପୂରଣ ହେବ। ସେହିପରି ଡିସେମ୍ବର ୨୨ତାରିଖରୁ ଇଣ୍ଟରନାଲ୍ ପରୀକ୍ଷା କରିବା ପାଇଁ ବିଦ୍ଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇ ସାରିଛି। ଏହାପରେ ଫେବୃଆରୀ ତୃତୀୟ ସପ୍ତାହରୁ ବାର୍ଷିକ ପରୀକ୍ଷା ଆରମ୍ଭ ହେବ। ଚଳିତ ବର୍ଷ ନୂତନ ଭାବେ ୮୯ ପରୀକ୍ଷା କେନ୍ଦ୍ର ଖୋଲିବ। ସମୁଦାୟ ୧୩୪୯ ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ ବୋଲି ସିଏଚ୍ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ବାର୍ଷିକ ପରୀକ୍ଷା ପାଇଁ ଫେବୃଆରୀ ୧୪ ତାରିଖ ସୁଦ୍ଧା ପିଲାଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ୧୫ ରୁ ୨୫ ତାରିଖ ମଧ୍ୟରେ ପରୀକ୍ଷା ଆରମ୍ଭ ହେବ। ଏହା ପୂର୍ବରୁ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ସିଏଚ୍ଏସ୍‌ଇ ବ୍ୟାପକ ପ୍ରସ୍ତୁତି ଜାରି ରଖିଛି। ଏକ୍ସ-ରେଗୁଲାର ପିଲାଙ୍କ ଫର୍ମ ପୂରଣ ଜାରି ରହିଥିବାବେଳେ ଆସନ୍ତା ୨୨ ତାରିଖ ଯାଏଁ ଚାଲିବ। ସେହିପରି ରେଗୁଲାର୍ ଛାତ୍ରଛାତ୍ରୀମାନେ ଆସନ୍ତା ୨୦ରୁ ନଭେମ୍ବର ୬ ତାରିଖ ମଧ୍ୟରେ ବିନା କୌଣସି ଫାଇନ୍‌ରେ ଫର୍ମ ପୂରଣ କରିପାରିବେ। ଏହି ଅବଧି ମଧ୍ୟରେ ଫର୍ମ ପୂରଣ କରିପାରି ନ ଥିବା ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀମାନେ ନଭେମ୍ବର୧୦ରୁ ୧୪ ତାରିଖ ମଧ୍ୟରେ ୨୦୦ଟଙ୍କା ଫାଇନ୍ ଏବଂ ନଭେମ୍ବର ୧୭ରୁ ୧୯ ତାରିଖ ମଧ୍ୟରେ ୬୦୦ ଟଙ୍କା ଫାଇନ୍ ଦେଇ ଫର୍ମ ପୂରଣ କରିପାରିବେ। ଡିସେମ୍ବର ୨୨ ତାରିଖରୁ ଯୁକ୍ତ ଦୁଇ ଇଣ୍ଟରନାଲ ପରୀକ୍ଷା ଆରମ୍ଭ ହେବ। ଦୁଇଟି ସ୍ଲଟରେ ଜାନୁଆରୀ ୧୫ ତାରିଖ ଯାଏଁ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ। ପ୍ରଥମ ସ୍ଲଟରେ ଡିସେମ୍ବର ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଇଣ୍ଟରନାଲ ଆସେସମେଣ୍ଟ, ପ୍ରୋଜେକ୍ଟ ମୂଲ୍ୟାଙ୍କନ ଓ ମୌଖିକ ପରୀକ୍ଷା ସରିବ। ଏହାପରେ ଦ୍ୱିତୀୟ ସ୍ଲଟରେ ଜାନୁଆରୀ ୨ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ୧୫ ତାରିଖରେ ସରିବ। ଏହି ସମୟରେ ପରୀକ୍ଷା ଦେଇପାରି ନଥିବା ଛାତ୍ରଛାତ୍ରୀଙ୍କୁ ଜାନୁଆରୀ ୧୦ ରୁ ୧୫ ତାରିଖ ମଧ୍ୟରେ ପରୀକ୍ଷା ଦେବାକୁ ଆଉ ଏକ ସୁଯୋଗ ମିଳିବ।

**ନୂତନ ଭାବେ ଖୋଲିବ ୮୯ ପରୀକ୍ଷା କେନ୍ଦ୍ର**

ପରୀକ୍ଷାରେ ସ୍ୱଚ୍ଛତା ପାଇଁ ଷ୍ଟ୍ରଙ୍ଗ ରୁମ୍ ସମେତ ପରୀକ୍ଷା ହଲ୍, ଲାବୋରାଟୋରୀ ଓ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଲଗାଇବାକୁ ସିଏଚ୍ଏସ୍‌ଇ ଗୁରୁତ୍ୱ ଦେଇଛି। ବିଶେଷ କରି ପ୍ରଥମଥର ପାଇଁ ସେଣ୍ଟର ହେଉଥିବା ଶିକ୍ଷାନୁଷ୍ଠାନରେ ସିସିଟିଭି ସୁନିଶ୍ଚିତ କରିବାକୁ କୁହାଯାଇଛି। ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାକୁ ଯାଞ୍ଚ କରି ତାରିଖ ଓ ସମୟ ଠିକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେଗୁଡ଼ିକର ଆଇଡି ଓ ପାସ୍‌ୱାର୍ଡ ମଧ୍ୟ ନଭେମ୍ବର ୨୯ ତାରିଖ ସୁଦ୍ଧା ସିଏଚ୍ଏସ୍‌ଇକୁ ପ୍ରଦାନ କରିବେ। ଫଳରେ କୃତ୍ରିମ ବୁଦ୍ଧିମତା (ଏଆଇ) ଉପଯୋଗ କରି ପରୀକ୍ଷା ସମୟର ସିଧାପ୍ରସାରଣ ଦେଖିବା ସହ ସିଏଚ୍ଏସ୍‌ଇ କାର୍ଯ୍ୟାଳୟରୁ ନିୟନ୍ତ୍ରଣ କରାଯାଇ ପାରିବ। କୌଣସି ଅସଙ୍ଗତି ପରିଲକ୍ଷିତ ହେଲେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ।

## ସାପ କାମୁଡ଼ାରେ ଅଜା-ନାତି ମୃତ

ଶେରଗଡ଼, ୧୭ ।୧୦(ସମିସ): ସାପ କାମୁଡ଼ାରେ ଅଜା-ନାତି ମୃତ। ଶେରଗଡ଼ ଥାନା କରଡ଼ାକଣା ପଞ୍ଚାୟତ ଶବରପଲ୍ଲୀ ଗ୍ରାମରେ ଗୁରୁବାର ରାତିରେ ଏହି ଅଘଟଣ ଘଟିଛି। ମୃତକ ହେଲେ, ଗ୍ରାମର ପଞ୍ଚାନନ ନାଇକ(୫୫) ଓ ତାଙ୍କ ନାତି ରୋଶନ ପାଇକ(୧୦)। ଗୁରୁବାର ରାତିରେ ପଞ୍ଚାନନଙ୍କ ପରିବାର ସଦସ୍ୟ ଖାଇପିଇ ଶୋଇଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ଏକ ସାପ ପଞ୍ଚାନନ ଏବଂ ନାତି ରୋଶନଙ୍କୁ କାମୁଡ଼ି ଦେଇଥିଲା। ଉଭୟଙ୍କ ଚିତ୍କାର ଶୁଣି ପରିବାରଲୋକ ସେମାନଙ୍କୁ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।


Nippon india Mutual Fund
Wealth sets you free

Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below.


| Date | Time | Location |
|---|---|---|
| 26th October, 2025 | 12:00 PM | Sambalpur |

Venue: Hotel Royal Retreat, Ainthapali, Sambalpur-768006
Name: Shib Prasad Joshi | Mob. No.: 8657417350

Nippon Life India Asset Management Limited| CIN:L65910MH1995PLC220793

Mutual Fund investments are subject to market risks, read all scheme related documents carefully.


## ଦୁର୍ଘଟଣାରେ ପରିବାରର ୪ ମୃତ



କାମାକ୍ଷାନଗର, ୧୭ ।୧୦(ସମିସ): କାମାକ୍ଷାନଗର ସହରକୁ ସୁକନ୍ୟା ଟଙ୍କା ରଖିବା ଓ ମାର୍କେଟିଂ କରିବାକୁ ଆସୁଥିବା ବେଳେ ସଡ଼କ ଦୁର୍ଘଟଣା ଘଟି ଗୋଟିଏ ପରିବାରର ୨ ଶିଶୁକନ୍ୟାଙ୍କ ସମେତ ୪ ଜଣଙ୍କ ଜୀବନ ଯାଇଛି। ୫୩ ନମ୍ବର ଜାତୀୟ ରାଜପଥର କାମାକ୍ଷାନଗର ଥାନା ମାଳପୁରା ଓଭରବ୍ରିଜ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳ ଭାବଗ୍ରାହୀ କାରୁଆଁ ବାପା, ତାଙ୍କ ସ୍ତ୍ରୀ ଜାନକୀ କରୁଆଁ, ଝିଅ ଗୀତାଞ୍ଜଳି କାରୁଆଁ (୬) ଓ ଝିଆରୀ (ଶଳାଙ୍କ ଝିଅ) ନାଣ୍ଡି (୮)।

ଭାବଗ୍ରାହୀ ଯାଜପୁର ଜିଲ୍ଲା କାଳିଆପାଣିସ୍ଥିତ ଇମ୍ପା କାରଖାନାରେ କାମ କରନ୍ତି। ଶୁକ୍ରବାର ପୂର୍ବାହ୍ନରେ ଏକ ବାଇକ୍ ଯୋଗେ ସ୍ତ୍ରୀ, ଝିଅ ଓ ଝିଆରୀଙ୍କୁ ସାଙ୍ଗରେ ନେଇ ସୁକନ୍ୟା ଟଙ୍କା ଜମା କରିବା ସହ ମାର୍କେଟିଂ କରିବା ପାଇଁ କାମାକ୍ଷାନଗର ଆସୁଥିଲେ। ହେଲେ ମାଳପୁରା ଓଭରବ୍ରିଜ୍ ନିକଟରେ ଏକ ଟ୍ରକ୍ ସେମାନଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଭାବଗ୍ରାହୀ, ତାଙ୍କ ଝିଅ ଗୀତାଞ୍ଜଳି ଓ ଝିଆରୀ ନାଣ୍ଡିଙ୍କ ମୃତ୍ୟୁ ହୋଇଥିଲା। ସ୍ତ୍ରୀ ଜାନକୀଙ୍କୁ ଗୁରୁତର ଅବସ୍ଥାରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ପରିବାରଲୋକେ ମେଡିକାଲରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ତଦନ୍ତ ଆରମ୍ଭ କରିଛି।




ସକାଳ THE SAKALA



# ଅସାଧୁ ବ୍ୟବସାୟଙ୍କ ଦ୍ୱାରା ରାସ୍ତା ଜବରଦଖଲ

**ଧର୍ମଶାଳା, ୧୭।୧୦(ସମିସ):** ଧର୍ମଶାଳା ବ୍ଲକ ଜାରକା ଓଭରବ୍ରିଜ ଠାରୁ ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ରାସ୍ତା ଉପରେ କେତେକ ବ୍ୟବସାୟୀ ରାସ୍ତା କଡରେ ଜିନିଷ ପତ୍ର ରଖି ବ୍ୟବସାୟ କରୁଥିବା କାରଣରୁ ଯାତାୟତ ବାଧାପ୍ରାପ୍ତ ହେଉଛି। ଉକ୍ତ ରାସ୍ତାଦେଇ ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ ଗୁଡ଼ିକୁ ଅନେକ ସମୟରେ ଛିଡ଼ା ହେବାକୁ ପଡ଼ିଥାଏ ଏବଂ ରାସ୍ତା ଫାଙ୍କା କରାଯିବା ପରେ ଆମ୍ବୁଲାନ୍ସ ଯାଇଥାଏ। ଜାରକା ବଜାର ଉପରେ ସ୍ଥାନୀୟ ଅଞ୍ଚଳବାସୀ ସଦାସର୍ବଦା ନିର୍ଭର କରିଥାଆନ୍ତି। ସକାଳ ହେଲେ ସ୍କୁଲ କଲେଜ ଛାତ୍ରଛାତ୍ରୀ ଓ ସାଧାରଣ ଲୋକେ ନିଜ କାମରେ ଏଠାକୁ ଆସିଥାନ୍ତି। ସେହିପରି ଜାରକା ଓଭରବ୍ରିଜ ପାର୍ଶ୍ୱରୁ ଧର୍ମଶାଳା ଥାନା, ମେଡିକାଲ, ତହସିଲ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟକୁ ଯିବା ପାଇଁ ଉକ୍ତ ରାସ୍ତା ଦେଇ ଯିବାକୁ ପଡ଼ିଥାଏ। ହେଲେ ଏହି ରାସ୍ତାର ପାର୍ଶ୍ୱରେ ବସ୍‌ରହଣି ନିକଟରେ କିଛି ବ୍ୟବସାୟୀ ମାନେ ନିଜ ଜିନିଷପତ୍ର ରାସ୍ତା ଉପରେ ରଖି ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ଯାହା ଫଳରେ କୌଣସି ଗ୍ରାହକ ସେହି ବ୍ୟବସାୟଙ୍କ ଠାରୁ ଜିନିଷ କିଣିବା ପାଇଁ ନିଜର ବାଇକକୁ ରାସ୍ତା ଉପରେ ରଖି ଦେଉଛନ୍ତି। ଯାହା ଦ୍ୱାରା ଜରୁରୀ କାଳୀନ ସେବା ପାଇଁ ଯାଉଥିବା ଗାଡ଼ି ଗୁଡ଼ିକୁ ଭିଡ଼ ମଧ୍ୟରେ ଫସି ରହୁଥିବା ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ; ଆମିଷ ବାର ଗୁଡ଼ିକରେ ମଧ୍ୟ ଏହି ରାସ୍ତା ଉପରେ ଆମିଷ ବ୍ୟବସାୟଙ୍କ ପାଇଁ ଗ୍ରାହକମାନେ ଗାଡ଼ିଗୁଡ଼ିକ ରାସ୍ତା ଉପରେ ପାର୍କିଂ କରିବା ଦ୍ୱାରା ଟ୍ରାଫିକ ସମସ୍ୟା ଦେଖା ଦେଇଥାଏ। ତେଣୁ କିଛି ଅସାଧୁ ବ୍ୟବସାୟ ମାନଙ୍କ ପାଇଁ ଟ୍ରାଫିକ ସମସ୍ୟା ଦେଖା ଦେଉଥିବା ଅଭିଯୋଗ ହୋଇଛି। ଏହା ଉପରେ ପ୍ରଶାସନ ଦୃଷ୍ଟି ଦେଇ ଏହାର ସମାଧାନ ନିମନ୍ତେ ଦାବି ହୋଇଛି। ଏ ସମ୍ପର୍କରେ ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ କହିଛନ୍ତି, ଏଭଳି ବେଆଇନ ଭାବେ ରାସ୍ତା ଅବରୋଧ କରି ବ୍ୟବସାୟ କରୁଥିବା ବ୍ୟକ୍ତିମାନଙ୍କୁ ବାରମ୍ବାର କୁହାଯିବା ସତ୍ତ୍ୱେ ସେମାନେ ସତର୍କ ହେଉ ନାହାନ୍ତି, ଆଗାମୀ ଦିନରେ ଏଭଳି ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଯାଜପୁରର ଗଣପର୍ବ କାଳୀପୂଜା

# ଆଦ୍ୟକାଳୀ ଭାବେ ପୂଜା ପାଆନ୍ତି ଗରୁଡ଼ କାଳୀ



ଯାଜପୁର, ୧୭।୧୦(ସମିସ)

ଯାଜପୁରର ସର୍ବ ପୁରାତନ କାଳୀପୀଠ ଆଦ୍ୟ କାଳୀ ରୂପେ ଗରୁଡ଼ କାଳୀଙ୍କୁ ପୂଜା କରାଯାଏ। ମରହଟ୍ଟା ଯୁଗରୁ ଅଷ୍ଟାଦଶ ଶତାବ୍ଦୀ ତଥା ୧୭୫୦-୫୧ ମସିହାରୁ ତାନ୍ତ୍ରିକ ମନ୍ତ୍ରରେ ଗରୁଡ଼ କାଳୀ ପୂଜା ପାଇ ଆସୁଛନ୍ତି। ଅଷ୍ଟାଦଶ ଶତାବ୍ଦୀରେ ସାରା ଭାରତ ବର୍ଷରେ କେତେକ ତନ୍ତ୍ର ପୀଠ ସୃଷ୍ଟି କରାଯାଇଥିଲା। ତନ୍ମଧ୍ୟରୁ ଯାଜପୁରର ଇଷ୍ଟଦେବୀ କାଳୀ ତନ୍ତ୍ର ପୂଜାରେ ପୂଜିତ ହୋଇ ଆସୁଥିଲେ। ସେତେବେଳର ଜମିଦାର ବଡ଼ପଣ୍ଡା ମାଳ ଚୌଧୁରୀ ଆଦ୍ୟ କାଳୀଙ୍କୁ ପୂଜା କରି ଆସୁଥିଲେ। ମାତ୍ର ତତ୍କାଳୀନ ଜନୈକ ରାଜାଙ୍କ ଦ୍ୱାରା ନିର୍ଯାତିତ ହୋଇ ଜମିଦାର ଜଣକ ଯାଜପୁର ଛାଡ଼ି ରାଜାଙ୍କ ଭୟରେ ସେଠାରୁ ପଳାଇ ଯାଇଥିବା ବେଳେ ପୂଜା କରୁଥିବା ଯନ୍ତ୍ରକୁ ନେଇ ମାଳ ଅଞ୍ଚଳରେ ଏକ ମନ୍ଦିର ନିର୍ମାଣ କରିଥିଲେ। ସେହିଦିନ ଠାରୁ ଏହି ସ୍ଥାନକୁ ମାଳ ଆନନ୍ଦପୁର କୁହାଯାଉଛି। ଯାହାକି ଯାଜପୁର ସହରର ଅନତି ଦୂରରେ ଅବସ୍ଥିତ। ବର୍ତ୍ତମାନ ଯେଉଁଠାରେ ଗରୁଡ଼ କାଳୀ ପୂଜା ପାଇ ଆସୁଛନ୍ତି ସେଠାରେ ରାଜାଙ୍କ ରାଜପ୍ରସାଦ ଥିବାରୁ ତାକୁ ଉଆଁସିଢ଼ିହ ବୋଲି କୁହାଯାଏ। ତେବେ ମରହଟ୍ଟା ଯୁଗରୁ ପ୍ରଥମେ ଯାଜପୁର ପୌରପାଳିକା ଅନ୍ତର୍ଗତ ମାଧପୁର ଗ୍ରାମରେ ଗରୁଡ଼ କାଳୀ ପୂଜା ପାଇ ଆସୁଛନ୍ତି ବୋଲି ପଣ୍ଡିତ ଜ୍ଞାନ ରଞ୍ଜନ ପତି ମତପ୍ରକାଶ କରିଛନ୍ତି। ଜମିଦାରଙ୍କ ସେଠାରୁ ପଳାୟନ ପରେ ସ୍ଥାନୀୟ ଜମିଦାର ସ୍ୱର୍ଗତଃ ସାଧୁଚରଣ ଦାସଙ୍କ ପରିବାରର ନେତୃତ୍ୱ ଓ ସ୍ଥାନୀୟ ଜନସାଧାରଣଙ୍କର ସହଯୋଗରେ ଗରୁଡ଼କାଳୀଙ୍କର ପୂଜାର୍ଚ୍ଚନା ଚାଲି ଆସୁଛି। ପ୍ରତ୍ୟେକ ବର୍ଷ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ବହୁ ଆଡ଼ମ୍ବରରେ ତାନ୍ତ୍ରିକ ମନ୍ତ୍ରରେ ଏଠାରେ କାଳୀ ପୂଜା ଅନୁଷ୍ଠିତ ହୋଇଥାଏ। ଦୁଇ ବର୍ଷ ହେବ ଗରୁଡ଼ କାଳୀ ସମ୍ପୂର୍ଣ୍ଣ ଚାନ୍ଦି ମେଢ଼ରେ ସଜ୍ଜିତ ହୋଇଥାନ୍ତି। ଚଳିତ ବର୍ଷ ମଧ୍ୟ ବଡ ଧୁମଧାମରେ ଏଠାରେ କାଳୀପୂଜା ପାଇଁ ଚାଲିଛି ବ୍ୟାପକ ପ୍ରସ୍ତୁତି। ମୂର୍ତ୍ତି ନିର୍ମାଣ ଠାରୁ ଆରମ୍ଭ କରି ସାଜସଜ୍ଜା ଜୋର୍‌ସୋରରେ ଚାଲିଛି। ସେହିପରି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯକ୍ରମ ପାଇଁ ମଧ୍ୟ ପୂଜା କମିଟି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିବା ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ ସୂଚନା ଦେଇଛନ୍ତି।

# ଅବକାରୀ ବିଭାଗରେ ଦୁର୍ନୀତି ଅଭିଯୋଗ

**ଧର୍ମଶାଳା, ୧୭।୧୦(ସମିସ):** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ଏକ ଅର୍ଥ ଅର୍ଜନକାରୀ ବିଭାଗ। ସରକାରଙ୍କ ଏହି ବିଭାଗ ଦ୍ୱାରା ରାଜ୍ୟ ଅବକାରୀ ଆଇନ୍ କାର୍ଯ୍ୟକାରୀ ହୋଇଥାଏ। ତତ୍ ସହିତ ବେଆଇନ୍ ନକଲି ମଦ ବିକ୍ରି, ସରକାରୀ ନିୟମରେ ମଦର ଉତ୍ପାଦନ, ମଦ ବଣ୍ଟନ ଆଦି କ୍ଷେତ୍ରକୁ ନିୟନ୍ତ୍ରଣ କରାଯାଇଥାଏ। ସେଥିପାଇଁ ଏଥିରେ ନିୟୋଜିତ ଥିବା ଅଧିକାରୀମାନଙ୍କୁ ସଦା ସର୍ବଦା ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ ଦିଆଯାଇଥାଏ।

ସୂଚନାଯୋଗ୍ୟ ଯାଜପୁର ଜିଲ୍ଲାରେ ଅବକାରୀ ଅଧିକ୍ଷକ ଭାବେ ଚଳିତ ବର୍ଷ ଜାନୁଆରୀ ୩୦ ତାରିଖରେ ଓଡ଼ିଶା ସରକାରଙ୍କ ଅବକାରୀ ବିଭାଗର ଚିଠି ନମ୍ବର୍ ୫୩୫ରେ ଦିବ୍ୟକିଶୋର ତଣ୍ଡେଇ ଜିଲ୍ଲା ଅବକାରୀ ଅଧକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ଶ୍ରୀ ତଣ୍ଡେଇ ଯୋଗଦେବା ପର ଠାରୁ ଜିଲ୍ଲାରେ ଅବକାରୀ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ନେଇ ସମାଜସେବୀ ସବ୍ୟସାଚୀ ସାହୁ ଅଭିଯୋଗ କରିଛନ୍ତି। ଜିଲ୍ଲାରେ ନିଶା କାରବାର ବହୁଳ ମାତ୍ରାରେ ବୃଦ୍ଧି ପାଇବା ସହ କମ୍ ବୟସର ଯୁବକ ଏବେ ନିଶା ଖାଇ ପଥଭ୍ରଷ୍ଟ ହେଉଛନ୍ତି। ଅନ୍ୟପଟେ ଅବକାରୀ ଅଧିକ୍ଷକ ତଳିଆ କର୍ମଚାରୀମାନଙ୍କୁ ବଟି ନେଇ ଏ ଷ୍ଟେସନରୁ ସେ ଷ୍ଟେସନକୁ ମନଇଚ୍ଛା ବଦଳି କରିବା, ମାସିକିଆ ବଟି ଆଦାୟ କରିବା, ବିଷାକ୍ତ ମଦ ବିକ୍ରିକୁ ପ୍ରୋତ୍ସାହନ ଦେବା, ମହିଳା କର୍ମଚାରୀ ମାନଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ଅବକାରୀ ଥାନା ଥାଇ ମଧ ତାହା ଅଧୀନରେ ବିଭିନ୍ନ ଜାଗାରେ ବିକ୍ରି ହେଉଥିବା ଚୋରା ବ୍ରାଉନସୁଗାର, ଗଞ୍ଜେଇ ଓ ବିଷାକ୍ତ ବିଦେଶୀ, ଦେଶୀ ମଦ ବେପାରୀଙ୍କଠାରୁ ଅବକାରୀ ନିରୀକ୍ଷକ ଓ ଅବକାରୀ ଥାନାଧିକାରୀ ମିଶି ବଟି ଆଦାୟ କରିବା ଭଳି ସଙ୍ଗୀନ ଅଭିଯୋଗମାନ ହୋଇଛି। ଏନେଇ ସମାଜସେବୀ ଶ୍ରୀ ସାହୁ ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଭେଟି ଅବିଯୋଗ ଦର୍ଶାଇଛନ୍ତି। ଜିଲ୍ଲାପାଳ ଶ୍ରୀ କର ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ଧନତେରାସ ପାଇଁ ପୁଲିସର ସତର୍କ ସୂଚନା

**କଯାଁଗୋଲା, ୧୭।୧୦(ସମିସ):** ଧନତେରାସର ଅବ୍ୟବହିତ ପୂର୍ବରୁ ମଙ୍ଗଳପୁର ପୁଲିସ୍ ବ୍ୟାଙ୍କ ଅଧିକାରୀ ଓ ସୁନା ବ୍ୟବସାୟୀମାନଙ୍କୁ ଅଘଟଣ ଏଡ଼ାଇବା ପାଇଁ ପରାମର୍ଶ ଦେଇଛି। ଥାନା ପରିସରରେ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମଙ୍ଗଳପୁର ଓ ଏହା ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ବ୍ୟାଙ୍କ୍ କର୍ତ୍ତୃପକ୍ଷ ଓ ସ୍ୱର୍ଣ୍ଣ ବ୍ୟବସାୟୀମାନଙ୍କୁ ଏକାଠି କରି ଚୋରି, ଡକାୟତିରୁ



ବର୍ତ୍ତିବା ପାଇଁ କେତେକ କୌଶଳ ଓ କଟକଣା ସମ୍ପର୍କରେ ଅବଗତ କରିଥିଲେ। ବ୍ୟବସାୟ ପ୍ରତିଷ୍ଠାନରେ ସିସି କ୍ୟାମେରା ଲଗାଇବା, ଅଧିକ ପରିମାଣର ଅର୍ଥ କାରବାର ସମୟରେ ପୁଲିସର ସହାୟତା ନେବା ଓ ସୂଚିତ କରିବାକୁ ଥାନାଧିକାରୀ ଜଗଦୀଶ କର, ଇନ୍ସପେକ୍ଟର ବିଭୁତି ଭୁଷଣ ମହାପାତ୍ର, ଏସଆଇ ଅନିତା ପ୍ରଧାନ କହିଥିଲେ। ଦୋକାନରେ ଅଧିକ ପଇସା ନ ରଖିବା ଓ ବିଳମ୍ବିତ ରାତିରେ ଟଙ୍କା, ସୁନା ନେଇ ନ ଯିବାକୁ ପରାମର୍ଶ ଦେଇଥିଲେ। ମଙ୍ଗଳପୁର ବଣିକ ସଂଘ ସମେତ ପ୍ରାୟ ସମସ୍ତ ସୁନା ବ୍ୟବସାୟୀ ବୈଠକରେ ଯୋଗ ଦେଇ ପୁଲିସ୍ ପ୍ରଶାସନ କହିଥିବା ମାର୍ଗଦର୍ଶିକା ଅନୁପାଳନ କରିବାକୁ ସମ୍ମତି ପ୍ରଦାନ କରିଥିଲେ।

# ନେସ୍କୋ ପାୱାର ଏମ୍ପ୍ଲଇଜ ମିଶ୍ରଣ ପର୍ବ




**କଯାଁଗୋଲା, ୧୭।୧୦(ସମିସ):** ମଙ୍ଗଳପୁର ବଜାର ସ୍ଥିତ ଗାୟତ୍ରୀ ମଣ୍ଡପ ଠାରେ ନେସ୍କୋ ପାୱାର ଏମ୍ପ୍ଲଇଜ ୟୁନିଅନର ମିଶ୍ରଣ ପର୍ବ ଉପସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୟୁନିଅନର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଟାଟା ପାୱାର ଅଧୀନ ବିଦ୍ୟୁତ ବିଭାଗରେ ସ୍ଥାୟୀ କାର୍ଯ୍ୟରେ ଦୀର୍ଘ ବର୍ଷ ହେବ ଠିକା କର୍ମଚାରୀଙ୍କୁ ସ୍ୱଳ୍ପ ଦରମା ଦେଇ ମିଟର ରିଡିଂ, ୩୩ ଓ ୧୧ କେଭି ଲାଇନ ରକ୍ଷଣାବେକ୍ଷଣ ସହିତ, ଟ୍ରାନ୍ସଫର୍ମର ବଦଳାଇବା, ତାର ଓ ଖୁଣ୍ଟ ମରାମତି ସମେତ ଅନ୍ୟାନ କାର୍ଯ୍ୟ କରୁଥିଲେ ମଧ୍ୟ ଅସ୍ଥାୟୀ କର୍ମଚାରୀଙ୍କ ସମସ୍ୟା ସମାଧାନ ହେଉନଥିବାରୁ ସେମାନେ ଦୁଃଖ କଷ୍ଟରେ ଜୀବନଯାପନ କରୁଛନ୍ତି। ସଙ୍ଘ ମାଧ୍ୟମରେ ସମସ୍ୟା ଉପସ୍ଥାପନ ଏବଂ ସମାଧାନ ହୋଇପାରିବ ବୋଲି ଅନୁଭବ କରି ମଙ୍ଗଳପୁର ସେକ୍ସନର ବିଏ ଷ୍ଟାଫ ସଂଘରୁ ପାଖାପାଖି ୩୦ରୁ ଊର୍ଦ୍ଧ୍ୱ କର୍ମଚାରୀ ନୂତନ ଭାବେ ପାୱାର ଏମ୍ପ୍ଲଇଜ ୟୁନିଅନରେ ସାମିଲ ହୋଇଥିଲେ। ଏହି ଅବସରରେ ଯାଜପୁର ଟାଉନ ଡିଭିଜନାଲ ସେକ୍ରେଟାରୀ ଶ୍ରୀକାନ୍ତ କୁମାର ବେହୁରିଆ, ସହସଂଗଠକ ସମ୍ପାଦକ ଅମିରୁଦିନ ଖାନ, ଶୁଭେନ୍ଦୁ ଭୋଇ, ଅନିଲ ରାଉତ, ମାନସ ସେଠୀ, ବିଶ୍ୱଜିତ ପଣ୍ଡା, କେଦାରଶ୍ୱର ସାମଲ, କୁଳମଣି ସାହୁ, ବାଦଲ ସାହୁ, ବାଦଲ ସାମଲ, ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗ୍ରାମୀଣ ହାଟ ଓ ଧାନ ମଣ୍ଡିର ଶିଳାନ୍ୟାସ

**ବରୀ, ୧୭ ।୧୦(ସମିସ):** ବୁଧବାର ପୂର୍ତ୍ତ ବିଭାଗ ପକ୍ଷରୁ ବରୀର ଦୁଇଟି ପୃଥକ ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ଏହି ଶିଳାନ୍ୟାସ ଉତ୍ସବରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମି ପୂଜନ ପରେ ଶିଳାନ୍ୟାସ କରିଛନ୍ତି। ବିଧାୟକ ପ୍ରଥମେ ରମ୍ଭା ପଞ୍ଚାୟତ ନେଉଳା ଜମୁଡ଼ିଆ ପଡ଼ିଆ ଠାରେ ୧ କୋଟି ୬ ଲକ୍ଷ ୮୨ ହଜାର ୮୪୦ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଗ୍ରାମୀଣ ହାଟର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ପରେ ୬୪ ଲକ୍ଷ ୫୭ ହଜାର ୮୯୧ ଟଙ୍କା ବ୍ୟୟ ଅଟକଳରେ ଧାନ ସଂଗ୍ରହ କେନ୍ଦ୍ରକୁ ନଡ଼ିଆ ବାଡେଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଭଗବାନ ବେହେରା, ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ




କୁମାର ଗେଡ଼ି, ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ, ଦିଲ୍ଲିପ କୁମାର ମହାନ୍ତି, ସରପଞ୍ଚ ସଙ୍ଘ ସଭାପତି ପ୍ରସନ୍ନ କୁମାର ସାମଲ, ପ୍ରାକ୍ତନ ସରପଞ୍ଚ ହରିହର ପଣ୍ଡା, ରତିକାନ୍ତ ଜେନା, ବ୍ଲକ ବିଜେଡି ସଭାପତି କେଦାର ସାମଲଙ୍କ ସମେତ ବହୁ ସଂଖ୍ୟକ ସରପଞ୍ଚ ସମିତି ସଭ୍ୟ ଓ ଶତାଧିକ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଗତ ୧୦ ତାରିଖରେ ୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳରେ ଦୁଇ ଗୋଟି ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟର ଶିଳାନ୍ୟାସ କାର୍ଯ୍ୟ ବିଧାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି।

## ● ମ୍ୟାନେଜରଙ୍କ ବଦଳି ଦାବି

# ବ୍ୟାଙ୍କରେ ତାଲା ପକାଇଲେ ହିତାଧିକାରୀ


**ମଙ୍ଗଳପୁର, ୧୭।୧୦(ସମିସ):** ଦଶରଥପୁର ବ୍ଲକ କଯାଁଗୋଲା ସ୍ଥିତ ଇଣ୍ଡିଆନ ବ୍ୟାଙ୍କର ଶାଖା ପରିଚାଳକଙ୍କ ମନୋମୁଖୀ କାର୍ଯ୍ୟକୁ ବିରୋଧ କରିଛନ୍ତି ହିତାଧିକାରୀ। ଫଳରେ ଆଜି କାର୍ଯ୍ୟାଳୟ ସାମ୍ନାରେ ଗ୍ରାହକଙ୍କ ହଟଗୋଳ ପାଇଁ ବ୍ୟାଙ୍କ କାର୍ଯ୍ୟ ୧ ଘଣ୍ଟା ପାଇଁ ବନ୍ଦ ହୋଇଯାଇଥିଲା। ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି



ସ୍ୱାଭାବିକ ହୋଇଥିଲା। ସୂଚନା ଅନୁସାରେ ଉକ୍ତ ବ୍ୟାଙ୍କର ଶାଖା ପରିଚାଳକ ଦୀର୍ଘ ଦିନ ଧରି ନିଜର ଇଚ୍ଛା ମୁତାବକ କାର୍ଯ୍ୟ କରିବା ସହ ଜମାକାରିଙ୍କ ପ୍ରତି ଦୁର୍ବ୍ୟବହାର କରି ଆସୁଥିଲେ ବୋଲି ଜମାକାରିମାନେ ଅଭିଯୋଗ କରିଛନ୍ତି। କେୱାଇସି କରିବା ପାଇଁ ଗ୍ରାହକଙ୍କୁ ବାରମ୍ବାର ଦୌଡ଼ାଇବା ସହିତ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ବାଧ କରିବା, ଗ୍ରାହକମାନଙ୍କୁ ବ୍ୟବହାର ଖରାପ କରିବା ତାଙ୍କର ନିୟମିତ ଅଭ୍ୟାସ ହୋଇଯାଇଛି। ଗତକାଲି କଯାଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭତ୍ତା ଟଙ୍କା ଉଠାଇବା ପାଇଁ ଯାଇଥିବା ବେଳେ ଶାଖା ପରିଚାଳକଙ୍କ କୋପ ଦୃଷ୍ଟିରୁ ମଧ ବର୍ତ୍ତି ନଥିଲେ। ଏପରିକି ତାଙ୍କ ଭତ୍ତା ଟଙ୍କା ମିଳିନଥିଲା। ତେଣୁ ହିତାଧିକାରୀ ଭତ୍ତା ପାଇନଥିଲେ। ଆଜି ଭତ୍ତା ପ୍ରଦାନ ନ ହେବାରୁ ଏହାର ମୁଖ୍ୟ କାରଣ ଇଣ୍ଡିଆନ ବ୍ୟାଙ୍କ ପରିଚାଳକ ବୋଲି ଜାଣିବା ପରେ ସ୍ଥାନୀୟ ଲୋକେ ଉତ୍କ୍ଷିପ୍ତ ହୋଇପଡ଼ିଥିଲେ। ଫଳରେ କଯାଁ ପଞ୍ଚାୟତବାସୀଙ୍କ ସମେତ ଉପସ୍ଥିତ ବହୁ ଗ୍ରାହକ ବ୍ୟାଙ୍କ ସାମ୍ନାରେ ବସି ରହିବ ବ୍ୟାଙ୍କ ବନ୍ଦ କରି ରଖିଥିଲେ। ଖବର ପାଇ ମଙ୍ଗଳପୁର ଆଇଆଇସି ବିଭୁତି ଭୂଷଣ ମହାପାତ୍ର ସଦଳେବଳେ ବ୍ୟାଙ୍କ ନିକଟରେ ପହଁଞ୍ଚିଚ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଉତ୍ତ୍ୟକ୍ତ ଲୋକ ବ୍ୟାଙ୍କ ପରିଚାଳକଙ୍କ ବଦଳି ଜିଦରେ ଅଡ଼ି ବସିଥିଲେ। ଫଳରେ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ କରି ଆସନ୍ତାକାଲି ତଦନ୍ତ କରାଯିବା ସହିତ ଉଚିତ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରିସ୍ଥିତି ଶାନ୍ତ ହେବା ପରେ ୧୦ ଘଟିକା ପରିବର୍ତ୍ତେ ୧ ଘଣ୍ଟା ବିଳମ୍ବରେ ବ୍ୟାଙ୍କ ଖୋଲିଥିଲା। ତେବେ ଶାଖା ପରିଚାଳକଙ୍କ ବ୍ୟବହାର ଠିକ୍ ନଥିବାରୁ ତାଙ୍କୁ ଯଦି ବଦଳି ନ କରାଯାଏ ତେବେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ଧସିଲା ବୈତରଣୀ ନଦୀ ବନ୍ଧ

**କଯାଁଗୋଲା, ୧୭।୧୦(ସମିସ):** ଦଶରଥପୁର ବ୍ଲକ ଅଧୀନସ୍ଥ କଯାଁ ପଞ୍ଚାୟତ ଗୁଣ୍ଡୁଣିପଡ଼ା ନିକଟରେ ବୈତରଣୀ ନଦୀ ବନ୍ଧ ପ୍ରାୟ ତିନି ଶହ ଫୁଟ ଧସିଯାଇଛି। ଫଳରେ ଉକ୍ତ ବନ୍ଧ ମଧ୍ୟ ଦେଇ ପାଣି ଅତିକ୍ରମ କରି ଚାଷ ଜମିକୁ ଜୁଆର ପାଣି ମାଡ଼ିଆସି ଫସଲ ନଷ୍ଟ କରିବାର ଆଶଙ୍କା ସୃଷ୍ଟି କରିଛି। ବୈତରଣୀର ଜୁଆରିଆ ପାଣି ଅନେକ ସମୟରେ ବନ୍ଧ ଭାଙ୍ଗି ଅଞ୍ଚଳବାସୀଙ୍କୁ ଦୁଃଖ ଦେଇଥାଏ। ଏହା ବାରମ୍ବାର ବନ୍ଧର ଅତଡ଼ା ଖସୁଥିବା ସମ୍ପର୍କରେ ବିଭାଗକୁ ଅବଗତ କରାଯାଇଥିଲା। ମାତ୍ର ବନ୍ଧ ମରାମତି ଉପଯୁକ୍ତ ଭାବେ ହୋଇପାରୁନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି। ନିମ୍ନମାନର ବନ୍ଧ



କାର୍ଯ୍ୟ ଯୋଗୁଁ କଯାଁ ଅଞ୍ଚଳବାସୀ ବିଭିନ୍ନ ସମସ୍ୟାର ସମ୍ମୁଖିନ ହୋଇଥାନ୍ତି। ଏହି ବନ୍ଧ ଧସିବା ପରେ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି ଓ କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତୁରନ୍ତ ନଦୀ ବନ୍ଧ ମରାମତି କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

## ● ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା

# ଯୋଗଦେବେ ଯାଜପୁର ପ୍ରତିଯୋଗୀ

**ଯାଜପୁର, ୧୭।୧୦(ସମିସ):** ଆସନ୍ତା ୧୯ ତାରିଖରେ ଓଡ଼ିଶା ଭାରୋତ୍ତୋଳନ ସଂଘ ଆନୁକୂଲ୍ୟରେ ଯାଜପୁର ଠାରେ ଜିଲ୍ଲା ଭାରୋତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଜିଲ୍ଲା ଭାରୋତ୍ତୋଳନ ସଂଘ ଯାଜପୁର ପକ୍ଷରୁ ମଲ୍ଟି ପର୍ପୋଜ୍ ଇନ୍ଦୋର ଷ୍ଟାଡିୟମ୍ ଯାଜପୁର ପରିସରରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବାକୁ ଜିଲ୍ଲା ସଂଘ ତାର ପ୍ରତିଯୋଗୀଙ୍କୁ ମନୋନୀତ କରିବ। ଏହି ପ୍ରତିଯୋଗିତାରେ ବିଭିନ୍ନ ବୟସ ବର୍ଗର ଯୁବକ, କନିଷ୍ଠ, ବରିଷ୍ଠ ଉଭୟ ପୁରୁଷ ଓ ମହିଳା ବିଭାଗର ମନୋନୟନ କାର୍ଯ୍ୟକ୍ରମ ରହିଛି। ଜିଲ୍ଲାର ସମସ୍ତ ପୌରାଞ୍ଚଳ, ବିଜ୍ଞାପିତ ଅଞ୍ଚଳ ପରିଷଦଦ, ପଞ୍ଚାୟତ ସମିତି, ପଞ୍ଚାୟତ ତଥା ବ୍ୟକ୍ତିଗତ କିମ୍ବା କ୍ଲବ ସହ ବିଭିନ୍ନ ଅନୁଷ୍ଠାନରୁ ପ୍ରତିଯୋଗୀମାନଙ୍କୁ ଆହ୍ୱାନ କରାଯାଇଛି। ପ୍ରତିଯୋଗିତାରେ ଭାଗ ନେବାକୁ ଉଚ୍ଛୁକ ବ୍ୟକ୍ତିମାନେ ଆସନ୍ତା ୧୯ ତାରିଖ ପୂର୍ବରୁ ଜିଲ୍ଲା ଭାରୋତ୍ତୋଳନ ସଂଘ ଯାଜପୁରର ସଭାପତି ଦୀପକ କୁମାର ଦାସ, ସମ୍ପାଦକ ପବିତ୍ର କୁମାର ରାଉତ ସମ୍ପାଦକ ଏବଂ କୋଚଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# କଂଗ୍ରେସ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା




**ଦଶରଥପୁର, ୧୭।୧୦(ସମିସ):** ନୂତନ ଭାବେ ନିଯୁକ୍ତି ପାଇଥିବା ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ବଟକୃଷ୍ଣ ଜେନାଙ୍କୁ ଆଜି ଦଶରଥପୁର ଯୁବ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଜଣାଯାଇଛି। ଏହି ଅବସରରେ 'ଭୋଟଚୋରି' ଦସ୍ତଖତ ଅଭିଯାନ ଆୟୋଜନ କରାଯାଇଥିଲା। ମଙ୍ଗଳପୁର ବଜାର ପେଟ୍ରୋଲ ପମ୍ପଠାରୁ କଲ୍ୟାଣମଣ୍ଡପ ପର୍ଯ୍ୟନ୍ତ ଏକ ପଦଯାତ୍ରା ଯୁବନେତା ଭରତ ଚନ୍ଦ୍ର ପରିଡ଼ା ଏବଂ ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରାରେ ଜିଲ୍ଲା ସଭାପତି ମାଗୁଣି ବଟକୃଷ୍ଣ ଜେନା, ପିସିସିଙ୍କ ମୁଖ୍ୟ ପରାମର୍ଶଦାତା ସୁଧାଂଶୁ ଶେଖର ଦେଓ, ପର୍ଯ୍ୟବେକ୍ଷକ ହିମାଂଶୁ ଲେଙ୍କା, ବ୍ଲକ ସଭାପତି ଶ୍ୟାମସୁନ୍ଦର କର ପ୍ରମୁଖ ଯୋଗଦେଇଥିଲେ। ସରପଞ୍ଚ ଲିପିକା ମଲିକ, ଛାତ୍ର ନେତା ଅନନ୍ତ କୁମାର ଜେନା, ଚନ୍ଦ୍ର ନାରାୟଣ ଦାସ, ଉମେଶ ଜେନା, ଅଜୟ ନାୟକ, ସାଗର ପରିଡ଼ା, ରାଜୀବ ମଲିକ, ବିମଳ ମଲିକ, ବୃନ୍ଦାବନ ଜେନା, ଶେଖର ସମ୍ବିତ ଧଳ, ଅକ୍ଷୟ ନାୟକ, ଯୁବରାଜ ମଲିକ, ସତ୍ୟଜିତ ବାରିକ, ଦେବକାନ୍ତ ପତି, ଟୁକୁ ନାୟକ, ଚିନ୍ମୟ ବାରିକ, ସୌମ୍ୟ ରଞ୍ଜନ ବେହେରା, ରବୀନ୍ଦ୍ର ବାରିକ, ସନ୍ତୋଷ ସାହୁ, ଘନଶ୍ୟାମ ସାହୁ, ଅଜିତ ମହାନ୍ତି, ନରେଶ ରାଉତ, ଲଳିତ ବାରିକ, ଗଣେଷ ବାରିକ, ବିଶ୍ୱନାଥ ଜେନା, ଜ୍ୟୋତି ରଞ୍ଜନ ଜେନା, ପୂର୍ଣ୍ଣ ଚନ୍ଦ୍ର ପରିଡ଼ା, ମୋହନ ମଲିକଙ୍କ ସମେତ ଶତାଧିକ ଯୁବ, ଛାତ୍ର କର୍ମୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ପରିତ୍ୟକ୍ତ ହୋଇ ପଡ଼ିଛି ଜେସିଡିଏଲ୍ ଘର

# ଭଡ଼ା ନେବା ପାଇଁ ନାହିଁ କାହାର ଆଗ୍ରହ

ଯଖପୁରା, ୧୭।୧୦(ସମିସ)

କଳିଙ୍ଗନଗର ଶିଳ୍ପାଞ୍ଚଳ ଏସିଆ ମହାଦେଶର ସର୍ବବୃହତ ଶିଳ୍ପସ୍ଥଳୀ ଭାବରେ ମାନ୍ୟତା ପାଇଲା ପରେ ମଧ୍ୟ ଏପର୍ଯ୍ୟନ୍ତ ଏଠାରେ ନିର୍ମିତ ଅନେକ ଗୁଡ଼ିଏ ଲୋକାଭିମୁଖୀ ଯୋଜନାର ପ୍ରତିଫଳନ ହେଉନଥିବା ଦେଖିବାକୁ ମିଳୁଛି। ରାଜ୍ୟ ସରକାରଙ୍କ ଏକ ସଂସ୍ଥା ଜେସିଡିଏଲ୍ (ଯାଜପୁର କ୍ଲଷ୍ଟର ଡେଭଲପମେଣ୍ଟ ଲିମିଟେଡ୍) ମାଧ୍ୟମରେ କଳିଙ୍ଗନଗର ପଙ୍କପାଳ ବଙ୍ଗଳା ଛକ ଠାରେ ଅନେକ ଗୁଡିଏ ଗୃହ ନିର୍ମାଣ କରାଯାଇଛି। ୨୦୦୪-୦୫ ମସିହାରେ କଳିଙ୍ଗନଗରଠାରେ ଜେସିଡିଏଲ୍ ସ୍ଥାପନ ହେଇଥିଲା। ସେହି ସମୟରେ ଜେସିଡିଏଲ ଦ୍ୱାରା ନିର୍ମିତ ସମସ୍ତ ଗୃହ ଭଡ଼ା ସୂତ୍ରରେ ଦିଆଯାଇଥିଲା। ସାତରୁ ଆଠ ସଂସ୍ଥା ସମସ୍ତ ଗୃହକୁ ଭଡ଼ା ସୂତ୍ରରେ ନେଇଥିଲେ। ଏବେ ଇଏସ୍‌ଆଇ ମେଡିକାଲ, ୟୁନିଅନ ବ୍ୟାଙ୍କ ଓ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଗୃହ ବହୁଦିନ ଧରି ଖାଲି ପଡ଼ିଛି। ଅନେକ ଅର୍ଥ ବ୍ୟୟ କରି ନିର୍ମିତ ଏହି ଗୃହ ସବୁ ଏବେ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ



ହେବାକୁ ବସିଲାଣି। ଦୂରରୁ ଦେଖିଲେ ଏହି ଗୃହ ସବୁ ରଜାରାଜୁତି ସମୟର ଗୃହ ଭଳି ଲାଗୁଛି। ମାତ୍ର ଅଳ୍ପ କିଛି ବର୍ଷର ଗୃହ ହୋଇଥିଲେ ମଧ୍ୟ ଏହାର ଉପଯୁକ୍ତ ଯତ୍ନ ନେବାରେ ଜେସିଡିଏଲ ଅସମର୍ଥ ହୋଇଛି। କଳିଙ୍ଗନଗର ଶିଳ୍ପାଞ୍ଚଳର ଉନ୍ନତି ଦିଗରେ କାର୍ଯ୍ୟ କରିବା ପାଇଁ ସରକାରଙ୍କ ସମସ୍ତ ପ୍ରକାର କାର୍ଯ୍ୟ ଜେସିଡିଏଲ ହାତକୁ ଦିଆଯାଇଥିଲା। ମାତ୍ର କିଛି ବର୍ଷ ପରେ ଗୋଟି ଗୋଟି କରି ଜେସିଡିଏଲ ହାତରୁ ସମସ୍ତ କାର୍ଯ୍ୟ ଛଡ଼ାଇ ନିଆଗଲା। ଏବେ କେବଳ ବିଜୁ ପଟ୍ଟନାୟକ ମାର୍ଗ ଓ ଗୋପବନ୍ଧୁ ମାର୍ଗ ଆଲୋକୀକରଣର ଦାୟିତ୍ୱ ଓ ପଙ୍କପାଳ ବଙ୍ଗଳା ଛକ ଠାରେ ଥିବା ନିଜସ୍ୱ କାର୍ଯ୍ୟାଳୟ ଓ ଗୃହ ସବୁର ଦାୟତ୍ୱ ନେବା ପାଇଁ ନିର୍ଦ୍ଦେଶ ରହିଛି। ଜେସିଡିଏଲ ଅଧୀନରେ ଥିବା ସମସ୍ତ ଗୃହର ଯତ୍ନ ନିଆନଯିବାରୁ ଘର ଉପରେ ଗଛଲତା ମାଡ଼ି ଓ ଶିଉଳି ଲାଗି ଭୂତକୋଠି ସଦୃଶ ଦେଖାଯାଉଛି। ସବୁଠୁ ଅଧିକ ଆଶ୍ଚର୍ଯ୍ୟ ଲାଗେ ଯେଉଁଠି ଭଡ଼ା ସୂତ୍ରରେ ଇଏସଆଇ ମେଡିକାଲକୁ ଏକ ବୃହତ ଗୃହ ଦିଆଯାଇଛି; ସେଠାରେ ତାହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନା ଜେସିଡିଏଲ୍ ନେଇଛି ନା ଇଏସ୍‌ଆଇ ମେଡିକାଲ ନେଉଛି। ଏହାକୁ ଛାଡ଼ି ଆଉ ଯେଉଁ ସବୁ ଗୃହ ଗୁଡ଼ିକ ରହିଲା ତା' ପାଖକୁ ଯିବା ଲାଗି ଭୟ ଲାଗିଥାଏ। ଏଠି ପ୍ରଶ୍ନ ଉଠେ କୋଟି କୋଟି ଟଙ୍କାର ଅର୍ଥ ବ୍ୟୟ କରାଯାଇ ନିର୍ମାଣ କରାଯାଇଥିବା ଗୃହର ଦାୟତ୍ୱ ଜେସିଡିଏଲ୍‌ର ଥିବାବେଳେ କାହିଁକି ଅଳ୍ପ ଦିନର ଗୃହ ଗୁଡ଼ିକ ଭୂତ କୋଠୀ ସଦୃଶ ଦେଖାଯାଉଛି। ଗୋଟିଏ ପାଚେରି ମଧ୍ୟରେ ସମସ୍ତ ଗୃହ ରହିବା ସହ ନିଜେ ଜେସିଡିଏଲ୍ କାର୍ଯ୍ୟାଳୟ ଥାଇ ମଧ୍ୟ ଗୃହର ଅବସ୍ଥା ଏପରି ରହିଛି। ଏଥିରୁ ସହଜରେ ଅନୁମାନ କରାଯାଇ ପାରେ କି ଏହି ସଂସ୍ଥା ମାଧ୍ୟମରେ ସରକାର ଜନସାଧାରଣଙ୍କୁ କି ପ୍ରକାର ସୁବିଧା ସୁଯୋଗ ଦେଇପାରିବ। ନାମକୁ ମାତ୍ର ସରକାରଙ୍କ ଏକ ସଂସ୍ଥା କୁହାଯାଉଥିବା ଜେସିଡିଏଲ୍ ତାର କାର୍ଯ୍ୟକୁ ଗୁରୁତ୍ୱର ସହ ନନେଇ କେବଳ କାର୍ଯ୍ୟାଳୟ ଖୋଲି ବସିରହିଛି। ସରକାର କଳିଙ୍ଗନଗରର ଉନ୍ନତିରେ ସହାୟକ ହେବ ପାଇଁ ନିର୍ମିତ ଏହି ବ୍ୟୟ ବହୁଳ ଗୃହ ଗୁଡିକର ତୁରନ୍ତ ମରାମତି ଓ ରକ୍ଷଣାବେକ୍ଷଣ ନକରିଲେ ଗୃହ ସବୁ ଅଳ୍ପ ଦିନ ମଧ୍ୟରେ ଭାଙ୍ଗିଯିବ। ଯଦି ଜେସିଡିଏଲ ଭଳି ସରକାରଙ୍କ ଏକ ସଂସ୍ଥା ଅଛି ତେବେ ତାର ନିଜସ୍ୱ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିବାକୁ ପଡ଼ିବ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଗୃହକୁ ତୁରନ୍ତ ମରାମତି ପାଇଁ ବ୍ୟବସ୍ଥା କରିବାପାଇଁ ସାଧାରଣରେ ଦାବି ହେଇଛି।

### କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

# ସୁପ୍ତ ଗୁଣାବଳୀକୁ ପରିପ୍ରକାଶ କରୁଛି 'ସୁରଭି'

**ଭଦ୍ରକ, ୧୭ ।୧୦(ସମିସ):** ଚାନ୍ଦବାଲି ବ୍ଲକ ଖେରଙ୍ଗ ଓ ନାଳଗୁଣ୍ଡା ପଞ୍ଚାୟତକୁ ନେଇ ପଛପଡ଼ା କ୍ଲଷ୍ଟରର ପଛପଡ଼ା ସରକାରୀ ଉପ୍ରା ବିଦ୍ୟାଳୟ ପ୍ରାଙ୍ଗଣରେ ସାଧନକେନ୍ଦ୍ରସ୍ତରୀୟ



ଶିଶୁ ମହୋତ୍ସବ ସୁରଭି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ୧୬ଟି ବିଦ୍ୟାଳୟର ୨୫୦ ଛାତ୍ରଛାତ୍ରୀ ବିଭିନ୍ନ ବିଭାଗ ରେ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ମୁଖ୍ୟଅତିଥି ଭାବେ ସରପଞ୍ଚ ଭାରତୀ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସମାଜସେବୀ ରମେଶ ଦଶ, କୃଷଚନ୍ଦ୍ର ଜେନା, ବିରନାରାୟଣ ଦାସ ମୁଖ୍ୟବକ୍ତା ଭାବେ ଓଷ୍ଟା ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ନବକିଶୋର ସେଠୀ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଶାନ୍ତ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ଶିକ୍ଷକ ସୁଶାନ୍ତ ମହାଳିକ ସ୍ୱାଗତ କରିବା ସହିତ ଶିକ୍ଷକ ସନ୍ତୋଷ ସୂତାର ଧନ୍ୟବାଦ ଦେଇଥିଲେ । ଶିକ୍ଷକ ବିଘ୍ନେଶ୍ୱର ଦଶ, ଲକ୍ଷ୍ମୀଧର ପଣ୍ଡା, କ୍ଷୀରୋଦ ମହାଳିକ, ରାକେଶ ସେଠୀ, ବିଜୟ ରାଉତ, ଅମର ନାଏକ, ସ୍ମିତାରେଖା ବଳ, ରମାକାନ୍ତ ଦାସ, ବିଜୟ ରାଉତ, ରବୀନ୍ଦ୍ର ବେହେରା, ମାନସୀ ସେଠି, ଜୟନ୍ତୀ ଶତପଥୀ, କୈଳାସ ଜେନା, ସୁଶାନ୍ତ ନାଏକ, ମଦନ ଦେହୁରୀ ସିଆରସିସି ସୁଶାନ୍ତ ପଣ୍ଡାଙ୍କୁ ସହଯୋଗ କରିଥିଲେ । ମଧ୍ୟାହ୍ନ ଭୋଜନ ପରେ ୧୧ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଓଡ଼ିଶାର କଳା ସଂସ୍କୃତି ଉପରେ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୭୦ରୁ ଅଧିକ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରଂଶାପତ୍ର ଦେଇ ସମ୍ମାନିତ କରାଯାଇଥିଲା । ସିଆରସିସି ସୁଶାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ ।

**ବାରିକପୁର:** ଭଣ୍ଡାରିପୋଖରୀ ବ୍ଲକ ଯଶୋଟିକିରି ସୁବର୍ଣ୍ଣମୁଖୀ ଉଚ୍ଚ ବିଦ୍ୟାଳୟଠାରେ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ବଦ୍ରିନାରାୟଣ ରାଉତ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଶରତଚନ୍ଦ୍ର ଜେନା, ପରିଚାଳନା କମିଟି ସଭାପତି କୃପାସିନ୍ଧୁ ପୃଷ୍ଟି, ସିଆରସିସି ବିପିନୀ ବିହାରୀ ଜେନା, ଦୁର୍ଗାପ୍ରସାଦ ମାର୍ଥା, ସୁଜିତ ପରିଡ଼ା, ଅଜିତ ଧଳ, ଅର୍ଜୁନ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ୧୦ଟି ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଶିକ୍ଷକ ବିଭୂତି ଭୂଷଣ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିରଞ୍ଜନ ପହି ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ଅନୁସୟା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା କରିଥିଲେ । ସେହିଭଳି ସରସଦା ସରକାରୀ ଉଚ୍ଚବିଦ୍ୟାଳୟଠାରେ ପ୍ରଧାନଶିକ୍ଷୟିତ୍ରୀ ଭକ୍ତି ନୈବେଦ୍ୟ ସାମଲଙ୍କ ଅଧ୍ୟକ୍ଷତାରେ ସୁରଭି ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ କାର୍ତ୍ତିକଚନ୍ଦ୍ର ସ୍ୱାଇଁ, ସିଆରସିସି ବିଶ୍ୱରଞ୍ଜନ ଷେଣ୍ଠି, ସୁନାକର ଧଳ, ମାୟାଧର ଦାସ, ସନ୍ତୋଷ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ବିଜୟାଲକ୍ଷ୍ମୀ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସଞ୍ଜୟ ନନ୍ଦ ଧନ୍ୟବାଦ ଦେଇଥିଲେ । ଆଖପାଖ ୧୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

**ଅସୁରାଳି:** ନଦୀଗାଁ କ୍ଲଷ୍ଟର ଅଧୀନରେ ଥିବା ବିଦ୍ୟାଳୟ ସମୂହକୁ ନେଇ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ନଦୀଗାଁ ସରକାରୀ ଉଚ୍ଚବିଦ୍ୟାଳୟରେ ସାଧନ କେନ୍ଦ୍ର ସଂଯୋଜକ ଅଭୟ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ସଭାପତିତ୍ୱ କରିଥିଲେ ନଦୀଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦେବେନ୍ଦ୍ର ମଲ୍ଲିକ । ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ ଏବିଇଓ ସତ୍ୟସୁନ୍ଦର ପରିଡ଼ା । ଉଦଘାଟକ ଭାବେ ଯୋଗଦାନ କରିଥିଲେ ନଦୀଗାଁ ସରପଞ୍ଚ ଝରଣାରାଣୀ ମାଝୀ । ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ବାରିକ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ହେମନ୍ତ ସୂତାର, ପ୍ରାକ୍ତନ କ୍ରୀଡା ଶିକ୍ଷକ ଶରତ ଖିଲାର, ଧୂଷୁରୀ ପ୍ରେସ ୟୁନିୟନ ସଭାପତି ସନ୍ତୋଷ ଦାସ, ରତିକାନ୍ତ ନାୟକ, ପ୍ରଧାନ ଶିକ୍ଷକ ଶିବପ୍ରସାଦ ମଳିକ, ନନ୍ଦକିଶୋର ଦଳାଇ, ସୁବାସଚନ୍ଦ୍ର ରାଉତ, ବିଜୟ ଦାସ, ସବିତା ମଲ୍ଲିକ, ଜନପ୍ରିୟା ମାଝୀ, ସନତ ବିରୁହାଁ, ଏସଏମଡ଼ିସି ସଦସ୍ୟ ଉମାକାନ୍ତ ସାହୁ, ରାଜ୍ୟ ସଙ୍ଗୀତ ନାଟକ ପୁରସ୍କାରପ୍ରାପ୍ତ କଳାକାର ସୁବାସ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କ୍ଲଷ୍ଟର ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ସାହାଯ୍ୟ ଓ ସହଯୋଗ ରହିଥିଲା । ବିଚାରକ ଭାବେ ଶିକ୍ଷୟତ୍ରୀ ସ୍ୱାଗତିକା ରାଉତ ଏବଂ ଶିକ୍ଷକ ଜିତେନ୍ ପଣ୍ଡା ଯୋଗ ଦେଇଥିଲେ ।

ସାଆଁଳପୁର କ୍ଲଷ୍ଟର ବିଦ୍ୟାଳୟ ସମୂହକୁ ନେଇ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସାଆଁଳପୁର ସରକାରୀ ଉଚ୍ଚବିଦ୍ୟାଳୟରେ ସାଧନକେନ୍ଦ୍ର ସଂଯୋଜକ ବ୍ରଜମୋହନ ସିଅଳଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ସଭାପତିତ୍ୱ କରିଥିଲେ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଦାସ । ମୁଖ୍ୟଅତିଥି ଭାବେ ଏବିଇଓ ସତ୍ୟ ସୁନ୍ଦର ପରିଡ଼ା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସାଧୁ ଚରଣ ଷଡ଼ଙ୍ଗୀ, ସମ୍ମାନିତ ଅତିଥିଭାବେ ପ୍ରଧାନଶିକ୍ଷକ ଚୈତନ୍ୟଚରଣ ବିଶ୍ୱାଳ, ପ୍ରଧାନଶିକ୍ଷକ ମନ୍ମଥ କର, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶଚନ୍ଦ୍ର ଧଳ, ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରମୋଦିନୀ ଦେଇ, ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ଦାସ, ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁରାଣୀ ଦାସ, ପ୍ରଧାନ ଶିକ୍ଷକ ରାକେଶ ସାହୁ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଝରଣା ଦାସ, ଧୂଷୁରୀ ଆଞ୍ଚଳିକ ସାଧନକେନ୍ଦ୍ରର ପ୍ରାକ୍ତନ ସଂଯୋଜକ ତୃପ୍ତିରଞ୍ଜନ ବିଶ୍ୱାଳ, ଏସଏମସି ସଭାପତି ବୀରେନ୍ଦ୍ର ଜେନା, ପନ୍ଦର ବାଟିଆ ମଦ୍ରାସା କ୍ୟୁଦ୍ରୀଆ ସେକ ମୁକ୍ତାର ଆଲ୍ଲାମ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ ।z

## ଗଣିଜାଙ୍ଗରେ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ

**ବନ୍ତ/ଆଗରପଡ଼ା, ୧୭।୧୦(ସମିସ):** ରାଜ୍ୟ କେନ୍ଦ୍ର ସରକାର ଛୋଟ କୋମଳମତି ଶିଶୁଙ୍କ ପାଇଁ ଅଙ୍ଗନବାଡି ବ୍ୟବସ୍ଥା କରିଛନ୍ତି । ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ହାସିନପୁର ଦାସ ସାହିର ଅଙ୍ଗନବାଡିର ନିଜସ୍ୱ ଗୃହ ନଥିବା ବେଳେ ଦୀର୍ଘ ୧୫ ବର୍ଷରୁ ଅଧିକ ହେବ ଅଙ୍ଗନବାଡି ଦିଦିଙ୍କ ଘରେ ଚାଲୁଥିଲା । ଏହି ଅଙ୍ଗନବାଡି କେନ୍ଦ୍ରରେ ପ୍ରାୟ ୧୫ରୁ ଅଧିକ ପିଲା ପଢ଼ନ୍ତି । ଶୁକ୍ରବାର ଦୀର୍ଘ ବର୍ଷର ସମସ୍ୟାର ଅନ୍ତ ଘଟିଛି । ସ୍ଥାନୀୟ ସରପଞ୍ଚ ରଶ୍ମିତା ସେଠୀଙ୍କ ଉପସ୍ଥିତିରେ ନୂତନ ଗୃହ ଉଦଘାଟନ ହୋଇଯାଇଛି । ସରପଞ୍ଚଙ୍କ ସମେତ



ସୁପରଭାଇଜର ରୁକ୍ମଣୀ ମହାଳିକ, ଅଙ୍ଗନବାଡି ୱାର୍କର ସସ୍ମିତା ଦାସ, ୱାର୍ଡସଭ୍ୟା ରାଜଲକ୍ଷ୍ମୀ ଦାସ, ଅଙ୍ଗନବାଡି ୱାର୍କର ସାବିତ୍ରୀ ନାୟକ, ଅପର୍ଣ୍ଣା ନାୟକ, ସଞ୍ଜୁଲତା ବାରିକ, ସୁଶାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।




# ବିଜେଡିର ବିଶାଳ ଜନସମ୍ପର୍କ ପଦଯାତ୍ରା

**ବାରିକପୁର/ ବନ୍ତ/ଆଗରପଡ଼ା, ୧୭।୧୦(ସମିସ)**

ଭଣ୍ଡାରିପୋଖରୀ ବ୍ଲକ ବାରିକପୁରଠାରେ ବିଜେଡି ଦଳର ଜୋନସ୍ତରୀୟ ପଦଯାତ୍ରା ଆଜି ଶୁଭାରମ୍ଭ ହୋଇଛି । ନିକଟସ୍ଥ ପାଟଣା ହନୁମାନ ମନ୍ଦିରଠାରୁ ବାହାରି ବାଘମରା ଓ ବାରିକପୁର ବଜାର ପରିକ୍ରମା କରିବା ପରେ ଅନନ୍ତପୁର ସତ୍ୟନାରାୟଣ ପାଲା ମଣ୍ଡପଠାରେ ଶେଷ ହୋଇଥିଲା । ସେଠାରେ ବ୍ଲକ ଯୁବ ବିଜେଡି ସଭାପତି ଲଳିତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଲୋକପ୍ରିୟ ବିଧାୟକ ସଞ୍ଜୀବ ମଲ୍ଲିକ ଡବଲ ଇଞ୍ଜିନ ବିଜେପି ସରକାର ଉପରେ ଖୁବ ବର୍ଷିଥିଲେ । ସମ୍ପ୍ରତି ରାଜ୍ୟ ସରକାରଙ୍କର କୌଣସି ଜନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହୋଇନଥିବା ବେଳେ କେବଳ ରଙ୍ଗ ପରିବର୍ତ୍ତନରେ ସମସ୍ତେ ଲାଗି ପଡ଼ିଛନ୍ତି । ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିବା ସମସ୍ତ ଯୋଜନା ଆଜିଯାଏଁ କାର୍ଯ୍ୟକାରୀ ହେଉଛି । ରାଜ୍ୟରେ ନାରୀ ନିର୍ଯାତନାଠାରୁ ଆରମ୍ଭ କରି ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗୁଡୁଥିବା ବେଳେ ଏହାକୁ ପ୍ରତିହତ କରିବାରେ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି । ଏହାଛଡା ରାଜ୍ୟର ସର୍ବ ବୃହତ ଜନ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗୁଡିକୁ ସରକାର ବିଧାନସଭାରେ ଆଲୋଚନା





କରିବାକୁ ପଛଘୁଞ୍ଚା ଦେଉଛନ୍ତି ବୋଲି ଶ୍ରୀ ମଲ୍ଲିକ କହିଥିଲେ । ଆଗାମୀ ପଞ୍ଚାୟତ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଦଳ ରାଜ୍ୟ ସରକାରକୁ ଉଚିତ ଜବାବ ଦେବ ବୋଲି ବିଧାୟକ ସଭାରେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଜିଲ୍ଲା ଯୁବ ବିଜେଡି ସଭାପତି ମୁକୁନ୍ଦଦେବ ସାମଲ, ଜିଲ୍ଲା ଛାତ୍ର ସଭାପତି ଦିପ୍ତୀସୂର୍ଯ୍ୟ ବିଶ୍ୱାଳ, ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର ପାଲ, ଗୟାଧର ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ୨୩ ନଂ ଜୋନ ଅନ୍ତର୍ଗତ ବିଷ୍ଣୁପୁର, ଜଳମଣ୍ଡୁଆ, ନିର୍ଗୁଣ୍ଡି, ପାଟୁଳି, ବୟାବନାପୁର, ଦକ୍ଷିଣବାଡ଼, ନଗୁଆଁ, ସରସଦା ପ୍ରମୁଖ ୮ଟି ପଞ୍ଚାୟତର ଶହ ଶହ ବରିଷ୍ଠ, ଯୁବ, ଛାତ୍ର ଓ ମହିଳା କର୍ମୀ ସାମିଲ ହୋଇଥିଲେ ।

ସେହିପରିଭଣ୍ଡାରିପୋଖରୀନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆଗରପଡ଼ା ୧୪ନମ୍ବର ଜିଲ୍ଲା ପରିଷଦ ଜୋନସ୍ତରୀୟ ଜନସମ୍ପର୍କ ପଦଯାତ୍ରା ବିଜେଡି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଶତାଧିକ କର୍ମୀ ବିଭିନ୍ନ ପଞ୍ଚାୟତରୁ ପଦଯାତ୍ରାରେ ବାହାରି ଚାରିଗାଁ ପଞ୍ଚାୟତ ଇଟୁଆଠାରେ ଆୟୋଜିତ ସାଧାରଣ ସଭାସ୍ଥଳୀରେ ଏକତ୍ରିତ ହୋଇଥିଲେ । ବରିଷ୍ଠ ନେତା ପ୍ରଶାନ୍ତ ଦାଶଙ୍କ ସଭାପତିତ୍ୱ ଓ ପ୍ରାକ୍ତନ ସରପଞ୍ଚ ବନମାଳି ବେହେରାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗ ଦେଇଥିଲେ । ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବରିଷ୍ଠ ଯୁବନେତା ସତ୍ୟସାଧନ ବେଜ, ରାଜ୍ୟ ଛାତ୍ର ଉପସଭାପତି ଚିନ୍ମୟ ଦାସ, ଜିଲ୍ଲା ପରିଷଦ ସଭ୍ୟା ରୁନୀତା ଦାସ, ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ସରପଞ୍ଚ ପ୍ରକାଶ ବିଶ୍ୱାଳ, ବିନୋଦିନୀ ମହାନ୍ତି, ନିହାର ପଣ୍ଡା, ସମିତିସଭ୍ୟା ଜ୍ୟୋତିର୍ମୟୀ ପଣ୍ଡା, ନିର୍ମଳ ନାୟକ, ପଦ୍ମାବତୀ ନାଥଶର୍ମା, ପ୍ରାକ୍ତନ ସମିତିସଭ୍ୟ ରାମଚନ୍ଦ୍ର ସାହୁଙ୍କ ସହ ଶତାଧିକ ମହିଳା ଏବଂ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ପ୍ରଶାସନ ଭାଙ୍ଗିଲା ସରସଦା ସମିତି ତାଲା

**ଭଣ୍ଡାରିପୋଖରୀ, ୧୭।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସରସଦା ସମବାୟ ସମିତିରେ ପକାଯାଇଥିବା ତାଲାକୁ ଶୁକ୍ରବାର ପ୍ରଶାସନ ଭାଙ୍ଗି ଦେଇଛି । ଗତ ଅଗଷ୍ଟ ୨୫ ତାରିଖରେ ସମିତିର ଭାରପ୍ରାପ୍ତ ସମ୍ପାଦକ ଅଜୟ କୁମାର ବେହେରା ସମିତି କାର୍ଯ୍ୟାଳୟରେ ତାଲା ପକାଇ ଆଉ ସମିତିକୁ ଆସି ନଥିଲେ । ସମିତିର ପରିଚାଳନା କମିଟି ପକ୍ଷରୁ ଫାଟକରେ ତାଲା ଝୁଲାଇ ଦିଆଯାଇଥିଲା । ଏଥିପୂର୍ବରୁ ଭାରପ୍ରାପ୍ତ ସମ୍ପାଦକ ଶ୍ରୀ ବେହେରାଙ୍କୁ ଗତ ଅଗଷ୍ଟ ୨୨ ତାରିଖରେ ନିଲମ୍ବିତ କରାଯାଇ ସମିତିର ଅର୍ଥ ପରିଚାଳକ ବିରଞ୍ଚି ନାରାୟଣ ରାଉତଙ୍କୁ ଭାରପ୍ରାପ୍ତ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଥିଲା । ଶ୍ରୀ ବେହେରା ଦାୟିତ୍ୱ ହସ୍ତାନ୍ତର




କରି ନଥିଲେ କି ତାଲା ଖୋଲି ନଥିଲେ । ଜିଲ୍ଲା ସମବାୟ ନିବନ୍ଧକ ଶ୍ରୀ ବେହେରାଙ୍କୁ ସୁରକ୍ଷା ପାଇଁ ପ୍ରୟାସ କରି ବିଫଳ ହୋଇଥିଲେ । ମାମଲା ନ୍ୟାୟାଳୟକୁ ଯାଇଥିଲା । ଶେଷରେ ପ୍ରଶାସନ ତାଲା ଭାଙ୍ଗି ଶ୍ରୀ ରାଉତଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଇଥିଲା । ଏଥିପାଇଁ ଜିଲ୍ଲା ସମବାୟ ନିବନ୍ଧକଙ୍କ ଅନୁରୋଧ ଫଳରେ ଉପଜିଲ୍ଲାପାଳ ଗତ ସେପ୍ଟେମ୍ବର ୨୬ ତାରିଖ ଆଦେଶ ସଂଖ୍ୟା ୧୭୩୭ ଅନୁଯାୟୀ ସ୍ଥାନୀୟ ତହସିଲଦାରଙ୍କୁ ତାଲା ଭାଙ୍ଗି ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଶୁକ୍ରବାର ମଧ୍ୟାହ୍ନ ୧୨ଟା ବେଳେ ସ୍ଥାନୀୟ ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକ, ଜିଲ୍ଲା ସମବାୟ ସହ ନିବନ୍ଧକ ପ୍ରତିନିଧି ସତ୍ୟପ୍ରକାଶ ସେଠୀ, ବିବିସିସି ବ୍ୟାଙ୍କ ସ୍ଥାନୀୟ ଶାଖା ସହ ପରିଚାଳକ ପ୍ୟାରିମୋହନ ନାୟକ ଓ ସ୍ଥାନୀୟ ପୁଲିସ ସମିତି କାର୍ଯ୍ୟାଳୟରେ ପହଞ୍ଚି ତାଲା ଭାଙ୍ଗି ଦେଇଥିଲେ । ସେହି ସମୟରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଶେଷରେ ପ୍ରଶାସନ ଶ୍ରୀ ରାଉତଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲା ।

## ତୀର ମାଡ଼ରେ ଛେଳି ମୃତ

**ବାରିକପୁର, ୧୭ ।୧୦(ସମିସ):** ଭଣ୍ଡାରିପୋଖରୀ ଥାନା ଅରେଇକଣା ଗ୍ରାମରେ ତୀର ମାଡ଼ ହେବାରୁ ଗୋଟିଏ ଛେଳିର ଶୋଚନୀୟ ମୃତ୍ୟୁ ହୋଇଥିବା ପୁଲିସ ନିକଟରେ ଅଭିଯୋଗ ହୋଇଛି । ଗ୍ରାମର ଜଣେ ବ୍ୟକ୍ତି ଚାରଣ ଭୂଇଁରୁ ଛେଳିଗୁଡିକୁ ଗୋଡ଼ାଇ ଘରକୁ ଆଣୁଥିଲେ । ସେହି ଗ୍ରାମର ଏକ ଆବଦ୍ଧ ବିହୀନ ବାଡିକୁ ଗୋଟିଏ ଛେଳି ପଶିଯିବାରୁ ନୃଶଂସ ଭାବେ ଜଣେ ବ୍ୟକ୍ତି ତୀର ମାରିଥିଲା । ଛେଳିଟି ଏଥିଯୋଗୁଁ ଗୁରୁତର ହୋଇ ଗତ ୧୧ତାରିଖରୁ ଚିକିତ୍ସିତ ହେଉଥିବା ବେଳେ ଆଜି ତା'ର ମୃତ୍ୟୁ ଘଟିଛି । ଏନେଇ ଛେଳି ପାଳନ କରିଥିବା ବ୍ୟକ୍ତି ଜଣକ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି ।

## ଆଦର୍ଶ ଶିକ୍ଷକ, ବେଦଜ୍ଞ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ପରଲୋକ



**ବନ୍ତ/ଆଗରପଡ଼ା, ୧୭।୧୦ (ସମିସ):** ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ କନ୍ତିଆ ଗ୍ରାମର ଆଦର୍ଶ ଶିକ୍ଷକ, ବେଦଜ୍ଞ କର୍ମକାଣ୍ଡ ବିଶାରଦ କୃଷ୍ଣଚନ୍ଦ୍ର ପଣ୍ଡା (୮୨)ଙ୍କ ପରଲୋକ ଘଟିଛି । ୬ ମାସରୁ ଅଧିକ ହେବ କଟକର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଥିବାବେଳେ ବୁଧବାର ସକାଳ ପ୍ରାୟ ୮ଟାରେ ପ୍ରାଣତ୍ୟାଗ କରିଛନ୍ତି । ତାଙ୍କ ମରଶରୀର ଗଣିଜାଙ୍ଗ ବଜାରରେ ପହଞ୍ଚିବା ପରେ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ସଂକୀର୍ତ୍ତନଦଳ ସହିତ ମରଶରୀରକୁ ଗ୍ରାମ ବଜାର ପରିକ୍ରମା କରାଯାଇଥିଲା । ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବଡପୁଅ ପ୍ରଦ୍ୟୁମ୍ନ ପଣ୍ଡା ମୁଖାଗ୍ନି ଦେଇଥିଲେ । ସେ ଜଣେ ଅନୁଷ୍ଠାନପ୍ରେମୀ ଥିବା ବେଳେ ବଗଦା ଗ୍ରାମରେ ତାରିଣୀ, ଶିବ ମନ୍ଦିର ପ୍ରତିଷ୍ଠା କରିଛନ୍ତି । ପୂର୍ବରୁ ସେ ବଣ ପିଞ୍ଜରା, ଇଚ୍ଛାପୁର ଓ କନ୍ତିଆ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ବନ୍ତ ଅଞ୍ଚଳର ଶୋକର ଛାୟା ଖେଳିଯାଇଛି ।



ସକାଳ
THE SAKALA

# ସମ୍ପାଦକୀୟ



ବିଧ୍ୱଂସକାରୀ ଅସ୍ତ୍ର ନିର୍ମାଣରେ ଆଣବିକ ଶକ୍ତି ବିନିଯୋଗ ହେବା ଅନୁଶୋଚନୀୟ।
-ଲାଲ ବାହାଦୂର ଶାସ୍ତ୍ରୀ

## ଚାଉଳ ବୋଝ

ସଂଗ୍ରହ ପ୍ରକ୍ରିୟାକୁ ସଂପ୍ରସାରିତ ଓ ଶୃଙ୍ଖଳିତ କରି ଅଧିକରୁ ଅଧିକ ପରିମାଣର ଧାନ ସଂଗ୍ରହ ସକାଶେ ସରକାରଙ୍କ ଉପରେ ଚାଷୀ ସମୁଦାୟ ଚାପ ପ୍ରୟୋଗ କରୁଥିବା ବେଳେ ରାଜ୍ୟରେ ମହଜୁଦ ବ୍ୟବସ୍ଥା ନ ଥିବାରୁ ଶାସନକଳ ବ୍ୟସ୍ତ ଓ ବିବ୍ରତ। ଭାରତ ଖାଦ୍ୟ ନିଗମ ରାଜ୍ୟରୁ ବଳକା ଚାଉଳ ଉଠାଇ ନଥିବାରୁ ତାହାର ସଦୁପଯୋଗ ହୋଇପାରୁନି। ଶେଷରେ ସଂଗୃହୀତ ଚାଉଳ ପଡ଼ି ପଡ଼ି ସଢ଼ିଯିବା ସାର ହେବ। ଡବଲ୍ ଇଞ୍ଜିନ୍ ସରକାରରେ ମଧ୍ୟ ରାଜ୍ୟ ସରକାରଙ୍କ ଚାପ କେନ୍ଦ୍ର ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରୁନି। ଏମିତିରେ ଖାଦ୍ୟ ନିଗମ ରାଜ୍ୟରୁ ସଂଗ୍ରହ କରିଥିବା ଚାଉଳ ବାବଦ ଦେୟ ୮୦୦୦ କୋଟି ଟଙ୍କା ଦୀର୍ଘ ଦିନ ଧରି ବକେୟା ପକେଇ ରଖିଛି। ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ରାଜ୍ୟକୁ ତାହା ମିଳୁନି। ଏଭଳି ଏକ ସଂକଟଜନକ ପରିସ୍ଥିତିରେ ସରକାର ଆଗାମୀ ଖରିଫ ଋତୁରେ ଚାଉଳ ସଂଗ୍ରହକୁ କେତେ ଦୂର ଗୁରୁତ୍ୱ ଦେବେ ସେନେଇ ସନ୍ଦେହ ଉପୁଜିଛି। କେନ୍ଦ୍ରସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ରାସନ କାର୍ଡଧାରୀଙ୍କୁ ଇ-କେୱାଇସି ଦାଖଲ କରିବାର ବାଧ୍ୟବାଧକତା ରହିଛି। ସେପ୍ଟେମ୍ବର ୩୦ ତାରିଖ ଥିଲା ଏହାର ଶେଷ ଅବଧି। ଏଥିରେ ବ୍ୟତିକ୍ରମ କରିଥିବା ପ୍ରାୟ ୧୫.୬୭ ଲକ୍ଷ ହିତାଧିକାରୀ ଆଗାମୀ ଦିନରେ ମାଗଣା ଚାଉଳ ପାଇବାକୁ କେତେଦୂର ହକ୍‌ଦାର ହେବେ ସେ ନେଇ ସ୍ୱୟଂ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ଏହି ଜଟିଳ ପରିସ୍ଥିତିରେ ସରକାରଙ୍କ ଅସହାୟତା ବାରି ହୋଇପଡୁଛି।

ନଭେମ୍ବର ମାସରୁ ରାଜ୍ୟର ୧୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ମାଗଣା ଚାଉଳ ପାଇବାରୁ ବଞ୍ଚିତ ହେବେ - ଏଭଳି ଏକ ସୂଚନା ଦେଇ ସରକାର ଖାଉଟିଙ୍କ ମନରେ ନିଆଁ ଲଗାଇଦେଇଛନ୍ତି। ଯେତେଯାହା ହେଲେ ମଧ୍ୟ ଏହା କିଛି ଛୋଟିଆ କଥା ନୁହେଁ। ଆମ ସରକାର ଏପ୍ରକାରେ ସୂଚନା ଦେବା ପୂର୍ବରୁ ଇ-କେୱାଇସି ମିଆଦ ବୃଦ୍ଧି ସକାଶେ କେନ୍ଦ୍ର ଉପରେ ଚାପ ପ୍ରୟୋଗ କରିବାର ଥିଲା। ବ୍ୟବସ୍ଥା ଭଲ ଭାବରେ ଜାଣେ ଯେ କେଉଁ ପରିସ୍ଥିତିରେ ପଡ଼ି ହିତାଧିକାରୀ ଇ-କେୱାଇସି ଦାଖଲ କରିପାରୁନାହାନ୍ତି। ସରକାର ମାଗଣା ବ୍ୟବସ୍ଥା ଅନ୍ତରାଳରେ ଥିବା ଉଦ୍ଦେଶ୍ୟ ସଂପର୍କରେ ଅବଗତ ଥିଲେ ସୁଦ୍ଧା କାହିଁକି ସୁଧାରିବା ଦିଗରେ ଅଗ୍ରସର ହେଲେ ନାହିଁ? ଏକ୍ଷେତ୍ରରେ ସ୍ଥାନୀୟ ପ୍ରଶାସନ ଓ ଡିଲରଙ୍କ ସହାୟତା ନିଆଯାଇ ପାରିଥା'ନ୍ତା। ମାଗଣା ଚାଉଳ ଯୋଗାଣ ବ୍ୟାହତ ହେଲେ ପରିସ୍ଥିତି ଆଗକୁ କେଉଁ ରୂପ ନେବ ତାହା ବିଭାଗୀୟ ମନ୍ତ୍ରୀ ନିଶ୍ଚୟ ବୁଝିସାରିଥିବେ। ତେଣୁ ୨୪ ଘଣ୍ଟା ବ୍ୟବଧାନରେ ରାଜ୍ୟରେ ବଳକା ଥିବା ଚାଉଳରୁ ଅତିରିକ୍ତ ୫ କେଜି ହିତାଧିକାରୀଙ୍କୁ ଦିଆଯିବାର ବ୍ୟବସ୍ଥା ସଂପର୍କରେ ସେ ସୂଚାଇଛନ୍ତି। ହେଲେ ବ୍ୟବସ୍ଥାରୁ ବାଦ ପଡୁଥିବା ୧୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ସଂପର୍କରେ କିଛି ଉଲ୍ଲେଖ କରିନାହାନ୍ତି। ତେଣୁ ଅନିଶ୍ଚିତତା ନିଶ୍ଚୟ ଜାରି ରହିଛି।

ଏକଥା ସତ ଯେ ସରକାର ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ତେଣୁ ଧାନ କ୍ୱିଣ୍ଟାଲ୍ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ହୋଇଥିବା ବେଳେ ୮ ଶହ ଟଙ୍କା ସହାୟତା ରାଶି ସଂଯୁକ୍ତ କରି ସରକାର ୩୧୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରୁଛନ୍ତି। ଚାଷୀଙ୍କ ପକ୍ଷରୁ ଦାବି ହେଉଛି ସଂଗ୍ରହ ପ୍ରକ୍ରିୟାକୁ ଅଧିକ ବ୍ୟବସ୍ଥିତ ଓ ସଂପ୍ରସାରିତ କରିବା ପାଇଁ। ସରକାର କ'ଣ ଆଗାମୀ ଦିନରେ ଅଧିକ ଧାନ ସଂଗ୍ରହ କରିବାକୁ ସମର୍ଥ ହେବେ? ଭାରତୀୟ ଖାଦ୍ୟ ନିଗମ ରାଜ୍ୟରୁ ବଳକା ଚାଉଳ ଉଠାଉ ନଥିବାରୁ ଯେଉଁ ସମସ୍ୟା ସୃଷ୍ଟି ହୋଇଛି ତାହାର ସମାଧାନ ପାଇଁ ସରକାର ବାଟଘାଟ ପାଉନାହାନ୍ତି। ବାରମ୍ବାର ଅନୁରୋଧ ସତ୍ତ୍ୱେ କେନ୍ଦ୍ର ସରକାର ଏହି ଦାବିକୁ ଗୁରୁତ୍ୱ ଦେଉନାହାନ୍ତି। କୃଷି ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ମାନ୍ୟତା ଦେବା ପାଇଁ ହେଉଥିବା ଦାବିକୁ କେନ୍ଦ୍ର ଏଡ଼ାଇ ଆସିଥିବାବେଳେ ଆମ ରାଜ୍ୟ ଚାଉଳ ସମସ୍ୟାର ସମାଧାନ ହେବା ଆଶା ଊଣା। କହିବାକୁ ଗଲେ ସରକାରଙ୍କ ପାଇଁ ଧାନ ସଂଗ୍ରହ ଏକ ପ୍ରକାର ବୋଝ ହୋଇପଡ଼ିଛି।

## ଚାନ୍ଦିର ଚମକ

ଆରୋହଣ ପରେ ଅବରୋହଣ ହେଉଛି ମୌଳିକ ସତ୍ୟ। ଚାହିଦା ଅନୁଯାୟୀ ଯୋଗାଣ ହୋଇପାରୁନଥିବା ଯେକୌଣସି ସାମଗ୍ରୀ ମୂଲ୍ୟ ବୃଦ୍ଧି ଘଟିବା ଅବଧାରିତ। ଚାନ୍ଦି ବା ରୁପାର ବର୍ଦ୍ଧିତ ମୂଲ୍ୟକୁ ନେଇ ବିଶେଷଜ୍ଞଙ୍କ ଏହା ଏକ ଆକଳନ। ସାଂପ୍ରତିକ ବଜାରରେ ସୁନା ଓ ରୁପାର ମୂଲ୍ୟବୃଦ୍ଧିରେ ଯେଉଁ ପ୍ରତିଯୋଗିତାମୂଳକ ସ୍ଥିତି ପରିଲକ୍ଷିତ ହେଉଛି, ତାହା ଯଥାର୍ଥରେ ବିସ୍ମୟକର। ଆମ ଭୁବନେଶ୍ୱର ବଜାରରେ ରୁପା କେଜି ୨ଲକ୍ଷ ଟଙ୍କା ଅତିକ୍ରମ କରିଛି। ସମଗ୍ର ବିଶ୍ୱ ବଜାରରେ ରୁପାର ନିଅଣ୍ଟିଆ ସ୍ଥିତି ଦୃଷ୍ଟିରୁ ଏହି ମୂଲ୍ୟବୃଦ୍ଧି ଆଗାମୀ ଦିନରେ ଏକ ନୂଆ ଶୀର୍ଷରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

ଆଗକୁ ଧନତେରାସ ଓ ଦୀପାବଳୀ। ତେଣୁ ସୁନା କଏନ ବା ମୁଦ୍ରା ଓ ନିର୍ମିତ ମୂର୍ତ୍ତିର ଚାହିଦା ଅଧିକ। ବିଶେଷକରି ସୁନା ଅମୂଲ ମୂଲ ହୋଇପଡ଼ିଥିବାରୁ ସ୍ୱାଭାବିକ ଭାବେ ରୁପାର ଆଦର ବଢ଼ିଛି। ଚଳିତ ମାସ ୬ ତାରିଖରୁ ଏଥିମଧ୍ୟରେ ରୁପା ଦାମ ବଜାରରେ କେଜି ପିଛା ୪୩ ହଜାର ଟଙ୍କା ବଢ଼ିଛି। ଗତ ୧୨ ଓ ୧୩ ତାରିଖରେ ଯଥାକ୍ରମେ ମୂଲ୍ୟ ୭୦୦୦ ଓ ୯୦୦୦ ଟଙ୍କା ବଢ଼ିଥିବାରୁ ରୁପାର କେଜି ପ୍ରତି ମୂଲ୍ୟ ୨ ଲକ୍ଷ ୬ ହଜାର ଟଙ୍କାରେ ପହଞ୍ଚିଛି। ଏହି ବର୍ଦ୍ଧିତ ହାର ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ରୁପାରେ ଆଖିବୁଜା ନିବେଶ ବଢ଼ିଚାଲିଛି। ତେବେ ଏହାର ସୀମିତ ଉତ୍ପାଦନ ଅନ୍ୟଏକ କାରଣ। ଆମକୁ ଏଠାରେ କହିବାକୁ ପଡୁଛି ଯେ କେବଳ ଗହଣା, ଦେବଦେବୀଙ୍କ ମୂର୍ତ୍ତି ଓ ବାସନରେ ରୁପାର ଉପଯୋଗ ସୀମିତ ନାହିଁ। ସୌରପ୍ୟାନେଲ, ଇଲେକ୍ଟ୍ରୋନିକ୍ସ ସମଗ୍ରୀ ଏବଂ ବିଦ୍ୟୁତ୍ ଚାଳିତ ଗାଡ଼ିରେ ବ୍ୟବହୃତ ବ୍ୟାଟେରୀରେ ମଧ୍ୟ ରୁପା ବ୍ୟବହାର ହେଉଛି। ମାନବୀୟ ସୌଖୀନ ବାଦ ଦ୍ରୁତ ଶିଳ୍ପାୟନର ଆବଶ୍ୟକତା ମେଣ୍ଟାଇବା ପାଇଁ ଉତ୍ପାଦିତ ରୁପା ଯଥେଷ୍ଟ ନୁହେଁ। ତେଣୁ ଆଗାମୀଦିନରେ ରୁପାର ମୂଲ୍ୟ ଆହୁରି ବଢ଼ିବ। ଅନ୍ୟ ଏକ ଖବରରୁ ପ୍ରକାଶ ଯେ ରାଷ୍ଟ୍ରପତି ଟ୍ରମ୍ପ ଚଢ଼ା ବହିଃଶୁଳ୍କ ଘୋଷଣା କରିବା ପରେ ଲଣ୍ଡନ ମେଟାଲ ଏକ୍ସଚେଞ୍ଜରୁ ବିପୁଳ ପରିମାଣର ରୁପା ଆମେରିକା ପଠାଇଦିଆଯାଇଥିଲା। ତେଣୁ ଚାହିଦା ଅନୁଯାୟୀ ରୁପା ଯୋଗାଇବା ସମ୍ଭବ ହେଉନାହିଁ। ଆଉନ୍ସ ପିଛା ରୁପାର ମୂଲ୍ୟ ୫୨ ଡଲାରରେ ପହଞ୍ଚିଛି। ଏହାକୁ ଏକ ରେକର୍ଡ ବୃଦ୍ଧି ବୋଲି ବିଶେଷଜ୍ଞମାନେ କହୁଛନ୍ତି।

ସର୍ବୋପରି ବୁଲିୟନ ବଜାରରେ ପରିଲକ୍ଷିତ ନିଅଣ୍ଟିଆ ସ୍ଥିତି ଏବଂ ବିତ୍ତୀୟ ଅନିଶ୍ଚିତତା ଏବେ ଲାଗି ରହିଛି। ବିଶେଷକରି ଚୀନ ବିରୋଧରେ ଟ୍ରମ୍ପ ଶହେ ପ୍ରତିଶତ ଟାରିଫ ଘୋଷଣା କରିଥିବାରୁ ସ୍ଥିତି ଅଧିକ ବିଗିଡ଼ିବାରେ ଲାଗିଛି। ତେଣୁ ନିବେଶକଙ୍କ ଆଖି ଏବେ ସୁନା ଓ ରୁପା ଉପରେ। ପରିସ୍ଥିତି ଏପରି ହୋଇଛି ଯେ ରୁପା ନିବେଶ ପାଣ୍ଠି (ଇଟିଏଫ)ରେ ନୂତନ କ୍ରୟକୁ ସାମୟିକ ବନ୍ଦ କରାଯାଇଛି। ଏକଥା ସତ ଯେ ପାର୍ବଣ ପରେ ବିବାହ ଋତୁର ଆଗମନ ହେଉଥିବାରୁ ବଜାରରେ ଚାହିଦା ବର୍ଷତମାମ ଜାରି ରହିବ। ତେଣୁ ରୁପାର ମୂଲ୍ୟ ହ୍ରାସ ଘଟିବା ସମ୍ଭାବନା ପ୍ରାୟତଃ ଊଣା। ପୂର୍ବରୁ ସଞ୍ଚିତ ରୁପା ସାମଗ୍ରୀ ମାଧ୍ୟମରେ ଗହଣା ଦୋକାନୀ ଏବର ସ୍ଥିତିକୁ ସମ୍ମୁଖୀନ ହେଉଥିବାରୁ ହଠାତ୍ ନିଅଣ୍ଟ ବା ଅଭାବ ପରିଲକ୍ଷିତ ହେବ ନାହିଁ।

# ନୋବେଲ୍ ପ୍ରତ୍ୟାଶୀ ନଟସମ୍ରାଟଙ୍କ 'ମୋଗଲ୍ ତାମ୍‌ସା'

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ପ୍ରାୟ ସାତ କି ଆଠମାସ ଧରି ଅନ୍ତର୍ଜାତୀୟ ମଞ୍ଚରେ ଅଭିନୀତ ହେଉଥିବା ହାସ୍ୟୋଦ୍ଦୀପକ ଅଥଚ ଭିନ୍ନ ଏକ ଦୃଷ୍ଟିରୁ କାରୁଣ୍ୟଭିଜା ନାଟକଟି ଉପରେ ଏବେ ପରଦା ପଡ଼ିଯାଇଛି। ଲୋକମନୋରଞ୍ଜକ 'ମୋଗଲ ତାମସା'ର ମୁଖ୍ୟ ଚରିତ୍ର-ତୁଲ୍ୟ 'କ୍ଷଣ କ୍ଷଣକେ ଆନ ଆଚରଣ, ଆନ ଉଚ୍ଚାରଣ'ରେ ଆମକୁ ପ୍ରଚୁର ହସ, ପ୍ରଚୁର ବିନୋଦରେ ଆପ୍ୟାୟିତ କରିଚାଲିଥିବା ନଟସମ୍ରାଟ ଜଣକ ଏଥର ଅନ୍ୟ ରଙ୍ଗରସର ଅଭିନୟରେ ସମଆଟୋପ ସହ ଉତ୍ତୀର୍ଣ୍ଣ ହେବା ପାଇଁ ମୁହୂର୍ତ୍ତେ ଅବଶ୍ୟ ବିଳମ୍ବ କରିବେ ନାହିଁ, କିନ୍ତୁ ସେ ଅଭିନୟ ଆଉ ଏତେଟା ରୋଚକ, ଏତେଟା ବିରକ୍ତିକର ଭାବରେ ରୋମାଞ୍ଚକ ହେବାର ସମ୍ଭାବନା ନାହିଁ ନିଶ୍ଚୟ। ଏହାର କାରଣ ଅତି ସ୍ପଷ୍ଟ। ସଦ୍ୟ ସମାପ୍ତ ଏହି ଚର୍ଚ୍ଚିତ ନାଟକରେ ଏ ଅଭିନେତା ଏକାବେଳକେ ତିନି/ଚାରିଟି ଭୂମିକାରେ ଅଭିନୟ କରିବାର ମହାର୍ଘ ସୁଯୋଗ ପାଇଥିଲେ- କେତେବେଳେ ଅଝଟ ଅବୋଧ ବାଳକର ଅଭିନୟ ତ କେତେବେଳେ ଜଣେ ସଲାକୁସ୍ତି-ଯୋଦ୍ଧାର କି ଜଣେ ଦୁର୍ଦ୍ଦାନ୍ତ ଦେହବଳିଆ, ମୋଟାବୁଦ୍ଧିଆର ଅଭିନୟ। କିଏ ହୁଏତ କହିପାରନ୍ତି ଏ ଭୂମିକା ସବୁ ହାସ୍ୟରସ ସହ କିଛିଟା ଲଘୁ ବୀଭତ୍ସରସ ସିନା ସୃଷ୍ଟି କରିଥିବେ, କିନ୍ତୁ କାରୁଣ୍ୟରସ କାହିଁ? କାରୁଣ୍ୟରସ ଅବଶ୍ୟ ଥିଲା, କାରଣ ଏ ପକ୍କା ନାଟୁଆ ମଣିଷ ଜଣକ ମଝିରେ ମଝିରେ 'ଭିକ୍ଷାଂ ଦେହି, ଭିକ୍ଷାଂ ଦେହି' କହି ଭାରି ବିକଳ ସ୍ୱରରେ କାକୁତି ମିନତି ବି କରୁଥିଲେ ଏବଂ ନିରାଶ-ଜର୍ଜର ଭିକ୍ଷୁକଟିଏ ପରି ଅଭିସଂପାତ ବି ଦେଉଥିଲେ।

ଏ ଦୀର୍ଘ ଉପକ୍ରମଣିକାଟି ପଢ଼ିବା ପରେ ଆପଣମାନେ ଜାଣି ସାରିବେଣି ଏ ନଟସମ୍ରାଟ ହେଉଛନ୍ତି ଆମେରିକାର ମଉଡ଼ମଣି ଡୋନାଲଡ୍ ଟ୍ରମ୍ପ ମହୋଦୟ। ନୋବେଲ୍ ଶାନ୍ତି ପୁରସ୍କାର ରୂପକ ଅପରୂପ ସ୍ୱାଦଯୁକ୍ତ ଅମୃତଫଳଟିକୁ ନିଜ ଭିକ୍ଷାଝୁଲିରେ ଯେନତେନ ପ୍ରକାରେ ଖସାଇ ପକାଇବା ପାଇଁ ତାଙ୍କର ଦୁଃସହ ଲିପ୍‌ସାର ଦୃଶ୍ୟଶ୍ରାବ୍ୟ ନାଟକ ଇଏ। ମନେ ହୁଏ ସେ କବି 'ୱାଲଟ୍ ହ୍ୱିଟ୍‌ମ୍ୟାନ'ଙ୍କ 'ସଙ୍ଗ୍ ଅଫ୍ ମାଇସେଲ୍‌ଫ୍' କବିତାର ଏଇ କେତୋଟି ପଂକ୍ତି 'ମୁଁ କ'ଣ ବାରବାର ନିଜକୁ ଖଣ୍ଡନ କରୁଛି? ବେଶ୍ ହେଲା, ଏବେ ଶୁଣ ମୋର ଦୃପ୍ତ ସ୍ୱୀକାରୋକ୍ତି / ହଁ, ମୁଁ ଖଣ୍ଡନ କରୁଛି ନିଜକୁ ବାରବାର / ମୁଁ ବିରାଟ, ବିପୁଳ / ମୁଁ ଏକ ନୁହେଁ, ଅନେକ / ମୋ ଭିତରେ ଅଗଣିତ ଭିନ୍ନ ଭିନ୍ନ ସତ୍ତା ବିଦ୍ୟମାନ' ରେ ନିହିତ ଗୂଢ଼ ଭାବନାର କଦର୍ଥ କରି ପକାଇଛନ୍ତି ଆପଣାର ସେ ବିଲକ୍ଷଣ ସ୍ଥୂଳ ବୁଦ୍ଧିରେ। ସେ ଭାବିନେଇଛନ୍ତି ଯେ ସେ ସତରେ ଜଣେ ବିରାଟ ପୁରୁଷ ଏବଂ ସେଥିପାଇଁ ନିଜକୁ, ନିଜର ମତ ମନ୍ତବ୍ୟ, ଆଚରଣ ବା ଉଚ୍ଚାରଣ ସବୁକୁ ବାରବାର ଖଣ୍ଡନ କରିବା ତାଙ୍କର ଦୈବାଧିକାର। ସ୍ଥୂଳ ବୁଦ୍ଧି ଓ ଅଳ୍ପ ବିଦ୍ୟା କି ଭୟଙ୍କର ସତେ!

ଆତ୍ମଗର୍ବ, ଆତ୍ମରତି, ଔଦ୍ଧତ୍ୟ ଓ ଓଲାପଣିଆର ବିଚିତ୍ର କକ୍‌ଟେଲ୍ ଡୋନାଲଡ ଟ୍ରମ୍ପ-ଏହା ଅବଶ୍ୟ ଅକାଟ୍ୟ ସତ୍ୟ। ମାତ୍ର ବିଚିତ୍ରତମ ହେଉଛି ନୋବେଲ୍ ଶାନ୍ତି ପୁରସ୍କାରଟି ପାଇଁ ତାଙ୍କର ଏ ଜ୍ୱରାକ୍ରାନ୍ତ ପ୍ରଳାପ, ଏ ଅଳିଅର୍ଦ୍ଦଳି, ଏ ରେରେକାର ଚିତ୍କାର ଓ ତମ୍ବିତୋଫାନ। କିନ୍ତୁ ସବୁ ଦୋଷ କ'ଣ ବିଚରା ଟ୍ରମ୍ପଙ୍କର? ତାଙ୍କରି ଦେଶର କୁଟିଳମନା ଯୁଦ୍ଧଖୋର କୂଟନୀତିଜ୍ଞ ହେନ୍‌ରୀ କିସିଂଜରଙ୍କୁ ନରୱେ ନୋବେଲ କମିଟି କ'ଣ ଦିନେ 'ବିଶ୍ୱଶାନ୍ତିଦୂତ'ର ମାନ୍ୟତା ଦେଇ ନଥିଲା ନୋବେଲ୍ ଶାନ୍ତି ପଦକଟି ଦୁର୍ବୋଧ୍ୟ ବିନମ୍ରତାର ସହ ପ୍ରଦାନ କରି? ଦିନେ ସେହି ନୋବେଲ୍ ଶାନ୍ତି କମିଟି କ'ଣ ହିଟ୍‌ଲର୍, ଷ୍ଟାଲିନ ଓ ମୁସୋଲିନୀମାନଙ୍କ ପରି ଗଣହତ୍ୟାକାରୀ ଅମଣିଷମାନଙ୍କୁ ନୋବେଲ୍ ଶାନ୍ତି ପୁରସ୍କାର ଦେବା ପାଇଁ ଅସଫଳ ମସୁଧା କରି ନ ଥିଲା? ଏ ପର୍ଯ୍ୟନ୍ତ ଯେଉଁମାନଙ୍କୁ ଏ କମିଟି ଶାନ୍ତି ସମ୍ମାନରେ ଭୂଷିତ କରିସାରିଛି, ସେମାନଙ୍କ ମଧ୍ୟରୁ ବେଶ୍ କେତେଜଣଙ୍କ ଯୋଗ୍ୟତା ଉପରେ ପ୍ରଶ୍ନବାଚୀ ଚିହ୍ନ ଲାଗିନି କି? ଏମିତି ଉଦାହରଣ, ଏମିତି ବିଡ଼ମ୍ବନାମାନ ଯେତେବେଳେ ଡୋନାଲଡ୍ ଟ୍ରମ୍ପଙ୍କ ଗୋଚରୀଭୂତ ହୋଇଥିବ, ସେତେବେଳେ କିପରି ଓ କାହିଁକି ବା ସେ ବିରତ ହୋଇଥା'ନ୍ତେ ଏମନ୍ତ ଏକ ସର୍ବଗ୍ରାସୀ (ଓ ସର୍ବନାଶୀ ବି) କାମନା-ପୋଷଣରୁ? ସେ କ'ଣ ହେନରୀ କିସିଂଜରଙ୍କ ମୁଖନିସୃତ 'ଆମେରିକାର କେହି ନୁହନ୍ତି ଶତ୍ରୁ, କେହି ନୁହନ୍ତି ମିତ୍ର-ସର୍ବାଗ୍ରେ ହିଁ ଆମେରିକାର ସ୍ୱାର୍ଥ' ମହାମନ୍ତ୍ରଟିର ପ୍ରୟୋଗ କରି ଚାଲିନାହାନ୍ତି ତାଙ୍କର ବିଦେଶ ନୀତିରେ? କାମ୍ବୋଡ଼ିଆରେ ବୋମାବର୍ଷଣ, ବଲଭିଆ ଓ ଚିଲିରେ ସାମରିକ ବିଦ୍ରୋହ, ଇଷ୍ଟ ତିମୋର୍ ଉପରେ ଇଣ୍ଡୋନେସିଆର ଆକ୍ରମଣ ଏବଂ ଏମିତି ଆହୁରି କେତେ କେତେ ହିଂସାତ୍ମକ, ଆକ୍ରମଣାତ୍ମକ କାର୍ଯ୍ୟଓଆଭିମୁଖ୍ୟଆମେରିକାପ୍ରଦର୍ଶନକରିଚାଲିଥିବା ବେଳେ ସେଥିପାଇଁ ପ୍ରୋତ୍ସାହନ ଦେଇଥିଲେ ହେନେରୀ କିସିଂଜର। ଆଉ କିଏ ବା ନ ଜାଣେ ଏଇ କିସିଂଜରୀୟ କୂଟନୀତି ଭିଏତ୍‌ନାମ, ଇରାକ୍ ଆଦି ଦେଶମାନଙ୍କରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନର ମୁଖ୍ୟ ଉତ୍ପ୍ରେରକ ବୋଲି! ଏମନ୍ତ ମହାନ୍ ଆମେରିକୀୟ ଜଣେ ଯଦି ନୋବେଲ୍ ଶାନ୍ତି ସମ୍ମାନରେ ଭୂଷିତ ହୋଇଥିଲେ, ଟ୍ରମ୍ପ ବା କାହିଁକି ନ ହେବେ, ବିଶେଷ କରି ସେ ସାତ ସାତଟି ଯୁଦ୍ଧ ବିରତିର କାର୍ପଟଦାର ହୋଇଥିବା ବେଳେ? ପାକିସ୍ତାନର ଅସୀମ ମୁନିର୍, ଇସ୍ରାଏଲର ନେତାନ୍ୟାହୁ ଆଦି ଟ୍ରମ୍ପ ହିଁ ନୋବେଲ୍ ଶାନ୍ତି ପୁରସ୍କାରର ହକ୍‌ଦାର ବୋଲି ନୋବେଲ୍ କମିଟିକୁ ଦୃଢ଼ ସୁପାରିସ କରିନାହାନ୍ତି କି? ଅବୋଲକରା ଭାରତ ସେମିତି କଲା ନାହିଁ ବୋଲି ସେ ତା'ଉପରେ ପ୍ରଚଣ୍ଡ 'ଟାରିଫ୍' ପ୍ରହାର କରି ନାହାନ୍ତି କି? 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍' (ମାଗା) ସ୍ୱପ୍ନଟିକୁ ଚରିତାର୍ଥ କରିବା ପାଇଁ କି କି ମହତ୍ ପଦକ୍ଷେପମାନ ନେଉନାହାନ୍ତି ସେ? ମାନବତା, ଉଦାରତା, ଭେଦଭାବହୀନତା ପରି ଶାଶ୍ୱତ ମୂଲ୍ୟବୋଧ ସବୁର ପ୍ରତୀକ 'ଷ୍ଟାଚ୍ୟୁ ଅଫ୍ ଲିବର୍ଟି'ର ଦେଶ ଆମେରିକାର ଗଣତାନ୍ତ୍ରିକ, ସାମ୍ବିଧାନିକ ବାତାବରଣକୁ ଧ୍ୱସ୍ତ ବିଧ୍ୱସ୍ତ କରି, ବିଶ୍ୱାୟନ ପରେ ପରେ ଦେଶ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ, ଅବାଧ ଯାତାୟତ ଓ ଜ୍ଞାନବିଜ୍ଞାନର ଆଦାନପ୍ରଦାନ ସବୁକୁ ସୁଗମ କରିବା ପାଇଁ ଉନ୍ମୁକ୍ତ ହୋଇଯାଇଥିବା ସବୁ ଦ୍ୱାର, ଗବାକ୍ଷ, ସବୁ ମାର୍ଗ ପୁନଶ୍ଚ ଅବରୁଦ୍ଧ କରି ଆମେରିକାର ସ୍ୱାତନ୍ତ୍ର୍ୟ, ଆମେରିକାର ପ୍ରଭୁତ୍ୱକୁ ନିରଙ୍କୁଶ ରଖିବା ପାଇଁ କି କି ଅଭିନବ ଚିନ୍ତନ-ପ୍ରସୂତ ତତ୍ତ୍ୱ ବାଢ଼ି ଦେଇନାହାନ୍ତି ସେ? ତେଣୁ ନୋବେଲ୍ ଶାନ୍ତି ତାଙ୍କର ପ୍ରାପ୍ୟ, ଶତ ପ୍ରତିଶତ ପ୍ରାପ୍ୟ - ଏମିତି ଭାବିବାରେ କିଛି ଅସ୍ୱାଭାବିକତା ଅଛି ବୋଲି କାହିଁକି ଟ୍ରମ୍ପ ମହୋଦୟ ଚିନ୍ତା କରିବେ?

କିନ୍ତୁ ହାୟ, ସବୁ ଛଳକୌଶଳ, ସବୁ ଧମକଚମକ ଓ ସବୁ କାନ୍ଦଣା, ପ୍ରାର୍ଥନାକୁ ବ୍ୟର୍ଥ କରିଦେଲେ ନରୱେ ନୋବେଲ୍ କମିଟିର ବିଚାରକମାନେ। ବୋଧହୁଏ ଏଇଥର ଖୁବ୍ ତୀବ୍ର ବେଗରେ ସେମାନଙ୍କ ଧମନୀରେ ପ୍ରବାହିତ ହୋଇ ଚାଲିଲା ବେଳେବେଳେ ଧିମେଇ ଯାଉଥିବା ସେ ବୈଶିଷ୍ଟ୍ୟାତ୍ମକ 'ସ୍କାଣ୍ଡିନେଭିଆନ୍' ଟାଣପଣିଆ ଏବଂ ସୁସ୍ଥବିଚାର-ପ୍ରବଣତାର ରସାୟନ। ଶାନ୍ତି, ଶାନ୍ତି ଚିତ୍କାର କରି ଅଶାନ୍ତି ସୃଷ୍ଟି କରି ଚାଲିଥିବା ହୁଙ୍କାପିଟିଆ, ଆଡ଼ବାୟା ଡୋନାଲଡଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ଚାପ ଆଗରେ ମୁଣ୍ଡ ନ ନୁଆଁଇ ସେମାନେ ଭେନିଜୁଏଲାର ବିରୋଧୀ ଦଳର ନେତ୍ରୀ 'ମାଚାଡୋ'ଙ୍କୁ ନୋବେଲ୍ ଶାନ୍ତି (୨୦୨୫) ପୁରସ୍କାର ବିଜୟିନୀ ଭାବରେ ଘୋଷଣା କଲେ ଏବଂ ଏପରି କରି ସ୍ପଷ୍ଟ କରିଦେଲେ ଯେ ଶାନ୍ତି ଏକ ଲକ୍ଷ୍ୟ କେବଳ ନୁହେଁ, ଏହା ହେଉଛି ଏକ ନିରନ୍ତର ପ୍ରକ୍ରିୟା ଏବଂ ଗଣତନ୍ତ୍ର, ମାନବତା, ସମତା ଓ ବାକ୍ ସ୍ୱାଧୀନତାର ମାର୍ଗରେ ଏକ ସର୍ତ୍ତବିହୀନ ନିରବଚ୍ଛିନ୍ନ ଯାତ୍ରା। ଏହାସହିତ ମଧ୍ୟ ସ୍ପଷ୍ଟ କରିଦେଲେ ଯେ ଶାନ୍ତିର ମାର୍ଗ ହେଉଛି ଗାନ୍ଧୀଙ୍କ ମାର୍ଗ, ମାର୍ଟିନ୍ ଲୁଥର କିଙ୍ଗ, ନେଲସନ୍ ମାଣ୍ଡେଲା ଓ ମଦର ଟେରେସାଙ୍କ ମାର୍ଗ। ଡୋନାଲଡ୍ ଟ୍ରମ୍ପଙ୍କ ପରି ଜଣେ ଅସ୍ଥିରଚିତ୍ତ, ପ୍ରଚ୍ଛନ୍ନ ଫାସିବାଦୀ ଚରିତ୍ରର ରାଜନେତା ନୁହନ୍ତି, 'ମାଚାଡୋ'ଙ୍କ ପରି ଜଣେ ଉତ୍ସର୍ଗୀକୃତ ନାରୀନେତ୍ରୀ ଏ ମହତୀ ସମ୍ମାନର ଯୋଗ୍ୟା ବୋଲି ନିର୍ଣ୍ଣାୟକ ନିଷ୍ପତ୍ତି ନେଇ ଆମକୁ ତଥା ଏ ସମଗ୍ର ବିଶ୍ୱକୁ ଆଶ୍ୱସ୍ତ କରିବା ସଙ୍ଗେ ସଙ୍ଗେ ନରୱେ ନୋବେଲ ଶାନ୍ତି କମିଟି ଏଇ ବାର୍ତ୍ତାଟି ମଧ୍ୟ ଦେଇଛନ୍ତି - 'ବର୍ତ୍ତମାନର ବହୁଧା ବିଭକ୍ତ, ବିଭାଜିତ, ବହୁ ଦ୍ୱନ୍ଦ୍ୱ, ବିରୋଧାଭାସପୂର୍ଣ୍ଣ କାଳଖଣ୍ଡରେ ତଥାପି ମାନବତା, ମାନବିକତା, ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଅଙ୍ଗୀକାରବଦ୍ଧତାର ଦୀପଶିଖା କେଉଁଠି ନା କେଉଁଠି ପ୍ରଜ୍ୱଳିତ ଅଛି, କେଉଁଠି ନା କେଉଁଠି ସୁସ୍ଥ ବିଚାରବୋଧର ଜାହ୍ନବୀଧାରା ପ୍ରବାହିତ ହୋଇଚାଲିଛି'।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଏମିତି ଖୁସି କାହିଁକି?

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଖୁସି ପ୍ରକାଶ କରିବାର ଅନେକ ଉପାୟ ଅଛି। ହେଲେ ପ୍ରଶ୍ନ ହେଉଛି କାହିଁକି କିଛି ଲୋକ କେବଳ ବାଣ ଫୁଟାଇ ନିଜ ଖୁସି ପରିପ୍ରକାଶ କରନ୍ତି। ବାଣ କେବଳ ପରିବେଶ ପାଇଁ କ୍ଷତିକାରକ ନୁହେଁ, ବିପଜ୍ଜନକ ମଧ୍ୟ। ଏଥିଯୋଗୁଁ କୋଟି କୋଟି ଟଙ୍କାର ଆର୍ଥିକ କ୍ଷତି ସହିତ ଅନେକ ଲୋକଙ୍କ ମୃତ୍ୟୁ ଘଟେ। ସର୍ବୋଚ୍ଚ ନ୍ୟାୟାଳୟ ପରିବେଶ ପ୍ରଦୂଷଣ ସମ୍ବନ୍ଧୀୟ ଆବେଦନଗୁଡ଼ିକର ଶୁଣାଣି ବେଳେ ପ୍ରଶ୍ନ କରିଥିଲେ କେବଳ ଦିଲ୍ଲୀ-ଏନସିଆରରେ କାହିଁକି ବାଣ ଫୁଟାଇବା ନିଷେଧ ହେବ? ଦେଶର ଅନ୍ୟାନ୍ୟ ସହର ଯେଉଁଠାରେ ପ୍ରଦୂଷଣ ଏକ ଗମ୍ଭୀର ସମସ୍ୟା, ସେଠାରେ ମଧ୍ୟ ବାଣ ଫୁଟାଇବା କାହିଁକି ନିଷେଧ କରାଯିବ ନାହିଁ? ଦିଲ୍ଲୀ ଜନସାଧାରଣଙ୍କର ପରି ସମସ୍ତ ସହରର ଲୋକଙ୍କୁ ସ୍ୱଚ୍ଛ ବାୟୁ ଆହରଣର ସମାନ ଅଧିକାର ଅଛି। ପ୍ରଦୂଷଣ ସମ୍ପର୍କିତ ଯେକୌଣସି ନୀତି ସାରା ଦେଶରେ ସମାନ ହେବା ଉଚିତ।

୨୦୨୫, ମେ' ମାସରେ ସର୍ବୋଚ୍ଚ ନ୍ୟାୟାଳୟ ଉତ୍ତର ପ୍ରଦେଶ, ହରିୟାଣା ଓ ରାଜସ୍ଥାନ ସରକାରଙ୍କୁ ଜାତୀୟ ରାଜଧାନୀ ଅଞ୍ଚଳରେ ବାଣ ଫୁଟାଇବା ଉପରେ ନିଷେଧାଦେଶ ଜାରି କରିଛନ୍ତି। ଚେତାବନୀ ଦେଇଛନ୍ତି ନିର୍ଦ୍ଦେଶର ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ହେବ। ସର୍ବୋଚ୍ଚ ନ୍ୟାୟାଳୟ ପୂର୍ବରୁ ଅନେକ ଥର ଏହି ସମ୍ପର୍କରେ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନିର୍ଦ୍ଦେଶଗୁଡ଼ିକୁ କେତେ ପରିମାଣରେ ପାଳନ କରାଯାଇଛି ତାହା ସର୍ବଜନବିଦିତ। ଯଦିଓ କିଛି ମହଲରେ ସବୁଜ ବାଣ



ବିଷୟରେ ଏକ ସକାରାତ୍ମକ ଧାରଣା ରହିଛି, ତଥାପି ବାଣ ବ୍ୟବହାର ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟା ସୃଷ୍ଟି କରେ। ଏଥିରୁ ନିର୍ଗତ ପ୍ରଦୂଷଣ, ରାସାୟନିକ ପଦାର୍ଥ ଓ ବିଭିନ୍ନ କଠିନ ପଦାର୍ଥର ପରିବେଶ ଉପରେ ପ୍ରଭାବ କମ୍ ନୁହେଁ। ବିଡ଼ମ୍ବନାର ବିଷୟ ହେଉଛି ସାଧାରଣ ଲୋକ ସମସ୍ତ ନିର୍ଦ୍ଦେଶ, ସରକାରୀ କଟକଣା ଓ ପରାମର୍ଶକୁ କ୍ରମାଗତ ଭାବରେ ଅଣଦେଖା କରିଛନ୍ତି। ଦୀପାବଳୀ ସମୟରେ ଏବଂ ଏହାର ପାଖାପାଖି ଗୋଟିଏ କିମ୍ବା ଦୁଇ ଦିନ ପାଇଁ ରାସ୍ତାରେ ଚାଲିବା କଷ୍ଟକର ହୋଇପଡ଼େ। ଅନେକ ଦିନ ପର୍ଯ୍ୟନ୍ତ ବିଷାକ୍ତ ଧୂଆଁ ବାୟୁମଣ୍ଡଳରେ ରହିଥାଏ, ଯାହା ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି କରେ।

ପ୍ରଶ୍ନ ହେଉଛି ଏହା କାହାର ଖୁସି? ଏହି ପର୍ବରେ କିଏ ଭଲ ଭାବରେ ଆତସବାଜି ଫୁଟାଇପାରିବ ତାହା ଦେଖିବା ପାଇଁ ଏକ ପ୍ରତିଯୋଗିତା ହୋଇଥାଏ। ରିପୋର୍ଟ ଅନୁଯାୟୀ ଅନେକ ପରିବାର କିଛି ଘଣ୍ଟା ମଧ୍ୟରେ ୧୦୦୦ ରୁ ୧୦୦୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଆତସବାଜି ଜାଳିଥା'ନ୍ତି। ପ୍ରଶ୍ନ ହେଉଛି ଏହା କ'ଣ ପର୍ବ ପାଳନ କରିବାର ଉପାୟ ନା ପ୍ରଦୂଷଣ ସୃଷ୍ଟିକାରୀ ପ୍ରତିଯୋଗିତା।? ଆତସବାଜି କେବଳ ବ୍ୟବହାରକାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରେ ନାହିଁ, ବରଂ ନିକଟରେ ଉପସ୍ଥିତ ଥିବା ଅନ୍ୟମାନଙ୍କୁ ମଧ୍ୟ ପ୍ରଭାବିତ କରେ।

ବୈଜ୍ଞାନିକଙ୍କ ମତାନୁଯାୟୀ ଆତସବାଜି ଜାଳିବା ଦ୍ୱାରା ସଲଫର ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ସୀସା ସମେତ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ନିର୍ଗତ ହୁଏ, ଯାହା ବିଭିନ୍ନ ଗମ୍ଭୀର ସମସ୍ୟା ସୃଷ୍ଟି କରେ। ଏସବୁ ଅତ୍ୟନ୍ତ ବିଷାକ୍ତ, ଯାହା ହୃଦୟ, ମସ୍ତିଷ୍କ, ଯକୃତ, ବୃକକ୍, ରକ୍ତ ଏବଂ ହାଡ଼କୁ ଗମ୍ଭୀର ଭାବରେ ପ୍ରଭାବିତ କରିପାରେ। ଶବ୍ଦ ପ୍ରଦୂଷଣ ବ୍ୟତୀତ ଏହା ମାଟି ଓ ଜଳ ପ୍ରଦୂଷଣ ମଧ୍ୟ ସୃଷ୍ଟି କରେ। ଆଜ୍‌ମା, ହୃଦ୍‌ଘାତ, ଚର୍ମ ରୋଗ ଆଦି ମଧ୍ୟ ବୃଦ୍ଧି କରେ। ଗବେଷଣା ଅନୁଯାୟୀ ଆତସବାଜି ସାର୍ବଜନୀନ ଜଳ ଯୋଗାଣ ଓ ଭୂତଳ ଜଳକୁ ମଧ୍ୟ ବିଷାକ୍ତ କରିପାରେ। ଯେଉଁମାନେ ସେହି ପାଣି ବ୍ୟବହାର କରନ୍ତି ସେମାନଙ୍କୁ ବିଭିନ୍ନ ଶାରୀରିକ ଏବଂ ମାନସିକ ରୋଗର ଶିକାର ହେବାକୁ ପଡ଼ିଥାଏ। ଏହା ଉଦ୍ଭିଦ ଉପରେ ପ୍ରତିକୂଳ ପ୍ରଭାବ ପକାଏ।

ଉତ୍ସବ ନାମରେ ଜଳାଯାଉଥିବା ଆତସବାଜି ଥରେ ହିଂସାତ୍ମକ ଓ କୋଳାହଳପୂର୍ଣ୍ଣ ସଂସ୍କୃତିର ଅଂଶ ଥିଲା। ମଧ୍ୟଯୁଗୀୟ ସମୟରେ ଏଗୁଡ଼ିକ ଭାରତରେ ବ୍ୟାପକ ହୋଇଗଲା ଏବଂ ଦେଖୁ ଦେଖୁ ଭାରତୀୟ ସମାଜର ପ୍ରତ୍ୟେକ ବର୍ଗରେ ଆନନ୍ଦ ପ୍ରକାଶ କରିବାର ଏକ ମାଧ୍ୟମ ହୋଇଗଲା। ଆମ ଦେଶରେ ଏଗୁଡ଼ିକ କୌଣସି ଉତ୍ସବ କିମ୍ବା ପର୍ବର ଅଂଶ ନଥିଲେ। କାରଣ ଏଗୁଡ଼ିକ ଏଠାରେ ନିର୍ମିତ ହୋଇନଥିଲା। ଶାନ୍ତି, ପ୍ରେମ, ସଦ୍ଭାବ ଏବଂ ସହିଷ୍ଣୁତାର ଭାରତୀୟ ସଂସ୍କୃତିରେ ନୃତ୍ୟ, ସଂଗୀତ କାର୍ଯ୍ୟକ୍ରମ, ଆମ୍ବ ପତ୍ରରେ ଘର ସଜାଇବା, ଚିତ୍ରକଳା କରିବା ଏବଂ ଖୁସି ପ୍ରକାଶ କରିବା ପାଇଁ ବିଭିନ୍ନ ପ୍ରତୀକ ବ୍ୟବହାର କରିବାର ପରମ୍ପରା ରହିଆସିଛି।

ରାଜ୍ୟ ପ୍ରଶାସନ ବାଣ ଫୁଟାଇବା ଉପରେ ସରକାରୀ ନିଷେଧ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ କେତେଦୂର କାର୍ଯ୍ୟକାରୀ କରିପାରିବେ ତାହା କେବଳ ଦୀପାବଳି ଏବଂ ଅନ୍ୟାନ୍ୟ ପର୍ବପର୍ବାଣି ସମୟରେ ଜଣାପଡ଼ିବ। ତଥାପି ଜନସଚେତନତା ବ୍ୟାପକ ଭାବରେ କରାଯିବା ଉଚିତ, ଯାହା ଦ୍ୱାରା ଭବିଷ୍ୟତରେ କୌଣସି ପ୍ରଦୂଷଣଜନିତ ସମସ୍ୟା ସୃଷ୍ଟି ନହୁଏ। ଆଶା କରାଯାଉଛି ଯେ ଭବିଷ୍ୟତରେ କେବଳ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳରେ ନୁହେଁ, ବରଂ ପ୍ରଦୂଷଣ ସମସ୍ୟା ଲାଗି ରହିଥିବା ପ୍ରତ୍ୟେକ ସହରରେ ବାଣ ଫୁଟାଇବା ଉପରେ ନିଷେଧ ଲାଗୁ କରାଯିବ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ତିବ୍ବତରେ ବୌଦ୍ଧବିହାର

## ଦ୍ୱିତୀୟ-ବୃଦ୍ଧ କଥା

**ପ୍ରବୀର କୁମାର ପଟ୍ଟନାୟକ**

ପୂର୍ବପ୍ରକାଶିତ ଉତ୍ତାରୁ...



ଏଇଟି ଖ୍ରୀ ୧୪୪୫ ରେ ନିର୍ମିତ ହୋଇଥିଲା ସଙ୍ଘ-ଖା-ପାଙ୍କର ବଂଶଧର ତଥା ଗେଲୁଗ୍‌ସ୍‌ପା ସଂପ୍ରଦାୟର ପ୍ରଥମ ମହାଲାମା ଗେ ଡୁନ୍ ଡବ୍ ଙ୍କ ଦ୍ୱାରା। ଏହି ମହାବିହାରଟି ବୌଦ୍ଧଶିକ୍ଷାର ପ୍ରଧାନ କେନ୍ଦ୍ର। ତାସୀ-ଲୁନ୍-ପୋ ବିଶ୍ୱବିଦ୍ୟାଳୟଟି ମହାଲାମାଙ୍କ ଅଧ୍ୟକ୍ଷତାରେ ହିଁ ପରିଚାଳିତ। ଏହି ମହାଲାମା ପଞ୍ଚେନ ରିନ୍ ପୋ ଚେ ନାମରେ ପରିଚିତ। ମହାବିହାରଟି ଗୋଟିଏ କ୍ଷୁଦ୍ର ସହର ଏବଂ ଏଠାରେ ତିନି ହଜାର ଭିକ୍ଷୁ ରହିଥା'ନ୍ତି। (୬) ରା-ଡାଙ୍ଗ - ଏହି ମହାବିହାରଟି କଦମ୍‌ପା ସଂପ୍ରଦାୟର। ଏହା ଲାସାର ଉତ୍ତର ପୂର୍ବକୁ ଅବସ୍ଥିତ। ଏଇଟି ବୌଦ୍ଧ ଗୁରୁ ଅତୀସଙ୍କ ଶିଷ୍ୟ ବ୍ରମ୍-ଟନ୍ ଙ୍କ ଦ୍ୱାରା ଖ୍ରୀ ୧୦୫୫ରେ ପ୍ରତିଷ୍ଠିତ। ଏଠାରେ ଅତୀସଙ୍କ ଦେହାବଶେଷ ଏକ ବିରାଟ ରୌପ୍ୟ ସମାଧିରେ ସଂରକ୍ଷିତ। ଏହିଠାରେ ମଧ୍ୟ ପ୍ରସିଦ୍ଧ ବୌଦ୍ଧ ସାଧୁ ମିଲାରେପାଙ୍କର ସ୍ୱର୍ଣ୍ଣନିର୍ମିତ ପ୍ରତିମୂର୍ତ୍ତି ରଖାଯାଇଛି। ଏହି ସ୍ଥାନଟି ହେଉଛି ତିବ୍ବତରେ ପ୍ରାରମ୍ଭିକ କାଳର ପ୍ରଥମ ଓ ପ୍ରଧାନ ବୌଦ୍ଧ କେନ୍ଦ୍ର। (୭) ସା-ସ୍କ୍ୟ - ଏହି ମହାବିହାର ଖ୍ରୀ ୧୦୭୧ରେ ପ୍ରତିଷ୍ଠିତ। ସା-ସ୍କ୍ୟ ହେଉଛି ତିବ୍ବତୀୟ ବୌଦ୍ଧଧର୍ମର ଏକ ସଂସ୍କାରମୂଳକ ସଂପ୍ରଦାୟ ଏବଂ ଏହି ମହାବିହାରଟି ସେହି ନାମରେ ନାମିତ। ଏହି ମହାବିହାରର କୋଠା ସାତତାଲା ବିଶିଷ୍ଟ। ଏଠାରେ ଏକ ବିଶାଳ ଗ୍ରନ୍ଥାଗାର ରହିଛି। ତିବ୍ବତୀ ଓ ସଂସ୍କୃତ ଭାଷାରେ ଗ୍ରନ୍ଥମାନ ଏଠାରେ ରଖାଯାଇଛି। (୮) ଫୁଣ୍ଟସୋଲିଙ୍ଗ - ଏହି ବିହାରଟିକୁ ପ୍ରସିଦ୍ଧ ତିବ୍ବତୀୟ ଇତିହାସକାର ଲାମା ତାରାନାଥ ପ୍ରତିଷ୍ଠା କରିଥିଲେ। ଶାସକ୍ୟର ଉତ୍ତର ପାଖରେ ଜୋନାଙ୍ଗ ବୌଦ୍ଧବିହାର ପାଖାପାଖି ଏହି ବିହାରଟିରେ ଲାମା ତାରାନାଥ ନିଜେ ଶିକ୍ଷା ଗ୍ରହଣ କରିଥିଲେ। ଏହି ବିହାରଟିରେ ସେ ଅନେକ ବୌଦ୍ଧ ପ୍ରତିମୂର୍ତ୍ତି ଓ ବହୁ ସଂଖ୍ୟକ ଗ୍ରନ୍ଥ ସଂଗ୍ରହ କରି ପୂର୍ଣ୍ଣ କରିଦେଇଥିଲେ। ତାଙ୍କ ଦେହତ୍ୟାଗ ପରେ ପଞ୍ଚମ ମହାଲାମା (ଦଲାଇ ଲାମା) ଜବରଦସ୍ତ ଏହି ବିହାରଟିକୁ ନିଜର ଗେଲୁଗ୍‌ସ୍‌ପା ସଂପ୍ରଦାୟର ଅନୁଷ୍ଠାନ ଭାବେ ପରିଣତ କରି ଦେଇଥିଲେ। (୯) ସାମ-ନିଙ୍ଗ - ଏଇଟି ନିଙ୍ଗମା ସଂପ୍ରଦାୟର ବିହାର। ଏହି ବିହାରରେ ଉଭୟ ବୌଦ୍ଧ ଭିକ୍ଷୁ ଓ ଭିକ୍ଷୁଣୀ ରହିଥା'ନ୍ତି। ମାତ୍ର ଜଣେ ଭିକ୍ଷୁଣୀ ଦେଉଛନ୍ତି ଏହାର ମୁଖ୍ୟ। (୧୦) ଦେ-କୁଙ୍ଗ - ଜଣେ ବିଶିଷ୍ଟ ଶାସକ୍ୟ ଲାମାଙ୍କ ପୁତ୍ର କୋଞ୍ଚୋ-ଯାଲ୍‌ପୋ ଏହି ବିହାରଟିକୁ ଖ୍ରୀ ୧୧୬୬ ରେ ନିର୍ମାଣ କରିଥିଲେ। ଏହା ଲାସାର ଉତ୍ତର ପଶ୍ଚିମକୁ ପ୍ରାୟ ଶହେ ମାଇଲ ଦୂରରେ ଅବସ୍ଥିତ ଏବଂ କାଗ୍ୟପା ସଂପ୍ରଦାୟର ବିଶାଳ ବୌଦ୍ଧ ବିହାର ମଧ୍ୟରୁ ଗୋଟିଏ। (୧୧) ମିଣ୍ଡୋଲିଙ୍ଗ - ଏହା ହେଉଛି ନିଙ୍ଗ୍‌ମା ସଂପ୍ରଦାୟର ବିହାର ଓ ସମୟେ ବିହାରର ଦକ୍ଷିଣକୁ ଲାଗି ରହିଛି। ଏଥିରେ କୋଡ଼ିଏ ଗୋଟି ବୌଦ୍ଧମନ୍ଦିର ରହିଛି। ମୁଖ୍ୟ ମନ୍ଦିରଟି ନଅତାଲା ବିଶିଷ୍ଟ। ଏହି ବିହାରଗୁଡ଼ିକ ତିବ୍ବତର ପ୍ରସିଦ୍ଧ ବିହାର ମଧ୍ୟରୁ କେତୋଟି। ତିବ୍ବତର କୋଣ ଅନୁକୋଣରେ ବିଭିନ୍ନ ସଂପ୍ରଦାୟର ଅନେକ ବିହାର ରହିଛି। ଦକ୍ଷିଣ ଓ ପୂର୍ବ ତିବ୍ବତରେ ବିହାରମାନ ବହୁ ସଂଖ୍ୟାରେ ଅବସ୍ଥିତ। ବିହାରଗୁଡ଼ିକ ମଧ୍ୟରୁ ଅଧିକ ସଂଖ୍ୟକ ହେଉଛନ୍ତି ନିଙ୍ଗମା ସଂପ୍ରଦାୟର। ଏହି ନିଙ୍ଗମା ସଂପ୍ରଦାୟ ସିଧାସଳଖ ଭାବେ ପଦ୍ମସମ୍ଭବଙ୍କ ସହ ସଂଯୁକ୍ତ।(ସମାପ୍ତ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଏଥର ବ୍ୟବସାୟୀଙ୍କ ଦୀପାବଳି

# କାରବାର ଛୁଇଁବ ୪.୭୫ ଲକ୍ଷ କୋଟି

### ସର୍ବଭାରତୀୟ ବଣିକ ସଂଘର ଆକଳନ

**କେବଳ ଦିଲ୍ଲୀରେ ହେବ ୭୫ ହଜାର କୋଟିର ବେପାର**

**ଧନ୍‌ତେରସ୍‌ରେ ସୁନା କାରବାର ଟପିବ ୫୦ ହଜାର କୋଟି**



■ **ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି):** ନବରାତ୍ରିରୁ ଦୀପାବଳି ଏବଂ ବିବାହ ଋତୁ ପର୍ଯ୍ୟନ୍ତ ସାରା ଦେଶରେ ଉତ୍ସବର ମାହୋଲ ଚାଲିଛି। ସବୁଠି କାରବାର ଉତ୍ସାହଜନକ ରହିଥିବାବେଳେ ବ୍ୟବସାୟୀମାନେ କାରବାରରେ ରେକର୍ଡ ଭାଙ୍ଗିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ଚଳିତଥର ଦୀପାବଳି ସାରା ଦେଶରେ ୪.୭୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରିଛି କନ୍‌ଫେଡ଼େରେସନ ଅଫ୍ ଅଲ ଇଣ୍ଡିଆ ଟ୍ରେଡ଼ର୍ସ (କ୍ୟାଟ୍)। ବାସ୍ତବରେ ଯଦି ଏହି ଆକଳନ ସତ୍ୟରେ ପରିଣତ ହୁଏ ତେବେ ଏହା ସର୍ବକାଳୀନ ରେକର୍ଡ ଭାଙ୍ଗିବ। ଏହି ପରିମାଣର କାରବାର ନେପାଳର ଜିଡିପି ୪ ଲକ୍ଷ କୋଟିରୁ ଅଧିକ ଓ ପାକିସ୍ତାନର ବାର୍ଷିକ ପ୍ରତିରକ୍ଷା ବଜେଟ୍‌ର ୬ଗୁଣ ବୋଲି କୁହାଯାଉଛି। ସମାନ ଓ ପାକିସ୍ତାନର ପ୍ରତିରକ୍ଷା ବଜେଟ୍‌ର ୪ ଗୁଣ।

ସୂଚନା ଅନୁସାରେ ୨୦୨୧ ଦୀପାବଳିରେ ଭାରତରେ ପ୍ରାୟ ୧.୨୫ ଲକ୍ଷ କୋଟି ଟଙ୍କା କାରବାର ହୋଇଥିଲା। ୨୦୨୨ରେ ଏହା ପାଖାପାଖି ଦ୍ୱିଗୁଣିତ ହୋଇ ୨.୨୫ ଲକ୍ଷ କୋଟିରେ ପହଞ୍ଚିଥିଲା। ମାତ୍ର ୨୦୨୩ ପରଠାରୁ ଦୀପାବଳି କାରବାର ରକେଟ୍ ବେଗରେ ଉର୍ଦ୍ଧ୍ୱଗାମୀ ହୋଇଛି। ୨୦୨୩ରେ ଭାରତରେ ଦୀପାବଳି କାରବାର ୩.୭୫ ଲକ୍ଷ କୋଟି ଛୁଇଁଥିଲା ଓ ୨୦୨୪ରେ ଏହା ୪.୨୫ ଲକ୍ଷ କୋଟି ହୋଇଥିଲା। ମାତ୍ର ଚଳିତ ବର୍ଷ ଏହା ୪.୭୫ ଲକ୍ଷ କୋଟି ଅତିକ୍ରମ କରିବ ବୋଲି କ୍ୟାଟ୍ ଆକଳନ କରିଛି। କେବଳ ରାଜଧାନୀ ନୂଆଦିଲ୍ଲୀରେ ୭୫ ହଜାର କୋଟି ଟଙ୍କାର କାରବାର ହେବା ଲକ୍ଷ୍ୟ ରଖାଯାଇଛି ଓ ଆସନ୍ତାକାଲି ଧନତେରସରେ ୫୦ ହଜାର କୋଟିର ସୁନା କ୍ରୟ ହୋଇପାରେ ବୋଲି ଆକଳନ କରାଯାଇଛି। ଯାହା ଫଳରେ କାରବାର ଦୃଷ୍ଟିରୁ ଚଳିତବର୍ଷର ଦୀପାବଳି କାରବାର ସର୍ବକାଳୀନ ରେକଡର୍ ଭାଙ୍ଗିବ ବୋଲି ଆଶା କରାଯାଉଛି।

ଦିଲ୍ଲୀ ସମେତ ୩୫ଟି ପ୍ରମୁଖ ସହରରେ ବ୍ୟବସାୟ ଧାରା ସମ୍ପର୍କରେ କ୍ୟାଟ୍ ପକ୍ଷରୁ କରାଯାଇଥିବା ସର୍ଭେକ୍ଷଣରେ ଚମକପ୍ରଦ ତଥ୍ୟ ମିଳିଛି। ଲୋକେ ଘର ସାଜସଜ୍ଜା ସାମଗ୍ରୀ, ଘରୋଇ ଉତ୍ପାଦ, ପୋଷାକପତ୍ର, ଇଲେକ୍‌ଟ୍ରୋନିକ୍ସ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରେ ଭାରତୀୟ ବ୍ରାଣ୍ଡକୁ ଅଧିକ ଗୁରୁତ୍ୱ ଦେଉଥିବା କ୍ୟାଟ୍‌ର ସାଧାରଣ ସମ୍ପାଦକ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି। ସେ କହିଛନ୍ତିଯେ ଚଳିତ ବର୍ଷ ଦୀପାବଳିରେ ବଜାରରେ ଚୀନ ସାମଗ୍ରୀ ବିଶେଷ ଉପଲବ୍ଧ ନାହିଁ। ଆମଦାନକାରୀମାନେ ଚୀନ୍‌ରୁ ଦୀପାବଳି ସମ୍ବନ୍ଧୀୟ ସାମଗ୍ରୀ ଆଣିବା ବନ୍ଦ କରିଦେଇଛନ୍ତି। ୨୦୨୦ର ଗାଲୱାନ୍ ଘଟଣା ପରଠାରୁ ବ୍ୟବସାୟୀ ଏବଂ ଗ୍ରାହକ ଉଭୟ ସ୍ଥାନୀୟ ଭାବରେ ନିର୍ମିତ ଉତ୍ପାଦ ଆଡ଼କୁ ମୁହାଁଇଛନ୍ତି। ନବରାତ୍ରି ସହିତ ଆରମ୍ଭ ହୋଇଥିବା ପାର୍ବଣ ଋତୁ ଦୀପାବଳି, ଛଠ୍‌ପୂଜା ଏବଂ ବିବାହ ଋତୁ ପର୍ଯ୍ୟନ୍ତ ଜାରି ରହିବ, ଯାହା ବ୍ୟବସାୟର ସୁଯୋଗ ବୃଦ୍ଧି କରିବ। ଚଳିତ ବର୍ଷ ଦୀପାବଳି କେବଳ ଆଲୋକର ପର୍ବ ନୁହେଁ, ବରଂ ଭାରତର ଆର୍ଥିକ ଶକ୍ତିର ଉତ୍ସବ। ସେ କହିଛନ୍ତି ଯେ ଭାରତୀୟ ସାମଗ୍ରୀ ଉପରେ ଖର୍ଚ୍ଚ ହେଉଥିବା ପ୍ରତ୍ୟେକ ଟଙ୍କା ଦେଶର ଅଭିବୃଦ୍ଧିରେ ଯୋଗଦାନ ଦିଏ ଏବଂ ସ୍ଥାନୀୟ କାରିଗର, ନିର୍ମାତା ଏବଂ ବ୍ୟବସାୟୀଙ୍କୁ ସମର୍ଥନ କରେ। ଦିଲ୍ଲୀ ବଜାରର ଦୃଢ଼ ଅଭିବୃଦ୍ଧି ଦେଶବ୍ୟାପୀ ବର୍ଦ୍ଧିତ କାରବାରର ଧାରା ପ୍ରତିଫଳିତ କରେ। ଏହି ପାର୍ବଣ ଋତୁରେ ଦେଶ ସାରା ବିକ୍ରି ୪.୭୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବ ବୋଲି ଆଶା କରାଯାଉଛି, ଯାହା ଦେଶର ଖୁଚୁରା ଅର୍ଥନୀତି ପାଇଁ ଏକ ନୂତନ ରେକର୍ଡ ସ୍ଥାପନ କରିବ।

# କେନ୍ଦୁଝରକୁ ଶ୍ରେଷ୍ଠ ଜିଲ୍ଲା ପୁରସ୍କାର

### 'ଧରତୀ ଆବା ଜନଭାଗୀଦାରି ଅଭିଯାନ'

**ଭୁବନେଶ୍ୱର,୧୭।୧୦(ସମିସ):** ଧରତୀ ଆବା ଜନଭାଗୀଦାରି ଅଭିଯାନ ଅଧୀନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ଅନୁକରଣୀୟ ଅବଦାନ ପାଇଁ କେନ୍ଦୁଝର ଜିଲ୍ଲାକୁ ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଆଦି କର୍ମଯୋଗୀ ଅଭିଯାନ, ଜାତୀୟ କନକ୍ଲେଭ-୨୦୨୫ରେ ମନ୍ତ୍ରଣାଳୟର ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇଥିଲେ। ଏହି ଅବସରରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ସଚିବ ବିଭୁ ନାୟାରଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି ରାଜ୍ୟ ଏସସିଏସଟି ଡିପାର୍ଟମେଣ୍ଟ କମିଶନର ତଥା ସଚିବ ପି. ପରମେଶ୍ୱରନ୍।

ଏହି ଅବସରରେ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ କହିଥିଲେ, ଏହି ସମ୍ମାନ ସମଗ୍ର କେନ୍ଦୁଝରବାସୀଙ୍କର। ଏହା ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀ ଏବଂ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକର ସାମୂହିକ ପ୍ରୟାସର ପ୍ରମାଣ ବୋଲି ସେ କହିଛନ୍ତି। ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ଓ ଯେଉଁମାନେ ଏହାର ସର୍ବାଧିକ ଆବଶ୍ୟକତା ରଖିଛନ୍ତି, ସେମାନଙ୍କୁ କିପରି ଲାଭ ମିଳିବ, ତାହା ଆମର ଲକ୍ଷ୍ୟ ବୋଲି ଶ୍ରୀ ସିଂହ କହିଛନ୍ତି।

ସୂଚନା ଅନୁସାରେ, ଅନ୍ତର୍ଭୁକ୍ତୀକରଣ ଶାସନର ଦୃଷ୍ଟିକୋଣ ସହ ସଂଯୁକ୍ତ ହୋଇ ଆଦିବାସୀ ଅଞ୍ଚଳରେ ସକ୍ରିୟ ସମାବେଶୀ ଅଂଶଗ୍ରହଣ ଏବଂ ବିକାଶର ସ୍ଥାୟୀ ମଡେଲଗୁଡ଼ିକୁ ପ୍ରୋତ୍ସାହିତ କରିବାରେ ଜିଲ୍ଲା ଉଲ୍ଲେଖନୀୟ ପ୍ରଗତି ଦେଖାଇଛି। ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ଭାରତ ସରକାରଙ୍କ ପ୍ରୟାସର ଏକ ଅଂଶ ଭାବରେ ଆରମ୍ଭ ହୋଇଥିଲା ଧରତୀ ଆବା ଜନଭାଗୀଦାରୀ ଅଭିଯାନ। ଶିକ୍ଷା, ଜୀବିକା ବୃଦ୍ଧି, ମହିଳା ସଶକ୍ତୀକରଣ ଏବଂ ଡିଜିଟାଲ୍ ଅନ୍ତର୍ଭୁକ୍ତି ମାଧ୍ୟମରେ ଆଦିବାସୀ ଅଞ୍ଚଳରେ ଜୀବନର ଗୁଣବତ୍ତା ଉନ୍ନତ କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନର ପ୍ରତିବଦ୍ଧତାକୁ ଦର୍ଶାଇ ଜାତୀୟସ୍ତରରେ ଏହି ମାନ୍ୟତା ହାସଲ କରିଛି।

### ମହିଳା ହିଂସାକୁ ନେଇ ରାଜ୍ୟପାଳଙ୍କ ଚିନ୍ତା ପ୍ରକଟ

# 'ଅପରାଧ ନିୟନ୍ତ୍ରଣ ଦାୟିତ୍ୱ ସମସ୍ତଙ୍କର'

**ଭୁବନେଶ୍ୱର, ୧୭।୧୦(ସମିସ):** ନିକଟରେ ପଶ୍ଚିମବଙ୍ଗର ଦୁର୍ଗାପୁର ଘଟିଥିବା ଗଣଦୁଷ୍କର୍ମ, ବାଲେଶ୍ୱର ଫକୀରମୋହନ ଘଟଣା ଓ ଗୋପାଳପୁର ସମୁଦ୍ରକୂଳ ଗଣଦୁଷ୍କର୍ମ ଆଦି ଘଟଣା ଆଦି ଚିନ୍ତାଜନକ। ଏଭଳି ଅପରାଧ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ବିଶେଷକରି ଶିକ୍ଷାନୁଷ୍ଠାନମାନଙ୍କରେ ଯେପରି ଏଭଳି କୌଣସି ଘଟଣା ନ ଘଟେ, ସେଥିପାଇଁ ସମସ୍ତ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉପରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ଶୁକ୍ରବାର ଡଃ କମ୍ଭମପାଟି ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ରାଜ୍ୟର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଏକାଧିକ ପ୍ରସଙ୍ଗରେ ଆଲୋଚନା ଅବସରରେ ଉପରୋକ୍ତ ଘଟଣାମାନଙ୍କୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏହାସହ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏଭଳି ଘଟଣା ଘଟିଲେ, ତୁରନ୍ତ ଆଇସିସିର ଦୃଷ୍ଟି ଆକର୍ଷଣ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଅପରାଧ ନିୟନ୍ତ୍ରଣ ପାଇଁ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି ରାଜ୍ୟପାଳ କହିବା ସହିତ ସମାଜକୁ ସଚେତନ ହେବାକୁ ଆହ୍ୱାନ ଦେଇଛନ୍ତି। ଏଭଳି ଘଟଣାରେ ତୁରନ୍ତ ପୁଲିସ ସହାୟତା ନେବା ସହ ମହିଳାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଛନ୍ତି।

**ଓଡ଼ିଶା ଏକ ଅର୍ଥନୈତିକ ସୁସ୍ଥ ରାଜ୍ୟ**

**୩ ମାସ ମଧ୍ୟରେ ୧୩ କୁଳପତି ନିଯୁକ୍ତି ସରିବ**

ସେହିପରି ୨୦୩୬ ସୁଦ୍ଧା ରାଜ୍ୟର ସ୍ଥିତି ସମ୍ପର୍କରେ ସୂଚନା ଦେଇ ରାଜ୍ୟପାଳ କହିଛନ୍ତି ଯେ ଓଡ଼ିଶା ଏକ ଅର୍ଥନୈତିକ ସୁସ୍ଥ ରାଜ୍ୟ। ଦେଶ ବିକାଶରେ ଓଡ଼ିଶା ଅନେକ ଅବଦାନ ରହିଛି। ରାଜ୍ୟର ପ୍ରାକୃତିକ ଖଣିଜ ସମ୍ପଦସାଙ୍ଗକୁ ଓଡ଼ିଶା ଲୋକଙ୍କ ଆଶାବାଦୀ ଚିନ୍ତାଧାରା ରାଜ୍ୟକୁ ଆଗକୁ ବଢ଼ାଇନେବ। ତେଣୁ,୨୦୨୩୬ ଓଡ଼ିଶା ନିଶ୍ଚିତ ଭାବେ ଏକ ବିକଶିତ ରାଜ୍ୟରେ ପରିଣତ ହୋଇପାରିବ। ସେହିପରି କୁଳାଧିପତି ଭାବେ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଫାଙ୍କାଥିବା କୁଳପତି ଓ ଅନ୍ୟ ପଦବୀ ପୂରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟପାଳ କହିଛନ୍ତି ଯେ ବର୍ତ୍ତମାନ ୧୩ ଟି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନାହାନ୍ତି। ଏହି ପଦ ପୂରଣ ପାଇଁ ପ୍ରକ୍ରିୟା ଜାରି ରହିଛି। ଆସନ୍ତା ୨-୩ ମାସ ମଧ୍ୟରେ ଏହା ପୂରଣ ହୋଇଯିବା ନେଇ ରାଜ୍ୟପାଳ ଆଶା ପ୍ରକଟ କରିଛନ୍ତି।

ସେହିପରି ଅନ୍ୟପ୍ରସଙ୍ଗଗୁଡ଼ିକ ମଧ୍ୟରେ ମହାନଦୀ ଜଳ ବିବାଦ, ଯୁବବର୍ଗଙ୍କ ଦକ୍ଷତା ବିକାଶ, ପେସା ଆଇନ୍, ପାନୀୟ ଜଳ, ଜାତୀୟ ରାଜପଥ, ରେଳ ଯୋଗାଯୋଗ ଆଦି ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମେତ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ବାବଦରେ ଅଧିକ ସଚେତନତା ସୃଷ୍ଟି କରିବାକୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

## ଅବଶିଷ୍ଟାଂଶ...

### ଏସ୍‌ସିବି ଏମ୍‌ସ...

ଏବେ ଅଚଳ ହୋଇ ପଡ଼ିଥିବା ଖୋଦ୍ ଏସ୍‌ସିବି କର୍ତ୍ତୃପକ୍ଷ ସ୍ୱୀକାର କରିଛନ୍ତି। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁସାରେ ଏସ୍‌ସିବିରେ କାଜୁଆଲିଟିଠାରୁ ଆରମ୍ଭ କରି ଆଇସିୟୁ ପର୍ଯ୍ୟନ୍ତ ସବୁଠି ଅଚଳ ମେସିନ୍ ପଡ଼ି ରହିଛି। ବାୟୋକେମେଷ୍ଟ୍ରି ବିଭାଗରେ ୨ଟି ମେସିନ୍ ଅଚଳ। ବ୍ଲଡ ବ୍ୟାଙ୍କରେ ୫ଟି, ସିଟିଭିଏସ୍‌ରେ ୩ଟି, ହୃଦରୋଗ ବିଭାଗରେ ୩ଟି, କାଜୁଆଲିଟିରେ ୨ଟି, ସେଣ୍ଟ୍ରାଲ ଆଇସିୟୁରେ ୩ଟି, ଯକୃତ ପ୍ରତିରୋପଣ ୟୁନିଟରେ ୭ଟି, ଟ୍ରମା ଆଇସିୟୁରେ ୪ଟି ଯନ୍ତ୍ର କାମ କରୁନାହିଁ। ପେଡିଆଟ୍ରିକ ଆଇସିୟୁରେ ୨ଟି, ସର୍ଜରୀ ବିଭାଗର ଅସ୍ତ୍ରୋପଚାର ଥିଏଟର ୬ଟି ମିଶାଇ ଫିଜିଓଲୋଜି, ରେଡିଓଲୋଜି, ନ୍ୟୁରୋଲୋଜି, ଫାର୍ମାକୋଲୋଜି, ଇଏନଟି, ଚକ୍ଷୁ ବିଭାଗ ଭଳି ଅନେକ ବିଭାଗର ମେସିନ ଅକାମୀ ହୋଇ ପଡ଼ି ରହିଛି। ଅଚଳ ମେସିନ ଗୁଡିକ ମଧ୍ୟରେ ରହିଛି ବିଦେଶରୁ ଆମଦାନୀ ହୋଇଥିବା ବହୁ ଦାମୀ ମେସିନ୍।

ପୂର୍ବ ସରକାର ଅମଳରେ ଆରମ୍ଭ ହୋଇଥିବା ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ ୨୦୨୪ ସୁଦ୍ଧା ଶେଷ ହେବା ଲକ୍ଷ୍ୟ ରହିଥିଲା। ଏବେ ଏହି ସମ୍ପ୍ରସାରଣ କାର୍ଯ୍ୟ କେବେ ସରିବ ତାହାର କିଛି ଠିକଣା ନାହିଁ। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରାଜ୍ୟର ସବୁଠୁ ବଡ଼ ପ୍ରତିଷ୍ଠାନ ଓ ପ୍ରତିଦିନ ହଜାର ହଜାର ଲୋକ ନିର୍ଭର କରୁଥିବା ଏସ୍‌ସିବିରେ ସ୍ୱାସ୍ଥ୍ୟସେବା ସରକାର ପରିବର୍ତ୍ତନ ପରେ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଏଠାରେ ୮୯ଟି ମେସିନ୍ ଅଚଳ ହୋଇ ପଡ଼ି ରହିଥିଲା। ଏହା ମଧ୍ୟରେ ଆହୁରି କିଛି ମେସିନ ଅଚଳ ହୋଇଥିବା ସୂଚନା ବି ମିଳିଛି। ଅଚଳ ମେସିନ ଗୁଡିକ ଆଇସିୟୁ, କାର୍ଡିଓ ଥୋରାସିସ ଆଣ୍ଡ ଭସ୍କୁଲାର ସର୍ଜରୀ(ସିଟିଭିଏସ୍), ଯକୃତ ପ୍ରତିରୋପଣ ୟୁନିଟ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ରହିଥିବା ଜଣାପଡ଼ିଛି। କେଇମାସ ତଳେ ଖୋଦ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ କଟକ ବଡ଼ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିବାବେଳେ ମେସିନ ଅଚଳ ଯୋଗୁଁ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରରେ ତାଙ୍କର ପରୀକ୍ଷା କରାଯାଇଥିଲା। ଏହା ପରେ ମଧ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏଥିରେ ଚେତି ନାହାନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ଡ଼ାକ୍ତରଖାନା କର୍ତ୍ତୃପକ୍ଷ ମିଳିମିଶି ଏସ୍‌ସିବିକୁ ଏକ ମୃତ ସଂସ୍ଥାରେ ପରିଣତ କରିବାକୁ ଷଡ଼ଯନ୍ତ୍ର କରୁଥିବା ଏବେ ଅଭିଯୋଗ ହେବାରେ ଲାଗିଛି।

### ଦିଲ୍ଲୀରୁ ସିଣ୍ଡିକେଟ୍...

ହଜାର ଟଙ୍କା ଓ ଅନେକ ଦସ୍ତାବିଜ୍ କ୍ରାଇମବ୍ରାଞ୍ଚ ଜବତ କରିଛି। ଏହି ଘଟଣାରେ ଅଭିଯୁକ୍ତ ମୁନାକୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଉପରୋକ୍ତ ଘଟଣାରେ ଗିରଫ ପ୍ରାର୍ଥୀମାନଙ୍କଠାରୁ ଜବତ କରାଯାଇଥିବା ୧୧୦ରୁ ଅଧିକ ମୋବାଇଲର ଫୋରେନ୍‌ସିକ୍ ଯାଞ୍ଚ ପ୍ରକ୍ରିୟା ଦୁଇ ତିନି ମାସ ଲାଗିଯିବ ବୋଲି କୁହାଯାଇଛି।

କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି ଯେ ସମସ୍ତ ଘଟଣାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି। ନୂଆଦିଲ୍ଲୀରେ ରହି ସେ ଏହି ଅପରାଧ ସିଣ୍ଡିକେଟ୍ ଚଳାଉଥିଲା। ବିଜୟନଗରମ୍ ଯାଉଥିବା ପ୍ରାର୍ଥୀମାନେ ଗତ ୨୯ ତାରିଖରେ ଧରାପଡ଼ିଯିବା ପରଠାରୁ ଶଙ୍କରଙ୍କ ମୋବାଇଲ ସ୍ୱିଚ୍-ଅଫ୍ ହୋଇଯାଇଥିଲା। ଏପରିକି, ଏହି ସିଣ୍ଡିକେଟ୍‌ରେ କାମ କରୁଥିବା ସମସ୍ତଙ୍କୁ ନିଜ ନିଜ ଜାଗା ଛାଡ଼ିବା ସହ ମୋବାଇଲ ବନ୍ଦ ରଖିବାକୁ କୁହାଯାଇଥିଲା। ବିଜୟନଗରମ୍ ଯାଉଥିବା ବେଳେ ପ୍ରାର୍ଥୀମାନେ ଧରାପଡ଼ିବା ତଥା କଥା ଚାକିରି ବେପାର ସମ୍ପର୍କରେ ଲୋକଲୋଚନକୁ ଆସିବା ପରେ ଆଉ ଦୀଘା ଯୋଜନା କାର୍ଯ୍ୟକାରୀ ହୋଇନଥିଲା।

ଦୀଘାଠାରେ ବି ପ୍ରାର୍ଥୀମାନଙ୍କୁ ଆଗୁଆ ପ୍ରଶ୍ନପତ୍ର ଦେଇ ଅଭ୍ୟାସ କରିବା ପାଇଁ ସମସ୍ତ ବନ୍ଦୋବସ୍ତ ହୋଇସାରିଥିଲା। ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ଅରବିନ୍ଦ ଦାସକୁ ଦୀଘାଠାରେ ପ୍ରଶ୍ନପତ୍ର ଅଭ୍ୟାସ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଉଭୟ ମୁନା ଓ ଅରବିନ୍ଦ ସମସ୍ତ ଘଟଣା ସମ୍ପର୍କରେ ମାଷ୍ଟରମାଇଣ୍ଡ ଶଙ୍କରକୁ ରିପୋର୍ଟ କରିଆସୁଥିଲେ। ଶଙ୍କର ଇତିମଧ୍ୟରେ ୩ଥର ସ୍ଥାନ ପରିବର୍ତ୍ତନ କରିଥିବା ବେଳେ ଖୁବ୍‌ଶୀଘ୍ର ତାକୁ ଗିରଫ କରାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଜି ଶ୍ରୀ ମିଶ୍ର କହିଛନ୍ତି। ଏପରିକି, ସେ ନୂଆଦିଲ୍ଲୀ ମଧ ଛାଡ଼ିସାରିଥିବା କୁହାଯାଇଛି।

ଅନ୍ୟପଟରେ ପ୍ରାର୍ଥୀମାନେ ବିଜୟନଗରମ୍ ଯିବା ପାଇଁ ଅଭିଯୁକ୍ତ ମୁନା ମହାନ୍ତି ଗତ ୨୭.୧୦.୨୦୨୫ରେ ଟ୍ରାଭେଲ୍ସ ସଂସ୍ଥାରୁ ତିନୋଟି ବସ୍ ବୁକ୍ କରିଥିଲେ ଏବଂ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଏବଂ ତାଙ୍କ ମାଆଙ୍କ ଆକାଉଣ୍ଟରୁ ୨ଲକ୍ଷ ୩୦ହଜାର ଟଙ୍କା ଦେଇଥିଲେ। ଏହି ପ୍ରମାଣ କ୍ରାଇମବ୍ରାଞ୍ଚର ହସ୍ତଗତ ହୋଇଛି। ମୁନା ଓ ତା'ର ସହଯୋଗୀ ଶ୍ରୀକାନ୍ତ ଏହାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିବା ବେଳେ ଟି. ଅଭିମନ୍ୟୁ ଦୋରା ଉଭୟଙ୍କୁ ଦଶପଲ୍ଲାର ତାଙ୍କ ଫାର୍ମ ହାଉସରେ ଆଶ୍ରୟ ଦେବ ସହ ପୁଲିସର ଗତିବିଧି ସମ୍ପର୍କରେ ଖବର ଦେଉଥିଲେ। ସେହିଭଳି ନିଜର ଜଣେ ଭଉଣୀ ପରିଚୟ ଦେଇ ପ୍ରିୟଦର୍ଶିନୀ ସାମଲ ନାମକ ଜନୈକା ମହିଳାଙ୍କୁ ମୁନା ଏହି ସଂଗଠିତ ଅପରାଧରେ ସାମିଲ କରିଥିଲେ। ପ୍ରିୟଦର୍ଶିନୀ ମାଧ୍ୟମରେ ପ୍ରାର୍ଥୀଙ୍କଠାରୁ ଅର୍ଥ ଆଦାୟ ହୋଇଥିଲା। ପରବର୍ତ୍ତୀ ସମୟରେ ଘଟଣା ଜଣାପଡ଼ିଯିବାରୁ ଗିରଫ ହୋଇଥିବା ପ୍ରାର୍ଥୀମାନଙ୍କର ପିତାମାତାଙ୍କୁ ସେମାନଙ୍କର ପ୍ରମାଣପତ୍ର ଫେରସ୍ତ କରିଥିଲେ। ଉକ୍ତ ପ୍ରମାଣପତ୍ର ଫେରାଇ ଦେଇ କେଳେଙ୍କାରୀ ଘଟଣାରେ ପ୍ରମାଣ ନଷ୍ଟ କରିଥିଲେ ବୋଲି ଡିଜି କହିଛନ୍ତି। ଏବେ ବି କ୍ରାଇମବ୍ରାଞ୍ଚର ୫ଟି ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

### ରିପୋର୍ଟ ମାଗିଲେ...

ଉପରେ ଆଲୋଚନା ପାଇଁ ଇଡି, ସିବିଆଇ ଏବଂ କ୍ରାଇମ୍‌ବ୍ରାଞ୍ଚ ସେମାନଙ୍କର ରିପୋର୍ଟ ପ୍ରଦାନ କରିବେ। ଏହିସବୁ ପ୍ରସଙ୍ଗ ଉପରେ ସବିଶେଷ ଆଲୋଚନା ପରେ ଆସନ୍ତା ନଭେମ୍ବର ୯ ତାରିଖରେ ମୁମ୍ବାଇଠାରେ ଏହି ପ୍ରସଙ୍ଗରେ ଏସ୍‌ଆଇଟିର ପରବର୍ତ୍ତୀ ବୈଠକ ହେବ ବୋଲି ସୂଚନା ମିଳିଛି।


**TRUST FUND DEGREE COLLEGE**
BARGARH - 768 028
**WALK IN INTERVIEW FOR LADY PEON & SWEEPER**
Desirous lady candidates having Non-matric qualification may attend the interview for **Lady Peon (01 Post)** and lady candidates having UP/ME qualification may attend the interview for **Lady Sweeper (01 Post)** to be held on **dt. 27.10.2025 at 10.00 A.M.** in college premises.
**N.B. - No T.A. / D.A. will be provided to the candidate.**
Sd/- Principal in-Charge-cum-Secretary
TRUST FUND DEGREE COLLEGE,
BARGARH

**AFFIDAVIT**
I, Rahul Sagar Behera, S/o.: Sagar Kumar Behera, resident of Sripadganj, Ward No.: 13, PO.: Baripada, Dist.: Mayurbhanj, Odisha, PIN-757001 declare by this affidavit No.: 21677 dated 02.08.2025 now onwards I shall be known as **Rahul Behera** for all future purposes.

**AFFIDAVIT**
By virtue of an affidavit No-6699 before the Executive Magistrate, Chandbali dtd: 15-10-2025. I, Runurani Majhi, W/O-Shatrughan Mandal, Vill-Narendrapur, P.O.-Karanjamala, P.S.-Bansada, Dist-Bhadrak, Odisha, declare that I have changed my name from **Runurani Mandal to Runurani Majhi**, Henceforth, I will be known as **RUNURANI MAJHI** for all purpose.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, CF No. 69 dated 14.10.2025, I, Purna Chandra Bisoyi, Vill- Pankalbadi, Po. - Pangadi, Ps.- Buguda, Dist.- Ganjam have changed the name of my minor son from Pravav Bisoyi (old name) to Parnav Bisoyi (new name). Henceforth, he shall be known as **Pranav Bisoyi** for all purposes.
Sd/- Purna Chandra Bisoyi

**AFFIDAVIT**
By virtue of an affidavit sworn before Executive Magistrate, Udala, Mayurbhanj No-5388, dated 17.10.2025, I, Gananath Nayak, At- Sarbanaghati, Po- Sarbanaghati, Ps-Kaptipada, Dist- Mayurbhanj, Odisha-757077 declare that I have changed my name from Gananayh Nayak to Gananath Nayak. Henceforth, I will be known as **Gananath Nayak** for all purposes.
Gananath Nayak

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
By virtue of an affidavit sworn before Executive Magistrate Jajpur, Dated- 17.10.2025, No-10119, I, Rasmita Acharya, W/o-Niranjan Mohapatra, At-Jalapur, Po- Markandapur, Ps/Dist-Jajpur, Odisha Pin-755007 declare that I have Change my Surname From Rasmita Mohapatra to Rasmita Acharya. Henceforth I shall be known as Rasmita Acharya for all purposes.
Rasmita Acharya

**AFFIDAVIT**
I BHUDHADEV PANDA, S/o- Diwakar Panda, resident of Ashok Nagar, Plot No. 12, Unit -2, Bhubaneswar, DT.- Khurda-751009, Odisha declare by this Affidavit No.1554, Dated 12/10/2025, that now onwards I shall be known as **BUDDHADEV PANDA** for all future purpose.

**AFFIDAVIT**
I, Irsad Khan, aged about 37 years, S/o-Nasir Khan resident of At- Raid Bazar, Po-Sunugoradi, Khelar, Dist- Puri, Pin-752114, Odisha declare by this affidavit No. 2112, dtd-17/10/2025, that now onwards I shall be known as **IRSHAD KHAN** for all future purposes.

**AFFIDAVIT**
I, S.Deptyrani Mohanta, Daughter of Army No 14491576M Hav Madhaba Charan Mohanta (Retd) residing at Vill-Ramachandrapur, PO-Baikala, PS-Turumunga, Dist-Keonjhar, Odisha, have changed my name from Deepty S, DOB-07.10.1991 to S.Deptyrani Mohanta, DOB-01.06.1992 vide affidavit dated 03.10.2025 before The Court of Executive Magistrate, Keonjhar (Odisha). Hence both Deepty S, DOB-07.10.1991 and S.Deptyrani Mohanta, DOB-01.06.1992 is same and one person. Henceforth, I will be known as **S.Deptyrani Mohanta,** DOB 01/06/1992 for all purpose.

**AFFIDAVIT**
I, Pranati Samaniray, aged about 41 years, W/o- Dillip Baliarsingh, resident of At/Po-Sanapadar, Ps- Begunia, Dist- Khurda, PIN-752064, Odisha declared by this affidavit No. 2111, dtd- 17/10/2025 that now onwards I shall be known as **PRANATI SAMANTARAY** for all future purposes.

**AFFIDAVIT**
By virtue of an affidavit sworn before the Executuve Magistrate, Nabarangpur, dated 16.10.2025 I, DHANMATI JANI, W/o- NAKULA JANI, Vill.-Bamanadeiguda, Po.- Chere-cheta, Ps.- Papadahandi, Dist.-Nabarangpur, Odisha, Pin - 764071, declare that I have changed the name of my Daughter from **DROUPADI JANI** to **DRUPUTA JANI**. Henceforth, She shall be known as **DRUPUTA JANI** for all purposes.
Sd/- Dhanmati Jani

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar dated- 09/10/2025. I, **Ravindra Arjun Nayak,** Address: Plot No. 1060/2146, Mahadev Nagar, Kalinga Nagar, Patrapada, PS- Khandagiri, Bhubaneswar, Dist- Khordha, PIN-751019, Odisha declare that I have changed my minor daughter's name from **Trupti Rani Ravindra Nayak** to **Trupti Rani Nayak.** Henceforth, she shall be known as **Trupti Rani Nayak** (new name) for all purposes.
Ravindra Arjun Nayak

**AFFIDAVIT**
I ITISHREE, W/o- BUDDHADEV PANDA, resident of Ashok Nagar, Plot No 12, Unit -2, Bhubaneswar, DT.- Khurda-751009, Odisha declare by this Affidavit No.1555, Dated 12/10/2025, that now onwards I shall be known as **ITISHREE PANDA** for all future purpose.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar dated- 09/10/2025. I, **Ravindra Nayak,** S/o Arjun Nayak, Address: Plot No.1060/2146, Mahadev Nagar, Kalinga Nagar, Patrapada, PS- Khandagiri, Bhubaneswar, Dist- Khordha, PIN-751019, Odisha declare that I have changed my name from **Ravindra Arjun Nayak to Ravindra Nayak.** Henceforth, I shall be known as **Ravindra Nayak** (new name) for all purposes.
Ravindra Nayak

**AFFIDAVIT**
I ARCHANA MISHRA@ ARCHANA KUMARI MISHRA, W/o- DINESH KUMAR PALLO, resident of Parabeda, Aurobindo Nagar, Po./Ps.- Jeypore, Dist.- Koraput - 764001, Odisha declare by this Affidavit No.1556, Dated 12/10/2025, that now onwards I shall be known as **ARCHANA PALLO** for all future purpose.

Phone No.(06854) 241159 /232714
PBX No. 232713 / 232716, Fax: 232718 / 241640
E. mail: ceo@koraputccb.com

**KORAPUT CENTRAL CO-OPERATIVE BANK LTD;**
HEAD OFFICE: N.K.T.ROAD, JEYPORE – 764003: DIST: KORAPUT (ODISHA)
Notification No. 2746/Estt.I/2025-26 Date: 17.10.2025
**CONTRACTUAL ENGAGEMENT OF PROFESSIONALS**
Applications in the prescribed format are invited from the interested professionals for the following posts at Koraput Central Cooperative Bank Ltd., Jeypore on contractual basis for a period of three years.
1. Professional 1- General Banking Expert
2. Professional 2- Credit Expert
3. Professional 3- Banking IT Expert

The eligibility criteria, engagement/selection process, the terms and conditions and other related matters of the engagement are available as Annexure-I on our website www.koraputccb.com and the same may be downloaded by the prospective candidates. Interested candidates are advised to download the application forms from the site. Duly completed and signed application along with self-attested documents should reach us on or before 05.11.2025 through Courier / Registered Post / Speed Post inscribing on the Envelope "Application for engagement of Professional 1 / 2 / 3 at Koraput Central Cooperative Bank." at the under noted address:
The Secretary,
Koraput Central Cooperative Bank Ltd.,
Head Office, N.K.T. Road, Jeypore,
Dist-Koraput-764003
ceo@koraputccb.com
Any application received after the stipulated period will not be considered. Applications of ineligible candidates shall be summarily rejected and no correspondences in the matter of rejection shall be entertained on any circumstances.
Secretary
K.C.C. Bank Ltd., Jeypore

**OFFICE OF THE PRINCIPAL CUM SECRETARY**
**Maa Markama +3 College, Bissamcuttack, Dist: Rayagada, PIN – 765019.**
www.mmplus3college.in / mmdegreecollege@gmail.com
**WALK - IN - INTERVIEW**
A walk in Interview will be held in the college premises as per the date and time mentioned in column 6 for the following post of Arts (Management) and Science (Self Finance) on purely temporary basis. Candidates are required to attend the interview with original and photocopies of testimonial for verification. CV may kindly be sent to the college email id in advance.

| Sl. No | Name of the Post | No of Post | Qualification | Age | Date & Time of Interview |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **ARTS (MANAGEMENT)** | | | | | |
| 1 | Physical Education Teacher | 01 | Bachelor of Physical Education and Above | As per Govt. norms | 02.11.2025 11 A.M. |
| 2 | Peon (ST Category) | 01 | 10th | | |
| **SCIENCE (SELF FINANCING)** | | | | | |
| 1 | Laboratory Attendant (Biological Science) | 01 | Minimum +2 Science and above | As per Govt. norms | 02.11.2025 11 A.M. |
| 2 | Lect-in-Mathematics, Botany, Zoology. | 01 each | Minimum 55% of Mark at PG level. (M.Phil. NET/PHD will be given preference ) | As per Govt. norms | 09.11.2025 11 A.M. |

**N.B :-** No TA/DA Shall be given for attending the interview.
Registration will be started from 10.00 A.M onwards.
Sd/-
Principal cum Secretary

## ବିବାଦୀୟ ପ୍ରଧାନ ଶିକ୍ଷକଙ୍କ ଯୋଗଦାନକୁ ଛାତ୍ରଛାତ୍ରୀଙ୍କ ବିରୋଧ

# ଫାଟକ ସମ୍ମୁଖରେ ଧାରଣାରେ ବସିଲେ ଛାତ୍ରଛାତ୍ରୀ



**ଦଶରଥପୁର, ୧୭।୧୦(ସମିସ)**

ବିବାଦୀୟ ପ୍ରଧାନଶିକ୍ଷକଙ୍କୁ କୋଉଠି ମିଳୁନି ନିସ୍ତାର। ନିଜ ବିଦ୍ୟାଳୟରେ ବିରୋଧ ହେବାରୁ ବଦଳି ହେଲା। ହେଲେ ନୂଆ ବିଦ୍ୟାଳୟରେ ପ୍ରବେଶ ନ କରୁଣୁ ବାଜିଲାଣି ଚାଳ।

ଜନୈକା ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ଏବଂ ନିର୍ଯାତନା ଦେବା ବିଭିନ୍ନ ଅଭିଯୋଗରେ ଛନ୍ଦି ହୋଇପଡ଼ିଥିବା ଦଶରଥପୁର ବ୍ଲକ ଅଧୀନ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟର ବିବାଦୀୟ ପ୍ରଧାନ ଶିକ୍ଷକ ରଜନୀକାନ୍ତ ବେହେରାଙ୍କୁ ସମ୍ପୃକ୍ତ ବିଦ୍ୟାଳୟରୁ ଗତକାଲି ଅବ୍ୟାହତି ଦିଆଯାଇଛି। ତେବେ ତାଙ୍କୁ ସେହି ବ୍ଲକ ଅନ୍ତର୍ଗତ କାଟିଆ ସ୍ଥିତ କୃଷ୍ଣପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେବାକୁ ବିଭାଗୀୟ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। କୃଷ୍ଣପ୍ରସାଦ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶୁଭେନ୍ଦୁ କୁମାର ସାମଲଙ୍କୁ ତାଙ୍କ ବଦଳରେ ମହତାବ ହାଇସ୍କୁଲରେ ଯୋଗ ଦେବାକୁ ନିର୍ଦ୍ଦେଶ ରହିଛି। ଆଜି କୃଷ୍ଣପ୍ରସାଦ ହାଇସ୍କୁଲରେ ନୂତନ ପ୍ରଧାନ ଶିକ୍ଷକ ଭାବେ ରଜନୀକାନ୍ତ ବେହେରା ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଖବର ଜଣାପଡ଼ିବା ପରେ ବିଦ୍ୟାଳୟ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ମାତ୍ର ୨ ମାସ ପୂର୍ବେ ହାଇସ୍କୁଲର ପ୍ରଧାନ ଶିକ୍ଷକ ପଦବୀରେ କାର୍ଯ୍ୟଭାର ଗ୍ରହଣ କରିଥିବା ଶୁଭେନ୍ଦୁ ସାମଲଙ୍କୁ ବିଭାଗୀୟ କର୍ତ୍ତୃପକ୍ଷ ଅନ୍ୟ ହାଇସ୍କୁଲକୁ ବଦଳି କରିଥିବା ଜାଣି ବିଦ୍ୟାଳୟର ୯ମ ଓ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଶତାଧିକ ଛାତ୍ରଛାତ୍ରୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ସାମଲଙ୍କ ଏଠାରୁ ବଦଳି ଆଦୌ ଗ୍ରହଣ ଯୋଗ୍ୟ ନୁହେଁ ବୋଲି ଅଡ଼ି ବସିଥିଲେ। ସେହିପରି କୌଣସି ପରିସ୍ଥିତିରେ ବିବାଦୀୟ ପ୍ରଧାନ ଶିକ୍ଷକ ରଜନୀକାନ୍ତ ବେହେରାଙ୍କୁ ଏଠାରେ ଯୋଗଦାନ କରିବାକୁ ଦିଆଯିବ ନାହିଁ ବୋଲି ସ୍ଲୋଗାନ ଦେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିଷ୍ପତି ଏକପାଖିଆ ଓ ଅନ୍ୟାୟ ବୋଲି ନାରାବାଜି କରିଥିଲେ। ସମୟକ୍ରମେ ଉକ୍ତ ଧାରଣାରେ କିଛି ଅଭିଭାବକ ଛାତ୍ରଛାତ୍ରୀଙ୍କ ସହ ଯୋଗଦେବା

### ବିଇଓଙ୍କ ପ୍ରତିଶ୍ରୁତି ପରେ ଧାରଣା ସ୍ଥଗିତ

ସୂଚନା ପାଇ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁଙ୍କ ନିର୍ଦ୍ଦେଶକ୍ରମେ ଦଶରଥପୁର ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚ ଧାରଣାରେ ବସିଥିବା ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ସହିତ ଆଲୋଚନା କରିଥିଲେ। ସମସ୍ତ ବିଷୟରେ ଅବଗତ ହେବା ପରେ ସମସ୍ୟାର ସମାଧାନ ପାଇଁ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଦିନ ଅପେକ୍ଷା କରିବାକୁ ଅନୁରୋଧ କରିବା ସହିତ ସେମାନଙ୍କ ଦାବିପୂରଣ ଦିଗରେ ନିଶ୍ଚିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣା ସାମୟିକ ଭାବେ ସ୍ଥଗିତ ରହିଥିବା ଜଣାଯାଇଛି।

### ବିଦ୍ୟାଳୟ କାର୍ଯ୍ୟ ନିମ୍ନମାନର

# କାମ ବନ୍ଦ କରି ଅଭିଯୋଗ କଲେ ଗ୍ରାମବାସୀ

**ସୁକିନ୍ଦା, ୧୭।୧୦(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଖରଡ଼ି ପଞ୍ଚାୟତ ଅଧୀନସ୍ଥ ଦଲକି ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଗ୍ରାମବାସୀ କାମ ବନ୍ଦ କରି ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଯାଜପୁର ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନରୁ ଓ ବ୍ଲକ ତତ୍ତ୍ୱାବଧାନରେ ୪୭ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ ଚାଲିଥିବା ସ୍କୁଲ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ସାଧାରଣ ଲୋକେ ଜାଣିବା ପରେ କାମ କରୁଥିବା କନିଷ୍ଠ ଯନ୍ତ୍ରୀ ଜ୍ଞାନରଞ୍ଜନ ବେହେରାଙ୍କୁ ଜଣାଇଥିଲେ। କନିଷ୍ଠ ଯନ୍ତ୍ରୀ କୌଣସି ପଦକ୍ଷେପ ନନେବାରୁ ଗ୍ରାମବାସୀ କାର୍ଯ୍ୟ ବନ୍ଦ କରି ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।କନିଷ୍ଠ ଯନ୍ତ୍ରୀ ଏହି କାର୍ଯ୍ୟକୁ ଜଣେ ଠିକାଦାରଙ୍କୁ ଟେକି ଦେଇ ଠିକାଦାର ସହ ନିଜ ଭାଗ ପାଇ ଚୁପ୍ ବସିଥିବା ଅଭିଯୋଗ ହୋଇଛି। କନିଷ୍ଠ ଯନ୍ତ୍ରୀ ମନଇଚ୍ଛା ନିମ୍ନମାନର କାର୍ଯ୍ୟ କରିବା ସହିତ ନିମ୍ନମାନର ସିମେଣ୍ଟ, ରଡ ବ୍ୟବହାର କରୁଥିବା ଗ୍ରାମବାସୀ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହିତ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ଏହି ନିର୍ମାଣାଧୀନ ଘରେ ପାଠ ପଢ଼ିବା କୋମଳମତି ଶିଶୁ ମାନଙ୍କ ଜୀବନ ପ୍ରତି ବିପଦ ଥିବା କୁହାଯାଉଛି। ଗ୍ରାମବାସୀଙ୍କ ଅଭିଯୋଗ ପରେ ବିଡିଓ ସମ୍ପୃକ୍ତ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାଜପୁର ଜିଲ୍ଲାପାଳ ତଥା ଜିଲ୍ଲା ଖଣିଜ ପାଣ୍ଠି ପରିଚାଳକ କୋମଳମତି ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ଘଟଣାର ବିହୀତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



## କେନାଲରେ ଭାସି ବୃଦ୍ଧାଙ୍କ ମୃତ୍ୟୁ

**ଯାଜପୁର, ୧୭।୧୦(ସମିସ):** କେନାଲରେ ଭାସି ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଯାଜପୁର ବ୍ଲକ ଚଇନପୁର ପଞ୍ଚାୟତ କମାଗଡ଼ ଗ୍ରାମର ମନୋରମା ପ୍ରଧାନ (୬୦) ଶୁକ୍ରବାର ସକାଳେ ଶୌଚ ହେବା ପାଇଁ ସ୍ଥାନୀୟ କେନାଲକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ କେନାର ସ୍ରୋତରେ ଭାସି ଯାଇଥିଲେ। ଗୋପାଳପୁର ଅଞ୍ଚଳର କିଛି ଯୁବକ କେନାଲରୁ ବୃଦ୍ଧାଙ୍କୁ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ବୃଦ୍ଧାଙ୍କୁ ଦେଖି ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଟାଉନ ଥାନାରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ତେବେ ବୃଦ୍ଧାଙ୍କର ଶବକୁ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଛାତ୍ରାବାସ ଅନ୍ତେବାସୀ ସୁରକ୍ଷା କର୍ମଶାଳା



**ବଡ଼ଚଣା, ୧୭।୧୦(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଦୁଇଦିନିଆ ଜିଲ୍ଲାସ୍ତରୀୟ ଛାତ୍ରାବାସ ଅନ୍ତେବାସୀ ସୁରକ୍ଷା ଓ ନିରାପତ୍ତା ସମ୍ପର୍କିତ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷୟିତ୍ରୀ ସବିତା ଘଡ଼େଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀ ମାନଙ୍କର ସୁରକ୍ଷା, ନିରାପତ୍ତା ଉପରେ ଅଧିକ ଗୁରୁତ୍ୱ ଦେବା ସହିତ ସେମାନଙ୍କୁ ଯୋଗାଇ ଦିଆଯାଉଥିବା ଖାଦ୍ୟର ମାନ ନିର୍ଦ୍ଧାରଣ କରିବା ପାଇଁ ଉପସ୍ଥିତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁକାନ୍ତ ମାଧବ ରାଉତ ଓ ମାଙ୍ଗଳିକା ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଶ୍ୱେତାଲିନା ରଥ, ଆଶୁତୋଷ ଦେବୀ ପ୍ରସାଦ ରାଉତ, ନିର୍ମଳା ବେହେରା ଓ ପବିତ୍ର କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଧନ୍ୟବାଦ ଦେଇଥିଲେ ବରିଷ୍ଠ ଶିକ୍ଷକ ଚନ୍ଦନ କୁମାର ସାହୁ।ଆଜିର ଏହି ଜିଲ୍ଲାସ୍ତରୀୟ କର୍ମଶାଳାରେ ଅନୁସୂଚିତ ଜାତି ଓ ଜନ ଜାତି ବିଭାଗର ଜିଲ୍ଲାରେ ଥିବା ୩୭ଟି ଉଚ୍ଚ ବିଦ୍ୟାଳୟର ସମସ୍ତ ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀମାନେ ସାମିଲ ହୋଇଥିଲେ। ଆସନ୍ତାକାଲି ଏହି କର୍ମଶାଳା ଉଦ୍‌ଯାପିତ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଖୋଲିଲା ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ



**ଯାଜପୁର, ୧୭ ।୧୦(ସମିସ) :** ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ ଖୋଲାଯାଇଛି। ଏହି କାର୍ଯ୍ୟାଳୟକୁ ଅତିରିକ୍ତ ଜିଲ୍ଲାପାଳ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଆନୁଷ୍ଠାନିକ ଭାବେ ଗୃହକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲାରେ ପ୍ରଥମଥର କରି ଡେପୁଟି ଡାଇରେକ୍ଟର ଅଫ୍ ପ୍ରସିକ୍ୟୁସନ୍ (ଉପ-ନିର୍ଦ୍ଦେଶିକା) ରଶ୍ମିତା ମହାପାତ୍ର ଯୋଗଦାନ କରିଥିବା ବେଳେ ସହକାରୀ ନିର୍ଦ୍ଦେଶକ ହିନ୍ଦୁ ହାଁସଦା, ସହକାରୀ ନିର୍ଦ୍ଦେଶିକା ପ୍ରତୀମା ଓଝା ଯୋଗଦାନ କରିଛନ୍ତି। ଏହି ଉଦ୍‌ଘାଟନ ଉତ୍ସବରେ ପବ୍ଲିକ୍ ପ୍ରସିକ୍ୟୁଟର୍ ମୋନାଲି ରାଇସା, ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ବିପ୍ଳବ ମୁଦୁଲି, ସୌମ୍ୟଶ୍ରୀ ସ୍ୱାଇଁ, ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସମରେନ୍ଦ୍ର ଦାସ, ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଜୟଦୀପ ମିଶ୍ର, ସରକାରୀ ଓକିଲ ବିରଜା ପ୍ରସାଦ ପରିଡ଼ାଙ୍କ ସମେତ ସମସ୍ତ କାର୍ଯ୍ୟରତ ସରକାରୀ ଓକିଲ ଏଥିରେ ଯୋଗଦାନ କରିଥିଲେ। ଯାଜପୁର ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।

## ଜମିରୁ ଫସଲ ନଷ୍ଟ; ଥାନାରେ ଅଭିଯୋଗ



**ପାଣିକୋଇଲି, ୧୭।୧୦(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ବଡ ତ୍ରିଲୋଚନପୁର (ମକୁନ୍ଦବିନ୍ଧା) ଗ୍ରାମରେ ୪ ଏକର ଫସଲ ନଷ୍ଟ ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ମକୁନ୍ଦବିନ୍ଧା ଗ୍ରାମର ପୁରସ୍ତମ ପଣ୍ଡାଙ୍କ ପୁଅ ଆଦିକନ୍ଦ ପଣ୍ଡାଙ୍କ ଅଭିଯୋଗ ମୁତାବକ ସେ ତାଙ୍କ ଗ୍ରାମରେ ୪ ଏକର ଜମିରେ ପ୍ରାୟ ୬୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ବୋଇତି କଖାରୁ (ବୋଇତାଳୁ) ଚାଷ କରିଥିଲେ। ହେଲେ ଗଛ ଉଠିବା ପରେ କେହି ଦୁର୍ବୃତ୍ତ ତାଙ୍କ ସମସ୍ତ ଗଛକୁ ଓପାଡ଼ି ଖରସ୍ରୋତା ନଦୀକୁ ଫୋପାଡ଼ି ଦେଇଛି। ତାଙ୍କ ପଡୋଶୀ ଭାଇ ଉକ୍ତ ଗଛ ଗୁଡିକୁ ଓପାଡ଼ି ଦେଇଥିବା ନେଇ ସିଧାସଳଖ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ନ୍ୟାୟ ପାଇ ଆଦିକନ୍ଦ ପୁଲିସ ନିକଟରେ ଦାବି କରିଛନ୍ତି।

## ଦ୍ୱିତୀୟ ପତ୍ନୀର ନିର୍ଯାତନା; ସ୍ୱାମୀର ଆତ୍ମହତ୍ୟା ଉଦ୍ୟମ ଘଟଣା

# ଥାନାରେ ଅଭିଯୋଗ କଲେ ପ୍ରଥମ ପତ୍ନୀଙ୍କ ପୁଅ

**ପାଣିକୋଇଲି, ୧୭ ।୧୦(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଅଳତିରି କାଙ୍କଲାପାଟଣା ଗ୍ରାମର ଜଣେ ବ୍ୟକ୍ତି ଦ୍ୱିତୀୟ ପତ୍ନୀର ନିର୍ଯାତନା ସହି ନପାରି ମାତ୍ରାଧିକ ନିଦ ବଟିକା ଖାଇ ଆତ୍ମହତ୍ୟା ଘଟଣାରେ ପ୍ରଥମ ପତ୍ନୀଙ୍କ ପୁଅ ଦ୍ୱିତୀୟ ପତ୍ନୀଙ୍କ ବିରୋଧରେ ପାଣିକୋଇଲି ଥାନାରେ ଅଭିଯୋଗ ଦାଖଲ କରିଛନ୍ତି। ଉକ୍ତ ଅଭିଯୋଗ ପରେ ଘଟଣାଟି ଭିନ୍ନ ମୋଡ଼ ନେଇଛି। ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ଅଳତିରି କାଙ୍କଲାପାଟଣା ଗ୍ରାମର ବାଇଧର ସାହୁଙ୍କ ପୁଅ ଅନନ୍ତ ଗୋପାଳ(୫୭, ପାଣୁଆ) ନିଜର ପ୍ରଥମ ପତ୍ନୀ ଜୀବିତ ଥିବା ବେଳେ କେନ୍ଦୁଝର ଜିଲ୍ଲାର ଚମ୍ପା ବେହେରାଙ୍କୁ ୧୫ ବର୍ଷ ହେବ ଦ୍ୱିତୀୟ ବିବାହ କରି ଏହି ଥାନା ଅନ୍ତର୍ଗତ ବର୍ତ୍ତମଣା ଗ୍ରାମରେ ରହୁଥିଲେ। ଏପରିକି ପ୍ରଥମ ପତ୍ନୀଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ (ବିବାହିତା)ଙ୍କ ସହିତ ଅନନ୍ତ କୌଣସି ସମ୍ପର୍କ ନ ରଖି ଦ୍ୱିତୀୟ ପତ୍ନୀଙ୍କୁ ସହିତ ରହୁଥିଲେ। ଦ୍ୱିତୀୟ ପତ୍ନୀଙ୍କ ପ୍ରରୋଚନାରେ ପାଣୁଆ ପ୍ରଥମ ପତ୍ନୀ ଓ ତାଙ୍କ ପୁଅ ଝିଅଙ୍କୁ ସମ୍ପତ୍ତି ବାଡ଼ିରୁ ବେଦଖଲ କରିବା ଲାଗି ମଧ୍ୟ ଧମକାଇବା ସହିତ ମକଦ୍ଦମା ମଧ୍ୟ କରିଥିଲେ। ତେବେ କିଛି ବର୍ଷ ଏକାଠି ରହିବା ପରେ ଦ୍ୱିତୀୟ ପତ୍ନୀ ଅନ୍ୟ ଜଣେ ଯୁବକ ସହିତ ମିଶି ଅନନ୍ତଙ୍କୁ ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେଫ ଯାହାକୁ ସହି ନପାରି ଅନନ୍ତ ଗତ ଆଠ ମାସ ହେବ ପାଣିକୋଇଲିସ୍ଥିତ ଶର୍ମା ଟାଙ୍କି ନିକଟସ୍ଥ ଏକ ଭଙ୍ଗା ଘରେ ରହୁଥିଲେ। ଉକ୍ତ ଘଟଣାକୁ ନେଇ ସେ ମାନସିକ ଅବସାଦ ଭିତରେ ରହୁଥିଲେ। ଗତ ବୁଧବାର ପାଣୁଆ ତାଙ୍କ ପ୍ରଥମ ପତ୍ନୀଙ୍କ ପୁଅ ଅଜିତକୁ ଫୋନ କରି ତୁରନ୍ତ ତାଙ୍କର ମୋବାଇଲ ଓ ଅନ୍ୟାନ୍ୟ କାଗଜପତ୍ର ଗୁଡ଼ିକୁ ନେଇଯିବା ଲାଗି ଅନୁରୋଧ କରିବା ସହିତ ଆଜି ମୋର ଶେଷ ଦିନ ବୋଲି କହିଥିଲେଫ ଏଥି ସହିତ ପାଣୁଆ ଆତ୍ମହତ୍ୟା ଉଦ୍ୟମ କରିବା ନେଇ ଏକ ଲାଇଭ ଭିଡ଼ିଓ ସୋସିଆଲ ମିଡ଼ିଆରେ ଛାଡ଼ିଛନ୍ତି। ଉକ୍ତ ଖବର ପାଇବା ପରେ ଅଜିତ ତୁରନ୍ତ ସ୍ଥାନୀୟ ଜନସାଧାରଣ ଓ ଗ୍ରାମବାସୀଙ୍କ ସହିତ ସେ ରହୁଥିବା ଉକ୍ତ ସ୍ଥାନରେ ପହଞ୍ଚି ତୁରନ୍ତ ଆମ୍ବୁଲାନ୍ସ ଯୋଗେଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ପାଣୁଆଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ରେଫର୍ କରିଥିଲେ। ପାଣୁଆଙ୍କ ପୁଅ ଅଜିତ କଟକ ବଡ଼ ଡାକ୍ତରଖାନାରେ ବାପାଙ୍କର ଦେଖାଶୁଣା କରୁଥିବା ବେଳେ ହଠାତ ଗୁରୁବାର ସନ୍ଧ୍ୟାରେ ଚମ୍ପା ୮/୧୦ ଜଣ ବ୍ୟକ୍ତିଙ୍କୁ ଧରି କଟକ ବଡ଼ ଡାକ୍ତରଖାନାରେ ପହଞ୍ଚିବା ସହିତ ଅଜିତକୁ ତୁରନ୍ତ ଡାକ୍ତରଖାନା ଛାଡ଼ି ଚାଲିଯିବା ଲାଗି ଧମକଚମକ ଦେଇଥିଲେ। ଚମ୍ପା ସହିତ ଯାଇଥିବା ଯୁବକମାନଙ୍କ ଧମକରେ ଅଜିତ ଭୟଭୀତ ହୋଇ ଡାକ୍ତରଖାନା ଫାଣ୍ଡିରେ ଅଭିଯୋଗ କରିବ ପରେ ଫାଣ୍ଡିବାବୁ ଚମ୍ପାକୁ ପାଣୁଆର ଦେଖାଶୁଣା ଲାଗି ରହିବା ଲାଗି କହିବା ସହିତ ଅଜିତକୁ ଛାଡ଼ି ଚାଲିଯିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଫଳରେ ଅଜିତ ନିରୁପାୟ ହୋଇ ଘରକୁ ଫେରିଆସିଥିଲା। ପରେ ତାର ବାପାଙ୍କର ଜୀବନ ପ୍ରତି ବିପଦ ରହିଛି ବୋଲି ଅନୁଭବ କରି ପାଣିକୋଇଲି ଥାନାରେ ଚମ୍ପା ବିରୋଧରେ ଲିଖିତ ଅଭିଯୋଗ ଦାଖଲ କରିଛି। ତାଙ୍କର ଅଭିଯୋଗ ଅନୁଯାୟୀ ଯେଉଁ କାରଣ ପାଇଁ ମୋ ବାପା ଆତ୍ମହତ୍ୟା ଭଳି ପଦକ୍ଷେପ ନେଲେ ପୁଣି ସେହି ମହିଳା ପାଖରେ ରହିଲେ ହୁଏତ କିଛି ବି ଅଘଟଣ ଘଟାଇପାରେ। ତେଣୁ ଯଦି ତାଙ୍କ ବାପାଙ୍କର କୌଣସି କ୍ଷତି ହୁଏ, ତେବେ ସେଥିପାଇଁ ଚମ୍ପା ଦାୟୀ ରହିବେ। ଏଥି ସଂକ୍ରାନ୍ତରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସେ ଥାନାଧିକାରୀଙ୍କୁ ନିବେଦନ କରିଛନ୍ତି। ପୁଲିସ ଉକ୍ତ ଅଭିଯୋଗକୁ ଗ୍ରହଣ କରି ତଦନ୍ତ ଚାଲୁ ରଖିଛି।

### ଖଣି ବିଭାଗର ଚଢ଼ଉ

## ହାଇୱା ସହ ଟ୍ରାକ୍ଟର ଜବତ

**ପାଣିକୋଇଲି, ୧୭।୧୦(ସମିସ):** ଖଣି, ପୁଲିସ ଓ ପରିବହନ ବିଭାଗ ଯେତେ ଚଢ଼ଉ ହେଲେ ବି ଚୋରା ବାଲି ଚାଲାଣ ଥମିବାର ନାଁ ଧରୁନି। ଯେତେ ଚଢ଼ଉ ହେଲେ ବି ଚୋରା ଚାଲାଣ ହେଉଛି। ଆଜି ସନ୍ଧ୍ୟାରେ ଖଣି ବିଭାଗ ପାଣିକୋଇଲି ଥାନା ଅନ୍ତର୍ଗତ ରୁଢ଼ିଆ ନିକଟସ୍ଥ ବୁଢ଼ା ନଦୀରୁ ଚୋରା ବାଲି ଚାଲାଣର ଖବର ପାଇ ଚଢାଉ କରିଥିଲା। ହେଲେ ଗୋଟିଏ ହାଇୱା ଓ ଗୋଟିଏ ଟ୍ରାକ୍ଟରକୁ ଧରିବାରେ ସକ୍ଷମ ହୋଇଥିଲା। ଉକ୍ତ ଗାଡ଼ି ଦୁଇଟିକୁ ପାଣିକୋଇଲି ଥାନା ଜିମା ଦିଆଯାଇଛି। ହାଇୱାର ଚାଳକ ଖସି ପଳାଇଥିବା ବେଳେ ଉକ୍ତ ଗାଡ଼ିଟିକୁ ଖଣି ବିଭାଗ ମେକାନିକ ଡାକି ଗାଡି ପୁଲିସ ଜିମା ଦେଇଛି। ଏହି ଚଢ଼ଉରେ ଜୁନିୟର ଖଣି ଅଧିକାରୀ ଛାୟାକାନ୍ତ ସ୍ୱାଇଁ ଓ ଛାୟାକାନ୍ତ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲା।

# ଚଣ୍ଡିଖୋଲ-ଡୁବୁରୀ ରାଜପଥ ପାଲଟିଛି ଗୋରୁଗୋଠ



**କବାଟବନ୍ଧ, ୧୭।୧୦(ସମିସ):** ବୁଲା ଗାଇ ଗୋରୁଙ୍କ ପାଇଁ ଜାତୀୟ ରାଜପଥରେ ଦୁର୍ଘଟଣା ଘଟୁଥିବା ହାର ଓଡ଼ିଶାରେ ଏକ ପ୍ରମୁଖ ଏବଂ ଚିନ୍ତାଜନକ ବିଷୟ। ଯାଜପୁର ଜିଲ୍ଲାର ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ଏବେ ବୁଲା ଗାଇଗୋରୁଙ୍କ କବଜାରେ ରହିଥିବା ଦେଖିବାକୁ ମିଳିଛି। ଚଣ୍ଡିଖୋଲ ଠାରୁ ଡୁବୁରୀ ପର୍ଯ୍ୟନ୍ତ ପ୍ରାୟ ୩୯ କିଲୋମିଟର ଲମ୍ବା ରାସ୍ତାରେ ଧର୍ମଶାଳା, ସୁକିନ୍ଦା, ବଡ଼ଚଣା ଆଦି ତିନି ଗୋଟି ନିର୍ବାଚନ ମଣ୍ଡଳୀ ଅଧୀନରେ ରହିଥିବା ବେଳେ ଅନେକ ସମୟରେ ଏହି ରାଜପଥ ଉପରେ ଦୁର୍ଘଟଣା ଘଟୁଛି। ରାଜପଥ ଉପରେ ଗାଇ, ଗୋରୁ, ଷଣ୍ଢ ଆଦି ବୁଲାବୁଲି କିମ୍ବା ଶୋଇ ରହୁଛନ୍ତି ଫଳରେ ଅଜଣା ଗାଡ଼ି ଧକ୍କାରେ ଅନେକ ଗାଈ ଗୋରୁ ମୃତ୍ୟୁ ବରଣ କରୁଥିବା ବେଳେ ମୋଟର ସାଇକଲ କିମ୍ବା କାର ଚାଳକ ମଧ୍ୟ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହା ଦ୍ୱାରା ଅନେକ ଲୋକ ଦୁର୍ଘଟଣାରେ ସମ୍ମୁଖୀନ ହୋଇ କ୍ଷତିଗ୍ରସ୍ତ ହେଉଛନ୍ତି। ଦଳଗାଁ, କୁସୁନପୁର, ବାଲିସାହି, ତାରିଣୀ ଛକ, ଚଡ଼େଇଧରା, ବରଡ଼ା, ଓସରା, ମାଣ୍ଡିଆ ଆରୁହା, ଆଦି ଛକ ଗୁଡ଼ିକରେ ବୁଲା ଗାଇ ଗୋରୁ ରାସ୍ତା ଅବରୋଧ କରି ଶୋଇ ରହୁଛନ୍ତି। ଜାତୀୟ ରାଜପଥ ହୋଇଥିବାରୁ ଦୈନିକ ହଜାର ହଜାର ସଂଖ୍ୟାରେ ଯାନବାହନ ଚଳାଚଳ କରୁଛନ୍ତି। ଏହି ରାଜପଥ ଉପରେ ବୁଲା ଗାଇ ଗୋରୁଙ୍କ ଅବାଧ ଚଳାଚଳ ଦୁର୍ଘଟଣାର ପ୍ରମୁଖ କାରଣ ସାଜିଛି। ଯାହା ଫଳରେ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଥିବା ଜଣାପଡ଼ିଛି। ପଞ୍ଝାପଞ୍ଝା ଗାଇ ଗୋରୁ ରାସ୍ତା ଉପରେ ଶୋଇ ରହୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଧନଜୀବନ ବିପନ୍ନ ହେବା ସହିତ ଜନସାଧାରଣ ଏବଂ ଗାଇ ଗୋରୁ ଦୁର୍ଘଟଣା ଘଟି ମୃତ୍ୟୁବରଣ କରୁଛନ୍ତି। ଡୁବୁରୀ ଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ଏହି ରାସ୍ତା ଉପରେ ଅନେକ ସ୍ଥାନରେ ଗାଇ ଗୋରୁ ମରି ପଡ଼ି ରହୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉ ନାହିଁ। ଦୁର୍ଘଟଣା ଘଟୁଥିବା ସ୍ଥାନ ନିକଟରେ ରହିଥିବା ସ୍ଥାନୀୟ ଜନସାଧାରଣ କିମ୍ବା କୌଣସି ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରାସ୍ତା ସଫା କରାଯିବା ସହିତ ସେମାନଙ୍କ ଶବ ସତ୍କାର କରାଯାଉଛି। ଗତ ୨୦୨୨ ରୁ ୨୦୨୫ ମଧ୍ୟଭାଗ ପର୍ଯ୍ୟନ୍ତ ଓଡ଼ିଶାରେ ପଶୁ-ଯାନ ଧକ୍କା ଯୋଗୁଁ ହୋଇଥିବା ଦୁର୍ଘଟଣାରେ ପ୍ରାୟ ୧୬୦୧ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାଯାଏ। ସେହି ସମୟ ମଧ୍ୟରେ ୩୩୧ ପଶୁ ପ୍ରାଣୀଙ୍କ ମୃତ୍ୟୁ ଏବଂ ୧୫୯୧ ଜଣ ଗୁରୁତର ଆହତ ହୋଇଥିବା ମଧ୍ୟ ଜଣାପଡ଼ିଛି। ସମ୍ବନ୍ଧରେ ସେପ୍ଟେମ୍ବର ୨୦୨୫ରେ ଦୁର୍ଘଟଣାର କାରଣ ସାଜିଥିବା ବୁଲା ଗାଇ ଗୋରୁଙ୍କ ସମସ୍ୟା ନେଇ ରାଜ୍ୟ ମାନବାଧିକାର କମିଶନ ଓଡ଼ିଶା ସରକାରଙ୍କୁ ତାଗିଦ କରିଛନ୍ତି। ପ୍ରଶାସନ ପକ୍ଷରୁ ଏଥିପ୍ରତି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଗଲେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି।

### କାଳୀ ପୂଜା ଓ ଲକ୍ଷ୍ମୀନାରାୟଣ ପୂଜା ୨ୟ ପ୍ରସ୍ତୁତି ବୈଠକ

# ଟ୍ରାଫିକ୍ ନିୟନ୍ତ୍ରଣ, ପରିମଳ ଉପରେ ଗୁରୁତ୍ୱ

**ଯାଜପୁର, ୧୭।୧୦(ସମିସ)**




କାଳୀପୂଜା ଯାଜପୁର ଜିଲ୍ଲାରେ ଏକ ଗଣପର୍ବ ହୋଇଥିବାରୁ ଏହାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ୨ୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଗଣପର୍ବ କାଳୀପୂଜାକୁ ଶାନ୍ତି, ମୈତ୍ରୀ, ସମ୍ପ୍ରୀତି, ଭାଇଚାରା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଶୃଙ୍ଖଳା ବାତାବରଣ ମଧ୍ୟରେ ପୂଜା ଓ ଭସାଣିକୁ ସମାପନ କରିବା ନିମନ୍ତେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ କର ସମସ୍ତ ପୂଜା କମିଟିର କର୍ମକର୍ତ୍ତା ମାନଙ୍କ ସହଯୋଗ କାମନା କରିଥିଲେ। ଉକ୍ତ ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ କର କହିଲେ କାଳୀପୂଜା ହେଉଛି ଯାଜପୁର ର ଏକ ସାମୁଦାୟିକ ଓ ସାମ୍ପ୍ରଦାୟିକ ଉତ୍ସବ। ଏହି ଉତ୍ସବ ମାଧ୍ୟମରେ ଶାନ୍ତି, ସମ୍ମିଳନ ଓ ଭାଇଚାରା ବାର୍ତ୍ତା ପ୍ରସାରିତ ହେବା ଆବଶ୍ୟକ। ସେଥିପାଇଁ ସମସ୍ତ ବିଭାଗ ଓ ପୂଜା କମିଟିମାନେ ମିଶି ଯାଜପୁର ଜିଲ୍ଲାକୁ ଏକ ଆଦର୍ଶ ଉଦାହରଣ ଭାବେ ପ୍ରସ୍ତୁତ କରିବା ଉଚିତ। ଏହି ପୂଜାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଭକ୍ତ ଓ ଦର୍ଶନାର୍ଥୀମାନେ ଯୋଗଦେଇଥାନ୍ତି। ଏହି ପରିସ୍ଥିତିରେ ସମସ୍ତ ବିଭାଗ ମିଶି ସମନ୍ୱୟରେ କାମ କଲେ ସୁଚାରୁ ଭାବରେ ପୂଜା ପାଳନ ସମ୍ଭବ ହେବ। ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ ଯୋଗଦେଇ କହିଲେ ସହରର ମୁଖ୍ୟ ମାର୍ଗ ଓ ପୂଜା ପେଣ୍ଡାଲ, ପାର୍କିଂ ସ୍ଥଳରେ ବିଶେଷ ପୁଲିସ ଫୋର୍ସ ନିୟୋଜିତ ହେବେ। ଯାତାୟତ ବ୍ୟବସ୍ଥା ସୁଚାରୁ ରହି ପାରିବା ପାଇଁ ବିଶେଷ ଟ୍ରାଫିକ ରୁଟ ଚାର୍ଟ ତିଆରି କରାଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରତି ପ୍ରଧାନ ପେଣ୍ଡାଲରେ ଅଗ୍ନିନିରୋଧକ ଯନ୍ତ୍ର ଓ ସଚେତନ ଦଳ କାର୍ଯ୍ୟରତ ରହିବେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସ, ମେଡିକାଲ ଟିମ୍ ଓ ପ୍ରାଥମିକ ଚିକିତ୍ସା ସୁବିଧା ପ୍ରସ୍ତୁତ ରଖାଯିବ। ନଗରପାଳିକା ପକ୍ଷରୁ ପରିଷ୍କାର ପରିଚ୍ଛନ୍ନତା ଓ ନିଷ୍କାସନ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଉପରେ ଶ୍ରୀ କର ଗୁରୁତ୍ୱାରୋପ କରିଥିଲେ। ପାଣି ଟ୍ୟାଙ୍କର ଆଲୋକସଜ୍ଜା ପାଇଁ ବିଦ୍ୟୁତ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗ କୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପୁଷ୍ପଲତା ବାରିକ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ, ଅତିରିକ୍ତ ଜିଲ୍ଲା ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଲମ୍ବୋଦର ଖୁଣ୍ଟିଆ, ଡିଏସପି ଟାଉନ ଥାନା ଶରତ ପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉକ୍ତ ବୈଠକରେ ଟ୍ରାଫିକ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା, ବିଦ୍ୟୁତ୍ ସରବରାହ, ରାସ୍ତାଘାଟ ମରାମତି, ପରିମଳ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ମାଦକ ଦ୍ରବ୍ୟ, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ପୂଜା ମଣ୍ଡପ ସାଜସଜ୍ଜା, ସ୍ୱାସ୍ଥ୍ୟ ସୁରକ୍ଷା, ପାନୀୟ ଜଳ ଯୋଗାଣ, ଭସାଣି ଓ ବିସର୍ଜନ ଆଦି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଏହି ସଭାରେ ବିଭିନ୍ନ ବିଭାଗର ଅଧିକାରୀମାନେ, ପୁଲିସ ବିଭାଗ, ନଗରପାଳିକା, ଅଗ୍ନିଶମ ବିଭାଗ, ବିଦ୍ୟୁତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ସହ ଜିଲ୍ଲାର ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା, ଶାନ୍ତି କମିଟି ସଦସ୍ୟ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ। ଶେଷରେ ଉପଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

● ଚେକ୍ ବାଉନ୍ସ ମାମଲା

## ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ୍ ଓ ୮ ଲକ୍ଷ ଟଙ୍କାର ଆର୍ଥିକ ଦଣ୍ଡାଦେଶ

ଭଦ୍ରକ, ୧୭ ।୧୦(ସମିସ): ଭଦ୍ରକ ସିଭିଲ ଜଜ୍ ସିନିୟର ଡିଭିଜନ ତଥା ଏକଆରଟିରି ଜଜ୍ ଅରୋଲିପି ପରିଡା ତାଙ୍କ ରାୟରେ ଏକ ଚେକ୍ ବାଉନ୍ସ ମାମଲାରେ ଅଭିଯୁକ୍ତଙ୍କୁ ବର୍ଷେ ଜେଲଦଣ୍ଡ ସହ ୮ ଲକ୍ଷ ଟଙ୍କାର ଆର୍ଥିକ ଦଣ୍ଡାଦେଶ ଆଦେଶ କରିଛନ୍ତି। ବିବରଣୀରୁ ପ୍ରକାଶ ଯେ ଭଦ୍ରକ ଟାଉନ ଥାନା ନରାପୁର(ଅନ୍ତଳ) ଅଞ୍ଚଳର ହେମେନ୍ଦ୍ର ବେହେରା ଧୁଷୁରୀ ଥାନାଞ୍ଚଳର ସୁଧାକର ବେହେରାଙ୍କୁ ଗତ ୨୦୧୭ରେ ୬ ଲକ୍ଷ ଟଙ୍କା ଧାର ସୂତ୍ରରେ ପ୍ରଦାନ କରିଥିଲେ। ଟଙ୍କା ଧାର ନେଇଥିବା ସୁଧାକର ଏ ବାବଦକୁ ୩ଲକ୍ଷ ଟଙ୍କାର ଏସ୍‌ବିଆଇର ୨ଟି ଚେକ୍ ହେମେନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ତେବେ ହେମେନ୍ଦ୍ର ବହୁବାର ତାଙ୍କ ୬ଲକ୍ଷ ଟଙ୍କା ପରିଶୋଧ କରିବାକୁ ସୁଧାକରଙ୍କୁ ବହୁବାର କହିବା ସତ୍ତ୍ୱେ ସେ ତାଙ୍କୁ ଫେରସ୍ତ କରି ନଥିଲେ। ଶେଷରେ ବାଧ ହୋଇ ହେମେନ୍ଦ୍ର ୨୦୨୧ରେ ଭଦ୍ରକ ଏସଡିଜେଏମ୍‌ଙ୍କ କୋର୍ଟରେ ଏକ ୧ସିସି ମାମଲା(ନଂ-୨୮୫/୨୧) ୧୩୮ ଅଫ୍ ଏନ୍‌ଆଇ ଆକ୍ଟରେ ରୁଜୁ କରିଥିଲେ। ପରେ ଏହି ମାମଲାର ବିଚାର କରି ଭଦ୍ରକ ସିଭିଲ ଜଜ୍ ସିନିୟର ଡିଭିଜନ ତଥା ଏଲଆରଟିରି ଜଜ୍ ଅରୋଲିପି ପରିଡା ତାଙ୍କ ରାୟରେ ଅଭିଯୁକ୍ତ ସୁଧାକରଙ୍କୁ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ସହ ୧ବର୍ଷ ଜେଲଦଣ୍ଡ ପ୍ରଦାନ କରିଛନ୍ତି। ଉକ୍ତ ଟଙ୍କା ୬ମାସ ମଧ୍ୟରେ ପ୍ରଦାନ ନକଲେ ଅଧିକ ୬ମାସ ଜେଲଦଣ୍ଡର ଆଦେଶ ପ୍ରଦାନ କରିଛନ୍ତି କୋର୍ଟ। ଏହି ଚେକ୍ ବାଉନ୍ସ ମାମଲାରେ ହେମେନ୍ଦ୍ରଙ୍କ ତରଫରୁ ଆଇନଜୀବୀ ଦେବବ୍ରତ ମହାପାତ୍ର ମାମଲା ପରିଚାଳନା କରୁଥିଲେ।

## ଗୋଟିଏ ଦିନରେ ୨ଟି ଘରୁ ଚୋରି

ଦୋବଲ,୧୭ ।୧୦(ସମିସ): ଧାମନଗର ଥାନା କାଦଦା ପଞ୍ଚାୟତ ଅନ୍ତର୍ଗତ ଚସାଖଣ୍ଡ, ସପୁଆପାଟଣା ଗାଁରେ ଗୋଟିଏ ଦିନରେ ୨ ଘରୁ ଚୋରି ହୋଇଛି। ଘଟଣାସ୍ଥଳରେ ଧାମନଗର ପୁଲିସ ସାଇଣ୍ଟିଫିକ ଟିମ୍ ସହ ତଦନ୍ତ ଆରମ୍ଭ କରିଛି। ପୁଲିସ ସୂଚନା ଅନୁସାରେ, ଗୋବିନ୍ଦ ସାହୁଙ୍କ ପୁଅ ଗୌରାଙ୍ଗ ଚରଣ ସାହୁଙ୍କ ଘରେ ରାତିରେ ଚୋରମାନେ ପଶି ପ୍ରାୟ ୬୦ ହଜାର ଟଙ୍କା ଓ ସୁନା ଅଳଙ୍କାର ନେଇ ଯାଇଛନ୍ତି। ସେତେବେଳେ ଗୌରାଙ୍ଗଙ୍କ ସ୍ତ୍ରୀ ଟେଲିଫି କାମ କରୁଥିଲେ ଓ ଥକି ଶୋଇପଡ଼ିଥିବା ବେଳେ ଘରର କବାଟ ଖୋଲା ରହିଥିଲା। ଏହି ସୁଯୋଗରେ ଚୋରମାନେ ସିଡ଼ିଘର ବାଟେ ପଶି ସ୍କ୍ରୁ ମାରି ସମସ୍ତ ଜିନିଷ ଲୁଟି ନେଇଥିଲେ। ଗୌରାଙ୍ଗଙ୍କ ସ୍ତ୍ରୀ କାନରେ ପିନ୍ଧିଥିବା କାନ ଫୁଲକୁ ଚୋରମାନେ ଖୋଲି ନେଇଯାଇଥିଲେ। ହେଲେ କାହାରି ନିଦ ଭାଙ୍ଗିନଥିଲା। ସେହିପରି ନିକଟସ୍ଥ ଘର ଏକନ ପରମାଣିକଙ୍କ ପୁଅ ଭାବନ ପରମାଣିକଙ୍କ ଘରୁ ମଧ ଚୋରି ହୋଇଥିବା ଅଭିଯୋଗ ମିଳିଛି। ଏହି ୨ ମାମଲାରେ ଧାମନଗର ଥାନାରେ କେସ୍ ନମ୍ବର ୩୩୧ ଓ ୩୦୫ରେ ମାମଲା ରୁଜୁ ହୋଇଛି। ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଲରେନ୍ସ ଖୁଣ୍ଟିଆ ତଦନ୍ତ କାର୍ଯ୍ୟ ଜାରି ରଖିଛନ୍ତି।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ବନ୍ତ/ଆଗରପଡ଼ା,୧୭ ।୧୦(ସମିସ): ବନ୍ତ ବ୍ଲକ ଅଣିକୋ ସିଦ୍ଧେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲମ୍ବୋଦର କରଙ୍କ ୮୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଚକ୍ରାପାଣ୍ଡା ଗ୍ରାମର ସ୍ୱର୍ଗତ କର ଆରମ୍ଭରୁ ଅଣିକୋ ସିଦ୍ଧେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରି ସେଠାରେ ପ୍ରଧାନଶିକ୍ଷକ ରହିଥିଲେ। ପରେ ବିଭିନ୍ନ ସାମାଜିକ କାର୍ଯ୍ୟ ସହିତ ଗ୍ରାମ ଭାଗବତ୍ ପାଠ ଚକ୍ରରେ ସଂଘ ସମୟ ଅତିବାହିତ କରୁଥିଲେ। ୧୦ ବର୍ଷ ଧରି ହୃଦ୍‌ଘାତରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁଅ, ବୋହୂ, ନାତିନାତୁଣୀ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତା, ପୁରାତନ ଛାତ୍ରଛାତ୍ରୀ, ବନ୍ତ ବ୍ଲକ ଯୁବ ବିଜେଡ଼ି ସଭାପତି ସତ୍ୟସାଧନ ବେଜ, ପୂର୍ବତନ ସରପଞ୍ଚ ବନମାଳି ବେହେରା, ସମିତିସଭ୍ୟ ଧରଣୀଧର କର ପ୍ରମୁଖ ସମେତ ବହୁ ଲୋକ ତାଙ୍କ ଶେଷ ଦର୍ଶନ କରିଥିଲେ।

## ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ଶୁଭାରମ୍ଭ






ଭଦ୍ରକ, ୧୭ ।୧୦(ସମିସ): ଭଦ୍ରକ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ଡେପୁଟୀ କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ଉପନିର୍ଦ୍ଦେଶକ, ଅଭିଯୋଜନ ରଶ୍ମିତା ମହାପାତ୍ର, ପବ୍ଲିକ ପ୍ରସିକ୍ୟୁଟର୍ ମିନି ଟପ୍ପ, ସହକାରୀ ପବ୍ଲିକ ପ୍ରସିକ୍ୟୁଟର୍ ଓ ଜିଲ୍ଲା ସରକାରୀ/ବେସରକାରୀ ଅଧିବକ୍ତା ଉପସ୍ଥିତ ଥିଲେ। ଜିଲ୍ଲାରେ ବିଭିନ୍ନ ଅପରାଧିକ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ସଠିକ୍ ଭାବରେ ଅନୁସନ୍ଧାନ କରାଯାଇ ଉପଯୁକ୍ତ ଦଣ୍ଡବିଧାନ କରିବା ଲକ୍ଷ୍ୟରେ ଉକ୍ତ କାର୍ଯ୍ୟାଳୟଟି ପ୍ରତିଷ୍ଠା କରାଯାଇଛି। ବହୁ ସମୟରେ ପ୍ରକୃତ ଦୋଷୀ ସଠିକ୍ ତଦନ୍ତ ଅଭାବରୁ ଅଳ୍ପ ଦିନ ଦଣ୍ଡ ପାଇ ମୁକ୍ତ ହୋଇ ପୁଣି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛି। ଏହା ଫଳରେ ଜନସାଧାରଣ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଇ ନିର୍ଦ୍ଦେଶାଳୟ ଖୋଲିଲା ପରେ ଅପରାଧିକ କାର୍ଯ୍ୟ କଳାପରେ ଅଙ୍କୁଶ ଲାଗିବ ବୋଲି ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଉତ ମତ ବ୍ୟକ୍ତ କରିଛନ୍ତି। ଉକ୍ତ କାର୍ଯ୍ୟାଳୟଟି ପୁରୁଣା କୋର୍ଟ ପରିସରରେ କାର୍ଯ୍ୟକ୍ଷମ ରହିବ।

# କାଳୀପୂଜା ପାଇଁ ସଜେଇ ହେଲେଣି ମା' ଭଦ୍ରକାଳୀ

ଭଦ୍ରକ, ୧୭।୧୦(ସମିସ)




ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ପୀଠରେ କାଳୀପୂଜା ଅବସରରେ ମା'ଙ୍କୁ ସପ୍ତମାତୃକା ବେଶରେ ପୂଜା କରାଯାଇଥାଏ। ମା'ଙ୍କର ବେଶ ସହ ପୀଠରେ ବିଶ୍ୱର ଜନକଲ୍ୟାଣ ନିମନ୍ତେ ଏକ ମହାଯଜ୍ଞ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଆସନ୍ତା ୨୦ ତାରିଖଠାରୁ ମହାଯଜ୍ଞର ଶୁଭାରମ୍ଭ ହେବ। ପ୍ରଥମ ଦିବସରେ ମା' ବେଦମାତ। ବେଶ ଧାରଣ କରି ପୂଜା ପାଇବେ। ଏଥିନିମନ୍ତେ ମନ୍ଦିର ପ୍ରଶାସନ ମ୍ୟାନେଜିଙ୍ଗ ଟ୍ରଷ୍ଟି ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଜିଲ୍ଲାର ସବୁ ବିଭାଗର ପ୍ରାଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସେବାୟତଙ୍କୁ ବସାଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସପ୍ତମାତୃକା ବେଶରେ ମା'ଙ୍କର ସାତ ଦିନର ବେଶ, ପୂଜା ନୀତିକାନ୍ତି, ମାନସିକ କଳସ ଶୋଭାଯାତ୍ରା, ଯଜ୍ଞ ମଣ୍ଡପରେ ବିଧି ଅନୁଯାୟୀ ପୂଜା ଓ ଆହୁତି, ପ୍ରସାଦ ବଣ୍ଟନ, ପହୁଡ଼ ଭୋଗ, ତୋରଣ, ଆଲୋକ ବ୍ୟବସ୍ଥା, ଶୃଙ୍ଖଳିତ ଦର୍ଶନ ନିମନ୍ତେ ପୁଲିସ ବ୍ୟବସ୍ଥା, ପାନୀୟଜଳ, ଯାନବାହନ ପାର୍କିଂ, ମୁଖ୍ୟରାସ୍ତାର ମରାମତି ଆଦି ବିଭିନ୍ନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସେବାୟତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସପ୍ତମାତୃକା ବେଶର ଦ୍ୱିତୀୟ ଦିନ ମା'ଙ୍କର ମହାକାଳୀ ବେଶ ଓ ତୃତୀୟ ଦିନ ମା'ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେବେ। ଚତୁର୍ଥ ଦିନ ମା' ସିଂହବାହିନୀ ବେଶରେ ପୂଜା ପାଇବାକୁ ଥିବା ବେଳେ ପଞ୍ଚମ ଦିନରେ ମା'ଙ୍କର ଜଗଦ୍ଧାତ୍ରୀ ବେଶ ଓ ଷଷ୍ଠ ଦିବସରେ ମା' ମହାସରସ୍ୱତୀ ବେଶ। ଅନ୍ତିମ ଦିବସ ଆସନ୍ତା ୨୬ ତାରିଖରେ ମା'ଙ୍କର ମହାଲକ୍ଷ୍ମୀ ବେଶ ସହିତ ମହାଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ଆସନ୍ତା ବର୍ଷ ୨୦୨୬କୁ ମହାଯଜ୍ଞର ୨୫ ବର୍ଷ ପୂର୍ତ୍ତି ଅବସରରେ ମା'ଙ୍କର ସୁନାବେଶ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି। ଏହି ସୁନାବେଶ ନିମନ୍ତେ ଏବେଠାରୁ ଆଗ୍ରହୀ ଭକ୍ତମାନେ ଦାନ କରିପାରିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଚଳିତ ବର୍ଷ ମା'ଙ୍କର ୭ଦିନର ବେଶକୁ ସେବକ ପ୍ରାତଃ ୭.୪୫ ମିନିଟ ସୁଦ୍ଧା ସମାପନ କରିବେ। ପରେ ଭକ୍ତଙ୍କ ନିମନ୍ତେ ସାହାଣ ମେଳା ଦର୍ଶନ ଆରମ୍ଭ ହେବ। ପୀଠରେ ମହାଯଜ୍ଞ ଓ ସପ୍ତମାତୃକା ବେଶ ନିମନ୍ତେ ପ୍ରସ୍ତୁତି ପ୍ରାୟ ଚୂଡ଼ାନ୍ତ ହୋଇଥିଲା ବେଳେ ସନ୍ଧ୍ୟାଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ମହାଯଜ୍ଞର ପ୍ରଥମ ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ ପାଲା ଗାୟକ ସନାତନ ଦାଶ ପାଲା ପରିବେଷଣ କରିବେ। ବାଣ ଫୁଟା ନିମନ୍ତେ ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟା ବନ୍ଦ ଥିବା ବେଳେ ତୃତୀୟ ସନ୍ଧ୍ୟାରେ ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ପ୍ରବଚନ ଦେବେ। ଚତୁର୍ଥ ସନ୍ଧ୍ୟାରେ ଓଡ଼ିଶୀ, ସମ୍ବଲପୁରୀ ଏବଂ ଓଡ଼ିଶାର ଲୋକକଥା ଲୋକଗୀତ ଉପରେ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପଞ୍ଚମ, ଷଷ୍ଠ ଓ ସପ୍ତମ ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶା ସରକାରଙ୍କ ସାଂସ୍କୃତିକ ବିଭାଗ ଦ୍ୱାରା ଭଜନ ସନ୍ଧ୍ୟା, ନୃତ୍ୟ ଓ ଗୀତିନାଟ୍ୟ ପରିବେଶଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ପୀଠର ମହାଯଜ୍ଞର ମାନସିକ କଳସ ଶୋଭାଯାତ୍ରାଠାରୁ ପୂର୍ଣ୍ଣାହୁତି ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ ସେବାୟତଙ୍କ ମଧ୍ୟରେ ଭାଗିରଥୀ ଦୀକ୍ଷିତ, ଅନୁଗ୍ରହ ଦୀକ୍ଷିତ, ପଞ୍ଚାନନ ଦୀକ୍ଷିତ, ମନ୍ଦରଧର ଦୀକ୍ଷିତ, ମଧୁସୂଦନ ଦୀକ୍ଷିତ, ଶେଖର ମହାପାତ୍ର ପ୍ରଫୁଲ୍ଲ ସାହୁ, ବିଜୟ ଦୀକ୍ଷିତ, ନିକୁଞ୍ଜ ଦୀକ୍ଷିତ, ମଦନମୋହନ ଦୀକ୍ଷିତ, ପ୍ରଦୀପ ପଣ୍ଡା, ସମର ଦୀକ୍ଷିତ, ଜୀବନ ଦୀକ୍ଷିତ, ପ୍ରଶାନ୍ତ ଦୀକ୍ଷିତ, ଅରବିନ୍ଦ ଦୀକ୍ଷିତ, କୃଷ୍ଣପ୍ରସାଦ ଦୀକ୍ଷିତ, ସୁଶାନ୍ତ ପଣ୍ଡା, ଅଜିତ ପଣ୍ଡା, ଅନିଲ ବେହେରା ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

## ଦୋବଲ ବଜାର କାଳୀପୂଜା ୫୮ ବର୍ଷରେ



ଦୋବଲ, ୧୭ ।୧୦(ସମିସ): ପ୍ରସିଦ୍ଧ କାଳୀପୂଜାମାନଙ୍କ ମଧ୍ୟରେ ଦୋବଲ ବଜାରର ମା' ଶ୍ୟାମା କାଳୀ ପୂଜାର ଭିନ୍ନ ପ୍ରକାର। ୧୯୬୮ରେ ଯେତେବେଳେ ବରିଷ୍ଠ ଲୋକମାନେ ବରଡା ଟାଟ ପକାଇ ପ୍ରଥମେ ମା ଶ୍ୟାମା କାଳୀଙ୍କ ପୂଜା ଆରମ୍ଭ କରିଥିଲେ; ସେବେଠାରୁ ଆଜିପର୍ଯ୍ୟନ୍ତ ଏହି ଅନୁଷ୍ଠାନ ଅବିରତ ଭାବେ ଚାଲିଆସୁଛି। ସ୍ଥାନୀୟ ଅଞ୍ଚଳର ରବୀନ୍ଦ୍ରନାଥ କରଙ୍କ ସହିତ ୮-୧୦ ଜଣ ଭକ୍ତ ଏହି ପୂଜାର ଶୁଭାରମ୍ଭ କରିଥିଲେ। ସେତେବେଳେ ବରଡା ଟାଟି ଘର ଭିତରେ ଆରମ୍ଭ ହୋଇଥିବା ଏହି ପୂଜା ଆଜି ଏକ ଭବ୍ୟ ମଣ୍ଡପ ରୂପେ ପରିଣତ ହୋଇଛି। ସେହି ଚାଳ ଘରର ଛୋଟ ପୂଜା ଆଜି ସହସ୍ର ଭକ୍ତଙ୍କ ଆସ୍ଥାର କେନ୍ଦ୍ରସ୍ଥଳ ହୋଇଯାଇଛି। ପୂଜାର ସମସ୍ତ ବ୍ୟୟ ଓ ବ୍ୟବସ୍ଥାପନାରେ ୯୭ ଜଣ ସଦସ୍ୟ ସହଭାଗୀ ହୋଇ ଅନୁଷ୍ଠାନକୁ ସଫଳ କରୁଛନ୍ତି। ଏଥିସହ ଦୋବଲ ବଜାରର ଦୋକାନୀମାନେ ମଧ ଆବଶ୍ୟକ ସାମଗ୍ରୀ ଓ ଅର୍ଥ ସହାୟତା ଦେଇ ସାମାଜିକ ଏକତାର ଦୃଢ଼ ଉଦାହରଣ ସୃଷ୍ଟି କରୁଛନ୍ତି। ପ୍ରତିଦିନ ମା' ଶ୍ୟାମାକାଳୀଙ୍କ ବ୍ରହ୍ମ ପୂଜା କରାଯାଇଥାଏ। ଚଳିତ ବର୍ଷରେ ପୂଜା ୨୦ ତାରିଖରୁ ଆରମ୍ଭ ହୋଇ ୨୬ ତାରିଖରେ ଶେଷ ହେବ। ମା'ଙ୍କ ମୃଣ୍ମୟ ମୂର୍ତ୍ତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମିନାବଜାର, ସୁନ୍ଦର ତୁରଣ, ସହିତ ଆଲୋକ ସାଜସଜ୍ଜା ବେଶ୍ ଆକର୍ଷିତ କରିଥାଏ। ଦୋବଲ ବଜାରର କାଳୀପୂଜା ଏବେ କେବଳ ଧାର୍ମିକ ଅନୁଷ୍ଠାନ ନୁହେଁ, ଏହା ଜିଲ୍ଲାର ଗୌରବ ଓ ସଂସ୍କୃତିକ ଉତ୍ସବ ଭାବେ ପରିଚିତ।

## ମା'ମଙ୍ଗଳାଙ୍କ ବାର୍ଷିକ ପୂଜା ଉତ୍ସବ



ବନ୍ତ/ଆଗରପଡ଼ା,୧୭।୧୦(ସମିସ): ବନ୍ତ ବ୍ଲକ ଆଡ଼ିଆ ପଞ୍ଚାୟତ ପନ୍ଦାଡ଼ୋ ଗ୍ରାମରେ ମା'ମଙ୍ଗଳାଙ୍କ ୪୯ ତମ ମଙ୍ଗଳା ବ୍ରତ ଉତ୍ସବ ପାଳିତ ହୋଇଯାଇଛି। ଗ୍ରାମ ପୁଷ୍କରିଣୀରୁ କଳସ ଘଟୋଉତ୍ତୋଳନ କରାଯାଇ ଗ୍ରାମ ପରିକ୍ରମା ପରେ ପୀଠସ୍ଥଳକୁ ଅଣାଯାଇଥିଲା। ମା'ଙ୍କୁ ଆବାହନ କଲାପରେ ପୂଜକ ବୈଦନାଥ ଦାସ ଚଣ୍ଡୀପାଠ କରିଥିଲେ ଓ ମାନସିକଧାରୀ ସଂକଳ୍ପ କଲା ପରେ ହୋମଯଜ୍ଞ, ସନ୍ଧ୍ୟା ଆଳତି ଓ ମଙ୍ଗଳା ସ୍ତୁତି ପଠନ କରାଯାଇଥିଲା। ପୂର୍ଣ୍ଣାହୁତି ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଶତାଧିକ ମହିଳା ମା'ଙ୍କ ଆଶୀର୍ବାଦ ପ୍ରାପ୍ତ କରିଥିଲେ। ପ୍ରଥମେ ଏହି ମଙ୍ଗଳା ପୂଜା ସ୍ୱର୍ଗତ ଦୁର୍ଯ୍ୟୋଧନ ଦାସ ଓ ତାଙ୍କ ପତ୍ନୀ ସଖି ଦାସଙ୍କ ସହଯୋଗରେ ଦୀର୍ଘ ୪୯ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। ପରେ ତାଙ୍କ ପୁତ୍ର କୁଳମଣି ଦାସ ଓ ପତ୍ନୀ କନକଲତା କର୍ତ୍ତା କାର୍ଯ୍ୟ ତୁଲାଇ ଥିବାବେଳେ କମିଟି ସଭାପତି ପଞ୍ଚାନନ ଦାସ, ଉପସଭାପତି ମହେନ୍ଦ୍ର ଦାସ, ସମ୍ପାଦକ ସନାତନ ମଲ୍ଲିକ, ସହସମ୍ପାଦକ କୁଳମଣି ଦାସ, ସଦସ୍ୟ ମହେନ୍ଦ୍ର ମଲ୍ଲିକ, ରୀନାରାଣୀ ମଲ୍ଲିକ, ମଧୁସୂଦନ ଦାସ, ଲକ୍ଷ୍ମଣ ଦାସ, ନୀଳମଣି ଦାସ, ଦୁଃଶାସନ ଦାସ ମଳୟ ଦାସ, ସଂଯୁକ୍ତା ଦାସ, ଜୁଳି ଦାସ, ଶାନ୍ତିଲତା ଦାସ, କନକଲତା ଦାସ, ଅନିତା ଦାସ, ରେବତୀ ମଳିକ, ସସ୍ମିତା ଦାସ, ଆରତୀ ମଳିକ, ଶାନ୍ତିଲତା ମଳିକ ସହଯୋଗ କରିଥିଲେ। ଅର୍ଜୁନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମସ୍ତ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ଭାରତୀ ପୃଷ୍ଟି, ଗୀତାରାଣୀ ପୃଷ୍ଟି, ସୁକାନ୍ତି ପୃଷ୍ଟି, କମଳା ପୃଷ୍ଟି, କୁନ୍ତଳା ସାହୁ, ଲକ୍ଷ୍ମୀପ୍ରିୟା ଦାସ, ବର୍ଷାରାଣୀ ପୃଷ୍ଟି ପ୍ରମୁଖ ପୂଜାରେ ସାମିଲ ଥିଲେ।

## ସ୍ମୃତି ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



ବନ୍ତ/ଆଗରପଡ଼ା, ୧୭।୧୦(ସମିସ): ବନ୍ତ ବ୍ଲକ ସେଣ୍ଡତିରା ପଞ୍ଚାୟତ ବିଞ୍ଝା ଗ୍ରାମରେ ସ୍ୱର୍ଗତ ଗୌରାଙ୍ଗ ମହକୁଡଙ୍କ ସ୍ମୃତିସଂସଦ ପକ୍ଷରୁ ତୃତୀୟ ବାର୍ଷିକ ସ୍ମୃତିସଭା ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଜଗନ୍ନାଥ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ବିଧାନସଭା ନେତା ଡ.ସୁଧାଂଶୁ ନାୟକ, ଅବସରପ୍ରାପ୍ତ ଶିକ୍ଷାବିତ ପିତାମ୍ବର ପହି, ଭଦ୍ରକ ଜିଲ୍ଲା ଓଷ୍ଟା ସମ୍ପାଦକ ଉପେନ୍ଦ୍ର କୁମାର ବିଶ୍ୱାଳ, ଶିଶୁ ସହିତ୍ୟିକ ତଥା ଶିକ୍ଷାବିତ ଗୋବିନ୍ଦଚନ୍ଦ୍ର ବାରିକ, ଶିକ୍ଷାବିତ କୃଷ୍ଣଚନ୍ଦ୍ର ପଣ୍ଡା, ଓଷ୍ଟା ରାଜ୍ୟ ଯୁଗ୍ମ ସମ୍ପାଦକ ପ୍ରଣୟ କୁମାର ସିଂହ, ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପୁରୁଷୋତ୍ତମ ଧଳ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷାବିତ ଖଗେଶ୍ୱର ପଣ୍ଡା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଲେଖଚନ୍ଦ୍ର ନାୟକ, ଶିକ୍ଷାବିତ ରତ୍ନାକର ଦାସ, ନିରାକାର ଧଳ, ଘନଶ୍ୟାମ ସ୍ୱାଇଁ, ରୋହିତ ଜେନା, ରମାକାନ୍ତ ଜେନା, ଜଗନ୍ନାଥ ନାୟକ, ରତ୍ନାକର ବାଇ, ଗୌରାଙ୍ଗ ଖିଲାର, ଚତୁର୍ଭୂଜ ପହି, ରଘୁନାଥ ସାହୁ, ପ୍ରାକ୍ତନ ଷେଣ୍ଡତିରା ସରପଞ୍ଚ ପ୍ରଶାନ୍ତ ସାମଲ, ବିଜେପି ନେତା କମଳାକାନ୍ତ ସାହୁ, ସରପଞ୍ଚ ପ୍ରଶାନ୍ତ ଦାସ ଯୋଗ ଦେଇଥିଲେ। ଶିକ୍ଷାବିତ ପିତାମ୍ବର ପହିଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। କାଳନ୍ଦୀ ଚରଣ ଜେନା ଓ ଶ୍ରୀରାମ ସେଠୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଭାତ ମହାକୁଡ଼, ଆଦିତ୍ୟ ମହାକୁଡ଼, ସୁଶାନ୍ତ ମହାକୁଡ଼, ଝୁନାବାଳା ଦାସ, ମାନସି ବାରିକ, ଇତିଶ୍ରୀ ବାରିକ, ସୌମ୍ୟଶାନ୍ତ ମହାକୁଡ଼, ସାଇକ୍ରିଷ୍ଟା ମହାକୁଡ଼, ସୁଧାଂଶୁ ମହାକୁଡ଼, ଚିନ୍ମୟ ବାରିକ, ତନ୍ମୟ ବାରିକ, ବିଶ୍ୱଜିତ ଦାସ ସମେତ ସମସ୍ତ କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।

## କମ୍ୟୁନିଷ୍ଟ ପାର୍ଟି ୧୦୬ତମ ପ୍ରତିଷ୍ଠା ଉତ୍ସବ



ଭଦ୍ରକ, ୧୭ ।୧୦(ସମିସ): ଭାରତରେ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠାର ୧୦୬ତମ ବାର୍ଷିକ ପାଳନ ପରିପ୍ରେକ୍ଷୀରେ ସିପିଆଇ(ଏମ) ଚାନ୍ଦବାଲି ଆଞ୍ଚଳିକ କମିଟି ପକ୍ଷରୁ ଚାନ୍ଦବାଲି ବସଷ୍ଟାଣ୍ଡଠାରେ ଲାଲ୍ ପତାକା ଉତ୍ତୋଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିପିଆଇ(ଏମ)ର ବରିଷ୍ଠ ନେତା ରବି ପଟ୍ଟନାୟକ ଯୋଗ ଦେଇଥିଲେ। ଏକ ସାଧାରଣ ବୈଠକ ସିପିଆଇ(ଏମ) ବ୍ଲକ କାର୍ଯ୍ୟାଳୟରେ ସିପିଆଇ(ଏମ) ଚାନ୍ଦବାଲି ଆଞ୍ଚଳିକ କମିଟି ସଂପାଦକ ଗୌରାଙ୍ଗ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ ଭାରତରେ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠାର ପୃଷ୍ଠଭୂମି, କମ୍ୟୁନିଷ୍ଟ ପାର୍ଟିର ଐତିହ୍ୟ, ଭାରତର ଆଜାଦୀ ଆନ୍ଦୋଳନରେ କମ୍ୟୁନିଷ୍ଟ ପାର୍ଟିର ଅବଦାନ, ଶ୍ରେଣୀ ସଂଗ୍ରାମ ଓ ଗଣ ସଂଗ୍ରାମରେ କମ୍ୟୁନିଷ୍ଟ ପାର୍ଟିର ଭୂମିକା ସଂପର୍କରେ ଆଲୋଚନା କରିଥିଲେ। ସିପିଆଇ(ଏମ) ଚାନ୍ଦବାଲି ଆଞ୍ଚଳିକ କମିଟି ସଭ୍ୟ ମଳୟ ଭୋଇ, ଅଶୋକ ବେହେରା, ସୃଷ୍ଟିଧର ବିଶ୍ୱାଳ, ବରିଷ୍ଠ ନେତା ଘନଶ୍ୟାମ ଦାସ, ଫକୀର ସ୍ୱାଇଁ, ବ୍ରହ୍ମାନନ୍ଦ ପରିଡା, ମହିଳା ନେତ୍ରୀ ଅନସୂୟା ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସମସ୍ତଙ୍କୁ ସାଥୀରେ ନେଇ ଦଳ ଆଗକୁ ବଢ଼ିବ: କଂଗ୍ରେସ

ଭଦ୍ରକ, ୧୭ ।୧୦(ସମିସ)





ଭଦ୍ରକ ଜିଲ୍ଲା କଂଗ୍ରେସ କମିଟିର ନୂତନ ସଭାପତି ଭାବେ ଦାୟିତ୍ୱ ନେବା ପରେ ନଳିନୀକାନ୍ତ ମହାନ୍ତି ଆନୁଷ୍ଠାନିକ ଭାବେ ପ୍ରଥମ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଉକ୍ତ ସମ୍ମିଳନୀ ଶ୍ରୀ ମହାନ୍ତି ୩ଟି ପ୍ରସଙ୍ଗରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରଥମତଃ ସରକାରୀ ଦଳ ଓ

**ଆରମ୍ଭ ହେବ ଘରବାହୁଡ଼ା ଅଭିଯାନ**

ସରକାରୀ କଳର ଜନବିରୋଧୀ ନୀତି ବିରୋଧରେ କଂଗ୍ରେସ ଦଳ ତାର ଲଢେଇକୁ ଶାଣିତ କରିବ। ଦୁର୍ନୀତି ବିରୋଧରେ ଲଢେଇରେ କୌଣସି ପ୍ରକାର ସାଲିସ ବିହୀନ ଆନ୍ଦୋଳନ କରିବ। ପଞ୍ଚାୟତ ସ୍ତରରୁ ବ୍ଲକ, ସହରାଞ୍ଚଳ ଓ ଜିଲା ସଦର ମହକୁମା ଯାଏ ଶାସକ ଦଳର ଓ ସରକାରୀ କଳର ଦୁର୍ନୀତିକୁ ଲୋକଲୋଚନକୁ ଅଣାଯିବ। ଏପରିକି ଯଦି କେହି ସଚେତନ ନାଗରିକ ଦୁର୍ନୀତି ବାବଦରେ ଜାଣୁଥାନ୍ତି କିନ୍ତୁ ମୁହଁ ଖୋଲିବାକୁ ସାହସ କରିପାରୁ ନାହାନ୍ତି ସେ କ୍ଷେତ୍ରରେ ଜିଲ୍ଲା କଂଗ୍ରେସ ସେହି ସଚେତନ ବ୍ୟକ୍ତିଙ୍କୁ ଦୁର୍ନୀତି ବିରୋଧରେ ମୁହଁ ଗୋଲିବା ଲାଗି ଉପଯୁକ୍ତ ପ୍ଲାଟଫର୍ମ ଦେବ ଓ ନୀତିଗତ ସହଯୋଗ ବି କରିବ। ଦ୍ୱିତୀୟରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ଜିଲ୍ଲା କଂଗ୍ରେସରେ କୌଣସି ଗୋଷ୍ଠୀବିବାଦ ନାହିଁ କି କୌଣସି ଗୋଷ୍ଠୀକୁ ପ୍ରଶ୍ରୟ ଦିଆଯିବ ନାହିଁ। ଏହା ହିଁ ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ। ସମସ୍ତଙ୍କୁ ସାଥୀରେ ନେଇ ସଙ୍ଗଠନକୁ ମଜବୁତ କରାଯିବ। ବରିଷ୍ଠଙ୍କୁ ଦଳ ଭିତରେ ଉଚିତ ସମ୍ମାନ ଦିଆଯିବ। ସେମାନଙ୍କ ଅଭିଜ୍ଞତା, ସାଙ୍ଗଠନିକ ଦକ୍ଷତା ଓ ମାର୍ଗଦର୍ଶନ ଦଳ ପାଇଁ ବଳ ଦେବ। ଦଳଭିତରେ ଯୁବବର୍ଗଙ୍କୁ ଆଗକୁ ମାଡିବାର ସୁଯୋଗ ମିଳିବ। ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି ଯେ ପ୍ରତି ନିର୍ବାଚନମଣ୍ଡଳୀର ସାଙ୍ଗଠନିକ ଅଭିବୃଦ୍ଧି ପାଇଁ ଖସଡା ପ୍ରସ୍ତୁତ କରାଯିବ। ଲୋକଙ୍କ ସମସ୍ୟା ସହିତ କଂଗ୍ରେସ କର୍ମୀମାନେ ଗାଁ ଗଣ୍ଡାରେ ଯୋଡି ହେବେ। ସରକାରଙ୍କ ଜନସ୍ୱାର୍ଥ ନୀତି ବାବଦରେ ଲୋକଙ୍କୁ ସଚେତନ କରିବେ। ଏଥିସହ କୈଣସି ବି କାରଣରୁ ଅତୀତରେ ଦଳ ଛାଡି ଚାଲି ଯାଇଥିବା ନେତା, କର୍ମୀଙ୍କୁ ଦଳକୁ ଫେରାଇ ଆଣିବା ଲାଗି ଏକ ସ୍ୱତନ୍ତ୍ର "ଘରବାହୁଡା' ଅଭିଯାନ ଆରମ୍ଭ ହେବ। ପ୍ରାକ୍ତନ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ପୂର୍ବତନ ବିଧାୟକ ପଂଚାନନ ମଣ୍ଡଳ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଶୁଭେନ୍ଦୁ ରାୟ ମହାପାତ୍ର, ଦେବବ୍ରତ ମହାନ୍ତି, ପିସିସି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ରାଜ୍ୟ ମହିଳା କଂଗ୍ରେସର ସମ୍ପାଦକ ଅମିତାବାଳା ଆଚାର୍ଯ୍ୟ, ସବିତା ଚାନ୍ଦ, ସ୍ୱସ୍ତିକା ପଣ୍ଡା, ନାରୀନେତ୍ରୀ ଶର୍ମିଷ୍ଠା ପଣ୍ଡା, ସାଧାରଣ ସମ୍ପାଦକ ହରିହର ମଣ୍ଡଳ, ସମ୍ପାଦକ ରଞ୍ଜନ ଜେନା, ଆରଜିପିଆରଏସର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାସ, ଟାଉନ ସଭାପତି ମୋକିତ ଖାଁ, ଯୁବନେତା ବଳରାମ ରାଉତ, କାଉନସିଲର ସାହିଲ କାଦ୍ରୀ, ଯୁବନେତା ଇଲିଆସ ଖାଁ, ବ୍ଲକ ସଭାପତି ପୀତବାସ ଧଳ, ରାଜୁ ରାୟ, ବିଜୟ ବାରିକ, ମନୋଜ ମଲ୍ଲିକ, ମୀର ଶାହାଜାନ, ରାଜକିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## କମଳା ରାଉତଙ୍କ ସ୍ମୃତିସଭା



ଭଦ୍ରକ,୧୭ ।୧୦(ସମିସ): ବରପଦା ନିକଟସ୍ଥ କୁଶୁନନଗରସ୍ଥିତ କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା କମଳା କୁମାରୀ ରାଉତଙ୍କ ଉଦ୍ଦେଶ୍ୟରେ ଅଧ୍ୟକ୍ଷ ରାଜେନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅଧ୍ୟାପକ ବଙ୍କିମଚନ୍ଦ୍ର ନାୟକଙ୍କ ଦ୍ୱାରା ମଙ୍ଗଳାଚରଣ ପାଠ କରାଯାଇ ସଭା ଆରମ୍ଭ ହୋଇଥିଲା। ଏଥିରେ ପ୍ରବଚକ ଚିତରଂଜନ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମାଜସେବୀ ଯୁଧିଷ୍ଠିର ପଣ୍ଡା ଓ ଅନୁଷ୍ଠାନର ପୂର୍ବତନ କାର୍ଯ୍ୟକାରିଣୀ ସଦସ୍ୟ ଜଇରାମ ଜେନା, ଭୀମଚରଣ ସାମଲ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ପୂର୍ବତନ ଦୈସିଂ ସରପଞ୍ଚ ସୁଦାମ ଚରଣ ପ୍ରଧାନ ବକ୍ତବ୍ୟ ରଖିଥିଲେ। କର୍ମଚାରୀ ରମେଶଚନ୍ଦ୍ର ନାୟକ, ଟି. ବିଜୟା, ଭରତଚନ୍ଦ୍ର ଜେନା, ସୁଦର୍ଶନ ପ୍ରଧାନ ଓ ସବିତା ଘଡାଇ ସଭାଟିକୁ ପରିଚାଳନା କରିଥିଲେ। ଅଧ୍ୟାପିକା ପ୍ରତିଜ୍ଞା ପଣ୍ଡା ଧନ୍ୟବାଦ ଦେଇଥିଲେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୋଟିଏ ଲିମ୍ବ ଗଛ ଓ ତୁଳସୀଗଛ ରୋପଣ ହୋଇଥିଲା। ସଭାରେ ଏହି ଅନୁଷ୍ଠାନର ଅଧ୍ୟାପକ ଅଶ୍ୱନୀ କୁମାର ପୁହାଣ, ଘନଶ୍ୟାମ ସାହୁ, ରମେଶଚନ୍ଦ୍ର ଖୁଣ୍ଟିଆ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ଦିପ୍ତିମୟୀ ମହାନ୍ତି ଓ ଲକ୍ଷ୍ମୀପ୍ରିୟା ମହାପାତ୍ର କବିତା ପାଠ କରିଥିଲେ।

# ପ୍ରଥମ ଉଡ଼ାଣ ଭରିଲା ସ୍ୱଦେଶୀ ତେଜସ୍



ନାସିକ୍, ୧୭ ।୧୦(ଏଜେନ୍ସି): ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଲଢୁଆ ବିମାନ ତେଜସ ଶୁକ୍ରବାର ତା'ର ପ୍ରଥମ ଉଡ଼ାଣ ଭରିଛି । ଭାରତୀୟ ବାୟୁସେନାକୁ ମାର୍କ-୧ଏ ଲଢୁଆ ବିମାନ ଉପଲବ୍ଧ କରାଇବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ (ହାଲ୍) ମହାରାଷ୍ଟ୍ରର ନାସିକ୍‌ରେ ତୃତୀୟ ପ୍ରଡକସନ ଲାଇନ୍ ଆରମ୍ଭ କରିଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହାର ଉଦ୍‌ଘାଟନ କରିଛନ୍ତି । ନାସିକର ଓଝାରରେ ନିର୍ମିତ ଏହି ଲାଇଟ୍ କମ୍ବାକ୍ଟ ବିମାନ ତେଜସ ପ୍ରଥମଥର ପାଇଁ ଆକାଶରେ ଉଡିଛି । ଏହି ପ୍ରଡକ୍ସନ ଲାଇନ୍ ଜରିଆରେ ବାୟୁସେନାକୁ ୨୦୩୨-୩୩ ସୁଦ୍ଧା ୧୮୦ଟି ତେଜସ୍ ବିମାନ ଉପଲବ୍ଧ କରାଯିବା ଲକ୍ଷ୍ୟ ରଖାଯାଇଛି । ଏବେ ଏଠାରେ ପ୍ରତିବର୍ଷକ ୮ଟି ଫାଇଟର ଜେଟ୍ ନିର୍ମାଣ କରାଯାଉଛି । ଏହାକୁ ବଢ଼ାଇ ୧୦ରେ କରାଯିବ ବୋଲି କୁହାଯାଇଛି । ବାୟୁସେନା ପାଇଁ ତେଜସ୍ ବିମାନ ନିର୍ମାଣ କରୁଥିବା ହାଲକୁ ଗତ ସେପ୍ଟେମ୍ବରରେ ଆମେରିକା ଚତୁର୍ଥ ଇଞ୍ଜିନ ପଠାଇଥିଲା । ଏହି ଜେଟ୍ ବିମାନର ଡେଣାରେ ୯ଟି ସ୍ଥାନରେ ମିସାଇଲ ଖଞ୍ଜା ଯାଇପାରିବ ଓ ଏହା ହିଁ ଏହି ବିମାନର ସ୍ୱତନ୍ତ୍ରତା । ପ୍ରତ୍ୟେକ ତେଜସ୍ ମାର୍କ-୧ଏ ବିମାନର ମୂଲ୍ୟ ୬୦୦ କୋଟି ଟଙ୍କା ବୋଲି କୁହାଯାଇଛି । ଏହାର ଗତି ଘଣ୍ଟାପ୍ରତି ୨୨୦୫ କିମି । ଏହା ଶବ୍ଦର ଗତିଠାରୁ ଦୁଇଗୁଣା ବେଗରେ ଗତି କରିପାରିବ ।

# ପାକ୍ ସେନା ଶିବିରରେ ଆକ୍ରମଣ; ୭ ସୈନ୍ୟ ମୃତ



ଇସଲାମାବାଦ୍, ୧୭ ।୧୦(ଏଜେନ୍ସି): ପାକିସ୍ତାନର ନର୍ଥ ୱାଜିରସ୍ଥାନର ମୀର ଅଲି ଅଞ୍ଚଳରେ ଏକ ସେନା ଶିବିର ଉପରେ ଆତ୍ମଘାତୀ ଆକ୍ରମଣ ହୋଇଛି । ଏଥିରେ ୭ ପାକିସ୍ତାନ ସୈନ୍ୟ ମୃତ୍ୟୁବରଣ କରିଥିବା ବେଳେ ୧୩ ଜଣ ଲୋକ ଆହତ ହୋଇଛନ୍ତି । ତେବେ ଏହି ଆକ୍ରମଣରେ ଆମର କୌଣସି ସୈନିକ ମୃତାହତ ହୋଇନାହାନ୍ତି ବୋଲି ଅଧିକାରୀମାନେ ଦାବି କରିଛନ୍ତି । ଆକ୍ରମଣ କରିଥିବା ୪ ଜଣ ଉଗ୍ରବାଦୀ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି । ଜଣେ ଉଗ୍ରବାଦୀ ବିସ୍ଫୋରକ ଭର୍ତ୍ତି ଥିବା ଏକ ଗାଡିକୁ ଆଣି ସେନା ଶିବିର ପାଚେରୀରେ ଧକ୍କା ଦେଇଥିଲା । ଏହାପରେ ଅନ୍ୟ ୩ଜଣ ଶିବିର ମଧ୍ୟକୁ ପ୍ରବେଶ କରିବାକୁ ପ୍ରୟାସ କରିଥିଲେ । କିନ୍ତୁ ଏମାନେ ଜାବାବି କର୍ଯ୍ୟାନୁଷ୍ଠାନରେ ମୃତ୍ୟୁବରଣ କରିଥିଲେ । ଉଗ୍ରବାଦୀଙ୍କୁ ସଫଳତାର ସହ ମୁକାବିଲା କରିଥିବାରୁ ପାକିସ୍ତାନ ଗୃହମନ୍ତ୍ରୀ ମୋହସିନ ନକ୍‌ବୀ ସେନାକୁ ପ୍ରଶଂସା କରିଛନ୍ତି । ଗତକିଛି ଦିନ ହେବ ଉତ୍ତର ୱାଜରିସ୍ଥାନରେ ଉଗ୍ରବାଦୀଙ୍କ ଆକ୍ରମଣ ବୃଦ୍ଧି ପାଇଛି । ଫଳରେ ଏହି ଅଞ୍ଚଳରେ ସତର୍କତା ବୃଦ୍ଧି କରାଯିବା ସହ ସୁରକ୍ଷାବଳକୁ ନିୟୋଜିତ କରାଯାଇଛି । ଏହି ଆକ୍ରମଣ ପଛରେ ତେହରିକ-ଇ-ତାଲିବାନ ପାକିସ୍ତାନ(ଟିଟିପି)ର ହାତ ରହିଛି ବୋଲି କୁହାଯାଇଛି । ଗତ ୩ ମାସ ମଧ୍ୟରେ ପାକିସ୍ତାନରେ ଆତଙ୍କବାଦୀ ଅକ୍ରମଣରେ ଯଥେଷ୍ଟ ବୃଦ୍ଧି ପାଇଛି ।

## ସର୍ଭେକୁ ଭୁଲ ବୁଝିଛନ୍ତି ମୂର୍ତ୍ତି ଦମ୍ପତି: ସିଦ୍ଧରମୈୟା

ବେଙ୍ଗାଲୁରୁ, ୧୭ ।୧୦(ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଇନ୍‌ଫୋସିସ୍ ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି ଓ ତାଙ୍କ ପତ୍ନୀ ସୁଧା ମୂର୍ତ୍ତି ରାଜ୍ୟରେ ଚାଲିଥିବା ସର୍ଭେରେ ସାମିଲ ହେବାକୁ ମନା କରିବା ପରେ ପ୍ରତିକ୍ରିୟା ଦେଇଛନ୍ତି । ସର୍ଭେକୁ ନେଇ ମୂର୍ତ୍ତି ଦମ୍ପତି ଭୁଲ ବୁଝିଛନ୍ତି ବୋଲି ସେ ଶୁକ୍ରବାର କହିଛନ୍ତି । ରାଜ୍ୟର ୭ କୋଟି ଜନତା ପାଇଁ ଏହି ସର୍ଭେ କରାଯାଉଛି ବୋଲି ୨୦ଥର କହିସାରିଛି । ତଥାପି ଯଦି କେହି ବୁଝି ନପାରୁଛନ୍ତି, ତାହେଲେ କ'ଣ କରିପାରିବି ବୋଲି ସେ ପ୍ରଶ୍ନ କରିଛନ୍ତି । କେବଳ ପଛୁଆ ବର୍ଗ ପାଇଁ ଏହି ସର୍ଭେ କରାଯାଉ ନାହିଁ । ଏହା ସମାଜର ସବୁ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ । ଏହା ଏକ ସାମାଜିକ- ଆର୍‌ଥିକ ଓ ଶିକ୍ଷଣିକ ସର୍ଭେ । ବାରମ୍ବାର ବୁଝାଇବା ସତ୍ତ୍ୱେ କିଛି ଲୋକ ଏହି ସର୍ଭେକୁ ଭୁଲ ବୁଝୁଛନ୍ତି । ତେଣୁ ମୂର୍ତ୍ତି ଦମ୍ପତି ଏହାକୁ ଭଲ ଭାବେ ହୃଦୟଙ୍ଗମ କରିବା ଉଚିତ ବୋଲି ସେ ସ୍ପଷ୍ଟ କରିଛନ୍ତି । ପୂର୍ବରୁ ମୂର୍ତ୍ତି ଦମ୍ପତି ଏହି ସର୍ଭେ ପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବାକୁ ମନା କରିଦେଇଥିଲେ । ଆମେ କୌଣସି ପଛୁଆ ବର୍ଗ ସହିତ ଜଡିତ ନୁହଁ, ତେଣୁ ଏହି ସର୍ଭେରେ ଭାଗ ନେବାକୁ ଚାହୁଁ ନାହୁଁ ବୋଲି ସୁଧା ମୂର୍ତ୍ତି କହିଥିଲେ ।

## ଇଞ୍ଜିନିୟରିଂ କଲେଜ୍‌ରେ ଛାତ୍ରୀଙ୍କୁ ଦୁଷ୍କର୍ମ: ଅଭିଯୁକ୍ତ ସହପାଠୀ ଗିରଫ୍

ବେଙ୍ଗାଲୁରୁ, ୧୭ ।୧୦(ଏଜେନ୍ସି): ବେଙ୍ଗାଲୁରୁସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜ କ୍ୟାମ୍ପସ୍‌ରେ ଜଣେ ଛାତ୍ରୀଙ୍କୁ ଦୁଷ୍କର୍ମ କରାଯାଇଥିବାର ଘଟଣା ସାମ୍ନାକୁ ଆସିଛି । ପୁଲିସ ଏହି ମାମଲାରେ କଲେଜର ଅନ୍ୟଜଣେ ଛାତ୍ର ଜୀବନ ଗୌଡ଼ାଙ୍କୁ ଗିରଫ କରିଛି । ଅଭିଯୁକ୍ତ ସେହି କଲେଜରେ ଷଷ୍ଠ ସେମିଷ୍ଟାରର ଛାତ୍ର ଓ ପୀଡିତା ସପ୍ତମ ସେମିଷ୍ଟାରରେ ଛାତ୍ରୀ ବୋଲି ପୁଲିସ କହିଛି । ଅକ୍ଟୋବର ୧୦ ତାରିଖ ଅପରାହ୍ନ ସାଢ଼େ ଗୋଟେରୁ ୧.୫୦ ମଧ୍ୟରେ ଘଟଣା ଘଟିଥିଲା । କିନ୍ତୁ ଛାତ୍ରୀ ଜଣକ ୫ ଦିନ ପରେ ଅର୍ଥାତ ୧୫ ତାରିଖରେ ଏଫ୍‌ଆଇଆର ଦାଏର କରିଥିଲେ । ଅଭିଯୁକ୍ତ କଲେଜର ସପ୍ତମ ମହଲାରେ ଭେଟିବାକୁ ଡାକିଥିଲେ । ସଠାରେ ସେ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରିଥିଲେ । ଛାତ୍ରୀଜଣକ ଷଷ୍ଠ ମହଲାକୁ ଚାଲିଯାଇଥିଲେ । ଅଭିଯୁକ୍ତ ପିଛା କରି ଛାତ୍ରୀଙ୍କୁ ପୁରୁଷ ଟଏଲେଟ୍‌କୁ ଟାଣି ନେବା ସହ ଦ୍ୱାର ବନ୍ଦ କରି ଦୁଷ୍କର୍ମ କରିଥିଲେ ବୋଲି ଛାତ୍ରୀ ଏଫ୍‌ଆଇଆର୍‌ରେ ଉଲ୍ଲେଖ କରିଛନ୍ତି । ଦୁହେଁ ସାଥି ହୋଇ ପଢୁଥିଲେ । କିନ୍ତୁ ଷଷ୍ଠ ସେମିଷ୍ଟାରରେ ଅଭିଯୁକ୍ତ ଫେଲ୍ ହୋଇଥିଲେ । କଲେଜର ସପ୍ତମ ମହଲାରେ ସିସିଟିଭି କ୍ୟାମେରା ଲଗାଯାଇନାହିଁ । ପୁଲିସରେ ଅଭିଯୋଗ କରିବାକୁ ଛାତ୍ରୀ ଦ୍ୱିଧାବୋଧ କରୁଥିଲେ । ସେ ଏହି ଘଟଣା ନିଜ ପତାମାତାଙ୍କୁ ଜଣାଇବା ପରେ ସେ ହନୁମନ୍ତନଗର ଥାନାରେ ଅଭିଯୋଗ କରିଥିଲେ ।

## ପୂର୍ବତନ ଆମେରିକା ଏନ୍‌ଏସ୍‌ଏଙ୍କ ବିରୋଧରେ ୧୮ ମାମଲା

ୱାଶିଂଟନ୍, ୧୭ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ଜାତୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଭାବେ କାର୍ଯ୍ୟ କରିଥିବା ଜନ୍ ରବର୍ଟ ବୋଲ୍ଟନଙ୍କ ବିରୋଧରେ ଗୋପନୀୟ ସୂଚନାର ଅନୈତିକ ବ୍ୟବହାର ଓ ଏହାକୁ ଲିକ୍ କରିବା ପାଇଁ ମାମାଲା ରୁଜୁ ହୋଇଛି । ଜାତୀୟ ସୁରକ୍ଷା ସହିତ ଜଡ଼ିତ ଗୋପନୀୟ ତଥ୍ୟ ତଥା ସୂଚନା ସେୟାର କରିବା କାରଣରୁ ଓ ୮ ଗୋପନୀୟ ଦସ୍ତାବିଜ ନିଜ ପାଖରେ ରଖିବା କାରଣରୁ ୧୦ଟି ଅଭିଯୋଗ କରାଯାଇଛି । ବୋଲ୍ଟନ ଟ୍ରମ୍ପ ପ୍ରଶାସନ ପାଇଁ କାର୍ଯ୍ୟ କରୁଥିବା ବେଳେ ନିଜ ଗତିବିଧିର ନୋଟ୍ସ ଓ ଡାଏରୀ ଏଣ୍ଟ୍ରିଜ୍ ଆମେରିକା ଅନ୍‌ଲାଇନ୍ (ଏଓଏଲ୍)ରେ ସେଭ୍ କରିଥିଲେ । ଏଥିରେ ଜାତୀୟ ସୁରକ୍ଷା ସହିତ ଜଡିତ କେତୋଟି ସମ୍ବେଦନଶୀଳ ତଥ୍ୟ ସାମିଲ ରହିଥିଲା । ଏହାକୁ ସେ ନିଜକୁ ଓ ନିଜର ପରିବାର ସଦସ୍ୟଙ୍କୁ ମଧ୍ୟ ମେଲ୍ କରିଥିଲେ ବୋଲି ଯାଞ୍ଚ୍ ଏଜେନ୍ସିଗୁଡିକ ତରଫରୁ କୁହାଯାଇଛି । ୭୬ ବର୍ଷୀୟ ବୋଲ୍ଟନ ଯଦି ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ତାଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ହୋଇପାରେ ବୋଲି କୁହାଯାଇଛି ।

## ବିହାରରେ ସରିଲା ପ୍ରଥମ ପର୍ଯ୍ୟାୟ ପ୍ରାର୍ଥିପତ୍ର ଦାଖଲ

# ମହାମେଣ୍ଟରେ ହୋଇପାରିଲାନି ଆସନ ବୁଝାମଣା

ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇଛି । କ୍ଷମତାସୀନ ମେଣ୍ଟ ଏନ୍‌ଡିଏ ଆସନ ବୁଝାମଣା କରି ନିର୍ବାଚନ ପାଇଁ ଜୋରସୋରରେ ପ୍ରସ୍ତୁତି କରୁଥିବାବାଳେ ବିରୋଧୀ ମେଣ୍ଟ ଇଣ୍ଡିଆରେ କେଁ ଲାଗି ରହିଛି । ଏ ପର୍ଯ୍ୟନ୍ତ ଏହି ମହାମେଣ୍ଟର ସହଯୋଗୀଙ୍କ ମଧ୍ୟରେ ଆସନ ଚୂଡ଼ାନ୍ତ ହୋଇପାରିନାହିଁ । ତେବେ ପ୍ରମୁଖ ଦଳ କଂଗ୍ରେସ ଏବଂ ଆରଜେଡି ପରସ୍ପରର ଆସନରେ ନିଜ ପ୍ରାର୍ଥୀଙ୍କୁ ଟିକେଟ ଦେବା ଆରମ୍ଭ କରିଦେଇଛନ୍ତି । ଏହା ମେଣ୍ଟରେ ନୂଆ ବିବାଦ ସୃଷ୍ଟି କରିଛି । ଦଳମାନଙ୍କ ମଧ୍ୟରେ ସବୁ କିଛି ଠିକ୍ ନାହିଁ ବୋଲି ଏଥିରୁ ସ୍ପଷ୍ଟ ହେଉଛି । ଦୀର୍ଘ ଦିନ ହେଲା ଏକାଠି ପ୍ରଚାର କରୁଥିବା ଆରଜେଡି ନେତା ତେଜସ୍ୱୀ ଯାଦବ ଏବଂ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଫାଇନାଲ ମ୍ୟାଚ୍ ପୂର୍ବରୁ ବି ଖେଳାଳି ଧାର୍ଯ୍ୟ କରିପାରିନାହାନ୍ତି । ଏହା ମହାମେଣ୍ଟ ପାଇଁ ଝଟ୍‌କା ସାବ୍ୟସ୍ତ ହୋଇପାରେ ବୋଲି କୁହାଯାଉଛି । ଅନ୍ୟପଟେ ଏନ୍‌ଡିଏ ଆସନ ବଣ୍ଟନ ସାରି ପ୍ରଚାରପ୍ରସାର ଜୋରସୋରରେ ଲାଗିପଡ଼ିଛି । ଏହି କ୍ରମରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି




ଆସନ ବଣ୍ଟନକୁ ନେଇ ଅସନ୍ତୁଷ୍ଟ ଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି । ଏଠାରୁ ବାହାରିବା ପରେ ନୀତୀଶଙ୍କ ନେତୃତ୍ୱାରେ ହିଁ ଦଳ ନିର୍ବାଚନ ଲଢିବ ବୋଲି କହିଛନ୍ତି ।

ଅନ୍ୟପକ୍ଷରେ ବିରୋଧୀଙ୍କ ମହାମେଣ୍ଟରେ ଆସନ ବଣ୍ଟନକୁ ନେଇ ଏବେ ବି ଟଣାଓଟରା ଜାରି ରହିଛି । କିଏ କେଉଁ ଆସନରୁ ଲଢ଼ିବ ତାହାକୁ ନେଇ ଚାଲିଥିବା କଳି ତୁଟି ପାରୁନି । ଏହି ନିର୍ବାଚନ ପାଇଁ ଦୁଇ ଦଳ କିଛି ଆସନରେ ପ୍ରାର୍ଥୀ ଘୋଷଣା କରି ସାରିଥିଲେ ବି ବୁଝାମଣା ନେଇ ଆଲୋଚନା ଜାରି ରହିଛି । ଶେଷ ସମୟରେ ଦୁଇ ଦଳ ନାମାଙ୍କନ ପ୍ରତ୍ୟାହାର କରି ଜଣେ ଅନ୍ୟ ଜଣଙ୍କୁ ସମର୍ଥନ ଦେଇପାରନ୍ତି ବୋଲି କୁହାଯାଉଛି । ଏହି ବିବାଦ ଏନ୍‌ଡିଏକୁ ବଳ ଯୋଗାଉଛି । ମହାମେଣ୍ଟ ଅଡୁଆକୁ ନେଇ ଦଳୀୟ ନେତାଙ୍କ ସହିତ ଲୋକଙ୍କ ମଧ୍ୟରେ ସଂଶୟ ବଢ଼ିବାରେ ଲାଗିଛି । ଏହି ଆଲୋଚନାରେ ଜଡ଼ିତ କଂଗ୍ରେସ ନେତା କହ୍ନେୟା କୁମାର କହିଛନ୍ତି ଯେ ବେଗ ଅପେକ୍ଷା ସହଯୋଗ ଜରୁରୀ । ବୁଝାମଣା ପାଇଁ ସମୟ ଦରକାର । ଖୁବଶୀଘ୍ର ଆସନ ବଣ୍ଟନ ଘୋଷଣା କରାଯିବ । ସେହପରି ପବନ ଖେଡ଼ା କହିଛନ୍ତି ଯେ ବୁଝାମଣା ନେଇ ଆଲୋଚନା ଜାରି ରହିଛି । ଚିହ୍ନ ବଣ୍ଟା ସରିଯାଇଛି । ପ୍ରାର୍ଥୀମାନେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି । ଖୁବଶୀଘ୍ର ସ୍ଥିତି ସ୍ପଷ୍ଟ ହୋଇଯିବ ଏବଂ ବିଜୟୀ ହୋଇ ମହାମେଣ୍ଟ ହିଁ ସରକାର ଗଠନ କରିବ । ତେଣୁ ଆସନ ବଣ୍ଟନକୁ ନେଇ ବିଜେପି ଚିନ୍ତା କରିବାର ଆବଶ୍ୟକତା ନାହିଁ ।

୨୦୨୦ ଅପେକ୍ଷା ଚଳିତ ଥର ମହାମେଣ୍ଟ ପରିବାର ବଡ଼ ହୋଇଯାଇଛି । ଏଥିରେ ସିପିଆଇ (ଏମଏଲ), ସିପିଆଇ, ସିପିଆଇ (ଏମ) ଏବଂ ମୁକେଶ ସାହାନୀଙ୍କ ଭିଆଇପି ସାମିଲ ହୋଇଛି । ଜେଏମଏମ ସହ ମଧ୍ୟ ଚର୍ଚ୍ଚା ଜାରି ରହିଛି । ଏତେ ଦଳ ସାମିଲ ହୋଇଥିବାରୁ କିଏ କେଉଁଠୁ ଆଉ କେତେ ଆସନରେ ଲଢିବ ତାହାର ନିଷ୍ପତ୍ତି ସହଜରେ ହୋଇପାରୁ ନାହିଁ । ଏହା ସହିତ ଆରଜେଡିର କ୍ଷମତା ବୃଦ୍ଧି କରିବାକୁ କଂଗ୍ରେସ ଚାହୁଁନାହିଁ । ଏହି ଦଳ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଖାଇବାକୁ ଅନିଚ୍ଛା ପ୍ରକାଶ କରିସାରିଛି । ଏହାରି ମଧ୍ୟରେ କଂଗ୍ରେସ ଧୈର୍ଯ୍ୟ ଏବଂ ମନୋବଳ ପ୍ରଦର୍ଶନ କରି ୪୮ ଆସନରେ ପ୍ରାର୍ଥୀ ଦେଇଛି । ପ୍ରଦେଶ ଅଧ୍ୟକ୍ଷ ରାଜେଶ ରାମଙ୍କୁ କୁଟୁମ୍ବା, ସିଏଲବି ନେତା ସକିଲ ଅହମ୍ମଦ ଖାନଙ୍କୁ କଡୱା ଏବଂ ଯୁବ କଂଗ୍ରେସ ମୁଖ୍ୟ ଗରିବ ଦାସଙ୍କୁ ବଛୱାରାରୁ ପ୍ରାର୍ଥୀ କରାଯାଇଛି । ତେବେ ସିପିଆଇର ଅବଧେଶ ରୟ ବଛୱାରାରୁ ବି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଏହା ମହାମେଣ୍ଟର ଏକତା ପାଇଁ କଣ୍ଟା ସାବ୍ୟସ୍ତ ହୋଇଛି । କିନ୍ତୁ ଆସନ ଚୂଡ଼ାନ୍ତ ହୋଇଗଲା ପରେ ଅନ୍ୟ ଦଳର ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିପାରନ୍ତି । ସୂଚନା ଅନୁଯାୟୀ ଆରଜେଡି କଂଗ୍ରେସକୁ ୬୧ ଆସନ ଦେବା ପାଇଁ ରାଜି ହୋଇଛି । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ଗୁରୁବାର ପ୍ରାର୍ଥିପତ୍ର ଦାଖଲ ଶେଷ ହେବ । ତେଣୁ ଏହା ପୂର୍ବରୁ ମେଣ୍ଟରେ ଆସନ ଚୂଡ଼ାନ୍ତ ହୋଇପାରେ ।

## ଗୁଜରାଟରେ ତିନି ବର୍ଷରେ ବଦଳିଲା ସମ୍ପୂର୍ଣ୍ଣ କ୍ୟାବିନେଟ | ରିଭାଭାଙ୍କ ସମେତ ଶପଥନେଲେ ୨୬ ମନ୍ତ୍ରୀ

ଗାନ୍ଧୀନଗର, ୧୭।୧୦(ଏଜେନ୍ସି): ଗୁଜାରଟରେ ମାତ୍ର ତିନି ବର୍ଷ ଭିତରେ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲଙ୍କୁ ଛାଡ଼ି ସମ୍ପୂର୍ଣ୍ଣ ସରକାର ବଦଳି ଯାଇଛି । ଗୁରୁବାର ୧୬ ମନ୍ତ୍ରୀ ଇସ୍ତଫା ଦେଇଥିବାବେଳେ ଶୁକ୍ରବାର ୨୬ ମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି । କ୍ୟାବିନେଟରେ ୧୯ ନୂଆ ଚେହେରା ସାମିଲ ହୋଇଛନ୍ତି । ଗତ ଥରର ୬ମନ୍ତ୍ରୀ ନିଜ ପଦ ବଜାୟ କରିବାରେ ସଫଳ ହୋଇଛନ୍ତି । ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ କୌଣସି ଅଭିଯୋଗ ଏବଂ ଆଇନଗତ ମାମଲା ବିନା ଉକ୍ତ ମନ୍ତ୍ରୀମାନଙ୍କୁ ପଦରୁ ହଟାଇ ଦିଆଗଲା । ୨୦୨୭ ବିଧାନସଭା ନିର୍ବାଚନକୁ ଦେଖି ସରକାର ଏହି ଅଦଳବଦଳ କରିଥିବା କୁହାଯାଉଛି ।



କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କ ପତ୍ନୀ ରିଭାଭାଙ୍କୁ କ୍ୟାବିନେଟ ମନ୍ତ୍ରୀ ହୋଇଛନ୍ତି । ସେହିପରି ହର୍ଷ ସାଙ୍ଘଭୀଙ୍କୁ ପଦୋନ୍ନତି ଦିଆଯାଇଛି । ରାଷ୍ଟ୍ରମନ୍ତ୍ରୀରୁ ସେ ଏବେ କ୍ୟାବିନେଟ ପାହ୍ୟା ପାଇ ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି । ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ହଟାଇବା ଲାଗି ନେଇଥିବା ପଦକ୍ଷେପ ଯୋଗୁଁ ତାଙ୍କୁ ଏହି ପୁରସ୍କାର ମିଳିଛି । ଏହି ମନ୍ତ୍ରିମଣ୍ଡଳରେ ୮ ଓବିସି, ୩ ଏସ୍‌ସି, ୪ ଏସ୍‌ଟି ଏବଂ ୩ ମହିଳା ସାମିଲ ଅଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସମେତ ୮ ମନ୍ତ୍ରୀ ପଟେଲ ସମାଜରୁ ଆସୁଛନ୍ତି । ଜାତିଗତ ସମୀକରଣ ପାଇଁ ଏପରି କରାଯାଇଥିବା କୁହାଯାଉଛି ।

## ହର୍ଷ ସାଙ୍ଘଭୀ ଉପ-ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ, ୧୭ ।୧୦(ଏଜେନ୍ସି): ଗୁଜରାଟର ନୂଆ ମନ୍ତ୍ରୀମଣ୍ଡଳ ଶପଥ ନେବା ପରେ ହର୍ଷ ସାଙ୍ଗଭୀଙ୍କୁ ନେଇ ସବୁଆଡେ ଚର୍ଚ୍ଚା ଆରମ୍ଭ ହୋଇଛି । ହର୍ଷଙ୍କୁ ଉପ-ମୁଖ୍ୟମନ୍ତ୍ରୀ ଭାବେ ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି । ହର୍ଷଙ୍କୁ ତାଙ୍କ ଦୃଷ୍ଟାନ୍ତମୂଳକ କାର୍ଯ୍ୟ ପାଇଁ ଭବିଷ୍ୟତର ଅମିତ ଶାହା ବୋଲି ବିବେଚନା କରାଯାଉଛି । ସୁରତରେ ଜନ୍ମିତ ହର୍ଷ ମାତ୍ର ୪୦ ବର୍ଷ ବୟସରେ ଗୁଜରାଟ ରାଜନୀତିରେ ଧମାକା କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହାପୂର୍ବରୁ ସେ ଗୃହ ରଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ପାଦନ କରି ଚର୍ଚ୍ଚିତ ହୋଇଥିଲେ । ନିଜ ଅସାଧାରଣ କାର୍ଯ୍ୟ ମାଧ୍ୟମରେ ସେ କେନ୍ଦ୍ରୀୟ ନେତୃତ୍ୱଙ୍କ ପ୍ରଭାବିତ କରିବା ସହ ବିଶ୍ୱାସଭାଜନ ହୋଇପାରିଥିଲେ । ବ୍ୟବସାୟରେ ସଫଳତା ହାସଲ କରିଥିବା ହର୍ଷ ଖୁବ୍ କମ୍ ସମୟ ମଧ୍ୟରେ ରାଜ୍ୟ ରାଜନୀତିରେ ନିଜର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି । ପୁଣି ଯଦି ୨୦୨୭ରେ ବିଜେପି ପୁଣି କ୍ଷମତାକୁ ଆସେ ତେବେ ହର୍ଷଙ୍କୁ ନେତୃତ୍ୱ ପ୍ରଦାନ କରାଯାଇପାରେ ବୋଲି ଅନୁମାନ କରାଯାଉଛି । ଜୈନ ସମ୍ପ୍ରଦାୟରେ ଜନ୍ମିତ ହର୍ଷ ମାଜୁରା ସିଟ୍‌ରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ରାଷ୍ଟ୍ରମନ୍ତ୍ରୀ ଭାବେ ସେ ଗୃହ ବିଭାଗ ସମେତ ଉଦ୍ୟୋଗ, ପରିବହନ ଓ କ୍ରୀଡ଼ା ମନ୍ତ୍ରଣାଳୟର ଦାୟିତ୍ୱରେ ରହିଥିଲେ । ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ଯେ, ବାଂଲାଦେଶ ଅନୁପ୍ରବେଶକାରୀଙ୍କ ଠିକଣା ଉପରେ କିଛିଦିନ ତଳେ ଜୋରଦାର ବୁଲ୍‌ଡୋଜର ଚଳାଇ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସର୍ବକନିଷ୍ଠ ଗୃହମନ୍ତ୍ରୀ ଭାବେ ସେ ନିଜର ଦାୟିତ୍ୱକୁ ସଫଳତାର ସହ ସମ୍ପାଦନ କରିଥିଲେ ।

# ନିଜ ନାମରେ ବିଶାଳ ଦ୍ୱାର ନିର୍ମାଣ କରିବେ ଟ୍ରମ୍ପ

ୱାଶିଂଟନ, ୧୭ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଶର ୧୫୦ତମ ସ୍ୱାଧୀନତା ଦିବସ ଅବସରରେ ରାଜଧାନୀ ୱାଶିଂଟନ ଡିସିରେ ନିଜ ନାମରେ ଏକ ବିଶାଳ ଦ୍ୱାର ତଥା ଗେଟ୍ ନିର୍ମାଣ କରିବେ । ଏହି ସ୍ମାରକର ନାମ 'ଆର୍କ ଡି ଟ୍ରମ୍ପ' ରଖାଯିବ । ଏହି ଦ୍ୱାରା ଦେଇ ୱାଶିଂଟନକୁ ଲୋକେ ପ୍ରବେଶ କରିବେ । ଖାସ୍ କରି ଭିର୍ଜିନିଆ ରାଜ୍ୟରୁ ୱାଶିଂଟନ ଡିସିକୁ ପ୍ରବେଶ ଏହି ଦ୍ୱାରା ଦେଇ ଲୋକେ ପ୍ରବେଶ କରିବେ । ଏହାର ଡିଜାଇନ୍ ପ୍ୟାରିସର 'ଆର୍କ ଡି ଟ୍ରାଇଓମ୍ଫେ' ସହ ମେଳ ଖାଉଛି । ବୁଧବାର ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ଏହାର ୩ଟି ଭିନ୍ନ ଭିନ୍ନ ଆକାରର ମଡେଲ ଦେଖାଇଥିଲେ । ଟ୍ରମ୍ପ ହିଁ ଏହାର ଯୋଜନା ପ୍ରସ୍ତୁତ କରିଥିଲେ ବୋଲି କୁହାଯାଇଛି । ଏହି ଦ୍ୱାରା ହ୍ୱାଇଟ୍ ହାଉସ୍‌ଠାରୁ ମାତ୍ର ୪ କିମି ଦୂରରେ ନିର୍ମାଣ କରାଯିବ । ଟ୍ରମ୍ପଙ୍କ ଯୋଜନା ଅନୁସାରେ ଏହି ଗେଟ୍ ପୋଟୋମେକ ନଦୀର ଆରପାରିରେ ଲିଙ୍କନ ମେମୋରିଆଲର ସାମ୍ନାରେ ନିର୍ମାଣ ହେବ । କଏହି ନଦୀର ସେପଟେ ଭିର୍ଜିନିଆର ରାଜ୍ୟର ସୀମା ଆରମ୍ଭ ହୋଇଛି । ଏହାର ନିର୍ମାଣରେ କେତେ ଅର୍ଥ ଖର୍ଚ୍ଚ ହେବ ସେ ନେଇ କିଛି କୁହାଯାଇନାହିଁ । ସାଧରଣତଃ ନୂଆ ସ୍ମାରକ ନିର୍ମାଣ ପାଇଁ କଂଗ୍ରେସର ଅନୁମତି ଜରୁରି ହୋଇଥାଏ ଓ କେତୋଟି ପର୍ଯ୍ୟାୟରେ ପରେ ହିଁ ଏହାର ଅନୁମତି ପ୍ରାପ୍ତ ହୋଇଥାଏ । ଏହାକୁ ନିର୍ମାଣ କରିବାରେ କେତେବର୍ଷ ଲାଗି ପାରେ । ଏଥିପାଇଁ ଆସନ୍ତାବର୍ଷ ଆମେରିକାର ୨୫୦ତମ ସ୍ୱାଧୀନତା ପାଳନ ଅବସରରେ ଏହାକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିବା କଷ୍ଟକର ମନେ ହେଉଛି । ହ୍ୱାଇଟ୍ ହାଉସ୍‌ରେ ମଧ୍ୟ କେତୋଟି ପରିବର୍ତ୍ତନ କରିବାକୁ ଟ୍ରମ୍ପ ଯୋଜନା କରୁଛନ୍ତି ବୋଲି କୁହାଯାଇଛି ।

## ଟ୍ରମ୍ପଙ୍କୁ ଡରନ୍ତିନି ମୋଦୀ: ଆମେରିକା ଗାୟିକା



ଜଣାଶୁଣା ଆମେରିକା ଗାୟିକା ମେରୀ ମିଲ୍‌ବେନ୍ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ସମାଲୋଚନା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ମୋଦୀ ଭୟ କରୁଛନ୍ତି ବୋଲି ରାହୁଲ ମନ୍ତବ୍ୟ ଦେଇଥିଲେ । ମେରୀ ରାହୁଲଙ୍କ ଏହି ମନ୍ତବ୍ୟକୁ ସମାଲୋଚନା କରି ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରିଛନ୍ତି । 'ରାହୁଲ ଗାନ୍ଧୀ ଆପଣ ଭୁଲ କହୁଛନ୍ତି, ମୋଦୀ ଟ୍ରମ୍ପଙ୍କୁ ଡରନ୍ତି ନାହିଁ । ସେ ଭାରତର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେଇଥାନ୍ତି । ଟ୍ରମ୍ପ ଯେପରି ଆମେରିକାର ଉନ୍ନତି ପାଇଁ କାର୍ଯ୍ୟ କରିଥାନ୍ତି, ଠିକ୍ ସେହିପରି ଆମେରିକା ସହ ଦୀର୍ଘ ସମୟର ରଣନୀତିକୁ ଦୃଷ୍ଟିରେ ରଖି ମୋଦୀ କାର୍ଯ୍ୟ କରିଥାନ୍ତି' ବୋଲି ମେରୀ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି । ମୋଦୀଙ୍କ ନେତୃତ୍ୱକୁ ଆପଣ ବୁଝିବାକୁ ସକ୍ଷମ ହେବେ ବୋଲି ଆଶା କରୁଛି । ସବୁଠୁ ଭଲ ହେବ, ଆପଣ ନିଜର 'ଆଇ ହେଟ୍ ଇଣ୍ଡିଆ' ଗସ୍ତକୁ ପ୍ରତ୍ୟାବର୍ତ୍ତନ କରନ୍ତୁ, ଯାହାର ଏକମାତ୍ର ଦର୍ଶକ ହିଁ ଆପଣ ବୋଲି ସେ ଉଲ୍ଲେଖ କରିଛନ୍ତି ।

## 'ଡିଜିଟାଲ ଆରେଷ୍ଟ' ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଆକ୍ରମଣ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ଦେଶରେ ଅନ୍‌ଲାଇନ ଠକେଇ ଏବଂ ଡିଜିଟାଲ ଆରେଷ୍ଟ ଭଳି ଘଟଣା ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଏହାକୁ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି । ଏହି ମାମଲାରେ ନିଜେ ହସ୍ତକ୍ଷେପ କରି କେନ୍ଦ୍ର ସରକାର ଏବଂ ସିବିଆଇକୁ ଜବାବ ମାଗିଛନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ ଏହା କୌଣସି ସାଧାରଣ ଅପରାଧ ନୁହେଁ । କୋର୍ଟଙ୍କ ନାମ, ମୋହର ଏବଂ ନିର୍ଦ୍ଦେଶର ନକଲକୁ ଜାଲିଆତି କରିବା ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଆକ୍ରମଣ । ବିଚାରପତିଙ୍କ ଜାଲ୍ ସ୍ୱାକ୍ଷର, ନିର୍ଦ୍ଦେଶ ଦେଖାଇ ନିର୍ଦ୍ଦୋଷ ଲୋକଙ୍କୁ, ବିଶେଷକରି ବୃଦ୍ଧଙ୍କୁ ଫସାଇବା ଗମ୍ଭୀର ଅପରାଧ । ଏହା ଆଇନ ବିରୋଧୀ କାମ । ଏହା ଦ୍ୱାରା କୋର୍ଟ ଉପରେ ଲୋକଙ୍କ ଭରସା ହ୍ରାସ ପାଉଛି । ହରିୟାଣାର ଏକ ଠକେଇ ମାମଲା ବିଷୟରେ ଉଲ୍ଲେଖ କରି ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି । ସୂଚନା ଅନୁଯାୟୀ ହରିୟାଣା ଅମ୍ବାଲାରେ ଜଣେ ୭୩ ବର୍ଷୀୟ ବୃଦ୍ଧ ଦମ୍ପତିଙ୍କଠାରୁ ଠକ ୧.୦୫ କୋଟି ଟଙ୍କା ଲୁଟି ନେଇଥିଲେ । ସୁପ୍ରିମକୋର୍ଟ ଏବଂ ଯାଞ୍ଚ ଏଜେନ୍ସିଙ୍କ ନକଲି ନିର୍ଦ୍ଦେଶ, ବିଚାରପତିଙ୍କ ଜାଲ୍ ସ୍ୱାକ୍ଷର ଦେଖାଇ ଉଭୟଙ୍କୁ ଗିରଫ କରିଥିଲେ । ଏହି ମାମଲାକୁ ନେଇ ଗତ ୨୧ ତାରିଖରେ ମହିଳା ପ୍ରଧାନ ବିଚାରପତି ବିଆର ଗଭାଇଙ୍କୁ ଚିଠି ଲେଖି ସମ୍ପୂର୍ଣ୍ଣ ପ୍ରସଙ୍ଗ କହିଥିଲେ । ପରେ ସୁପ୍ରିମକୋର୍ଟ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ ।

## ପେରୁରେ ଜେନ୍- ଜେଡ୍ ପ୍ରଦର୍ଶନ; ଜଣେ ମୃତ

ଲିମା, ୧୭ ।୧୦(ଏଜେନ୍ସି): ଲାଟିନ ଆମେରିକୀୟ ଦେଶ ପେରୁରେ ଦୁର୍ନୀତି ବିରୋଧରେ ଜେନ୍- ଜେଡ୍ ବିକ୍ଷୋଭ ପ୍ରଦର୍ଶନ କରିଛି । ଆନ୍ଦୋଳନ ଅବସରରେ ଗୁରୁବାର ଜଣେ ଯୁବକ ମୃତ୍ୟୁବରଣ କରିଛନ୍ତି ଓ ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି । ଏଥିରେ ୮୦ ପୁଲିସକର୍ମୀ ଓ ୧୦ଜଣ ସାମ୍ବାଦିକ ସାମିଲ ରହିଛନ୍ତି । ହଜାର ହଜାର ଯୁବକ ଆନ୍ଦୋଳନ କରି ନୂଆ ରାଷ୍ଟ୍ରପତି ଜୋଶ ଜେରୀଙ୍କ ଇସ୍ତଫା ଦାବି କରିଥିଲେ । ଜେରୀ କିନ୍ତୁ ଇସ୍ତଫା ଦେବାକୁ ମନା କରିଦେଇଥିଲେ । ଗତ ଅକ୍ଟୋବର ୧୦ରେ ଜୋରୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ସଂସଦ ପୂର୍ବତନ ରାଷ୍ଟ୍ରପତି ଡିନା ବୋଲୁଆର୍ତେଙ୍କୁ ପଦରୁ ହଟାଇବାକୁ ନିଷ୍ପତ୍ତି ନେଇଥିଲା । ଗତ ୫ ବର୍ଷ ମଧ୍ୟରେ ଜେରୀ ଷଷ୍ଠ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେଇଛନ୍ତି ।

## କରୁର ଦଳାଚକଟାକୁ ନେଇ ହାଇକୋର୍ଟଙ୍କୁ ଜଣାଇଲେ ଇସି | ବିଜୟଙ୍କ ଦଳକୁ ମାନ୍ୟତା ମିଳିନି

ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ଅଭିନେତାରୁ ରାଜନେତା ପାଲଟି ଥିବା ବିଜୟଙ୍କ ତମିଲଗା ଭେଟ୍ରି କଝଗମ (ଟିଭିକେ) ମାନ୍ୟତା ପ୍ରାପ୍ତ ରାଜନୈତିକ ଦଳ ନୁହେଁ । ଏକ ଆଞ୍ଚଳିକ ଦଳର ମାନ୍ୟତା ପାଇବା ପାଇଁ ଜରୁରୀ ସର୍ତ୍ତକୁ ଏହି ଦଳ ପୂରଣ କରୁନାହିଁ । ଆଞ୍ଚଳିକ ମାନ୍ୟତା ପାଇବା ପାଇଁ କୌଣସି ଦଳକୁ ଅତିକମରେ ୬ ପ୍ରତିଶତ ବୈଧ ଭୋଟ ଏବଂ ୨ଟି ବିଧାନସଭା ସିଟ୍ କିମ୍ବା ଲୋକସଭାର ଗୋଟିଏ ଆସିନ ଜିତିବା ଜରୁରୀ । ମାଡ୍ରାସ ହାଇକୋର୍ଟରେ କରୁର ଦଳାଚକଟା ମାମଲାରେ ଶୁଣାଣି ଚାଲିଥିବାବେଳେ ଶୁକ୍ରବାର ଭାରତୀୟ ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଟିଭିକେକୁ ରଦ୍ଦ କିମ୍ବା ଅଣ-



ମାନ୍ୟତା ପ୍ରାପ୍ତ ଘୋଷଣା ଏବଂ କରୁର ରାଲି ପାଇଁ ବିଜୟଙ୍କ ବିରୋଧୀ ଏତଲାରେ ଅତିରିକ୍ତ ଧାରା ଯୋଡିବା ପାଇଁ ହୋଇଥିବା ଆବେଦନ ଉପରେ ଆଜି ମୁଖ୍ୟ ବିଚାରପତି ମନିନ୍ଦ୍ର ମୋହନ ଶ୍ରୀବାସ୍ତବଙ୍କ ଖଣ୍ଡପୀଠ ଶୁଣାଣି କରିଥିଲେ । ହାଇକୋର୍ଟ କହିଥିଲେ ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଯାଇ ଏତଲାରେ ପରିବର୍ତ୍ତନ କରିହେବ । ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଥିଲା ଯେ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବିଜୟଙ୍କ ରାଲି ଆୟୋଜନ କରାଯାଇଥିଲା । ଅବହେଳା ଏବଂ ନିୟମ ଉଲ୍ଲଙ୍ଘନ ଯୋଗୁଁ ଏହି ଅଘଟଣ ହୋଇଥିଲା । ଏଥିରେ ୪୧ ଜଣଙ୍କ ମୃତ୍ୟୁ ହୋଇଥିଲା । ଏହି ଆବେଦନରେ ଟିଭିକେର ରାଜନୈତିକ ରାଲି ଆୟୋଜନ ଉପରେ କଟକଣା ଏବଂ ପୀଡ଼ିତ ପରିବାରଙ୍କୁ କୋଟିଏ ଟଙ୍କା ଲେଖାଏଁ ଦେବା ପାଇଁ ବିଜୟଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଥିଲା । ବିଜୟ ଏବଂ ଟିଭିକେ ମୁଖ୍ୟଙ୍କୁ ଅଭିଯୁକ୍ତ କରିବା ପାଇଁ ଏକ ଜନସ୍ୱାର୍ଥ ମାମଲା ମଧ୍ୟ ଦାଏର କରାଯାଇଥିଲା । ପୁଲିସ ଜାଣିଶୁଣି ଅଭିନେତାଙ୍କୁ ସୁରକ୍ଷା ଦେଉଥିବା କୁହାଯାଇଥିଲା । ଏହା ଉପରେ ବିଚାର କରି ନିର୍ବାଚନ କମିଶନ, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି । ଏହି ଅଘଟଣକୁ ନେଇ ଆଗତ ଅନ୍ୟ ମାମଲା ସହ ପିଆଇଏଲର ବିଚାର କରାଯିବ ବୋଲି ଖଣ୍ଡପୀଠ କହିଥିଲେ ।

## ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ବୈଶିଙ୍ଗା,୧୭।୧୦(ସମିସ): ବୈଶିଙ୍ଗା ଥାନା ଅଧୀନ ବନ୍ଧସାହି ଗ୍ରାମର ବାୟା ମୁର୍ମୁ (୪୦) ଗତକାଲି ପାଖ ଗାଁକୁ କାମ କରିବାକୁ ଯାଇଥିଲା ବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରକୁ ଫେରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବେତନଟୀ ଡାକ୍ତରଖାନା ଓ ପରେ ଅବସ୍ଥା ଗୁରୁତର ହେବାରୁ ବାରିପଦା ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ହେଲେ ଆଜି ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ବୈଶିଙ୍ଗା ପୁଲିସ ପୁଲିସ ଅପମୃତ୍ୟୁ ମାମଲା ରୁଜୁ ପୂର୍ବକ ତଦନ୍ତ ଆରମ୍ଭ କରିଛି।

## ଦୁର୍ଘଟଣାରେ ୨ ଗୁରୁତର, ଜଣେ ଆହତ

କୁଆମରା,୧୭।୧୦(ସମିସ): ଆଜି ପୃଥକ ଦୁର୍ଘଟଣାରେ ୨ ଜଣ ଯୁବକଙ୍କ ଅବସ୍ଥା ଗୁରୁତର ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ବଡ଼ସାହି ଥାନା ଅଧୀନ ଚେଙ୍ଗୁଆ ମଙ୍ଗଳପୁର ଗ୍ରାମର ଜିତୁ ସିଂ (୨୩) ସ୍କୁଟିରେ କୁଆମରା ଆସୁଥିବା ବେଳେ ଖିରିପଦା ସ୍ଥିତ ଖଲାଡସାହି ନିକଟରେ ପୋଲରେ ବାଡେଇ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ କୁଆମରା ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସ୍କୁଟିଟିକୁ କୁଆମରା ଫାଣ୍ଡି ପୋଲିସ ଅଟକ ରଖିଛି। ସେହିପରି ରାଇରଙ୍ଗପୁର ଅଞ୍ଚଳର ଇର୍ଫାନ ଖାନ୍ (୨୧)ଓ କୁଆମରା ଗ୍ରାମର ମଦନ ବେହେରା ସ୍କୁଟିରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଏଥିରେ ଇର୍ଫାନ ଗୁରୁତର ହୋଇଥିବା ବେଳେ ମଦନ ଆହତ ହୋଇଛନ୍ତି। ସେମାନଙ୍କୁ କୁଆମରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

କୁଆମରା,୧୭।୧୦(ସମିସ): ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଖୁଣ୍ଟା ଥାନା ଅନ୍ତର୍ଗତ କହ୍ନେଇବନ୍ଧ ଗ୍ରାମର ହରିଶ ଚନ୍ଦ୍ର ଖଣ୍ଡେଇ (୫୫)। ପରିବାର ଲୋକେ ତାଙ୍କୁ ଉଦଳା ଡାକ୍ତରଖାନା ନେଇଥିଲେ, ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପୁଲିସ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରିଛି।

## ବନାଞ୍ଚଳସ୍ତରୀୟ ସମନ୍ୱୟ ବୈଠକ



ତୁରୁମୁଙ୍ଗା, ୧୭।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ କାର୍ଯ୍ୟାଳୟରେ ଶୁକ୍ରବାର ରେଞ୍ଜସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦଙ୍କ ବ୍ଲକ ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ସମ୍ମାନିତ ଅତିଥି ଭାବେ ରେଞ୍ଜର ବନବିହାରୀ ସର୍ଦ୍ଦାର, ବିଜେପି ପାଟଣା ମଣ୍ଡଳ ସଭାପତି ବ୍ରଜକିଶୋର ସେଠୀ, ବରିଷ୍ଠ ସାମ୍ବାଦିକ ନୃସିଂହନାଥ ସିଂହ, ସାଂସଦଙ୍କ ଥାନା ପ୍ରତିନିଧି ଯୁଧିଷ୍ଠିର ମହାନ୍ତ, ଡୁମୁରିଆ ଏଲ୍ଆଇ ରଘୁବର ମହାନ୍ତ, ପାଟଣା ବନପାଳ ନିରଞ୍ଜନ ସେଠୀ, ସାହାରପଡା ବନପାଳ ଶ୍ରୀମନ୍ତ ବେହେରା, ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। ବୈଠକରେରେ ହାତୀ ମଣିଷ ଲଢେଇ, ହାତୀ ଦ୍ୱାରା କ୍ଷତି ଗ୍ରସ୍ତଙ୍କ କ୍ଷତିପୂରଣ, ବନାଗ୍ନିରୁ ଜଙ୍ଗଲକୁ ସୁରକ୍ଷା, ବନ୍ୟପ୍ରାଣୀପ୍ରେମୀ ପୁରସ୍କାର, ଭିଏସଏସ ନୂତନ ଗୃହ ନିର୍ମାଣ ଉପରେ ଆଲୋଚନା କାରାଯାଇଥିଲା।

## ଏବିଭିପି ଚମ୍ପୁଆ ଟାଉନ ୟୁନିଟ୍ ଗଠିତ



ଚମ୍ପୁଆ, ୧୭।୧୦ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଚମ୍ପୁଆ ନଗର ତରଫରୁ ଚମ୍ପୁଆ ଟାଉନ ୟୁନିଟ୍ ୨୦୨୫-୨୬ ଗଠନ କରାଯାଇଛି। ଟାଉନ ୟୁନିଟ୍ ସଭାପତି ଭାବେ ରାଜକିଶୋର ମହନ୍ତ ତଥା ଉପସଭାପତି ଭାବେ ପ୍ରହଲ୍ଲାଦ ମହାନ୍ତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଟାଉନ ୟୁନିଟ୍ ସମ୍ପାଦକ ଭାବରେ ଶୁଭମ୍ ଶେଖର ସାହୁ ଏବଂ ସହସମ୍ପାଦକ ଭାବେ ଜୟଶ୍ରୀ ନାୟକ ଏବଂ ଅଭିଷେକ ବାରିକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଟାଉନ ଏସ ଏଫ୍ ଏସ ପ୍ରମୁଖ ଭାବରେ ରଞ୍ଜନ ମହାନ୍ତ ଏବଂ ରଶ୍ମି ମହାକୁଡ, ଟାଉନ ଏସଏଫ୍ଡି ପ୍ରମୁଖ ଭାବେ ଜୀବନଦୀପ ପ୍ରଧାନ, ସୁଭଦ୍ରା ନାୟକ, ଟାଉନ ଆରକେଏମ ପ୍ରମୁଖ ଭାବେ ଶ୍ରୁତି ମହାନ୍ତି ଏବଂ ବିପ୍ଲବ ଦେ, ଟାଉନ ସୋସିଆଲ ମିଡ଼ିଆ ସଂଯୋଜକ ଭାବେ ଉତ୍କଳ କେଶରୀ ବେହେରା ଏବଂ ସତ୍ୟଜିତ ମହାରଣାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଖେଲୋ ଭାରତ ସଂଯୋଜକ ଭାବେ ରାହୁଲ ବେହେରା ଏବଂ ପ୍ରିୟଙ୍କା ବେହେରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜନଜାତି ପ୍ରମୁଖ ଭାବେ କ୍ଷୀରୋଦ ମୁଣ୍ଡା ଏବଂ ନିଶା ଲୋହାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରିଣ୍ଟ ଏବଂ ପବ୍ଲିକେସନ ପ୍ରମୁଖ ଭାବେ ମୀରା ମହାକୁଡ ଏବଂ ବିକାଶ ମହାନ୍ତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ଶିଶୁ ମନ୍ଦିରର ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ଶିକ୍ଷା ବିକାଶ ସମିତିର ଉତ୍ତର ସମ୍ଭାଗ ସଂଯୋଜକ ଗଙ୍ଗାଧର କର, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଚମ୍ପୁଆ ଖଣ୍ଡର କର୍ଯ୍ୟବାହ ଦୁଷ୍ମନ୍ତ ମହାନ୍ତ, ପୂର୍ବତନ ନଗର ସଭାପତି ଗିରିଜା ଶଙ୍କର କର, ପୂର୍ବ କ୍ଷେତ୍ର ଏସଏଫ୍ଏସ ସଂଯୋଜକ ଅଜିତ ମହାନ୍ତ ଏବଂ ଜିଲ୍ଲା ସଂଯୋଜକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସ୍ୱରାଜ କେତନ ମହାନ୍ତ ତଥା ଅନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବେଆଇନ ବାଲିଘାଟକୁ ବିରୋଧ

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା





ଆନନ୍ଦପୁର, ୧୭।୧୦(ସମିସ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଘସିପୁରା ଓ ହାଟଡିହି ତହସିଲ ଇଲାକାରେ ଚୋରା ବାଲି କାରବାରକୁ ପ୍ରଶାସନ ନିୟନ୍ତ୍ରଣ କରିପାରୁ ନଥିବା ବେଳେ ଅଞ୍ଚଳବାସୀଙ୍କ ବିରୋଧ ଯୋଗୁଁ ବିଭିନ୍ନ ସ୍ଥାନରେ ଉତ୍ତେଜକ ପରିସ୍ଥିତି ସୃଷ୍ଟି ହେଉଛି। ଚୋରା ଚାଲାଣ ପ୍ରତିବାଦରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ଗ୍ରାମବାସୀ ଆଜି ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଛନ୍ତି। ହାଟଡିହି ତହସିଲ ଅନ୍ତର୍ଗତ କରଗୋଳା ଗ୍ରାମକୁ ଲାଗିଥିବା ବୈତରଣୀ ନଦୀର ବାଲିଉତ୍ସକୁ ବେଆଇନ ଭାବେ ଉତ୍ତୋଳନ କରାଯାଇ ଗାଁ ରାସ୍ତାରେ ଚାଲାଣ କରୁଥିବାରୁ ଧନଜୀବନ ବିପନ୍ନ ହୋଇପଡିଛି। ବାଲିଘାଟ ପାଇଁ ଗ୍ରାମବାସୀଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଜଙ୍ଗଲର ଶତାଧିକ ବଡ଼ଗଛକୁ କାଟି ଦିଆଯାଇଛି। ଘଟଣାକୁ କେନ୍ଦ୍ରକରି ଜିଲ୍ଲାପାଳଙ୍କଠାରୁ ଆରମ୍ଭକରି ଜିଲ୍ଲା ଖଣି ବିଭାଗ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ୨ ଦିନ ତଳେ ତହସିଲଦାରଙ୍କ ସମେତ ଖଣି ବିଭାଗ ଅଧିକାରୀ ସମ୍ପୃକ୍ତ ଘାଟ ନିକଟକୁ ଯାଇ ଟ୍ରେଞ୍ଚ ଖୋଳିବା ପାଇଁ ଆୟୋଜନ କରିବା ସହ ଚାରୋଟି ହାଇୱା ଜବତ କରିବା ପରେ ଗାଡିଗୁଡିକୁ ଛାଡି ଦେଇଥିଲେ। ଟ୍ରେଞ୍ଚ ମଧ୍ୟ ଖୋଳା ଗଲାନାହିଁ। ତେବେ କାହା ଚାପରେ ଚେପା ହେଉଛି ପ୍ରଶାସନ ତାକୁ ନେଇ ପ୍ରଶ୍ନ ଉଠାଇ ଗ୍ରାମବାସୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଧାରଣାରେ ବସିରହିଛନ୍ତି। ଅନ୍ୟପଟେ ପ୍ରଶାସନିକ ସ୍ତରରେ ଏକ ଟିମ ଗଠନ କରାଯାଇ ତୁରନ୍ତ ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ନୀଳମାଧବ

## ମୌଲାନାଗୁଡ଼ା-ଗୋଧୂଳି ରାସ୍ତା ଶୋଚନୀୟ; ବିଭାଗ ଚୁପ୍



ଚମ୍ପୁଆ,୧୭।୧୦(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଏନ୍ଏସି ମୌଲାନାଗୁଡା ବସ୍ତିଠାରୁ ଗୋଧୂଳି ପର୍ଯ୍ୟନ୍ତ ୫କି.ମି. ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଏନେଇ ଗ୍ରାମବାସୀ ଦୁଇଥର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ ମଧ୍ୟ କରିସାରିଛନ୍ତି। ନା ଶୁଣୁଛି ଗ୍ରାମ୍ୟ ଉନ୍ନୟନ ବିଭାଗ ନା ଏନ୍ଏସି। ଆମ ବିଭାଗର ନୁହେଁ କହି ଉଭୟ ପରସ୍ପରକୁ ଦୋଷ ଲଦୁଥିବା ବେଳେ ଯିବାଆସିବାରେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି ଗାଁ ଲୋକେ। ଏହି ରାସ୍ତାଟି ବସ୍ତି, ଭାଲିଆଢିପା, ଗୋଧୂଳି, ରାମ ତୀର୍ଥ ଓ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟ ଯାଏଁ ଲମ୍ବିଛି। ଗାଁ ଲୋକମାନଙ୍କର ପାଇଁ ଲାଇଫଲାଇନ କୁହାଯାଉଥିବା ଏ ରାସ୍ତାଟିର ଅନେକ ସ୍ଥାନ ଖାଲଖମାରେ ଭର୍ତ୍ତି ହୋଇରହିଛି। ବର୍ଷା ଦିନରେ ପାଣି ଜମି ରହୁଥିବାରୁ ସାଇକଲ ଓ ବାଇକ୍ ଆରୋହୀମାନେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଆସୁଥିବା ଗର୍ଭବତୀ, ପ୍ରସୂତି ମହିଳା ଓ ଗୁରୁତର ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏପରିକି ଏ ସମସ୍ତ ଗାଁର ସ୍କୁଲ, କଲେଜ ପଢ଼ିବା ପାଇଁ ଚମ୍ପୁଆ ଆସୁଥିବା ଛାତ୍ରଛାତ୍ରୀମାନେ କାଉନସିଲରଙ୍କ ନିକଟରେ ଅଭିଯୋଗ ମଧ୍ୟ କରୁଛନ୍ତି; କିନ୍ତୁ କେହି ଶୁଣୁନାହାନ୍ତି। ଏହି ଗାଁ ରାସ୍ତାଟି ରାତି ଅଧରେ ବାଲି ଓ ଖଣି ମାଫିଆଙ୍କ ଚରାଭୂଇଁ ପାଲଟିଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ଫଳରେ ରାସ୍ତାଟି ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡିଛି। ଖାଲି ସେତିକି ନୁହେଁ; ଏହି ରାସ୍ତା କଡ଼ରେ ଦୁଇଟି ଶୈବପୀଠ ସହ ବୈତରଣୀ ନଦୀକୂଳର ମନଲୋଭା ସ୍ଥଳ ଅନେକ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଣଦେଖା କରିଆସୁଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ପଦକ୍ଷେପ ନେବାକୁ ଦାବି ହେଉଛି।

## ଟ୍ରାକ୍ଟର ଭର୍ତ୍ତି ଅଫୁଟା ବାଣ ଓ ବାରୁଦ ଜବତ

ବୈଶିଙ୍ଗା,୧୭।୧୦(ସମିସ): ବୈଶିଙ୍ଗା ପୁଲିସ ମହୁଲପାଟଣା ଗ୍ରାମ ମଝିରେ ଥିବା ବାସନ୍ତୀ ପୂଜାମଣ୍ଡପ ଓ ଏକ ନିର୍ମାଣଧୀନ କୋଠାରୁ ୧୨ବସ୍ତାରୁ ଅଧିକ ହାତ ତିଆରି ବାଣ ଜବତ କରିଥିବା ଜଣାପଡ଼ିଛି। ସମ୍ପୃକ୍ତ ଅଭିଯୁକ୍ତ ଏବେବି ନିଖୋଜ। ଆଜି ପୁଣି ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ତାଙ୍କ ଟିମ ସହିତ ପୁରୁଣିଆ ଗାଁ ଭିତରେ ଥିବା ବୈଦ୍ୟନାଥ ଧଳଙ୍କ ଏକ ପରିତ୍ୟକ୍ତ ଘରେ ଚଢ଼ଉ କରିଥିଲେ। ସେଠାରୁ ଟ୍ରାକ୍ଟର ଭର୍ତ୍ତି ଅଫୁଟା ହାତ ତିଆରି ବାଣ ଓ ବାରୁଦ ଜବତ କରିଛନ୍ତି।

## ଜାତୀୟସ୍ତରୀୟ ଜନଜାତୀୟ ଫିଲ୍ମ ଫେଷ୍ଟିଭାଲରେ ଓଡ଼ିଶାର ସଫଳତା




ବାରିପଦା,୧୭।୧୦(ସମିସ): ଭାରତ ସରକାରଙ୍କ ଜନଜାତି ମନ୍ତ୍ରାଳୟ ତଥା ଡଃ ରାମଦୟାଲ ମୁଣ୍ଡା ଜନଜାତି କଲ୍ୟାଣ ଓ ଗବେଷଣା ସଂସ୍ଥାର ମିଳିତ ଆନୁକୂଲ୍ୟରେ ଝାଡ଼ଖଣ୍ଡର ରାଞ୍ଚିଠାରେ ପ୍ରଥମ ଜନଜାତୀୟ ଫିଲ୍ମ ଫେଷ୍ଟିଭାଲ୍୨୦୨୫ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଅନୁଷ୍ଠିତ ମହୋତ୍ସବରେ ଭାରତର ୧୫ଟି ରାଜ୍ୟରୁ ୧୪୨ଟି ଫିଲ୍ମ ପଞ୍ଜୀକରଣ କରିଥିବା ବେଳେ ୫୨ଟି କ୍ଷୁଦ୍ର ଓ ପ୍ରାମାଣିକ ଚଳଚ୍ଚିତ୍ର ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲା। ସେଥିମଧ୍ୟରୁ ଓଡିଶାର ୪ଟି କ୍ଷୁଦ୍ର ଚଳଚ୍ଚିତ୍ର ମଧ୍ୟରୁ ରମେଶ ହେମ୍ବ୍ରମଙ୍କ 'ପୁଇସା ଦାରେ' ୨ୟ ଏବଂ ଦୀପକ କୁମାର ବେଶ୍ରାଙ୍କ 'ପପାୟା' ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇ ଓଡିଶା ପାଇଁ ସୁନାମ ଆଣିଛନ୍ତି। ତତସହିତ ଓଡିଶାର ଅନ୍ୟ ଦୁଇଟି ଫିଲ୍ମ ଶ୍ୟାମା ସୁନ୍ଦର ମାଝିଙ୍କ 'ବ୍ରେକିଙ୍ଗ ଦି ବାରିୟାର୍ସ' ଓ ରାଜମୋହନ ସୋରେନଙ୍କ 'ହେଣ୍ଡେ ସୋନା' ମଧ୍ୟ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ଝାଡ଼ଖଣ୍ଡ ସରକାରଙ୍କ ଅନୁସୂଚିତ ଜାତି ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଚମର ଲିଣ୍ଡା, ଜନଜାତି କଲ୍ୟାଣ ଓ ଗବେଷଣା ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ ରାକେଶ ଓରାଓନ ତଥା ଫିଲ୍ମ ନିର୍ମାତା ମେଘନାଦ ପ୍ରମୁଖ ଉପସ୍ଥିତ ରହି ଏହି ପୁରସ୍କାର ପ୍ରଦାନ କରିଥିଲେ। ପ୍ରକାଶ ଥାଉକି ଓଡିଶାର ଏହି ଫିଲ୍ମ ନିର୍ମାତା ମାନେ ବିଭିନ୍ନ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପୁରସ୍କୃତ ହୋଇ ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।

## ବ୍ଲକ୍ସ୍ତରୀୟ ଉଲ୍ଲାସ ତାଲିମ

କପ୍ତିପଦା,୧୭।୧୦(ସମିସ)

ବ୍ଲକ୍ ସ୍ତରୀୟ ଉଲ୍ଲାସ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ନେଇ ଏହି ତାଲିମ କାର୍ଯ୍ୟକ୍ରମରେ ତାଲିମ ଦାତା ଭାବରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ସିଂ, ସମ୍ବଳ ସାଧକ ଶିକ୍ଷକ ସନ୍ତୋଷ ସାହୁ ଉପସ୍ଥିତ ରହି ନବ ସାକ୍ଷରଙ୍କୁ ମୌଳିକ ସାକ୍ଷରତା ଓ ମୌଳିକ ସଂଖ୍ୟା ଜ୍ଞାନ, ଜୀବନ କୌଶଳ, ଧନ୍ଦାମୂଳକ ଶିକ୍ଷା, ମୌଳିକ ଶିକ୍ଷା, ନିରନ୍ତର ଶିକ୍ଷା ପ୍ରଦାନ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ନବ ସାକ୍ଷରମାନଙ୍କର ପଞ୍ଜୀକରଣ ତଥା ଶିକ୍ଷା ସ୍ୱେଚ୍ଛାସେବୀଙ୍କର ନାମ ପଞ୍ଜୀକରଣ ପାଇଁ ଆବଶ୍ୟକ ବୈଷୟିକ ସହାୟତା ଦିଲ୍ଲୀପ କୁମାର ମହାନ୍ତ, ଶିକ୍ଷକ ଅଚ୍ୟୁତାନନ୍ଦ ଦାସ ପ୍ରଦାନ କରିଥିଲେ। ପଞ୍ଜିକୃତ ସମସ୍ତ ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ନବସାକ୍ଷର ମାନଙ୍କ ପାଇଁ ଉଦ୍ଦିଷ୍ଟ ପୁସ୍ତକ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ସଫଳ ହେବାରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଶୋକ କୁମାର ସେଠୀ, ଶିଶିର ପାଢ଼ୀ, ଚିତ୍ତରଞ୍ଜନ ରାଉଳ, ଶରତ ମଲ୍ଲିକ, ନନ୍ଦନ ଭଦ୍ରା ତଥା ଅନ୍ୟ ସିଆରସିସି ଗଣ ସହାୟତା ପ୍ରଦାନ କରିଥିଲେ।

## ମହିଳା କଲେଜରେ ବିଶ୍ୱ ଖାଦ୍ୟ ଦିବସ ପାଳନ



ବାରିପଦା,୧୭।୧୦(ସମିସ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ବିଶ୍ୱ ଖାଦ୍ୟ ଦିବସ ପାଳନ ଅବସରରେ ଗୃହବିଜ୍ଞାନ ବିଭାଗର ଛାତ୍ରୀମାନଙ୍କ ତରଫରୁ ଖାଦ୍ୟମେଳା ଆୟୋଜନ କରି ବିଭିନ୍ନ ପ୍ରକାର ସୁଷମ ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନ କରାଯାଇଥିଲା। ଅପରାହ୍ଣରେ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରୀମା' ମହିଳା ମହାବିଦ୍ୟାଳୟର ଗୃହବିଜ୍ଞାନ ବିଭାଗର ଅଧ୍ୟାପିକା ଜ୍ୟୋତ୍ସ୍ନା ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଖାଦ୍ୟର ଗୁଣାବତ୍ତା, ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତିର ପ୍ରଣାଳୀ, ବିଭିନ୍ନ ଖାଦ୍ୟର ପୋଷଣ ଓ ଭିଟାମିନକୁ ଅପରିବର୍ତ୍ତିତ ରଖିବାର କୌଶଳ ଆଦି ସମ୍ପର୍କରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ମହାବିଦ୍ୟାଳୟର ଅଧକ୍ଷା ଡ. ସାଗରିକା ସିଂହ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ଖାଦ୍ୟର ସ୍ୱାଦ ଓ ଗୁଣାବତ୍ତା ସମ୍ପର୍କରେ ଆଲୋକପାତ କରିବା ସହିତ ଖାଦ୍ୟମେଳା ଆୟୋଜନ କରିଥିବା ଗୃହବିଜ୍ଞାନ ବିଭାଗର ଛାତ୍ରୀ ଓ ଅଧ୍ୟାପିକାମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ। ଗୃହବିଜ୍ଞାନ ବିଭାଗର ଅଧ୍ୟାପିକା ସୁଶ୍ରୀ ପ୍ରଭାସିନୀ ଖୁଣ୍ଟିଆ ସଭା ପରିଚାଳନା କରିଥିଲାବେଳେ ଗୃହବିଜ୍ଞାନ ବିଭାଗର ବିଭାଗ ମୁଖ୍ୟ ତଥା ମନସ୍ତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର୍ ଡ. ଦେବସ୍ମିତା ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଅବସରରେ ବିଭାଗ ତରଫରୁ ରୋଷେଇ, ରଙ୍ଗୋଲି, ରାପିଡ୍ ଫାୟାର, ସାଲାଡ ସାଜସଜ୍ଜା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଭାଗର ଅନ୍ୟତମ ଅଧ୍ୟାପିକା ସତ୍ୟବତୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଗୃହବିଜ୍ଞାନ ବିଭାଗର ଅନ୍ୟତମ ଅଧ୍ୟାପିକା ଶୁଭ୍ରାନ୍ତି ରେଖା ରାୟ, ଅନୁଜା ସାହୁ, ଗୃହବିଜ୍ଞାନ ବିଭାଗର ପ୍ରଦର୍ଶକ ବଳମଦିନା ଟେଟେ ପ୍ରମୁଖ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଆନ୍ତଃଜାତୀୟ ଗରିବ ଦୂରୀକରଣ ଦିବସ

ବଡସାହି,୧୭।୧୦(ସମିସ): ବଡସାହି ବ୍ଲକ୍ ଅଧୀନ ସୁହାଗପୁର ପଞ୍ଚାୟତ ଗୁଆବେହେରା ଗ୍ରାମରେ 'ଆନ୍ତଃଜାତୀୟ ଗରିବ ଦୂରୀକରଣ ଦିବସ' ପାଳିତ ହୋଇଯାଇଛି। ଏଥିରେ ଶିମିଳିପାଳ କଳାଞ୍ଜିୟ ଜିବିଦମ ହନିବିର ପ୍ରଡ୍ୟୁସର କମ୍ପାନୀର ଡାଇରେକ୍ଟର ଜାପକୀ ସିଂ, ମୟୂରଭଞ୍ଜ ପ୍ରଡ୍ୟୁସର କମ୍ପାନୀର ଡାଇରେକ୍ଟର ଭାରତୀ ହାଁସଦା, ବେତନଟୀ କଳାଞ୍ଜିୟମ ଏସଏଚଜି ମହାସଂଘର ସଭାପତି ପଦ୍ମାବତୀ ମହାନ୍ତ, ବଡସାହି ମହାସଂଘର ସଭାପତି ନିର୍ମଳୀ ଘୋଷ, ଧାନ ଫାଉଣ୍ଡେସନର ଆଞ୍ଚଳିକ ସଂଯୋଜକ ଜ୍ୟୋତିପ୍ରକାଶ ରାଉତ, ମ୍ୟୁଚୁଆଲ ଇନସ୍ୟୁରାନ୍ସର ପ୍ରକଳ୍ପ ସଂଯୋଜକ ରଶ୍ମିରଂଜନ ଖାର, ଆକଉଟାଣ୍ଟ ସୁଶାନ୍ତ ଦେ, ଏଫ୍ପିଓ ମ୍ୟାନେଜର କୈଳାସ ମହାନ୍ତ, ସଂଯୋଜକ ବୁଦ୍ଧେଶ୍ୱର ମହାନ୍ତ ପ୍ରମୁଖ ଯୋଗଦେଇ ଏହି 'ଆନ୍ତଃଜାତୀୟ ଗରିବ ଦୂରୀକରଣ ଦିବସ'ର ବିଭିନ୍ନ ଦିଗ ଓ ଏହାର ନିରାକରଣ ଉପରେ ବିଶଦ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କଳାଞ୍ଜିୟମ ଏସଏଚଜି ମହାସଂଘର ମହିଳା ମାନେ ଉପସ୍ଥିତ ଥିଲେ।

# ତମାଖୁ ମୁକ୍ତ ଅଭିଯାନ ୩.୦ରେ ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ



ବାରିପଦା,୧୭।୧୦(ସମିସ): ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ସମଗ୍ର ବିଶ୍ୱରେ ଚିନ୍ତାର କାରଣ ହୋଇଥିବା ବେଳେ ସାରା ରାଜ୍ୟରେ ବର୍ତ୍ତମାନ ଯୁବସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ ଆରମ୍ଭ ହୋଇଛି। ଜିଲ୍ଲା ସ୍ୱାସ୍ଥ୍ୟ ଉପବିଭାଗ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ତମାଖୁ ମୁକ୍ତ ଅଭିଯାନ ୩.୦ ପ୍ରଗତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାଷ ଚନ୍ଦ୍ର ନାୟକ ଅଭିଯାନ ବିଷୟରେ ଉପସ୍ଥାପନ କରିଥିଲେ। ବିବରଣୀ ଅନୁସାରେ ୨୦୨୫-୨୬ରେ ୦୯ଟି ସ୍କ୍ୱାର୍ଡ ଜିଲ୍ଲାରେ କାର୍ଯ୍ୟକାରୀ ହୋଇ ସମୁଦାୟ ୨୦,୮୦୦ଟଙ୍କା ଫାଇନ ଆଦାୟ ହୋଇଛି। ବିଭିନ୍ନ ସ୍ଥାନ ଯଥା, ସ୍କୁଲ, କଲେଜ, ସର୍ବସାଧାରଣ ସ୍ଥାନ, ପ୍ରତିଟି ପଞ୍ଚାୟତ ସମେତ ବର୍ତ୍ତମାନ ସୁଦ୍ଧା ୧୦ଟି ବ୍ଲକର ୧୧୭ ଜଣ ସରପଞ୍ଚଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ନିହାର ରଞ୍ଜନ ପୃଷ୍ଟି ଜିଲ୍ଲା ଅଣ ସଂକ୍ରାମକ ପରିଚାଳକ ବିସ୍ତୃତ ଭାବରେ ଜିଲ୍ଲାରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ତମାଖୁ ମୁକ୍ତ ଯୁବା ଅଭିଯାନ କାର୍ଯ୍ୟକ୍ରମରେ ୧୭୦ଟି ସ୍କୁଲରେ ଯୁବପିଢିଙ୍କ ମଧ୍ୟରେ ତମାଖୁ ସେବନ ଜନିତ ସମସ୍ୟା ଓ ତହିଁରେ ସଚେତନତା ସୃଷ୍ଟି କରିବାପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ଶପଥ ପାଠ, ପ୍ରଶିକ୍ଷଣ ଜିଲ୍ଲା ସ୍ୱାସ୍ଥ୍ୟ ସଂଚାଳକଙ୍କ ଦ୍ୱାରା କରାଯିବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲାର ୨୦ ଗାଁ ମାନଙ୍କୁ ତମାଖୁ ମୁକ୍ତ କରାଯିବ ଏବଂ ତହିଁରେ ୪୦ରୁ ଅଧିକ ସୂଚନା, ଶିକ୍ଷା ଓ ଯୋଗାଯୋଗ ମାଧ୍ୟମରେ ପ୍ରଚାର ପ୍ରସାର କରିବାର ଯୋଜନା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରାଯାଇଛି। ଚଳିତ ବର୍ଷ ଆରମ୍ଭ ହୋଇଥିବା ତମାଖୁ ମୁକ୍ତ ଅଭିଯାନ ୩.୦ ଅକ୍ଟୋବର ୧୦ରୁ ଆରମ୍ଭ ହୋଇଛି ଏବଂ ଏହା ୯ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। ସଚେତନତା ମାରାଥନ, ରାଲି, ରେଡ଼ିଓ ବାର୍ତ୍ତା, ଲୋକକଳା, ଚିତ୍ର ପ୍ରଦର୍ଶନୀ, ସୋସିଆଲ ମିଡ଼ିଆ ପ୍ରଚାର ଓ ପଥପ୍ରାନ୍ତ ନାଟକ, ନୁକ୍କାଡ଼ ନାଟକ ମାଧ୍ୟମରେ ତମାଖୁ ବର୍ଜନ ବିଷୟରେ ଜନସଚେତନତା ସୃଷ୍ଟି କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ନିମନ୍ତ୍ରିତ ଅତିଥି ଓ ଅଧିକାରୀ ମାନେ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଜିଲ୍ଲା ଅଣସଂକ୍ରମକ ଡଃ ଜ୍ଞାନେନ୍ଦ୍ର ମହାନ୍ତି, ଡ ମିତ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ, ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଜିଲ୍ଲା ଡ୍ରଗ କଣ୍ଟ୍ରୋଲର ରୁଦ୍ର ନାରାୟଣ ସାହୁ, ଡ୍ରଗ ଇନ୍ସପେକ୍ଟର ଦିବ୍ୟରଞ୍ଜନ ନାୟକ ଓ ପ୍ରଦୀପ କୁମାର ସାହୁ, ଖାଦ୍ୟ ଅଧିକାର ସଂଯୁକ୍ତା ହେମ୍ବ୍ରମ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ସମଗ୍ର ଶିକ୍ଷାର ଜିଲ୍ଲା ସଂଯୋଜକ ନିରଞ୍ଜନ ନାଏକଙ୍କ, ଜିଲ୍ଲା ସମ୍ପ୍ରସାରଣ ଅଧିକାରୀ ଧନୁ ମୁର୍ମୁ ଓ ଗଣେଶ୍ୱର ମହାନ୍ତି, ଡ ଶୁଭମ୍ ଶ୍ରୀତମ ସାମନ୍ତରାୟ ଉପସ୍ଥିତ ଥିଲେ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ପୁସ୍ତକ ଲୋକାର୍ପଣ ଉତ୍ସବ



ବାରିପଦା,୧୭।୧୦(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥି ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡ. ଭରତ ଚନ୍ଦ୍ର ଦାଶଙ୍କ ଲିଖିତ କବିତା ଗ୍ରନ୍ଥ 'ପ୍ରୀତିସିକ୍ତା'କୁ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ଉପସଭାପତି ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା ଅଧ୍ୟକ୍ଷତା କରିଥିଲେ। ବାଲେଶ୍ୱର ପାଳିଆବିନ୍ଧା ବିଏନଏମ୍ଏ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ସ୍ତମ୍ଭକାର ଡ. ବିଶ୍ୱରଞ୍ଜନ ଦାସ ଆଲୋଚକ ଭାବରେ ଯୋଗଦାନ ସାରଗର୍ଭକ ଭାଷଣ ରଖିଥିଲେ। ସାହିତ୍ୟିକ ଭାବାବେଗକୁ ଶୃଙ୍ଖଳରେ ବାନ୍ଧିଦେଲେ ସାହିତ୍ୟ ସଂକୁଚିତ ହୋଇଯାଏ ଓ କାଳଜୟୀ ହୋଇପାରେ ନାହିଁ ବୋଲି ସେ ମତ ରଖିଥିଲେ। ସାଂସ୍କୃତିକ ପରିଷଦର ସମ୍ପାଦକ ଡ. ବିଚିତ୍ରନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପରିଷଦର ସହ-ସମ୍ପାଦକ ଡ ଶିଶିର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ଅଧ୍ୟାପିକା ଡ. ବିନ୍ଧେଶ୍ୱରୀ କଲିଆ, ଅଧ୍ୟାପକ ରାଜକୁମାର ପାତ୍ର, ହୃଷୀକେଶ ମହାନ୍ତଙ୍କ ସମେତ ଓଡ଼ିଆ, ଇଂରାଜୀ, ସଂସ୍କୃତ ଓ ସାନ୍ତାଳୀ ବିଭାଗର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀଗଣ ଯୋଗଦାନ କରିଥିଲେ।

■ ସୁଲତାନ ଅଫ୍ ଜୋହର କପ୍

## ରେକର୍ଡ ୮ମ ଥର ଫାଇନାଲ ଖେଳିବ ଭାରତ



**ଜୋହର ବହରୁ, ୧୭ ।୧୦ (ଏଜେନ୍ସି):** ମାଲେସିଆରେ ଚାଲିଥିବା ୧୩ତମ ସୁଲତାନ ଅଫ୍ ଜୋହର କପ୍ ଜୁନିଅର (୨୧ ବର୍ଷରୁ କମ୍) ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଭାରତ ଏହାର ଅନ୍ତିମ ପୁଲ୍ ପର୍ଯ୍ୟାୟ ମ୍ୟାଚରେ ୨-୧ ଗୋଲ୍‌ରେ ଆୟୋଜକ ମାଲେସିଆକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ଭାରତର ଗୁର୍‌ଜୋତ୍ ସିଂହ ଓ ସୌରଭ ଆନନ୍ଦ କୁଶୱାହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଏଥିସହ ଭାରତ ୫ ମ୍ୟାଚ ଖେଳି ୩ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଡ୍ର ସହ ୧୦ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲରେ ସ୍ଥାନ ପକ୍କା କରିଛି। ପୂର୍ବରୁ ପ୍ରଥମ ଦଳ ଭାବେ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିସାରିଥିଲା। ଫଳରେ ଶନିବାର ସନ୍ଧ୍ୟା ୬ଟାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ସୁଲତାନ ଅଫ୍ ଜୋହର କପରେ ଭାରତ ୧୨ଥର ଅଂଶଗ୍ରହଣ କରି ରେକର୍ଡ ୮ମଥର ଲାଗି ଫାଇନାଲ ଖେଳିବ। ଭାରତ ୩ଥର ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିବାବେଳେ ୪ଥର ରନର୍ସଅପ୍ ହୋଇଥିଲା।

## ଚାମୁଣ୍ଡେଶ୍ୱରନାଥ ଆଇସିଏ ଖେଳାଳି ପ୍ରତିନିଧି



**ମୁମ୍ବଇ, ୧୭ ।୧୦ (ଏଜେନ୍ସି):** ବିସିସିଆଇର ଆଗାମୀ ଆପେକ୍ସ କାଉନସିଲ୍ ବୈଠକରେ ଭି. ଚାମୁଣ୍ଡେଶ୍ୱରନାଥ ଇଣ୍ଡିଆନ କ୍ରିକେଟର୍ସ ଆସୋସିଏସନ (ଆଇସିଏ)ର ଖେଳାଳି ପ୍ରତିନିଧି ଭାବେ ଭାଗନେବେ। ସେ ଦିଲୀପ ଭେଙ୍ଗସରକାରଙ୍କ ସ୍ଥାନରେ ଆପେକ୍ସ କାଉନସିଲ୍ ବୈଠକରେ ଯୋଗଦେବେ। ଭେଙ୍ଗସରକାର ଆଇସିଏର ଖେଳାଳି ପ୍ରତିନିଧି ଭାବେ ୩ ବର୍ଷ ପୂରଣ କରିସାରିଛନ୍ତି। ଗତ ୧୫ ଓ ୧୬ ତାରିଖ ଦୁଇଦିନ ଧରି ଆଇସିଏର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଭାରତୀୟ ଦଳର ପୂର୍ବତନ ଅଧିନାୟିକା ସାନ୍ତା ରଙ୍ଗାସ୍ୱାମୀ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେହିଭଳି ଆପେକ୍ସ କାଉନସିଲ ସଦସ୍ୟ ଲାଗି ହୋଇଥିବା ନିର୍ବାଚନରେ ଚାମୁଣ୍ଡେଶ୍ୱରନାଥ ୭୫୫-୮୩ ଭୋଟରେ ଭି. ଜାଡେଜାଙ୍କୁ ହରାଇଥିଲେ। ଚାମୁଣ୍ଡେଶ୍ୱରନାଥ ଆନ୍ଧ୍ରପ୍ରଦେଶ ରଣଜୀ ଟ୍ରଫି ଦଳର ପୂର୍ବତନ ଅଧିନାୟକ। ଏଥିପୂର୍ବରୁ ସେ ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ୍‌ର ସଦସ୍ୟ ରହିଥିଲେ।

## ଟି-୨୦ ବିଶ୍ୱକପ : ୨୦ତମ ଟିମ୍‌କୁ ଯୋଗ୍ୟତା

**ଦୁବାଇ,୧୭।୧୦(ଏଜେନ୍ସି):** ଭାରତ ଓ ଶ୍ରୀଲଙ୍କାରେ ୨୦୨୬ ଟି-୨୦ ପୁରୁଷ ବିଶ୍ୱକପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ୨୦ଟି ଦଳ ଭାଗନେବେ। ମସ୍କାଟରେ ଚାଲିଥିବା ଏସିଆ/ଇଷ୍ଟ ଏସିଆ-ପ୍ୟାସିଫିକ୍ କ୍ୱାଲିଫାୟରରେ ୟୁଏଇ, ଓମାନ ଓ ନେପାଳ ପ୍ରଥମ ୩ଟି ସ୍ଥାନରେ ରହି ଯୋଗ୍ୟତା ଅର୍ଜନ କରିବା ପରେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ସମସ୍ତ ୨୦ଟି ଦେଶ ନାମ ଚୂଡ଼ାନ୍ତ ହୋଇଛି। ଏହା ମଧ୍ୟରୁ ଭାରତ ଓ ଶ୍ରୀଲଙ୍କା ଆୟୋଜକ ଦେଶ ଭାବେ ପ୍ରଥମେ ଯୋଗ୍ୟତା ଅର୍ଜନ କରିଥିଲେ। ଅଷ୍ଟ୍ରେଲିଆ, ବାଂଲାଦେଶ, ଆଫଗାନିସ୍ତାନ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଆମେରିକା ଓ ୱେଷ୍ଟଇଣ୍ଡିଜ୍ ୨୦୨୪ରେ ଅନୁଷ୍ଠିତ ବିଶ୍ୱକପ୍‌ରେ ପ୍ରଥମ ୭ଟି ସ୍ଥାନ ଅଧିକାର କରି ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିଲେ। ଏମାନଙ୍କ ପରେ ପାକିସ୍ତାନ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ ଆଇସିସି ର୍‌ୟାଙ୍କିଂରେ ଆଗରେ ଥିବାରୁ ଯୋଗ୍ୟତା ଅର୍ଜନ କରିଛନ୍ତି। କ୍ୱାଲିଫାଇଙ୍ଗ୍ ଟୁର୍ଣ୍ଣାମେଣ୍ଟରେ ସଫଳତା ପାଇ କାନାଡା, ଇଟାଲୀ, ନେଦରଲାଣ୍ଡସ, ନାମିବ୍ୟା, ନେପାଳ, ଓମାନ ଓ ୟୁଏଇ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଆସନ୍ତାବର୍ଷ ଫେବୃଆରୀ- ମାର୍ଚ୍ଚରେ ଏହି ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଭାରତ ଡିଫେଣ୍ଡିଂ ଚାମ୍ପିଅନ ଓ ଆୟୋଜକ ଦଳ ଭାବେ ଖେଳିବ।



ଭୁବନେଶ୍ୱରରେ ଶୁକ୍ରବାର ଡିଲୋ ଆଥଲେଟିକ୍ ଆସୋସିଏସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ 'ଗେମ୍‌ଚେଞ୍ଜର'ରେ ଅତିଥିମାନେ ଦୂତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଦିନିକିଆ ସିରିଜ୍ ଟ୍ରଫି ଉନ୍ମୋଚିତ

# ପର୍ଥରେ ଭାରତୀୟ ଦଳର ଜୋର୍‌ଦାର୍ ଅଭ୍ୟାସ

ପର୍ଥ,୧୭।୧୦(ଏଜେନ୍ସି)

ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଭାରତୀୟ କ୍ରିକେଟ ଦଳର ଜୋରଦାର ଅଭ୍ୟାସ ଆରମ୍ଭ ହୋଇଯାଇଛି। ପର୍ଥରେ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଏକତ୍ର ହେବା ପରେ ଆଜି ପଡ଼ିଆରେ ଅଭ୍ୟାସ କରିଛନ୍ତି। ଆଜି ମଧ୍ୟ ସିରିଜ୍ ଲାଗି ଆନୁଷ୍ଠାନିକ ଆରମ୍ଭ ହୋଇଛି। ଉଭୟ ଦଳର ଖେଳାଳି ଏକତ୍ର ହୋଇ ସିରିଜ୍ ଶୁଭାରମ୍ଭ କରିଛନ୍ତି। ଖେଳ ପୂର୍ବରୁ ଏହା ଖେଳାଳିଙ୍କ ମଧ୍ୟରେ ବନ୍ଧୁତ୍ୱଭାବ ସୃଷ୍ଟି କରିଥାଏ। ଖେଳ ପଡ଼ିଆରେ ପ୍ରତିଦ୍ୱନ୍ଦ୍ୱିତା ଭିନ୍ନ ଏକ ସ୍ଥିତି ସୃଷ୍ଟି କରିଥାଏ। ଏସବୁକୁ ମୁକାବିଲା କରିବାକୁ ଉଭୟ ଦଳ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଭାରତୀୟ ଦଳର ଦୁଇ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଦୀର୍ଘ ୭ମାସ ପରେ ଭାରତ ପକ୍ଷରୁ ଏବଂ ୫ ମାସ ପରେ ପ୍ରଥମଥର ପଡ଼ିଆକୁ ଓହ୍ଲାଇଛନ୍ତି। ଅପଟସ ଷ୍ଟାଡିୟମ୍‌ରେ ଏମାନଙ୍କୁ ଦେଖିବା ଲାଗି ଢ଼େର ସମର୍ଥକ ଉପସ୍ଥିତ ଥିଲେ। ନେଟ୍‌ସରେ ବିରାଟ କୋହଲି ଭଲ ଭାବେ ଖେଳୁଥିଲେ ମଧ୍ୟ ରୋହିତ ଶର୍ମା ଲୟକୁ ଆସି ପାରି ନ ଥିଲେ।

ଅନ୍ୟ ପକ୍ଷରେ ଉଭୟ ବରିଷ୍ଠ ଓ ଅଭିଜ୍ଞ ଖେଳାଳିଙ୍କ ଉପସ୍ଥିତି ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଅନେକ କିଛି ଶିଖିବାକୁ ସୁଯୋଗ ପାଇବେ। ଉଭୟ ଖେଳାଳି ଉପଦେଶ ଦେବାରେ ଆଦୌ କଞ୍ଜୁସ ହେବେ ନାହିଁ ବୋଲି ସମସ୍ତେ ଜାଣନ୍ତି। ଏଣୁ ଗିଲ୍‌ଙ୍କୁ ଏହି ସିରିଜ୍‌ରେ ବେଶ ଫାଇଦା ମିଳିବ। ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଦଳ ବିପକ୍ଷରେ ରଣନୀତି ପ୍ରସ୍ତୁତ କରିବା ପୂର୍ବରୁ ମଧ୍ୟ ଏହି ଦୁଇ ଖେଳାଳି ସେମାନଙ୍କ ଅଭିଜ୍ଞତାରୁ ନିଶ୍ଚିତ କିଛି ଖେଳାଳି ତଥା ଅଧିନାୟକ ଗିଲ୍‌ଙ୍କୁ ଉପଦେଶ ଦେବେ। ରୋହିତ ଶର୍ମାଙ୍କ ଅବସର ପରେ ଶୁବମନ ଗିଲଙ୍କ ନେତୃତ୍ୱ ପ୍ରଦାନ କରାଯାଇଛି। ଗିଲ୍‌ଙ୍କ ନେତୃତ୍ୱରେ ଭାରତ ଦୁଇଟି ଟେଷ୍ଟ ସିରିଜ୍ ଖେଳିସାରିଛି। ଏଠାରେ ରବିବାର ଅଷ୍ଟ୍ରେଲିଆ ସହ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଗିଲ ଦିନିକିଆ ନେତୃତ୍ୱରେ ଡେବ୍ୟୁ କରିବେ। ଇଂଲଣ୍ଡରେ ପ୍ରଥମଥର ଅଧିନାୟକ ହୋଇଥିବା ଗିଲ ୭୫୪ ରନ୍ କରି ସମସ୍ତଙ୍କୁ ପଛରେ ପକାଇଦେଇଥିଲେ। ଏବେ ପର୍ଥରେ ସେ ତାଙ୍କର ତଥା ଭାରତୀୟ କ୍ରିକେଟ ଲାଗି ଏକ ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି।

ଆଜିର ଅଭ୍ୟାସରେ ଉଭୟ ଦଳର ଖେଳାଳି ନେଟ୍‌ସରେ ଉପସ୍ଥିତ ଥିଲେ। କିନ୍ତୁ ଷ୍ଟାଡିୟମ୍‌ରେ ଉପସ୍ଥିତ ଥିବା ଦର୍ଶକ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ନଜରରେ ଥିଲେ ବିରାଟ କୋହଲି। ଏଥିରୁ କୋହଲିଙ୍କ କ୍ରେଜ୍ ଏଯାଏ କମିନାହିଁ ବୋଲି ସ୍ପଷ୍ଟ ହୋଇଯାଇଛି। ପର୍ଥ ପିଚ୍ ଫାଷ୍ଟ ବୋଲରଙ୍କୁ ସୁହାଇଥାଏ। ଏଣୁ ଫାଷ୍ଟ ବୋଲରମାନେ ଏଠାରେ ଅଧିକ ବୋଲିଂ କରିଥିଲେ। ରୋହିତ ଓ ବିରାଟ ମଧ୍ୟ ସମାନ ସମୟ ଅଭ୍ୟାସରେ କଟାଇଥିଲେ। ଅର୍ଶଦୀପ ସିଂହ, ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା ଓ ମହମ୍ମଦ ସିରାଜ ରିଦମକୁ ଆସିବା ଲାଗି ଉଦ୍ୟମ କରିଥିଲେ। ସ୍ପିନରମାନେ ବୋଲିଂ କରିଥିଲେ ମଧ୍ୟ ସେମାନଙ୍କୁ ବେଶି ସୁଯୋଗ ମିଳି ନ ଥିଲା। ଆସନ୍ତାକାଲି ପିଚ୍ ଦେଖିବା ପରେ ଟିମ୍ ମ୍ୟାନେଜମେଣ୍ଟ କିଛି ସୂଚନା ପାଇବେ। ଏଥିରୁ ଚୂଡ଼ାନ୍ତ ଖେଳାଳି ଚୟନ କରାଯିବ।



### ଗ୍ରୀନ୍ ଆଉଟ, ଲାବୁସେନ ଇନ୍

ଅଷ୍ଟ୍ରେଲିଆର ଷ୍ଟାର ଅଲରାଉଣ୍ଡର କାମେରନ ଗ୍ରୀନ୍ ଆହତ ହେବା ଯୋଗୁ ଏହି ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ଏହା ଫଳରେ ସିରିଜ୍ ଆରମ୍ଭରୁ ଘରୋଇ ଦଳକୁ ଶକ୍ତ ଧକ୍କା ଲାଗିଛି। ଗତବର୍ଷ ଅସ୍ତ୍ରୋପଚାର ପରେ ଗ୍ରୀନ୍ ବୋଲିଂ କରିନାହାନ୍ତି। ଏବେ ସେ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ବରିଷ୍ଠ ଖେଳାଳି ମାର୍ନସ ଲାବୁସେନଙ୍କୁ ସାମିଲ କରାଯାଇଛି। ଫର୍ମରେ ନ ଥିବା ଲାବୁସେନ ଘରୋଇ କ୍ରିକେଟରେ ୫ଟି ମ୍ୟାଚ୍‌ରୁ ୪ଟି ଶତକ ହାସଲ କରିବା ପରେ ଦଳକୁ ଫେରିଛନ୍ତି। ଗ୍ରୀନ୍‌ଙ୍କ ପୂର୍ବରୁ ୱିକେଟକିପର ବ୍ୟାଟର ଜୋଶ୍ ଇଂଲିଶ ମଧ୍ୟ ଆଘାତ ଜନିତ କାରଣ ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି। ପତ୍ନୀ ଗର୍ଭବତୀ ଥିବାରୁ ଲେଗ୍ ସ୍ପିନର ଆଦାମ ଜାମ୍ପା ତାଙ୍କ ଘରେ ଅଛନ୍ତି। ସେ ପ୍ରଥମ ଦିନିକିଆ ଖେଳିବେ ନାହିଁ। ସେହିପରି ଶେଫିଲ୍ଡ ସିଲ୍ଡ ମ୍ୟାଚ ଖେଳୁଥିବାରୁ ଅନ୍ୟତମ ୱିକେଟରକ୍ଷକ ଆଲେକ୍ସ କ୍ୟାରୀ ମଧ୍ୟ ପ୍ରଥମ ଦିନିକିଆରେ ଖେଳିବେ ନାହିଁ। ଏଣୁ ଅଷ୍ଟ୍ରେଲିଆ ଆହତ ସମସ୍ୟାକୁ ନେଇ ଅଡୁଆରେ ପଡ଼ିଛି।

## ୯ ବର୍ଷରେ ସବୁଠୁ ନିମ୍ନ ଫିଫା ର୍‌ୟାଙ୍କିଙ୍ଗରେ ଭାରତ

**ଜୁରିକ, ୧୭ ।୧୦ (ଏଜେନ୍ସି):** ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ପକ୍ଷରୁ ସଦ୍ୟ ପ୍ରକାଶିତ ର୍‌ୟାଙ୍କିଙ୍ଗ୍‌ରେ ଭାରତ ଦୁଇଟି ସ୍ଥାନ ହରାଇ ୧୩୬କୁ ଖସିଯାଇଛି। ଫଳରେ ଭାରତୀୟ ପୁରୁଷ ଫୁଟବଲ୍ ଦଳ ଗତ ୯ ବର୍ଷ ମଧ୍ୟରେ ଫିଫା ର୍‌ୟାଙ୍କିଙ୍ଗରେ ସବୁଠୁ ଖରାପ ପ୍ରଦର୍ଶନ କରିଛି। ୨୦୧୬ ନଭେମ୍ବରରେ ପ୍ରକାଶିତ ଫିଫା ମାନ୍ୟତାରେ ଭାରତ ୧୩୭ତମ ସ୍ଥାନରେ ରହିଥିଲା। ଫିଫା ମାନ୍ୟତାରେ ଭାରତ ଏହାର ଶ୍ରେଷ୍ଠ ର୍‌ୟାଙ୍କିଙ୍ଗ ୧୯୯୬ ଫେବୃଆରୀରେ ହାସଲ କରିଥିଲା। ଏଥିରେ ଭାରତ ମାନ୍ୟତାର ୯୪ତମ ସ୍ଥାନରେ ରହିଥିଲା। ସଦ୍ୟ ପ୍ରକାଶିତ ଫିଫା ର୍‌ୟାଙ୍କିଙ୍ଗରେ ସ୍ପେନ ଶୀର୍ଷରେ ସ୍ଥିର ରହିଛି। ବିଶ୍ୱ ଚାମ୍ପିଅନ ଆର୍ଜେଣ୍ଟିନା ଗୋଟିଏ ସ୍ଥାନ ଉପରକୁ ଉଠି ଦ୍ୱିତୀୟରେ ପହଞ୍ଚିଛି। ସେହିଭଳି ଫ୍ରାନ୍ସ ଦ୍ୱିତୀୟରୁ ୩ୟ ସ୍ଥାନକୁ ଖସିଯାଇଛି। ର୍‌ୟାଙ୍କିଙ୍ଗରେ ଇଂଲଣ୍ଡ ୪ର୍ଥ, ପର୍ତ୍ତୁଗାଲ ୫ମ, ନେଦରଲାଣ୍ଡସ ୬ଷ୍ଠ, ବ୍ରାଜିଲ ୭ମ, ବେଲଜିୟମ ୮ମ, ଇଟାଲୀ ୯ମ ଓ ଜର୍ମାନୀ ୧୦ମ ସ୍ଥାନରେ ରହିଛନ୍ତି।

## ମହିଳା ଟି-୨୦ ଦ୍ରୁତତମ ଶତକ ହାସଲ କଲେ କିରଣ



**ନାଗପୁର, ୧୭ ।୧୦ (ଏଜେନ୍ସି):** ଭାରତୀୟ ବ୍ୟାଟର୍ କିରଣ ନାଭଗିରେ ମହିଳା ଟି-୨୦ କ୍ରିକେଟ୍‌ରେ ଦ୍ରୁତତମ ଶତକ ହାସଲ କରିବାର ବିଶ୍ୱରେକର୍ଡ କରିଛନ୍ତି। ନାଗପୁରର ଭିସିଏ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ବିସିସିଆଇ ସିନିଅର ମହିଳା ଟି-୨୦ ଏକ ମ୍ୟାଚରେ ପଞ୍ଜାବ ବିପକ୍ଷରେ ମହାରାଷ୍ଟ୍ର ପକ୍ଷରୁ ଖେଳି କିରଣ ୩୪ ବଲରେ ଶତକ ହାସଲ କରିଥିଲେ। ୩୧ ବର୍ଷୀୟା ଡାହାଣହାତୀ ବ୍ୟାଟର୍ କିରଣ ତାଙ୍କ ୩୫ ବଲ୍ ପାଳିରେ ୧୦୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହି ପାଳିରେ ସେ ୧୪ଟି ଚୌକା ଓ ୭ଟି ଛକା ମାରିଥିଲେ। ତାଙ୍କ ଷ୍ଟ୍ରାଇକରେଟ୍ ୩୦୨.୮୬ ରହିଥିଲା। ପଞ୍ଜାବ ପକ୍ଷରୁ ୧୧୧ ରନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ କିରଣ ଏକାକୀ ୧୦୬ ରନ କରି ମହାରାଷ୍ଟ୍ରକୁ ୧୨ ଓଭର ଓ ୯ ୱିକେଟ୍ ବଳକାଥାଇ ବିଜୟୀ କରାଇଥିଲେ। ଏଥିସହ କିରଣ ମହିଳା ଟି-୨୦ ଇତିହାସରେ ଦ୍ରୁତତମ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ନ୍ୟୁଜିଲାଣ୍ଡର ସୋଫି ଡିଭାଇନଙ୍କ ନାମରେ ରହିଥିଲା। ସୋଫି ୨୦୨୧ରେ ୱେଲିଂଟନ ପକ୍ଷରୁ ଖେଳି ଓଟାଗୋ ବିପକ୍ଷରେ ୩୬ ବଲରେ ଶତକ ମାରିଥିଲେ। ଅନ୍ତର୍ଜାତୀୟ ମହିଳା ଟି-୨୦ରେ ୱେଷ୍ଟଇଣ୍ଡିଜର ଡେଣ୍ଡ୍ରା ଡଟିନ ୨୦୧୦ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩୮ ବଲରେ ଶତକ ଅର୍ଜନ କରିଥିଲେ। ସେହିଭଳି ମହିଳା ଟି-୨୦ ଇତିହାସରେ ଶତକ ହାସଲ କରିଥିବା ବ୍ୟାଟର୍‌ଙ୍କ ମଧ୍ୟରେ କେବଳ କିରଣଙ୍କ ଷ୍ଟ୍ରାଇକରେଟ୍ ୩୦୦ରୁ ଊର୍ଦ୍ଧ୍ୱ ରହିଛି।

ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ

## ସେମିରେ ଓଡିଏମ୍ ପବ୍ଲିକ୍ ସ୍କୁଲ




**ଭୁବନେଶ୍ୱର,୧୭।୧୦(ସମିସ):** ଓଡ଼ିଏମ୍ ପବ୍ଲିକ୍ ସ୍କୁଲ ୩-୨ ଗୋଲରେ ଜଟଣୀର କୁଶମାଟି ସ୍କୁଲ୍‌କୁ ପରାସ୍ତ କରି ତୃତୀୟ ଦଳ ଭାବେ ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଗତକାଲି ଓଡିଏମ୍‌ର ଗ୍ଲୋବାଲ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଥିଲା। ଆଜିର ଖେଳରେ ପବ୍ଲିକ୍ ସ୍କୁଲ ପକ୍ଷରୁ ସୁରଜ ଖାଲକୋ, ନିଖିଲ ହେମ୍ବ୍ରମ ଓ ବିଶାଲ ଲୋହାର ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। କୁଶମାଟି ହାଇସ୍କୁଲର ରୁଦ୍ରପ୍ରସାଦ ନାୟକ ୨ଟି ଗୋଲ ଶୁଝାଇଥିଲେ। ରୁଦ୍ରପ୍ରସାଦଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଅଶୋକ କୁମାର ପଟ୍ଟନାୟକ, ବିବେକାନନ୍ଦ ଦାସ, ଚିନ୍ମୟ କୁମାର ଦାସ ଓ ଟୁର୍ଣ୍ଣାମେଣ୍ଟ ଆୟୋଜକ ଭେଟେରାନ ଫୁଟବଲ ସଂଘର ସଭାପତି ନବରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତାକାଲି ବା ଶନିବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ବିକାଶ ରେସିଡେନ୍‌ସିଆଲ ସ୍କୁଲ ସହ ୟୁନିଟ୍-୧ ସରକାରୀ ହାଇସ୍କୁଲ ମଧ୍ୟରେ ଖେଳାଯିବ। ଆଜିର ଖେଳ ପରିଚାଳନା କରିଥିଲେ ରେଫରି ଦିବ୍ୟ ମଙ୍ଗରାଜ, ଅମିତ ନାୟକ, ଚନ୍ଦ୍ରକାନ୍ତ ବାରିକ ଓ ସୁଦୀପ ଦାସ। ଟି ମୋହନ ରାଓ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ।

■ ମହିଳା ବିଶ୍ୱକପ୍ କ୍ରିକେଟ

## ଦକ୍ଷିଣ ଆଫ୍ରିକାର ୪ର୍ଥ ବିଜୟ

**କଲମ୍ବୋ,୧୭।୧୦(ଏଜେନ୍ସି):** ଏଠାରେ ଶୁକ୍ରବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ମହିଳା ବିଶ୍ୱକପ୍‌ର ୧୮ତମ ଲିଗ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୧୦ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରି ଏହି ଟୁର୍ଣ୍ଣାମେଣ୍ଟରେ ଚତୁର୍ଥ ବିଜୟ ହାସଲ କରିଛି। ଏହି ବିଜୟ ଫଳରେ ଦଳ ପଏଣ୍ଟ ତାଲିକାରେ ଇଂଲଣ୍ଡକୁ ହଟାଇ ଦ୍ୱିତୀୟ ସ୍ଥାନକୁ ଉନ୍ନିତ ହୋଇଛି। ବର୍ଷା ଯୋଗୁଁ ଖେଳ ୫ ଘଣ୍ଟା ବାଧାପ୍ରାପ୍ତ ହେବା ଫଳରେ ମ୍ୟାଚ୍‌କୁ ୨୦ ଓଭର ବିଶିଷ୍ଟ କରାଯାଇଥିଲା। ବର୍ଷା ପୂର୍ବରୁ ୧୨ ଓଭରରେ ୨ ୱିକେଟ ହରାଇ ୪୬ ରନ୍ କରିଥିବା ଶ୍ରୀଲଙ୍କା ୭ ୱିକେଟରେ ୧୦୫ ରନ୍ କରିଥିଲା। କିନ୍ତୁ ଡିଏଲଏସ୍ ମେଥଡ ଅନୁଯାୟୀ ଦକ୍ଷିଣ ଆଫ୍ରିକା ଆଗରେ ୨୦ ଓଭରରେ ୧୨୧ ରନ୍‌ର ଲକ୍ଷ୍ୟ ରହିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୪.୫ ଓଭରରେ କୌଣସି ୱିକେଟ ନ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳର ଏନ୍ ମାଲବାଙ୍କୁ ୩ଟି ଓ ମାସାବା କ୍ଲାସ୍‌ଙ୍କୁ ୨ଟି ୱିକେଟ ମିଳିଥିଲା। ବ୍ୟାଟିଂରେ ଲୌରା ୱଲଭାର୍ଟ ୬୦ ଓ ତାଜମିନ ବ୍ରିଟ୍ସ ୫୫ ରନ୍‌ରେ ଅପରାଜିତ ରହିଥିଲେ। ଏଠାରେ ଆସନ୍ତାକାଲି ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ।

ରଣଜୀ ଟ୍ରଫି

## ବିଜୟରୁ ବିଦର୍ଭ, ହରିୟାଣାର ଅଭିଯାନ ଆରମ୍ଭ

ବେଙ୍ଗାଲୁରୁ, ୧୭ ।୧୦ (ଏଜେନ୍ସି)



ଚଳିତ ରଣଜୀ ଟ୍ରଫିର ୯୧ତମ ସଂସ୍କରଣରେ ବିଦର୍ଭ ଓ ହରିୟାଣା ଦମ୍‌ଦାର ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବେଙ୍ଗାଲୁରୁରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ବିଦର୍ଭ ଏକ ଇନିଂସ ଓ ୧୭୯ ରନରେ ନାଗାଲାଣ୍ଡକୁ ପରାସ୍ତ କରିଛି। ସେହିଭଳି ସୁରଟରେ ଖେଳାଯାଇଥିବା ଏଲିଟ୍ ଗ୍ରୁପ୍-ସି'ର ଅନ୍ୟ ଏକ ମୁକାବିଲାରେ ହରିୟାଣା ୯୬ ରନରେ ରେଳବାଇକୁ ହରାଇଦେଇଛି। ଇନିଂସ ବିଜୟ ଲାଗି ବିଦର୍ଭ ୭ ଓ ହରିୟାଣା ୬ ପଏଣ୍ଟ ଅର୍ଜନ ପାଇଛି।

ନାଗାଲାଣ୍ଡ ବିପକ୍ଷ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ପ୍ରଥମ ଇନିଂସରେ ୪୬୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଅମନ ମୋଖାଡେ ସର୍ବାଧିକ ୧୮୩ ରନ କରିଥିଲେ। ଏହାପରେ ବ୍ୟାଟିଂ କରିଥିବା ନାଗାଲାଣ୍ଡ ପ୍ରଥମ ଇନିଂସରେ ୧୭୧ ରନରେ ସୀମିତ ରହିଥିଲା। ୨୯୨ ରନ ପଛରେ ଥାଇ ଫଲୋଅନ ପାଇଥିବା ନାଗାଲାଣ୍ଡ ଦ୍ୱିତୀୟ ଇନିଂସରେ ମଧ୍ୟ ପୁଣିଥରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଶୁକ୍ରବାର ତୃତୀୟ ଦିବସରେ ନାଗାଲାଣ୍ଡ ୧୧୩ ରନରେ ସମସ୍ତ ୱିକେଟ୍ ହରାଇଥିଲା। ଅମନ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

ସେହିଭଳି ସୁରଟର ପିଠୱାଲା ଷ୍ଟାଡିୟମରେ ହରିୟାଣା ଓ ରେଳବାଇ ମଧ୍ୟରେ ଏଠାରେ ଅନୁଷ୍ଠିତ ମ୍ୟାଚରେ ବୋଲରଙ୍କ ପ୍ରଭାବ ଦେଖିବାକୁ ମିଳିଛି। ଫଳରେ ୩ ଦିନରେ ୪୦ ୱିକେଟ ପତନ ଘଟିବା ସହ ଫଳାଫଳ ବାହାରିଯାଇଥିଲା। ପ୍ରଥମେ ବ୍ୟାଟିଂ କରି ହରିୟାଣା ୧୭୧ ରନ କରିଥିବାବେଳେ ରେଳବାଇ ୧୨୮ରେ ସୀମିତ ରହିଥିଲା। ୪୩ ରନରେ ଆଗୁଆ ରହିଥିବା ଦ୍ୱିତୀୟ ଇନିଂସରେ ୨୦୫ ରନ କରିଥିଲା। ଫଳରେ ରେଳବାଇ ସାମ୍ନାରେ ୨୪୯ ରନ ଲକ୍ଷ୍ୟ ରହିଥିଲା। ଏହାକୁ ପିଛା କରିଥିବା ରେଳବାଇ ଶୁକ୍ରବାର ୩ୟ ଦିବସରେ ୧୫୨ ରନରେ ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇଯାଇଥିଲା।

### ରଜତ ପାଟିଦାରଙ୍କ ଦ୍ୱିଶତକ

ଅପରପକ୍ଷରେ ରଜତ ପାଟିଦାର ପ୍ରଥମଶ୍ରେଣୀ କ୍ୟାରିୟରର ପ୍ରଥମ ଦ୍ୱିଶତକ ହାସଲ କରିଛନ୍ତି। ମଧ୍ୟପ୍ରଦେଶର ନେତୃତ୍ୱ ନେଉଥିବା ପାଟିଦାର ୨୦୫ ରନ କରି ଅପରାଜିତ ରହିବା ଫଳରେ ତାଙ୍କ ଦଳ ପ୍ରଥମ ଇନିଂସରେ ୮ ୱିକେଟରେ ୫୧୯ ରନର ବିଶାଳ ସ୍କୋର କରିଛି। ପଞ୍ଜାବ ପ୍ରଥମ ପାଳିରେ ୨୩୨ ରନ କରିଥିଲା। ଫଳରେ ମଧ୍ୟପ୍ରଦେଶ ୨୮୭ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି।

ଏଆଇଟିଏ-ଓଟିଏ ଚାମ୍ପିଅନସିପ୍ ସିରିଜ୍-୭

## ଓଡ଼ିଶାର ସୁତବ୍ୟ ରନର୍ସ ଅପ୍




**ଭୁବନେଶ୍ୱର,୧୭।୧୦(ସମିସ):** ଓଡ଼ିଶାର ପ୍ରତିଭାବାନ ଜୁନିଅର ଖେଳାଳି ସୁତବ୍ୟ କର୍ମକାର ମିସନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେସନ ଆନୁକୂଲ୍ୟରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ଚାମ୍ପିଅନସିପ୍ ସିରିଜ୭ ଟେନିସ ଟୁର୍ଣ୍ଣାମେଣ୍ଟରେ ରନର୍ସ ଅପ୍ ହୋଇଛନ୍ତି। ଓଡ଼ିଶା ଟେନିସ ସଂଘ ବ୍ୟାନରରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ମହାରାଷ୍ଟ୍ରର ଅର୍ଜୁନ ଅତୁଲ ପରଦେଶୀ ୬-୩, ୬-୧ ସିଧାସଳଖ ସେଟ୍‌ରେ ସୁତବ୍ୟଙ୍କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଥିଲେ। ଖେଳ ଶେଷରେ ତାମିଲନାଡୁର ଅନ୍ୟତମ ପ୍ରତିଭାବାନ ଖେଳାଳି ଓଜେସ ଥେୟଜୋ ଜୟପ୍ରକାଶ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ତଥା ଦେଶର ଅନେକ ୧୮ ବର୍ଷରୁ କମ୍ ଶୀର୍ଷ ଖେଳାଳି ଅଂଶଗ୍ରହଣ କରିଥିଲେ।



# ଶାଢ଼ି ସମ୍ଭାର

**ଶାଢ଼ି ଭାରତୀୟ ସଂସ୍କୃତି ଓ ପରମ୍ପରାର ଏକ ଅଭିନ୍ନ ଅଂଶ। ଏହା କେବଳ ଏକ ପରିଧାନ ନୁହେଁ, ସଂସ୍କୃତି, ଐତିହ୍ୟ ଓ ଶିଳ୍ପକଳାର ପରିଚୟ ଭାବେ ଜଣାଯାଏ। ବର୍ତ୍ତମାନ ଫେଶନ ଦୁନିଆରେ ବହୁ ଆଧୁନିକ ପୋଷାକ ମିଳୁଥିଲେ ହେଁ, ଶାଢ଼ିର ଲୋକପ୍ରିୟତା ସବୁବେଳେ ରହିଛି। ଏହି ପାରମ୍ପରିକ ଶାଢ଼ି ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ରହିଥାଏ। ପ୍ରତ୍ୟେକ ଶାଢ଼ି ନିଜସ୍ୱ ସ୍ୱତନ୍ତ୍ରତା ତଥା ବିଶେଷତା ପାଇଁ ଜଣାଯାଏ। ତେବେ ଭାରତରେ ପ୍ରସିଦ୍ଧି ଲାଭ କରିଥିବା ସେହିଭଳି କେତେକ ପାରମ୍ପରିକ ଶାଢ଼ିକୁ ନେଇ ଏହି ଆଲେଖ୍ୟ।**



### ପଟୋଲା

ଶାଢ଼ି କଥା କହିଲେ, ପଟୋଲା ଚିତ୍ର ସାମ୍ନାକୁ ଆସିଥାଏ। ଗୁଜୁରାଟ ପାଟନରେ ପ୍ରସ୍ତୁତ ହେଉଥିବା ଏହି ଶାଢ଼ି ପାରମ୍ପରିକ ଶାଢ଼ି ଭାବେ ପରିଚିତ। ଏଥିରେ ଭାରତର ଉତ୍କୃଷ୍ଟ ଶିଳ୍ପକଳା ଦେଖିବାକୁ ମିଳିଥାଏ। ଏହି ଶାଢ଼ି ପ୍ରସ୍ତୁତ କରିବା ପାଇଁ ମାସ ମାସ ସମୟ ଲାଗିଥାଏ। ଏଥିପାଇଁ ଡବଲ୍ ଇକତ୍ ଟେକ୍ନିକ୍ ବ୍ୟବହାର ହୋଇଥାଏ। ପ୍ରତ୍ୟେକ ଶାଢ଼ି ଜଟିଳ ଜ୍ୟାମିତିକ ଡିଜାଇନ୍, ଚମକଯୁକ୍ତ ରଙ୍ଗ ଓ ସୂକ୍ଷ୍ମ କାରିଗରୀ ପାଇଁ ଜଣାଯାଏ।

### କାଞ୍ଜିବରମ

କାଞ୍ଜିବରମ ଶାଢ଼ି ଭାରତୀୟ ସଂସ୍କୃତି ଓ ଐତିହ୍ୟର ପ୍ରତୀକ। ଭାରତର ପ୍ରାଚୀନ, ସୁନ୍ଦର ଓ ଆକର୍ଷଣୀୟ ଶାଢ଼ି ମଧ୍ୟରୁ ଏହା ଗୋଟିଏ। ତାମିଲନାଡ଼ୁ କାଞ୍ଚିପୁରମ୍‌ରେ ଏହି ଶାଢ଼ି ପ୍ରସ୍ତୁତ ହୋଇଥାଏ। ଏହାକୁ ଶୁଦ୍ଧ ରେଶମ ସୂତାରେ ବୁଣାଯାଏ। ଶାଢ଼ିକୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ଏଥିରେ ଜରି ବ୍ୟବହାର ହୋଇଥାଏ। ଏହି ଶାଢ଼ିର ଇତିହାସ ୪୦୦ ବର୍ଷ ପୁରୁଣା। ଏଥିରେ ମନ୍ଦିର, ପ୍ରାକୃତିକ ଦୃଶ୍ୟ, ହାତୀ, ମୟୁର ଭଳି ଅନ୍ୟାନ୍ୟ କଳାକୃତି ଦେଖିବାକୁ ମିଳିଥାଏ। ବିଶେଷତା ଅନୁଯାୟୀ, ଏହି ଶାଢ଼ିର ପଣତକାନି, ବର୍ଡର ଓ ମଝିଭାଗକୁ ପୃଥକ୍ କରି ବୁଣାଯାଏ। ତେଣୁ ଏହା ଅନ୍ୟ ଶାଢ଼ି ଠାରୁ ସ୍ୱତନ୍ତ୍ର। ଦକ୍ଷିଣ ଭାରତରେ ବିବାହ ଉତ୍ସବରେ ଏହା ମୁଖ୍ୟ।



### ବନାରସୀ

ଭାରତରେ ପ୍ରସିଦ୍ଧି ଲାଭ କରିଥିବା ଲୋକପ୍ରିୟ ଶାଢ଼ି ମଧ୍ୟରୁ ଗୋଟିଏ ବନାରସୀ ଶାଢ଼ି। ଏହା ଉତ୍ତରପ୍ରଦେଶ ବାରଣସୀରେ ପ୍ରସ୍ତୁତ ହୋଇଥାଏ। ଏହାର ଭବ୍ୟ ଡିଜାଇନ୍, ସୂକ୍ଷ୍ମ କାରୁକାର୍ଯ୍ୟ ଏହାକୁ ସ୍ୱତନ୍ତ୍ର କରିଥାଏ। ଏଥିରେ ସୁନା ଓ ରୂପାର ଜରିକାମ ହୋଇଥାଏ। ଅବଶ୍ୟ ସମୟକ୍ରମେ ଏଥିରେ ନକଲି ଜରିକାମ ଦେଖିବାକୁ ମିଳୁଛି। ଏଥିରେ ଫୁଲ, ପତ୍ର, ମୟୂର, ଓ ଜ୍ୟାମିତିକ ଚିତ୍ର ଭଳି ପାରମ୍ପରିକ ମୋଗଲକାଳର ଡିଜାଇନ୍ ରହିଥାଏ।

### ମୁଙ୍ଗା ସିଲ୍କ

ମୁଙ୍ଗା ସିଲ୍କ ଆସାମର ପ୍ରାଚୀନ ଶାଢ଼ି ଭାବେ ପରିଚିତ। ଏହି ଶାଢ଼ି ମୁଗା ସିଲ୍କରୁ ପ୍ରସ୍ତୁତ ହୋଇଥାଏ। ଏହା ବିଶ୍ୱର ସବୁଠୁ ନିଆରା ଓ ଦୀର୍ଘସ୍ଥାୟୀ ଶାଢ଼ି ଭାବେ ପରିଚିତ। ତେଣୁ ପିଢ଼ି ପରେ ପିଢ଼ିକୁ ଏହାକୁ ଉପହାର ଭାବେ ଦିଆଯାଇଥାଏ। ଏହା ଦେଖିବାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ। ବିଶେଷତା ଅନୁଯାୟୀ ଏଥିରେ ଯେ କୌଣସି ଏମ୍ବ୍ରୋଡୋରୀ ସହଜରେ କରାଯାଇପାରେ। ଏହାର ମୂଲ୍ୟ ପାଞ୍ଚହଜାରରୁ ନେଇ ଦୁଇ ଲକ୍ଷ ଯାଏ ରହିଛି।

### ସମ୍ବଲପୁରୀ

ସମ୍ବଲପୁରୀ ଶାଢ଼ି ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ପରମ୍ପରାର ପ୍ରତୀକ ଭାବେ ପରିଚିତ। ଏହା ବିଶେଷ କରି ସମ୍ବଲପୁର, ସୋନପୁର ଓ ବରଗଡ଼ ଆଦି ସ୍ଥାନରେ ବୁଣାଯାଇଥାଏ। ବୁଣାକାରମାନେ ଖୁବ୍ ଯତ୍ନରେ ଏହା ବୁଣିଥାନ୍ତି। ଏହି ହାତବୁଣା ଶାଢ଼ି ସ୍ୱତନ୍ତ୍ରତା ଓ ଭବ୍ୟତା ପାଇଁ ଜଣାଯାଏ। ଏହା ଇକତ୍ ଟେକ୍ନିକ୍‌କୁ ଆପଣାଇ ବୁଣାଯାଇଥାଏ। ଯନ୍ତ୍ର ନିର୍ମିତ ଶାଢ଼ି ତୁଳନାରେ ଏହା ଅଧିକ ସୁନ୍ଦର ଦେଖାଯାଏ। ଏଥିରେ ପାରମ୍ପରିକ ରୂପାଙ୍କନ ଯଥା-ଶଙ୍ଖ, ଚକ୍ର, ଫୁଲ, ସମେତ ଆଦିବାସୀ ଚିତ୍ର ରହିଥାଏ। ଦିନକୁ ଦିନ ଏହି ସମ୍ବଲପୁରୀ ଶାଢ଼ିର ଚାହିଦା ବୃଦ୍ଧିପାଉଛି।



# ବ୍ରଣ ମୁକ୍ତ ତ୍ୱଚାର ଯତ୍ନ

**ଋତୁ ଅନୁଯାୟୀ ତ୍ୱଚାରେ ନାନା ସମସ୍ୟା ଦେଖିବାକୁ ମିଳିଥାଏ। ପ୍ରତିଥର ପାର୍ଲର ଯାଇ ତ୍ୱଚାର ଯତ୍ନ ନେବା ସମସ୍ତଙ୍କ ପାଇଁ ସମ୍ଭବ ହୋଇ ନ ଥାଏ। ତେଣୁ କୋମଳ ଓ ବ୍ରଣମୁକ୍ତ ତ୍ୱଚା ଚାହୁଁଥିଲେ, ଏଥିପାଇଁ ସ୍କିନ୍‌କେୟାର୍ ରୁଟିନ୍‌ରେ ସାମାନ୍ୟ ପରିବର୍ତ୍ତନ କରିପାରିବେ।**



### ଦିନରେ ଦ୍ୱିଥର ଫେସ୍‌ୱାସ୍

ଅଧିକାଂଶ ତ୍ୱଚାରେ ଧୂଳି, ମାଟି ଓ ତେଲ ଆଦି ଜମି ରହିଥାଏ। ଏହାକୁ ଅନେକ ଲୋକେ ସଫା କରନ୍ତିନି। ଏହା ତ୍ୱଚାରେ ଜମି ବ୍ରଣ ହୋଇଥାଏ। ଏଥିପାଇଁ ତ୍ୱଚାକୁ ଦିନକୁ ଦୁଇରୁ ତିନି ଥର ସଫା କରନ୍ତୁ। ଏହାଦ୍ୱାରା ତ୍ୱଚାରେ ଜମିଥିବା ଧୂଳିମାଟି ବାହାରିଥାଏ। ତ୍ୱଚାରେ ଅତିରିକ୍ତ ତେଲ ବାହାରିଯାଏ। ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ।

### ଡାଏଟ‌ର୍ ରଖନ୍ତୁ ଧ୍ୟାନ

ଡାଏଟ୍ ଅନୁସାରେ ଖାଦ୍ୟ ନ ଖାଇଲେ ଅନେକ ତ୍ୱଚାଜନିତ ସମସ୍ୟା ଦେଖାଯାଇଥାଏ। ତେଣୁ ଡାଏଟ୍‌ର ଧ୍ୟାନ ରଖିବା ଜରୁରୀ। ପ୍ରତିଦିନ ଖାଦ୍ୟରେ ସତେଜ ଫଳ, ପନିପରିବା ଓ ଫାଇବର ଯୁକ୍ତ ଖାଦ୍ୟ ମିଶାଇ ଖାଇବା ଭଲ।

### ଉତ୍ତମ ନିଦ୍ରା

ନିଦ୍ରାଭାବ ଓ ଅଧିକ ଚିନ୍ତା କରିବା ଦ୍ୱାରା ବ୍ରଣ ସମସ୍ୟା ହୋଇଥାଏ। ତେଣୁ ଚିନ୍ତା କମ କରିବା ସହ ସୁସ୍ଥ ନିଦ୍ରା ନେବା ଜରୁରୀ।

# ଆକର୍ଷଣୀୟ ଚୁଡ଼ି

**ସାଧାରଣତଃ ଯୁବତୀଙ୍କ ପାଇଁ ଚୁଡ଼ିକୁ ନେଇ ବହୁ ବିକଳ୍ପ ରହିଥାଏ। କିନ୍ତୁ ଶାଢ଼ି ତଥା ଲେହେଙ୍ଗା ସହ କେଉଁ ଚୁଡ଼ି ପିନ୍ଧିଲେ ବେଶୀ ସୁନ୍ଦର ଦେଖାଯାଏ। ଜାଣିବା ସେ ବିଷୟରେ...**



### ପେଷ୍ଟାଲ ଚୁଡ଼ି

ପେଷ୍ଟାଲ ରଙ୍ଗର ଚୁଡ଼ି ହାଲୁକା ଗୋଲାପି ରଙ୍ଗର ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ। ଏଥିରେ ମିନାକରୀ କାମ ମଧ୍ୟ ରହିଥାଏ। ଏହାକୁ ଗାଢ଼ ରଙ୍ଗର ଚୁଡ଼ି ସହ ମଧ୍ୟ ପିନ୍ଧିପାରିବେ।

### ସବୁଜ ଚୁଡ଼ି ଓ ସୁନେଲି କଡ଼ା

ସବୁଜ ରଙ୍ଗର ଚୁଡ଼ି ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ। ଏଥିସହ ସୁନେଲି ରଙ୍ଗର କଡ଼ା ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ। ସେହିପରି ସବୁଜ ଚୁଡ଼ି ସୁହାଗର ପ୍ରତୀକ ଭାବେ ଜଣାଯାଏ।

### ମେରୁନ୍ ଚୁଡ଼ି ସହ କୁନ୍ଦନ କଡ଼ା

କୁନ୍ଦନ ଚୁଡ଼ି ସବୁ ଆଉଟ୍‌ଫିଟ୍‌କୁ ମାନିଥାଏ। କିନ୍ତୁ ମେରୁନ୍ ରଙ୍ଗ ସବୁଠୁ ଭିନ୍ନ ଓ ନିଆରା ଦିଶିଥାଏ। ଅଧିକାଂଶ ଯୁବତୀ ଲେହେଙ୍ଗା ଓ ଶାଢ଼ିରେ ମେରୁନ ରଙ୍ଗ ଚୁଡ଼ି ପିନ୍ଧିବାକୁ ପସନ୍ଦ କରନ୍ତି।

ମୋ ହାଣ୍ଡିଶାଳରୁ...

# ବେସନ ଗୁଡ଼ ବର୍ଫି



### ଆବଶ୍ୟକ ସାମଗ୍ରୀ

ବେସନ – ଏକ କପ୍, ସୁଜି – ଏକ କପ୍, ଗୁଡ଼- ୨୫୦ ଗ୍ରାମ୍, କ୍ଷୀର – ଏକ କପ୍, ଗୁଜୁରାତି ଗୁଣ୍ଡ – ଅଧ ଚାମଚ, ପିସ୍ତାବାଦାମ୍ – ସାତ, ଆଠଟି, କଖାରୁ ମଞ୍ଜି – ଅଳ୍ପ, ଗୁଣ୍ଡ କାଜୁ – ଏକ ଚାମଚ, ଦେଶୀ ଘିଅ – ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳି

ଗ୍ୟାସ୍ ଲଗାଇ କଡ଼େଇ ବସାଇ ଘିଅ ଦିଅନ୍ତୁ। ଘିଅ ଗରମ ହୋଇଆସିଲେ ସେଥିରେ ବେସନ ଦେଇ ଭାଜନ୍ତୁ। ଏହାପରେ ଏଥିରେ ଏକ କପ୍ ସୁଜି ମିଶାଇ ଏପାଖସେପାଖ କରନ୍ତୁ। ସୁଜିକୁ ବେସନରେ ଭଲଭାବେ ମିଶାନ୍ତୁ। ଏହା ଭାଜି ହୋଇ ହାଲୁକା ନାଲି ରଙ୍ଗ ହୋଇଆସିଲେ, ସେଥିରେ ଅଳ୍ପ କ୍ଷୀର ଦେଇ ପୁଣି ଥରେ ଭାଜନ୍ତୁ। ବହଳିଆ ହୋଇଗଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏହାପରେ ଏକ ପ୍ୟାନ୍ ବସାଇ ସେଥିରେ ଗୁଡ଼ ଦେଇ ଶିରା ପ୍ରସ୍ତୁତ କରନ୍ତୁ। ଧୀରେ ଧୀରେ ଗୁଡ଼ ତରଳି ଶିରା ହୋଇଯିବା ପରେ ଏହାକୁ ପ୍ରସ୍ତୁତ କରି ରଖିଥିବା ବେସନରେ ମିଶାଇ ଦିଅନ୍ତୁ। ଏଥିରେ ଅଳ୍ପ ଗୁଜୁରାତି ମିଶାନ୍ତୁ। ଏହାକୁ ଭଲରେ ଗୋଳାଇ ଏକ ପାତ୍ରରେ କାଢ଼ି ଚାରିପାଖକୁ ସମାନ କରନ୍ତୁ। ଉପରେ ଡ୍ରାଏରଫ୍ରୁଟ୍ ପକାନ୍ତୁ। ଛୁରୀରେ କାଟି ପରଷନ୍ତୁ 'ବେସନ ଗୁଡ଼ ବର୍ଫି'।

# ନିମ୍ବ, ତୁଳସୀ ହେୟାର୍ ସିରମ୍

**ବର୍ତ୍ତମାନ ସମୟରେ କେଶଝଡ଼ା, ରୁପି, ସ୍କାଲ୍ପ ସଂକ୍ରମଣ ଆଦି ମୁଖ୍ୟ ସମସ୍ୟା ପାଲଟିଛି। ନାନା ପ୍ରସାଧନ ଲଗାଇଲେ ମଧ୍ୟ ଏହି ସମସ୍ୟା ସହଜରେ ଦୂର ହୁଏ ନାହିଁ। ତେଣୁ ଆୟୁର୍ବେଦ ଅନୁଯାୟୀ ପ୍ରାକୃତିକ ଉପାୟରେ କେଶରେ ସୁନ୍ଦର ଓ ଚମକ ଆଣିବାକୁ ଚାହୁଁଥିଲେ ନିମ୍ବ, ତୁଳସୀ ହେୟାର୍ ସିରମ୍ ଲଗାଇପାରିବେ।**

### ପ୍ରସ୍ତୁତି

ଏଥିପାଇଁ ଏକ ମୁଠା ନିମ୍ବପତ୍ର, ଏକ ମୁଠା ତୁଳସୀ ପତ୍ର, ନଡ଼ିଆ ତେଲ, ଅଲିଭ୍ ଅଏଲ୍ ଓ ଭିଟାମିନ୍ ଇ କ୍ୟାପ୍‌ସୁଲ ନିଅନ୍ତୁ। ନିମ୍ବ ଓ ତୁଳସୀପତ୍ରକୁ ଭଲରେ ଧୋଇ ଦିଅନ୍ତୁ। ଗୋଟିଏ ପାତ୍ରରେ ପାଣି ଗରମ କରି ସେଥିରେ ନିମ୍ବ ଓ ତୁଳସୀ ପତ୍ର ପକାଇ ଭଲରେ ଫୁଟାନ୍ତୁ। ପାଣି ଅଧା ହୋଇଆସିଲେ ଏହାକୁ ଛାଣି ଦିଅନ୍ତୁ। ଥଣ୍ଡା ହୋଇଗଲେ ସେଥିରେ, ନଡ଼ିଆ ତେଲ, ବାଦାମ ତେଲ ଓ ଭିଟାମିନ୍ ଇ କ୍ୟାପ୍‌ସୁଲ୍ ମିଶାନ୍ତୁ। ଏହାକୁ ଏକ ସ୍ପ୍ରେ ବୋତଲରେ କାଢ଼ି ରଖନ୍ତୁ।

### ଲଗାଇବା ବିଧି

ପ୍ରଥମେ କେଶକୁ ହାଲୁକା ଓଦା କରି ସିରମ୍‌କୁ କେଶମୂଳ ଓ କେଶଅଗରେ ଭଲ ଭାବେ ଲଗାନ୍ତୁ। ହାତ ସାହାଯ୍ୟ ହାଲୁକା ମସାଜ୍ କରନ୍ତୁ। ଏହାଦ୍ୱାରା ସିରମ୍ ସବୁଆଡ଼େ ଭଲରେ ଲାଗିଥାଏ। ଏହାକୁ ଦୁଇ ତିନି ଘଣ୍ଟା ଛାଡ଼ି ଦିଅନ୍ତୁ। ଚାହିଁଲେ ରାତିସାରା ଲଗାଇ ରଖିପାରିବେ। ଏହାପରେ ହାଲୁକା ସାମ୍ପୁରେ ଧୋଇ ଦିଅନ୍ତୁ। ଏପରି ଦୁଇ ସପ୍ତାହ କଲେ ସୁଫଳ ମିଳିଥାଏ।

### ଫାଇଦା

- ନିମ୍ବ ଓ ତୁଳସୀରେ ଆଣ୍ଟିଫଙ୍ଗଲ ଓ ଆଣ୍ଟିବ୍ୟାକ୍ଟେରିୟଲ୍ ଗୁଣ ଥାଏ। ଯାହା ରୂପିକୁ ମୂଳରୁ ଦୂର କରିଥାଏ।
- କେଶକୁ ପୋଷଣ ଦେଇ କେଶଝଡ଼ାକୁ ରୋକିଥାଏ। ନିୟମିତ ବ୍ୟବହାର ଦ୍ୱାରା କେଶ ଘନ ହେବା ସହ ମଜଭୂତ ହୋଇଥାଏ।
- ଏଥିସହ କେଶମୂଳ କୁଣ୍ଡାଇହେବା, ନାଲିପଡ଼ିବା ଭଳି ସମସ୍ୟା ମଧ୍ୟ ଦୂର କରିଥାଏ।



# ଦୀପରେ ସଜାନ୍ତୁ ଘର

**ଆଲୋକର ପର୍ବ ଦୀପାବଳି। ଦୀପାବଳିରେ ଘରେ ଆଲୋକ, ରଙ୍ଗ ଓ ଉତ୍ସବର ମାହୋଲ ଖେଳିଯାଏ। ଏହା ଅନ୍ଧକାରକୁ ଦୂର କରି ଆଲୋକ ପ୍ରଦାନ କରିଥାଏ। ଏଥିପାଇଁ ସମସ୍ତେ ଘରେ ରଙ୍ଗୋଲି, ଲିଚୁଲାଇଟ୍ ଆଦି ଲଗାଇ ସଜାଇଥାନ୍ତି। ସେହିପରି ଦୀପାବଳିରେ ଘରକୁ ନୂଆ ଶୈଳୀରେ ଆଲୋକିତ କରିବାକୁ ଚାହୁଁଥିଲେ, ଏହି ଉପାୟ ଆପଣାନ୍ତୁ।**





### ଆକ୍ରେଲିକ୍ ରଙ୍ଗ କରନ୍ତୁ

ମାଟିଦୀପକୁ ସୁନ୍ଦର ତଥା ରଙ୍ଗିନ୍ କରିବାକୁ ଚାହୁଁଥିଲେ ଏହାକୁ, ନାଲି, ସୁନେଲି, ସବୁଜ ଓ ହଳଦିଆ ରଙ୍ଗ ଭଳି ଆକ୍ରେଲିକ୍ ରଙ୍ଗ କରିପାରିବେ। ଏହାକୁ ଆକର୍ଷଣୀୟ କରିବା ପାଇଁ ଉପରେ ଗ୍ଲିଟର୍ ଓ ଗୋଲ୍‌ଡେନ୍ ରଙ୍ଗର ବର୍ଡର ତିଆରି କରିପାରିବେ।

### ମିରର୍ ଓ ଷ୍ଟୋନ୍

ଏହା ଉପରେ ଛୋଟ ମୋତିମାଳି, ରଙ୍ଗିନ୍ ଷ୍ଟୋନ୍ ଆଦି ଅଠାରେ ଲଗାଇପାରିବେ। ଏଥିରେ ଦୀପ ଖୁବ୍ ସୁନ୍ଦର ଦିଶିଥାଏ। ସେହିପରି ଦୀପରେ ଲେସ୍ ଓ ରିବନ ଲଗାନ୍ତୁ। ଏହା ପାରମ୍ପରିକ ସାଜକୁ ଏକ କ୍ଲାସି ଲୁକ୍ ଦେଇଥାଏ।

### ବାର୍ନିଶ ରଙ୍ଗ ଲଗାନ୍ତୁ

ଦୀପ ସଜାଇବା ପରେ ତା ଉପରେ ଏକ ବାର୍ନିଶ ପରସ୍ତ ଲଗାନ୍ତୁ। ଏହାଦ୍ୱାରା ରଙ୍ଗ ଓ ସାଜସଜ୍ଜା ଦୀର୍ଘ ସମୟ ରହିଥାଏ।

### ଭାସମାନ ଦୀପ

ଏଥିପାଇଁ ଦୀପରେ ତେଲ ଭର୍ତ୍ତି କରନ୍ତୁ। ଏହାପରେ ଏକ ରସ ଠିପି କିମ୍ବା ଏକ ଛାଞ୍ଚରେ ସଳିତା ଲଗାନ୍ତୁ। ଏହାକୁ ଦିଆସିଲ୍ ଲଗାଇ ଜଳାଇଲେ ପାଣିରେ ଭାସିଥାଏ। ଏହା ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ। ଚାହିଁଲେ ଏଥିରେ ଫୁଲ, ପାଖୁଡ଼ା ସଜାଇପାରିବେ।

ଜୁନିଅର ବିଶ୍ୱକପ୍ ବ୍ୟାଡମିଣ୍ଟନ

## ପଦକ ନିଶ୍ଚିତ କଲେ ତନ୍‌ଭୀ



ଗୁଆହାଟୀ,୧୭।୧୦(ଏଜେନ୍ସି): ଭାରତର ତନଭି ଶର୍ମା ଏଠାରେ ଚାଲିଥିବା ଜୁନିଅର ବିଶ୍ୱକପ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ପଦକ ଜିତିବା ନିଶ୍ଚିତ କରିଛନ୍ତି। ଆଜି ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ଖେଳରେ ତନ୍‌ଭି ୧୩-୧୫, ୧୫-୧୯, ୧୫-୧୦ରେ ଜାପାନର ସାକି ମାତ୍‌ସୁମୋଟୋଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିବା ସହ ପଦକ ନିଶ୍ଚିତ କରିଛନ୍ତି। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ସେମିଫାଇନାଲରେ ପ୍ରବେଶ କରିଥିବା ଖେଳାଳି ପଦକ ଜିତିଥାନ୍ତି। ଏଣୁ ସେମିଫାଇନାଲରେ ହାରିଗଲେ ମଧ୍ୟ ତନ୍‌ଭି ପଦକ ବିଜୟୀ ହେବେ। ଏହି ପ୍ରତିଯୋଗିତାରେ ପଦକ ଜିତିବାରେ ୨୦୦୮ ପରେ ସେ ହେବେ ପ୍ରଥମ ଭାରତୀୟ ଖେଳାଳି। ୨୦୦୮ ପୁଣେରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ସାଇନା ନେହ୍‌ୱାଲ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ଥିଲା ଭାରତର ଶେଷ ପଦକ। ତନ୍‌ଭି ଏବେ ପଦକ ବିଜୟୀ ହେବେ। ପୂର୍ବରୁ ୨୦୦୬ ଇଞ୍ଚେଅନ୍ ଟୁର୍ଣ୍ଣାମେଣ୍ଟରେ ସାଇନା ରୌପ୍ୟ ଓ ୧୯୯୬ ସିଲକେବର୍ଗ ଟୁର୍ଣ୍ଣାମେଣ୍ଟରେ ଅପର୍ଣ୍ଣା ପୋପଟ ମଧ୍ୟ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ୧୬ ବର୍ଷିୟା ତନ୍‌ଭି କେଉଁ ସଫଳତାକୁ ଦୋହରାଇବେ ତାହା ସମୟ କହିବ।

**ବାରବାଟୀ ରଣଜୀ: ଶିବାଲିକ ଶର୍ମା ଓ ମିତେଶ ପଟେଲଙ୍କ ଶତକ**

# ଓଡ଼ିଶା ବିପକ୍ଷରେ ବରୋଦା ଇନିଂସ ଅଗ୍ରଣୀ

କଟକ, ୧୭।୧୦ (ସମିସ): ଓପନର ଶିବାଲିକ ଶର୍ମା ଓ ୱିକେଟରକ୍ଷକ ମିତେଶ ପଟେଲଙ୍କ ଶତକ ବଳରେ ଏଠାରେ ଚାଲିଥିବା ଓଡ଼ିଶା ବିପକ୍ଷ ରଣଜୀ ମୁକାବିଲାରେ ଭ୍ରମଣକାରୀ ବରୋଦା ଦଳ ପ୍ରଥମ ଇନିଂସରେ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ବାରବାଟୀର ସ୍ଲୋ ୱିକେଟରେ ଏହି ଅଗ୍ରଣୀ ବରୋଦାକୁ ରଣଜୀ ସିଜନର ପ୍ରଥମ ମ୍ୟାଚ୍‌ରେ ଅଧିକ ପଏଣ୍ଟ ସଂଗ୍ରହ ରାସ୍ତା ପରିଷ୍କାର କରିନେଇଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ଓଡ଼ିଶା ୨୭୧ ରନ୍ କରିଥିଲା। ଜବାବରେ ଶିବାଲିକ ୧୨୪ ଓ ମିତେଶ ଅପରାଜିତ ୧୦୦ ରନ୍ କରିବା ଫଳରେ ତୃତୀୟ ଦିନ ଖେଳ ଶେଷସୁଦ୍ଧା ବରୋଦା ୭ ୱିକେଟ ହରାଇ ୪୧୩ ରନ୍ କରିନେଇଛି। ଏହା ଫଳରେ ବରୋଦା ହାତରେ ୩ଟି ପ୍ରଥମ ଇନିଂସ ୱିକେଟ ବାକିଥାଇ ୧୪୨ ରନ୍‌ରେ ଆଗୁଆ ରହିବା ସହ ମ୍ୟାଚ୍‌ରେ ନିଜର ସ୍ଥିତି ମଜଭୁତ କରିନେଇଛି। ଶୁକ୍ରବାର ଷ୍ଟମ୍ପ ଅପସାରଣ ବେଳକୁ ମିତେଶଙ୍କ ସହ ରସିକ ଦାର ସଲାମ ୪୫ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକୀର୍ତ୍ତ ପାଣ୍ଡେ ୭୧ ରନ୍‌ର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ। ଓଡ଼ିଶା ପକ୍ଷରୁ ବାମହାତୀ ସ୍ପିନର ସୁମିତ ଶର୍ମା ସର୍ବାଧିକ ୩ଟି ୱିକେଟ ପାଇଛନ୍ତି। ଏହି ମ୍ୟାଚ୍‌ର ଖେଳ ଆଉ ଗୋଟିଏ ଦିନ ବାକିଥିଲାବେଳେ ଓଡ଼ିଶାକୁ ୧ ପଏଣ୍ଟ ହାସଲ



କରିବାକୁ ବା ମ୍ୟାଚ୍ ଡ୍ର ରଖିବାକୁ ସଂଘର୍ଷ କରିବାକୁ ପଡ଼ିବ।

ଶୁକ୍ରବାର ସକାଳେ ବରୋଦା ତାହାର ଅସମାପ୍ତ ପ୍ରଥମ ଇନିଂସ ୨ ୱିକେଟରେ ୧୨୭ ରନ୍‌ରୁ ଖେଳ ଆରମ୍ଭ କରି ମନ୍ଥର ଗତିରେ ଖେଳିଥିଲା। ଦୁଇ ଅପରାଜିତ ବ୍ୟାଟର ଶିବାଲିକ୍ ଶର୍ମା ଓ ସୁକୀର୍ତ୍ତ ପାଣ୍ଡେ ତୃତୀୟ ୱିକେଟ ଭାଗୀଦାରିରେ ୧୬୦ ରନ୍ ଯୋଗ କରିବା ପରେ ଡେବ୍ୟୁଟାଣ୍ଟ ବାଦଲ ବିଶ୍ୱାଳ ଏହି ଭାଗୀଦାରିକୁ ଭାଙ୍ଗିଦେଇଥିଲେ। ୨୪୮ ବଲ୍‌ରୁ ୧୦ ଚୌକା ଓ ୨ ଛକା ସହ ୧୨୪ ରନ୍ କରିଥିଲାବେଳେ ଶିବାଲିକ ଓଡ଼ିଶାର ବାଦଲ ବିଶ୍ୱାଳଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ଏହାର କିଛି ସମୟ ମଧ୍ୟରେ ତାଙ୍କ ସେଞ୍ଚୁରି ପାର୍ଟନର ସୁକୀର୍ତ୍ତ ପାଣ୍ଡେ ମଧ୍ୟ ଆଉଟ ହୋଇଯାଇଥିଲେ। ସୁକୀର୍ତ୍ତ ୨୩୩ ଟି ବଲ୍‌ର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ମାତ୍ର ୪ଟି ଚୌକା ଓ ଗୋଟିଏ ଛକା ସହ ୭୧ ରନ୍‌ରେ ବାଦଲଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ଏମାନଙ୍କ ଆଉଟ ପରେ ମଧ୍ୟ ବରୋଦା ଦୃଢ଼ତାର ସହ ବ୍ୟାଟିଂ କରିଥିଲା। ୭ମ ୱିକେଟରେ ଅଭିଜ୍ଞ ଅତୀତ ସେଠ୍ ଓ ୱିକେଟ ରକ୍ଷକ ମିତେଶ ପଟେଲ ୫୨ ରନ୍ ଏବଂ ଅବିଭକ୍ତ ୮ମ ୱିକେଟ ଭାଗୀଦାରିରେ ମିତେଶ ଓ ରସିକ ଦାର ସଲାମ ୮୯ ରନ୍ ଉଠାଇ ଓଡ଼ିଶାର ଆଶାକୁ ମହାନଦୀକୁ ଫିଙ୍ଗିଦେଇଥିଲେ। ଏହି ଯୋଡ଼ିଙ୍କ ସଫଳ ବ୍ୟାଟିଂ ଯୋଗୁଁ ଓଡ଼ିଶା ଆଉ ମ୍ୟାଚ୍ ଜିତିବା ଆଶା କରିପାରିବ ନାହିଁ। ଷ୍ଟମ୍ପ ଅପସାରଣ ବେଳକୁ ମିତେଶ ୧୩୯ ବଲ୍‌ରେ ୧୧ ଚୌକା ସହ ଠିକ୍ ୧୦୦ ଓ ରସିକ ୪୬ ବଲ୍‌ରୁ ୩ ଚୌକା ଓ ୨ ଚୌକା ସହ ୪୫ ରନ୍‌ରେ ଅପରାଜିତ ଅଛନ୍ତି। ଅଧିନାୟକ ଅତୀତ ସେଠଙ୍କ ବ୍ୟାଟ୍‌ରୁ ୨୮ ରନ୍ ମିଳିଛି।

ଏଭଳି ଏକ ଧୀମା ୱିକେଟରେ ରନ୍ ସଂଗ୍ରହ କରିବା କଷ୍ଟକର ହୋଇଥିଲା। ଯାହା ଫଳରେ ବରୋଦାର ବ୍ୟାଟରମାନେ ଧୈର୍ଯ୍ୟର ସହ ବ୍ୟାଟିଂ କରି ଦଳକୁ ପ୍ରଥମ ଇନିଂସ ଅଗ୍ରଣୀ କରାଇଥିଲେ। ଘରୋଇ ମାଟିରେ ଓଡ଼ିଶାର ବୋଲରମାନେ ସୁନ୍ଦର ବୋଲିଂ କରିଥିଲେ। କିନ୍ତୁ ୱିକେଟ ନେବାରେ ସେପରି ସଫଳତା ପାଇ ନ ଥିଲେ। ଘରୋଇ ଦଳର ବାମହାତୀ ସ୍ପିନର ସୁମିତ ଶର୍ମା ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ। ଅନ୍ୟତମ ସ୍ପିନର ବାଦଲ ବିଶ୍ୱାଳ ୨ଟି ଓ ଗୋବିନ୍ଦ ପୋଦ୍ଦାରଙ୍କୁ ଗୋଟିଏ ୱିକେଟ ମିଳିଥିଲା। ବରୋଦାର ଜଣେ ଖେଳାଳି ଓପନର ଜ୍ୟୋତ୍ସ୍ନିଲ ସିଂ ରନ୍‌ଆଉଟ ହୋଇଥିଲେ।

ସିକେ ନାଇଡୁ ଟ୍ରଫି

## ଆୟୁଷଙ୍କୁ ୮ ୱିକେଟ; ଓଡ଼ିଶାର ଦୃଢ଼ ଜବାବ

କଟକ,୧୭।୧୦(ସମିସ): ୨୩ ବର୍ଷରୁ କମ୍ ପୁରୁଷ ବର୍ଗର ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିକେ ନାଇଡୁ ଟ୍ରଫିର ପ୍ରଥମ ଲିଗ୍ ମ୍ୟାଚ୍‌ରେ ଘରୋଇ ହାଇଦ୍ରାବାଦ୍ ଦଳକୁ କଡ଼ା ଜବାବ ଦେଇଛି ଭ୍ରମଣକାରୀ ଓଡ଼ିଶା ଦଳ। ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଏହି ମ୍ୟାଚ୍ ଜାରି ରହିଛି। ଓଡ଼ିଶାର ପ୍ରଥମ ପାଳି ୧୫୯ରନରେ ସୀମିତ ରହିବା ପରେ ହାଇଦ୍ରାବାଦ୍ ୧୯୫ରନରେ ଅଲଆଉଟ ହୋଇଛି। ଓଡ଼ିଶାର ଆୟୁଷ ବାରିକ ୪୫ରନ ବିନିମୟରେ ୮ଟି ୱିକେଟ ଅକ୍ତିଆର କରିଛନ୍ତି। ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ଶୁକ୍ରବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ୱିକେଟ ବିନିମୟରେ ୧୮୧ରନ କରିଛି।





ଗୁରୁବାର ଖେଳର ପ୍ରଥମ ଦିବସରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ପରେ ହାଇଦ୍ରାବାଦ ୪ ୱିକେଟ ହରାଇ ୧୦୯ରନ ସଂଗ୍ରହ କରିଥିଲା। ଅମନ ରାଓ ୫୫ରନ ଏବଂ ନାଇଟ ୱାଚମ୍ୟାନ ଶଶାଙ୍କ ଶୂନରେ ଅପରାଜିତ ଥିଲେ। ଓଡ଼ିଶାର ବାମହାତୀ ସ୍ପିନର ଆୟୁଷ ପ୍ରଥମ ଦିବସରେ ୨ଟି ୱିକେଟ ଦଖଲ କରିଥିଲେ। ଆଜି କ୍ରମାଗତ ଭାବେ ଆୟୁଷ ୱିକେଟ ଅକ୍ତିଆର କରି ଅପ୍ରତ୍ୟାଶିତ ଭାବେ ହାଇଦ୍ରାବାଦକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ। ଅମନ ୯୦ରନରେ ଆୟୁଷଙ୍କ ଶିକାର ହୋଇଥିଲେ। ୩୭ରନରେ ଦଳ ଶେଷ ୫ ୱିକେଟ ହରାଇଥିଲା। ୨ ୱିକେଟ ବିନିମୟରେ ୧୮୧ରନ ସଂଗ୍ରହ କରିଥିବା ଓଡ଼ିଶା ୧୪୫ରନର ଅଗ୍ରଣୀ ହାସଲ କରିଛି। ଓମ ଟି ମୁଣ୍ଡେ ୯୮ରନ ଏବଂ ଶ୍ରେୟାଂଶ ଭରଦ୍ୱାଜ ୧୭ରନରେ ଅପରାଜିତ ଅଛନ୍ତି। ଅଧିନାୟକ ସାଇଦୀପ ମହାପାତ୍ର ଏବଂ ଓପନର ପାନକଲ ଶଶାଙ୍କ ଯଥାକ୍ରମେ ୨୬ରନ ଏବଂ ୩୫ରନରେ ଆଉଟ ହୋଇଛନ୍ତି। ଖେଳ ଆଉ ଦୁଇ ଦିନ ବାକି ଥିବା ଯୋଗୁଁ ମ୍ୟାଚ୍‌ର ଫଳାଫଳ ନିଶ୍ଚିତ ବୋଲି ଅନୁମାନ କରାଯାଉଛି।

ବରିଷ୍ଠ ମହିଳା ଟି-୨୦

## ତ୍ରିପୁରାକୁ ହରାଇଲା ଓଡ଼ିଶା

କଟକ,୧୭।୧୦(ସମିସ): ଗ୍ୱାଲିୟରର ଶ୍ରୀମନ୍ତ ମାଧବରାଓ ସିନ୍ଧିଆ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ବରିଷ୍ଠ ମହିଳା ଟି-୨୦ ଲିଗ୍‌ର ଏକ ମ୍ୟାଚରେ ଓଡ଼ିଶା ୯ ୱିକେଟରେ ତ୍ରିପୁରାକୁ ହରାଇଛି। କ୍ରମାଗତ ୫ଟି ମ୍ୟାଚ୍‌ରେ ପରାଜୟ ପରେ ଦଳର ଏହା ପ୍ରଥମ ବିଜୟ। ଆସନ୍ତା ୧୯ରେ ହରିୟାଣା ବିପକ୍ଷରେ ଓଡ଼ିଶା ଅନ୍ତିମ ଲିଗ୍ ମ୍ୟାଚ୍ ଖେଳିବ। ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ତ୍ରିପୁରା ୯୭ରନରେ ଅଲଆଉଟ ହୋଇଥିଲା। ଇନ୍ଦ୍ର ରାଣୀ ଜମାତିଆ ସର୍ବାଧିକ ୩୦ରନ କରିଥିଲେ। ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୩ଟି ୱିକେଟ ପାଇଥିଲେ। ମାଧୁରୀ ମେହଟା(୪୦ରନ) ଓ ସରିତା ମେହର(୪୭ରନ) ଅପରାଜିତ ପାଳି ଖେଳି ଓଡ଼ିଶାକୁ ସହଜ ବିଜୟ ପ୍ରଦାନ କରିଛନ୍ତି।

## ବିନୁ ମଙ୍କଡ଼ ଟ୍ରଫି: ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା

କଟକ, ୧୭।୧୦ (ସମିସ): ୧୯ବର୍ଷରୁ କମ୍ ବାଳକ ବିନୁ ମଙ୍କଡ ଟ୍ରଫିରେ ଓଡ଼ିଶା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ହରିୟାଣାର ସେହବାଗ ଅନ୍ତର୍ଜାତୀୟ ସ୍କୁଲ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ଶେଷ ଲିଗ୍‌ରେ ଦଳ ୬ ୱିକେଟରେ ବରୋଦାକୁ ହରାଇଛି। ପ୍ରଥମ ଲିଗ୍‌ରେ ପରାଜୟ ସତ୍ତ୍ୱେ କ୍ରମାଗତ ୪ଟି ବିଜୟ ପଏଣ୍ଟ ପାଇ ଓଡ଼ିଶା ଗ୍ରୁପ-ଏ ଟେବଲର ୨ୟ ସ୍ଥାନରେ



ରହିଛି। ଆସନ୍ତା ୨୫ ତାରିଖରେ ପ୍ରିକ୍ୱାର୍ଟର ମୁକାବିଲାରେ ଓଡ଼ିଶା ତାମିଲନାଡୁକୁ ଭେଟିବ। ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବରୋଦା ୧୦୭ରନରେ ଅଲଆଉଟ ହୋଇଥିଲା। ହେଟ୍ ଜି ପଟେଲ ସର୍ବାଧିକ ୩୪ରନ କରିଥିବା ବେଳେ ଓଡ଼ିଶାର ପ୍ରିୟାଂଶୁ ମହାନ୍ତି ଏବଂ ରୁଦ୍ର ପ୍ରସାଦ ମଲ୍ଲିକ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପ୍ରୟାନ ପ୍ରନ୍ତିକ ସାମଲଙ୍କ ୩୪ରନ ଏବଂ ବିଶ୍ୱଜିତ ପ୍ରଧାନଙ୍କ ଅପରାଜିତ ୨୭ରନ ବଳରେ ଓଡ଼ିଶା ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS